# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 44 ◆ISSUE-09 ◆FRIDAY ◆03 JULY 2026 ◆PAGE-12 ◆₹ 7.00

PANIKOILI

◆ବର୍ଷ-୪୪ ◆ସଂଖ୍ୟା-୦୯ ◆ଶୁକ୍ରବାର ◆୦୩ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଆଲିଆ ନେଇଛନ୍ତି ୨୫ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...

## 'ମିଶନ ଆଗମନ'ର ମହାକାଶ ଯାତ୍ରାରେ 'ବିକ୍ରମ-୧'



■ ଶ୍ରୀହରିକୋଟା, ୨।୭ (ଏଜେନ୍ସି): ଭାରତର ମହାକାଶ ବିଜ୍ଞାନ କ୍ଷେତ୍ରରେ ଏକ ନୂଆ ଇତିହାସ ରଚିବାକୁ ଯାଉଛି। ଦେଶର ପ୍ରଥମ ସମ୍ପୂର୍ଣ୍ଣ ଘରୋଇ ଜ୍ଞାନକୌଶଳରେ ନିର୍ମିତ କକ୍ଷପଥ ରକେଟ୍ 'ବିକ୍ରମ-୧' ନିଜର ପ୍ରଥମ ପରୀକ୍ଷାମୂଳକ ଉଡ଼ାଣ ପାଇଁ ପ୍ରସ୍ତୁତ ହୋଇଛି। ହାଇଦ୍ରାବାଦର ମହାକାଶ ଷ୍ଟାର୍ଟଅପ୍ କମ୍ପାନୀ 'ସ୍କାଏରୁଟ୍ ଏରୋସ୍ପେସ୍' ଦ୍ୱାରା ନିର୍ମିତ ଏହି ରକେଟ୍ ଜୁଲାଇ ୧୨ ରୁ ଅଗଷ୍ଟ ୪ ମଧ୍ୟରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ କରାଯିବ। ଏହି ଅଭିଯାନର ନାମ 'ମିଶନ ଆଗମନ' ରଖାଯାଇଛି। ଏହି ରକେଟ୍‌ଟି ସମ୍ପୂର୍ଣ୍ଣ ଭାବେ ଭାରତରେ ପ୍ରସ୍ତୁତ କରାଯାଇଛି। ଏହାର ବାହ୍ୟ ଗଠନ କାର୍ବନ କମ୍ପୋଜିଟ୍‌ରେ ତିଆରି ହୋଇଥିବା ବେଳେ ଏଥିରେ ସଲିଡ୍ ଫ୍ୟୁଏଲ୍ ବୁଷ୍ଟର ଏବଂ ୩ଡି-ପ୍ରିଣ୍ଟେଡ୍ ତରଳ ଇନ୍ଧନ ଇଞ୍ଜିନର ବ୍ୟବହାର କରାଯାଇଛି। ବିଶେଷ କରି ଛୋଟ ଛୋଟ ଉପଗ୍ରହଗୁଡ଼ିକୁ ମହାକାଶକୁ ପଠାଇବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି। ଏହା ପୃଥିବୀର ନିମ୍ନ କକ୍ଷପଥ (ଏଲ୍ଇଓ) କୁ ୩୫୦ କିଲୋଗ୍ରାମ ଏବଂ ସୂର୍ଯ୍ୟ-ସମକାଳୀନ କକ୍ଷପଥ (ଏସ୍ଏସ୍ଓ) କୁ ୨୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ଉପଗ୍ରହ ନେଇ ଯାଇପାରିବ। ଏହି ରକେଟ୍‌କୁ ଚଳାଇବା ପାଇଁ କୌଣସି ▶ପୃଷ୍ଠା-୭

## ଡ. ଜଗନ୍ନାଥ ନାୟକ ମିସାଇଲ୍ସ ଓ ଷ୍ଟ୍ରାଟେଜିକ୍ ସିଷ୍ଟମ୍‌ସ ମହାନିର୍ଦ୍ଦେଶକ



ଡିଆରଡିଓର ପ୍ରମୁଖ ପଦବୀରେ ଓଡ଼ିଆ

■ ଭୁବନେଶ୍ୱର, ୨।୭(ସମିସ): ଓଡ଼ିଶା ପାଇଁ ଆଉ ଏକ ଗୌରବର ମୁହୂର୍ତ୍ତ। ଜଗତସିଂହପୁର ଜିଲ୍ଲା ଅରଖକୁଦ ଗ୍ରାମରେ ଜନ୍ମିତ ବିଶିଷ୍ଟ ବୈଜ୍ଞାନିକ ଡ. ଜଗନ୍ନାଥ ନାୟକ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ରେ ମିସାଇଲ୍ସ ଓ ଷ୍ଟ୍ରାଟେଜିକ୍ ସିଷ୍ଟମ୍‌ସର ମହାନିର୍ଦ୍ଦେଶକ (ଡିଜି) ପଦରେ ଯୋଗ ଦେଇଛନ୍ତି। ଏହାପୂର୍ବରୁ ଡ. ନାୟକ ହାଇଦ୍ରାବାଦସ୍ଥିତ 'ସେଣ୍ଟର ଫର୍ ହାଇ ଏନର୍ଜି ସିଷ୍ଟମ୍ସ ଆଣ୍ଡ ସାଇନ୍ସ (ସିଏଚ୍ଇଏସ୍ଏସ୍)'ର ନିର୍ଦ୍ଦେଶକ ଥିଲେ। ଡିଆର୍‌ଡିଓରେ ତାଙ୍କର ୩୫ ବର୍ଷର ଅଭିଜ୍ଞତା ରହିଥିବାବେଳେ ପ୍ରତିରକ୍ଷା ଓ ଏରୋସ୍ପେସ୍ କ୍ଷେତ୍ରରେ ସ୍ୱଦେଶୀ ଏଭିଓନିକ୍ସ ପ୍ରଯୁକ୍ତିର ବିକାଶରେ ସେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ସିଏଚ୍ଇଏସ୍ଏସ୍‌ର ନିର୍ଦ୍ଦେଶକ ଥିବା ସମୟରେ ତାଙ୍କ ନେତୃତ୍ୱରେ ଭାରତର ପ୍ରଥମ ଡାଇରେକ୍ଟେଡ୍ ଏନର୍ଜି ୱେପନ୍ (ଡିଇଡବ୍ଲ୍ୟୁ) ପ୍ରଣାଳୀର ବିକାଶ ଓ ପରୀକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଥିଲା। ସେହିପରି ରିସର୍ଚ୍ଚ ସେଣ୍ଟର ଇମାରତ୍ (ଆର୍‌ସିଆଇ)ରେ କାର୍ଯ୍ୟରତ ଥିବାବେଳେ ଆକାଶ କ୍ଷେପଣାସ୍ତ୍ର ପାଇଁ ସ୍ୱଦେଶୀ ଫାଇବର୍ ଅପ୍ଟିକ୍ ଜାଇରୋସ୍କୋପ୍ (ଏଫ୍ଓଜି) ଆଧାରିତ ଗାଇଡେନ୍ସ ସିଷ୍ଟମ୍ ଏବଂ ଆଣ୍ଟି-ଡ୍ରୋନ୍ ପ୍ରଯୁକ୍ତି ବିକାଶରେ ସେ ନେତୃତ୍ୱ ନେଇଥିଲେ। ଡ. ନାୟକଙ୍କ ୧୨୫ରୁ ଅଧିକ ଗବେଷଣା ପ୍ରବନ୍ଧ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ▶ପୃଷ୍ଠା-୭

### ଆଦାନୀ-ଆଇଏଚ୍‌ସି ନିବେଶ କରିବେ ୧.୧ଲକ୍ଷ କୋଟି

# ଦେଶର ଆଲୁମିନିୟମ ପେଣ୍ଠ ହେବ ଓଡ଼ିଶା



ଶିଳ୍ପାୟନର ଧାରାକୁ ସୁଦୃଢ଼ କରିବ ଏହି ପ୍ରକଳ୍ପ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨।୭ (ସମିସ): ଓଡ଼ିଶା ହେବ ଦେଶର ଆଲୁମିନିୟମ ପେଣ୍ଠ। ଆଦାନୀ-ଆଇଏଚ୍‌ସି ଯୌଥ ଉଦ୍ୟୋଗ ଓଡ଼ିଶାରେ ୧.୧ ଲକ୍ଷ କୋଟି ଟଙ୍କା ନିବେଶ କରିବ। ଗୁରୁବାର ସ୍ଥାନୀୟ ଲୋକସେବା ଭବନରେ ଏଥିନେଇ 'ଇପିକଲ୍' ଓ ୟୁଏଇର ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ (ଆଇଏଚସି ଗ୍ରୁପ୍) ମଧ୍ୟରେ ସ୍ୱାକ୍ଷରିତ ହୋଇଛି ଚୁକ୍ତିନାମା। ଏହି ମେଗା ପ୍ରକଳ୍ପ ଦ୍ୱାରା ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୩୫,୦୦୦ ଏବଂ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୮,୫୦୦ ଲୋକଙ୍କ ନିମନ୍ତେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ଆଧୁନିକ ଓ ସମାବେଶୀ ଓଡ଼ିଶା ଗଠନ କରିବା ପାଇଁ ଆମର ଉଦ୍ୟମ ସଫଳତାର ସହ ଜାରି ରହିଛି। ଓଡ଼ିଶାର ସମ୍ବଳ ଓ ପ୍ରତିଭା ସହ ମଧ୍ୟ-ପ୍ରାଚ୍ୟର ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ଏକ ସମୃଦ୍ଧ ପାର୍ଟନରସିପ୍ ଗଠନ ହେବ ବୋଲି ସେ ଦୃଢ଼ ଆଶା ପ୍ରକଟ କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ବକ୍ସାଇଟ୍ ଖଣି କାର୍ଯ୍ୟ, ଆଲୁମିନା ରିଫାଇନିଂ, ଆଲୁମିନିୟମ୍ ସ୍ମେଲଟିଂ, କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ ସମେତ ଡାଉନ୍‌ଷ୍ଟ୍ରିମ୍ ଆଲୁମିନିୟମ୍ ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ କରାଯିବ। ରାଜ୍ୟର ଖଣିଜ ସମ୍ବଳରୁ କେବଳ ରପ୍ତାନି ନୁହେଁ, ବରଂ ବ୍ୟାପକ ମୂଲ୍ୟ ସଂଯୋଜନ ମାଧ୍ୟମରେ ଶିଳ୍ପାୟନ ଏବଂ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ବିଶ୍ୱସ୍ତରରେ ବର୍ତ୍ତମାନ 'ଗ୍ରୀନ୍ ମେଟାଲ୍ସ' ଓ ପରିବେଶ ଉପଯୋଗୀ ଶିଳ୍ପାୟନର ଧାରା ସୃଷ୍ଟି ହୋଇଛି। ଏ ଦିଗରେ ଓଡ଼ିଶା ବର୍ତ୍ତମାନ ଏକ ଅଗ୍ରଣୀ ଭୂମିକା ନେବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଏହି ପ୍ରକଳ୍ପ ଆମର ଏ ଲକ୍ଷ୍ୟ ପୂରଣ କରିବା ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରକଳ୍ପର ସଫଳତା ପାଇଁ ଜମି, ଜଳ, ବିଦ୍ୟୁତ, ଲଜିଷ୍ଟିକ୍ସ ଏବଂ ସରକାରୀ ମଞ୍ଜୁରୀ ଭଳି ସମସ୍ତ ଆନୁଷଙ୍ଗିକ ସୁବିଧା ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ସମନ୍ୱିତ ଏବଂ ସମୟବଦ୍ଧ ଭାବରେ ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ଆଇଏଚସିର ଚିଫ୍ ଷ୍ଟ୍ରାଟେଜିକ୍ ଅଫିସର ପିଟର ଆବ୍ରାମ କହିଥିଲେ ଯେ ଏହା ଭାରତ ଏବଂ ୟୁଏଇ ମଧ୍ୟରେ ଏକ ସୁଦୃଢ଼ ସମ୍ପର୍କର ନୂତନ ଅଧ୍ୟାୟ ସୃଷ୍ଟି କରିବ। ଏହି ଚୁକ୍ତି କେବଳ ଏକ ବ୍ୟବସାୟିକ ନିବେଶ ନୁହେଁ, ବରଂ ଓଡ଼ିଶାର ସ୍ଥାୟୀ ବିକାଶ ପାଇଁ ଏକ ଦୀର୍ଘକାଳୀନ ଭାଗିଦାରୀ। ଆସ୍ଥା, ସମାନ ଚିନ୍ତାଧାରା ଓ ମିଳିତ ଲକ୍ଷ୍ୟ ଆଧାରରେ ଗଠିତ ଏହି ସମ୍ପର୍କ ଆଗାମୀ ଦିନରେ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି, ଆର୍ଥିକ ସେବା ଏବଂ ଗ୍ରାହକ ସେବା କ୍ଷେତ୍ରରେ ବ୍ୟାପକ ସଫଳତା ଆଣିଦେବ। ଏହି ଅବସରରେ ଆଦାନୀ ପୋର୍ଟସ୍ ଆଣ୍ଡ ଏସଇଜେଡ୍ ଲିମିଟେଡ୍ ମ୍ୟାନେଜିଂ ଡାଇରେକ୍ଟର କରନ୍ ଆଦାନୀ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପ୍ରଚୁର ଖଣିଜ ▶ପୃଷ୍ଠା-୭

### ସୁପ୍ରିମ୍‌କୋର୍ଟଙ୍କ ଚେତାବନୀ

## ନ୍ୟାୟିକ ପ୍ରକ୍ରିୟାରେ ଏଆଇ 'ଅଦୃଶ୍ୟ ଏବଂ ଭୟଙ୍କର'

■ ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଅନିୟନ୍ତ୍ରିତ ବ୍ୟବହାରକୁ ନେଇ ସୁପ୍ରିମକୋର୍ଟ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏକ ମାମଲାରେ ଏଆଇ ଦ୍ୱାରା ପ୍ରସ୍ତୁତ ନକଲି ଓ କାଳ୍ପନିକ ପୂର୍ବ ନଜିର (ପ୍ରେସିଡେଣ୍ଟ) ଉପରେ ଭରସା କରି ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ୍ ଦେଇଥିବା ଏକ ରାୟକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି।



'ଏସେଲ୍ ଇନଫ୍ରାପ୍ରୋଜେକ୍ଟସ'ର ଦେବାଳିଆ ମାମଲାରେ ଏନସିଏଲଟି'ର ମୁମ୍ବାଇ ବେଞ୍ଚ ଏଭଳି କେତେକ ଆଇନଗତ ନଜିର ଉପରେ ନିର୍ଭର କରିଥିଲା, ଯାହାର ବାସ୍ତବରେ କୌଣସି ଅସ୍ତିତ୍ୱ ହିଁ ନାହିଁ। ଏହିସବୁ ଭ୍ରମାତ୍ମକ ତଥ୍ୟ ଏଆଇ ଟୁଲ୍ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ଜଷ୍ଟିସ ପି.ଏସ. ନରସିଂହ ଏବଂ ଜଷ୍ଟିସ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏହି ପ୍ରକ୍ରିୟାକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, "ଆଇନ ଜଗତରେ ଏଆଇ ଦ୍ୱାରା ପ୍ରସ୍ତୁତ ନକଲି ଓ କାଳ୍ପନିକ ତଥ୍ୟର ବ୍ୟବହାର ହେଉଛି ମିଥାଇଲ୍ ଆଇସୋସାଇନେଟ୍ ଗ୍ୟାସ ନିର୍ଗତ ହେବା ପରି। ଏହା ଅଦୃଶ୍ୟ, କପଟପୂର୍ଣ୍ଣ ଏବଂ ବିପଜ୍ଜନକ। ଏହା ଉପରେ ନଜର ପଡ଼ିବା ବେଳକୁ ଏହା କେବଳ ବ୍ୟବସ୍ଥାକୁ ପ୍ରଦୂଷିତ କରିନଥାଏ, ବରଂ ନ୍ୟାୟିକ ନିଷ୍ପତ୍ତିର ମୂଳଦୁଆକୁ ଉଜାଡ଼ି ଦେଇଥାଏ।' କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ନ୍ୟାୟିକ ପ୍ରକ୍ରିୟାକୁ ସହଜ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇପାରେ, କିନ୍ତୁ ପ୍ରତ୍ୟେକ ସ୍ତରରେ ମଣିଷର ସମ୍ପୂର୍ଣ୍ଣ ଓ ଚୂଡ଼ାନ୍ତ ନିୟନ୍ତ୍ରଣ ରହିବା ଆବଶ୍ୟକ। ଏଆଇ ଉପରେ ଅତ୍ୟଧିକ ନିର୍ଭରଶୀଳତା ମଣିଷର ଚିନ୍ତାଧାରା ଓ ବିଚାର ଶକ୍ତିକୁ କ୍ଷତି ପହଞ୍ଚାଉଛି। ଜାମ୍ମୁ ଆଣ୍ଡ କାଶ୍ମୀର ବ୍ୟାଙ୍କ ଲିମିଟେଡ୍ ଦ୍ୱାରା ଦାୟର ▶ପୃଷ୍ଠା-୭

### ବଙ୍ଗୋପସାଗରରେ ଲଘୁଚାପ

## ମୌସୁମୀ ସକ୍ରିୟ; ବଢ଼ିଲା ବର୍ଷା



୪ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ପ୍ରବଳ ବର୍ଷା ଚେତାବନୀ

■ ଭୁବନେଶ୍ୱର, ୨।୭ (ସମିସ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ପରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ପ୍ରଥମ ଲଘୁଚାପ। ଗତକାଲିର ଘୂର୍ଣ୍ଣିବଳୟ ପ୍ରଭାବରେ ଗୁରୁବାର ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡିଶା-ପଶ୍ଚିମବଙ୍ଗ ଉପକୂଳରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହ ଜଡ଼ିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୭.୬ କିମି ଉଚ୍ଚତା ଯାଏଁ ବ୍ୟାପିଥିବା ବେଳେ ଏହା ଆଗାମୀ ୨-୩ ଦିନ ମଧ୍ୟରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଲଗାଣ ବର୍ଷା ଆରମ୍ଭ ହୋଇଛି। ମୁଖ୍ୟତଃ ଲଘୁଚାପ ଯୋଗୁଁ ମୌସୁମୀ ସକ୍ରିୟ ହେବା ସହ ବର୍ଷା ପାଇଁ ପାଗ ଅନୁକୂଳ ହୋଇଛି। ଏହି କ୍ରମରେ ବୁଧବାରଠାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଭଲ ବର୍ଷା ହୋଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏଭଳି ପାଗ ଲାଗି ରହିବ। ଏହି ସମୟରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସାଙ୍ଗକୁ ଅନେକ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହେବ। ଶୁକ୍ରବାର ଦିନ କୋରାପୁଟ ଓ ମାଲକାନଗିରିରେ ସର୍ବାଧିକ ବର୍ଷା ଆଶଙ୍କା ରହିଥିବା ବେଳେ ଏଠାରେ ପ୍ରବଳରୁ ଅତି ପ୍ରବଳ ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ଆଲର୍ଟ ଜାରି କରିଛି। ସେହିପରି କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, ଗଜପତି ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ଏହା ବ୍ୟତୀତ ବାଲେଶ୍ୱର, ▶ପୃଷ୍ଠା-୭

### ରାମ ମନ୍ଦିର ପାଣ୍ଠି ଚୋରି ମାମଲା

## ଅଭିଯୁକ୍ତଙ୍କ ଘର ଉପରେ ବୁଲିବ ବୁଲ୍‌ଡୋଜର



■ ଅଯୋଧ୍ୟା,୨।୭(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ପାଣ୍ଠି ଚୋରି ମାମଲାର ମୁଖ୍ୟ ଅଭିଯୁକ୍ତ ଲବକୁଶ ମିଶ୍ରଙ୍କ ସମ୍ପତ୍ତି ଉପରେ ବର୍ତ୍ତମାନ ଯୋଗୀ ସରକାରଙ୍କ ବୁଲଡୋଜର କାର୍ଯ୍ୟାନୁଷ୍ଠାନର ଭୟ ଘନେଇଛି। ଅଯୋଧ୍ୟାର ଶାହାଦତ ଗଞ୍ଜ ଅଞ୍ଚଳରେ ଲବକୁଶଙ୍କ ପତ୍ନୀ ସୁପ୍ରିୟାଙ୍କ ନାମରେ ନିର୍ମାଣାଧୀନ ଥିବା ଏକ ୩ ମହଲା ବିଶିଷ୍ଟ ଆଲିଶାନ କୋଠାକୁ ନେଇ ଅଯୋଧ୍ୟା ବିକାଶ ପ୍ରାଧିକରଣ (ଏଡିଏ) ପକ୍ଷରୁ ଏକ ନୋଟିସ ଜାରି କରାଯାଇଛି। ସାତ ଦିନ ମଧ୍ୟରେ ଉପଯୁକ୍ତ କାଗଜପତ୍ର ସହ ଜବାବ ନରଖିଲେ ଏହି ବେଆଇନ କୋଠାକୁ ଭାଙ୍ଗି ଦିଆଯିବ ବୋଲି ପ୍ରଶାସନ ଚେତାବନୀ ଦେଇଛି। ମାତ୍ର ୨୦,୦୦୦ ଟଙ୍କା ମାସିକ ଦରମା ପାଉଥିବା ଲବକୁଶ ଅକ୍ଟୋବର ୨୦୨୫ ରେ ପ୍ରାୟ ୨୫ ଲକ୍ଷ ଟଙ୍କାରେ ଏହି ଜମି କିଣିଥିଲେ ଏବଂ ଏହା ଉପରେ ପ୍ରାୟ ୯୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ଲିଫ୍ଟ ସୁବିଧା ଥିବା କୋଠା ତିଆରି କରୁଥିଲେ। ଜମି ଓ ନିର୍ମାଣ ମିଶାଇ ଏହି ସମ୍ପତ୍ତିର ମୂଲ୍ୟ ପ୍ରାୟ ୧.୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ପୂର୍ବରୁ ଲବକୁଶଙ୍କ ଘରୁ ତଦନ୍ତ ବେଳେ ୧୪.୨୫ ଲକ୍ଷ ଟଙ୍କା ନଗଦ ଜବତ ହୋଇଥିଲା। ଏହି ମାମଲାରେ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସଦସ୍ୟ ଅନିଲ ମିଶ୍ର (ଲବକୁଶଙ୍କ ସମ୍ପର୍କୀୟ) ନିଜ ପଦରୁ ଇସ୍ତଫା ଦେଇସାରିଥିବା ବେଳେ ଲବକୁଶଙ୍କ ଶ୍ୱଶୁର ଓ ଶାଳକ ମଧ୍ୟ ଗିରଫ ହୋଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଏବଂ ମନ୍ଦିର ପାଣ୍ଠି ହେରଫେର ଟଙ୍କାରେ ଏହି କୋଠା ନିର୍ମାଣ ହେଉଥିବା ସନ୍ଦେହରେ ପୋଲିସ ଓ ନଗର ନିଗମ ମିଳିତ ଭାବେ ଏହି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

ତେଣେ ଦାନ ବାକ୍ସରୁ ଅର୍ଥ ହେରଫେର ମାମଲା ଏବେ ଏକ ନୂଆ ମୋଡ଼ ନେଇଛି। ଗିରଫ ହୋଇଥିବା ଅଭିଯୁକ୍ତ ରାମଶଙ୍କର ଯାଦବ ଓରଫ ଟିନ୍ନୁ ଯାଦବଙ୍କ ଭାଇ ଦିନେଶ ଯାଦବ ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଏହି ବଡ଼ ଦୁର୍ନୀତିରେ ସାମିଲ ଥିବା "ବଡ଼ ମାଛ' ମାନଙ୍କୁ ସୁରକ୍ଷା ଦିଆଯାଉଛି ଏବଂ ତାଙ୍କ ଭାଇଙ୍କୁ କେବଳ ବଳିର ବୋଦା କରାଯାଉଛି। ଏଥିପାଇଁ ସେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପ୍ରମୁଖ ସଦସ୍ୟ ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କୁ ସିଧାସଳଖ ଦାୟୀ କରିଛନ୍ତି। ▶ପୃଷ୍ଠା-୭

### ରାଜ୍ୟ ବିଜେପିରେ ହଲଚଲ୍

## ଶାହାଙ୍କ ଗସ୍ତ ସ୍ଥଗିତ; ଦିଲ୍ଲୀ ଗଲେ ମୋହନ

ମନମୋହନଙ୍କୁ ଦିଲ୍ଲୀ ଡକରା, ଚର୍ଚ୍ଚା ବଢ଼ାଇଲା ସୁରେଶଙ୍କ ମନ୍ତବ୍ୟ

ଦିଲ୍ଲୀରେ ଏସ୍ଆଇଆର୍ ଆଲୋଚନା, ମାସ ଶେଷରେ ନିଗମ ନିଯୁକ୍ତି

■ ଭୁବନେଶ୍ୱର, ୨।୭ (ସମିସ): ରାଜ୍ୟ ବିଜେପିରେ ଅକସ୍ମାତ ଆରମ୍ଭ ହୋଇଛି ହଲଚଲ୍। ଗତ ତିନି ଚାରିଦିନର ଘଟଣାକ୍ରମକୁ ଦେଖିଲେ ବିଜେପିରେ କିଛି ଗୋଟାଏ ହେବାକୁ ଯାଉଛି। ନିଗମ ଓ ବୋର୍ଡର୍ ନିଯୁକ୍ତି, ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ମଝିରେ ମଝିରେ ଚର୍ଚ୍ଚା ହୋଇହୋଇ ଏହି ପ୍ରସଙ୍ଗ ଗୁରୁତ୍ୱ ହରାଇ ସାରିଲାଣି। ଆଶାୟୀଙ୍କ ଆଖିରୁ ପାଣି ମଲାଣି, ଅନେକ ନେତା ନିରାଶ ହୋଇ ନିରବ ହୋଇ ଗଲେଣି; ମାତ୍ର ଏହି ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପିର ଅନ୍ୟତମ ଶୀର୍ଷ ନେତା ଅମିତ୍ ଶାହାଙ୍କ ୪ ତାରିଖରେ ପ୍ରସ୍ତାବିତ ଓଡ଼ିଶା ଗସ୍ତ ବାତିଲ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅକସ୍ମାତ ଦିଲ୍ଲୀ ଗସ୍ତ ଘଟିବାକୁ ଥିବା ଅନେକ କିଛି ଘଟଣାକୁ ଇଙ୍ଗିତ କରିଛି। ପୁଣି ନିକଟରେ ଦିଲ୍ଲୀରୁ ଫେରିଥିବା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ପୁନର୍ବାର ଦିଲ୍ଲୀ ଡ଼କରା ରାଜ୍ୟରେ ସୃଷ୍ଟି କରିଥିବା କଳ୍ପନାଜଳ୍ପନାକୁ ଅଧିକ ବଳ ଦେଇଛି। ▶ପୃଷ୍ଠା-୭

### ଡାକ୍ତର ଆନ୍ଦୋଳନର ଦାରୁଣ ଚିତ୍ର

## ଚିକିତ୍ସା ଅଭାବରୁ ଗଲା ଯୁବକଙ୍କ ଜୀବନ

ବ୍ୟବଚ୍ଛେଦ ହୋଇ ନ ପାରି ୯ ଘଣ୍ଟା ଧରି ଶବଗୃହରେ ପଡ଼ିରହିଛି ମୃତଦେହ

■ କପ୍ତିପଦା/ଉଦଳା, ୨।୭ (ସମିସ): ରାଜ୍ୟବ୍ୟାପୀ ଚାଲିଥିବା ଡାକ୍ତରଙ୍କ ଆନ୍ଦୋଳନ ସାଧାରଣ ରୋଗୀଙ୍କ ପାଇଁ କାଳ ସାଜିଛି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉଦଳାରେ ଚିକିତ୍ସାଳୟରେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁଁ ଚିକିତ୍ସା ନ ପାଇ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏତିକିରେ ଦୁଃଖ ସରିନାହିଁ, ମୃତ୍ୟୁ ପରେ ଶବ ବ୍ୟବଚ୍ଛେଦ ପାଇଁ ମଧ୍ୟ ପରିବାର ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।

କପ୍ତିପଦା ଥାନା ବଡାମପଦା ଗ୍ରାମର ଉବେଶ ବିନ୍ଧାଣୀ ପ୍ରେମିକା ସହ ଝଗଡ଼ା ପରେ ବିଷପାନ କରିଥିଲେ। ତାଙ୍କୁ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନ ଥିବାରୁ ଚିକିତ୍ସା ମିଳି ନ ଥିଲା ଓ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ରାଜବରହମପୁର ଅଞ୍ଚଳର ଜଣେ ନାବାଳିକା ମୋବାଇଲକୁ ନେଇ ବିଷପିଇ ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ୨ଟି ମୃତଦେହ ଜବତ କରି ଉଦଳା ମେଡିକାଲ ଶବଗୃହକୁ ନେଇଥିଲା। ତେବେ ଡାକ୍ତରୀ ଆନ୍ଦୋଳନ ଯୋଗୁଁ ଏଠାରେ ବ୍ୟବଚ୍ଛେଦ ହୋଇପାରିବନାହିଁ ବୋଲି କୁହାଯାଇଛି। ଫଳରେ ଗତ ୯ ଘଣ୍ଟା ଧରି ମୃତଦେହ ଦୁଇଟି ଶବଗୃହରେ ପଡ଼ି ରହିଛି। ଡାକ୍ତରମାନେ ମୃତଦେହକୁ ବାରିପଦା ନେବାକୁ ପରାମର୍ଶ ଦେଇଥିବାବେଳେ ମୃତକଙ୍କ ପରିବାରବର୍ଗ ଏତେ ବାଟ ଶବ ନେବାକୁ ନେଇ ଅସହାୟତା ପ୍ରକାଶ କରିଛନ୍ତି। ଡାକ୍ତରଙ୍କ ଏଭଳି ଆନ୍ଦୋଳନ ଓ ଚିକିତ୍ସା ସେବାରେ ଅବହେଳା ପାଇଁ ଦାୟୀ କିଏ? କେବେ ସରିବ ଏହି ଆନ୍ଦୋଳନ ଓ ସାଧାରଣ ରୋଗୀଙ୍କୁ କେବେ ମିଳିବ ଉପଯୁକ୍ତ ଚିକିତ୍ସା, ତାହା ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି।

### ୬ ସପ୍ତାହ ଧରି ହ୍ରାସ ପାଉଛି ଅଶୋଧିତ ତୈଳ

## ତେଲ ଦର କମାଇବାକୁ ସରକାର ଅରାଜି




ଘରୋଇ କମ୍ପାନୀ ନାୟରା ଲିଟର ପିଛା ୫ ଟଙ୍କା କମାଇସାରିଛି

ପେଟ୍ରୋଲ,ଡିଜେଲ ମୂଲ୍ୟ ୬ ଥର ହ୍ରାସ କଲାଣି ପାକିସ୍ତାନ

ପାକିସ୍ତାନ, ନେପାଳ, ଶ୍ରୀଲଙ୍କାରେ କମିଲା ତେଲ ଦର

ମୂଲ୍ୟ ବଢ଼ାଇନାହୁଁ; କମାଇବୁ କାହିଁକି: ପେଟ୍ରୋଲିୟମ୍ ମନ୍ତ୍ରୀ

ବ୍ୟାରେଲ ୧୨୮ ରୁ ୭୦ ଡଲାରକୁ ଖସିବାର ତୁଳନା ନ ହେଉ

■ ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ପଶ୍ଚିମ ଏସିଆରେ ପରିବର୍ତ୍ତିତ ସ୍ଥିତି ଯୋଗୁଁ ସମ୍ପ୍ରତି ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ଯଥେଷ୍ଟ ହ୍ରାସ ଘଟିଛି। ଯୁଦ୍ଧ ପୂର୍ବ ସ୍ଥିତିକୁ ଅଶୋଧିତ ତୈଳ ଦର ଫେରିଛି ଓ ବ୍ୟାରେଲ ପାଖାପାଖି ୭୦ ଡ଼ଲାରରେ ପହଞ୍ଚିଛି। ତୈଳ ଦର ହ୍ରାସ ପରେ ପାକିସ୍ତାନ, ଶ୍ରୀଲଙ୍କାରେ ତେଲ ଦର କମିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ଼ ଟ୍ରମ୍ପ ମଧ୍ୟ ବିଭିନ୍ନ ଦେଶକୁ ତୈଳ ଦର ହ୍ରାସ ପାଇଁ ଆହ୍ୱାନ ଜଣାଇଛନ୍ତି। କୌତୂହଳର କଥା ହେଉଛି ଭାରତରୁ ପେଟ୍ରୋଲ ଓ ଡ଼ିଜେଲ ଆମଦାନୀ କରୁଥିବା ନେପାଳରେ ତୈଳ ଦର ୧୭% କମି ସାରିଛି। ଦିନକ ତଳେ ଘରୋଇ ତୈଳ କମ୍ପାନୀ ନାୟରା ତେଲ ଦର ୩ ଟଙ୍କାରୁ ୫ ଟଙ୍କା କମାଇଛି। ମାତ୍ର ଦେଶରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀମାନେ ତେଲ ଦର କମାଉ ନାହାନ୍ତି କିମ୍ବା କେନ୍ଦ୍ର ସରକାର ଏ ସମ୍ପର୍କରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରୁନାହାନ୍ତି। ଯୁଦ୍ଧ ଆରମ୍ଭ ପରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡ଼ିଜେଲରେ ଗତ ମେ ମାସରେ ୪ ପର୍ଯ୍ୟାୟରେ ଲିଟର ପିଛା ୧୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ମାତ୍ର ତେଲ ଦର କମିବା ପରେ ପେଟ୍ରୋଲ ଓ ଡ଼ିଜେଲ ମୂଲ୍ୟ କମାଇବାକୁ ସେମାନେ ରାଜି ନୁହନ୍ତି। ଏହି ସମୟରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ପୁରୀଙ୍କ ଅଜବ ଯୁକ୍ତି ▶ପୃଷ୍ଠା-୭

### ବେଙ୍ଗାଲୁରୁରେ ଭୟାବହ ଅଘଟଣ

## ପାହାଡ଼ ଧସି ବିହାରର ୮ ଶ୍ରମିକଙ୍କ ମୃତ୍ୟୁ

ବେଙ୍ଗାଲୁରୁ, ୨।୭(ଏଜେନ୍ସି): କର୍ଣ୍ଣାଟକର ବେଙ୍ଗାଲୁରୁ ସାଉଥ୍ ତାଲୁକର ଏକ ଗ୍ରାନାଇଟ୍ ପଥର ଖାଦାନରେ ପାହାଡ଼ ଧସିଯିବା ଫଳରେ ୮ ଜଣ ଶ୍ରମିକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ଶ୍ରମିକମାନେ ମୁଖ୍ୟତଃ ବିହାରର ବୋଲି ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ କରିବା ସହ ବେଆଇନ ଖନନ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୁରୁବାର ସକାଳେ ମାଦାପଟ୍ଟନା ସ୍ଥିତ ଏକ ପଥର କ୍ରସର ସାଇଟ୍‌ରେ ଶ୍ରମିକମାନେ କାମ କରୁଥିବା ସମୟରେ ପ୍ରାୟ ୪୦ ଫୁଟ ଉପରୁ ଏକ ବିଶାଳ ପଥର ଚଟାଣ ସେମାନଙ୍କ ଉପରକୁ ଖସି ପଡ଼ିଥିଲା। ଫଳରେ ସେଠାରେ ଥିବା ଗାଡ଼ିଗୁଡ଼ିକ ଚୂରମାର ହୋଇଥିବା ସହ ଶ୍ରମିକମାନେ ଚାପି ହୋଇଯାଇଥିଲେ। ସ୍ଥାନୀୟ ବିଧାୟକ ଏସଟି ସୋମଶେଖର ଅଭିଯୋଗ କରିଛନ୍ତି ଯେ, ଏଠାରେ ଦୀର୍ଘ ଦିନରୁ ବେଆଇନ ମାଫିଆ ସକ୍ରିୟ ଅଛନ୍ତି ଏବଂ ଏଥିରେ ପୁଲିସ ଓ ମାଇନିଂ ବିଭାଗର ଅଧିକାରୀମାନେ ସାମିଲ ଅଛନ୍ତି। ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦୁର୍ଘଟଣା ଖଣି ଶ୍ରମିକମାନଙ୍କ ସୁରକ୍ଷା ବ୍ୟବସ୍ଥାରେ ଥିବା ବଡ଼ ତ୍ରୁଟିକୁ ପଦାରେ ପକାଇଛି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିବା ବେଳେ ବର୍ତ୍ତମାନ ଏହି ବେଆଇନ ଖାଦାନ ପଛରେ ଥିବା ପ୍ରଭାବଶାଳୀ ଲୋକଙ୍କ ବିରୋଧରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଆମେରିକା ମୋଟେଲରେ ଅଗ୍ନିକାଣ୍ଡ: ଗୁଜରାଟର ଗୋଟିଏ ପରିବାରର ୩ ମୃତ



ୱାଶିଂଟନ, ୨।୭(ଏଜେନ୍ସି): ଆମେରିକାର ଓହିଓସ୍ଥିତ ଏକ ମୋଟେଲରେ ଭୟାବହ ଅଗ୍ନିକାଣ୍ଡ ଘଟି ଗୁଜରାଟର ଖେଡା ଜିଲ୍ଲା ନଡିଆଦ ଅଞ୍ଚଳର ଏକା ପରିବାରର ୩ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ହିତେଶଭାଇ ପ୍ରଜାପତି, ତାଙ୍କ ପତ୍ନୀ ହିନାବେନ ଏବଂ ତାଙ୍କ ୨୦ ବର୍ଷର ଝିଅ ଈଶାନୀ। ଏହି ପରିବାର ପ୍ରାୟ ଦୁଇ ବର୍ଷ ପୂର୍ବେ ଆମେରିକାର ଓହିଓ ଅନ୍ତର୍ଗତ ଓ୍ୱଷ୍ଟରରେ ବସବାସ କରିବା ସହ ସେଠାକାର 'ଇକୋନୋ ଲଜ୍' ମୋଟେଲରେ କାମ କରୁଥିଲେ। ରାତି ପ୍ରାୟ ୧ଟା ୩୦ ମିନିଟରେ ମୋଟେଲରେ ନିଆଁ ଲାଗିଥିବା ସମୟରେ ଏହି ପରିବାର ନିଜ ରୁମ୍ ଭିତରେ ଥିଲେ। ଚତୁର୍ଦ୍ଦିଗରେ ନିଆଁ ଓ ଧୂଆଁ ବ୍ୟାପିଯିବାରୁ ସେମାନେ ବାହାରକୁ ଆସିପାରି ନଥିଲେ ଏବଂ ସାହାଯ୍ୟ ପାଇଁ ହୋଟେଲର ସମ୍ମୁଖ ଡେସ୍କକୁ ଫୋନ୍ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ବାଥରୁମ୍ ଭିତରକୁ ଯାଇ ପାଣି ଟ୍ୟାପ୍ ଖୋଲି ରହିବାକୁ ପରାମର୍ଶ ଦିଆଯାଇଥିଲା। ପରିବାର ସଦସ୍ୟମାନେ ନିଜକୁ ବାଥରୁମ୍ ଭିତରେ ବନ୍ଦ କରି ଦେଇଥିଲେ ମଧ୍ୟ ନିଆଁର ପ୍ରକୋପ ଅତ୍ୟଧିକ ହେବାରୁ ଉଦ୍ଧାର ପୂର୍ବରୁ ହିଁ ଶ୍ୱାସରୁଦ୍ଧ ହୋଇ ତିନିଜଣଙ୍କର ମୃତ୍ୟୁ ଘଟିଥିଲା। ପାଣିପାଗ ଏବଂ ଅଗ୍ନିଶମ ବାହିନୀର ବହୁ ଚେଷ୍ଟା ସତ୍ତ୍ୱେ ସେମାନଙ୍କୁ ବଞ୍ଚାଯାଇ ପାରିନଥିଲା। ଏହି ଦୁର୍ଘଟଣାରେ ଅନ୍ୟ କେହି ମୃତାହତ ହୋଇନଥିବା ବେଳେ ନିଆଁ ଲିଭାଇବା ସମୟରେ ଜଣେ ଅଗ୍ନିଶମ କର୍ମଚାରୀ ସାମାନ୍ୟ ଆହତ ହୋଇଛନ୍ତି। ବର୍ତ୍ତମାନ ସ୍ଥାନୀୟ ପ୍ରଶାସନ ଘଟଣାର ତଦନ୍ତ କରୁଛି।

## ବୋମା ବିସ୍ଫୋରଣରେ ୫ ମୃତ

ଦାମାସ୍କସ, ୨।୭(ଏଜେନ୍ସି): ସିରିଆର ରାଜଧାନୀ ଦାମାସ୍କସରେ ଗୁରୁବାର ଏକ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସିରିଆ ସରକାରୀ ଗଣମାଧ୍ୟମର ସୂଚନା ଅନୁସାରେ, ଏହି ବିସ୍ଫୋରଣ ସ୍ଥାନୀୟ ଜଷ୍ଟିସ୍ ପ୍ୟାଲେସ୍ ନିକଟରେ ଥିବା ଏକ କାଫେ ମଧ୍ୟରେ ହୋଇଛି, ଯେଉଁଠାକୁ ସାଧାରଣତଃ ଆଇନଜୀବୀମାନେ ଯାତାୟାତ କରନ୍ତି। ବିସ୍ଫୋରଣ ପରେ ସୁରକ୍ଷା ବାହିନୀ ସମ୍ପୂର୍ଣ୍ଣ ଅଞ୍ଚଳକୁ କର୍ଡନ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଆଶ୍ଚର୍ଯ୍ୟଜନକ ଭାବେ, ଏହି ଆକ୍ରମଣ ସେହି ଦିନ ହିଁ ଘଟିଛି ଯେଉଁଦିନ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବା ପାଇଁ ଲେବାନନ ଏବଂ ସିରିଆ ମଧ୍ୟରେ ବେରୁଟ୍‌ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଲେବାନନ ପ୍ରଧାନମନ୍ତ୍ରୀ ନୱାଫ୍ ସଲାମ ଏବଂ ସିରିଆ ବୈଦେଶିକ ମନ୍ତ୍ରୀ ଅସାଦ ଅଲ-ଶାଇବାନୀଙ୍କ ମଧ୍ୟରେ ହୋଇଥିବା ଏହି ବୈଠକରେ ଉଭୟ ଦେଶ ପରସ୍ପରର ସାର୍ବଭୌମତ୍ୱକୁ ସମ୍ମାନ ଜଣାଇବା ସହ ସମ୍ପର୍କକୁ ଅଧିକ ମଜବୁତ କରିବାକୁ ସହମତି ପ୍ରକାଶ କରିଥିଲେ। ସମ୍ପର୍କ ସୁଧାରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ ବୋଲି ବୈଦେଶିକ ମନ୍ତ୍ରୀ କହିବାର କିଛି ସମୟ ପରେ ହିଁ ଦାମାସ୍କସ ଏହି ବୋମା ବିସ୍ଫୋରଣରେ ଥରି ଉଠିଛି।

## ବ୍ରିଟିଶ ମହିଳାଙ୍କ ମସ୍ତିଷ୍କରୁ ମିଳିଲା ୩୮ ଟି ପରଜୀବୀ

ଲଣ୍ଡନ, ୨।୭(ଏଜେନ୍ସି): ୨୦୦୭ ମସିହାରେ ତିନି ମାସ ପାଇଁ ଭାରତ ଭ୍ରମଣରେ ଆସିଥିବା ବ୍ରିଟେନର ୪୨ ବର୍ଷୀୟା ମହିଳା ଲୋରି ଟେନମ୍ୟାନଙ୍କ ମସ୍ତିଷ୍କରେ ୩୮ଟି ପରଜୀବୀ (କୃମି) ମିଳିବା ଘଟଣା ସାମ୍ନାକୁ ଆସିଛି। ଏହି ବିରଳ ତଥା ଗୁରୁତର ପରଜୀବୀ ସଂକ୍ରମଣକୁ ଚିକିତ୍ସା ବିଜ୍ଞାନ ଭାଷାରେ ନିଉରୋସିଷ୍ଟିସରକୋସିସ୍ କୁହାଯାଏ। ଭ୍ରମଣ ସମୟରେ ଖାଦ୍ୟ ସଂକ୍ରମଣରୁ ବଞ୍ଚିବା ପାଇଁ ଲୋରି ମାଂସ ଖାଇବାଠାରୁ ଦୂରେଇ ରହିଥିଲେ ମଧ୍ୟ ଅଜାଣତରେ ଫିତାକୃମିର ଅଣ୍ଡାଯୁକ୍ତ ଅଣ୍ଡା ଥିବା ଖାଦ୍ୟ ବା ଘରୋଇ ଗୁଣ୍ଡ ଶୃଙ୍ଖଳା ମାଂସ (ଘୋଷ୍ଟ/ଘୁଷୁରି ମାଂସ ଜାତୀୟ) ଖାଇଦେଇଥିଲେ। ୨୦୧୦ ରେ ତାଙ୍କ ଶରୀରରୁ ପ୍ରଥମେ ଏକ ମିଟର ଲମ୍ବର ଫିତାକୃମି ବାହାରିଥିଲା ଏବଂ ୨୦୧୧ ରୁ ତାଙ୍କୁ ପ୍ରବଳ ମୁଣ୍ଡବିନ୍ଧା ଓ ବାତ ମାରିବା ଆରମ୍ଭ ହୋଇଥିଲା। ବ୍ରେନ୍ ସ୍କାନରୁ ଜଣାପଡ଼ିଥିଲା ଯେ ପରଜୀବୀଗୁଡ଼ିକ ତାଙ୍କ ମସ୍ତିଷ୍କରେ ବସା ବାନ୍ଧି ସାରିଛନ୍ତି। ଏଥିଯୋଗୁଁ ସେ ଦୀର୍ଘ ବର୍ଷ ଧରି ମାନସିକ ବିକୃତି ଏବଂ ପକ୍ଷାଘାତ ଭଳି ସମସ୍ୟା ଭୋଗିବା ପରେ ଚିକିତ୍ସା ଦ୍ୱାରା ୨୦୨୨ ରେ ସୁସ୍ଥ ହୋଇ କାମକୁ ଫେରିଛନ୍ତି। ଏହା 'ଟେନିଆ ସୋଲିୟମ୍' ନାମକ ଘୁଷୁରି ଫିତାକୃମିର ଲାର୍ଭା ଯୋଗୁଁ ହେଉଥିବା ଏକ ସଂକ୍ରମଣ। ଅଧା ସିଝା ଘୁଷୁରି ମାଂସ ଖାଇବା, ଦୂଷିତ ପାଣି ପିଇବା କିମ୍ବା ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ଖାଇବା ଦ୍ୱାରା ଏହାର ଅଣ୍ଡା ରକ୍ତ ମାଧ୍ୟମରେ ମସ୍ତିଷ୍କରେ ପହଞ୍ଚି ଜଳପୂର୍ଣ୍ଣ କୋଷ ତିଆରି କରନ୍ତି। ବାରମ୍ବାର ବାତ ମାରିବା, ପ୍ରବଳ ମୁଣ୍ଡବିନ୍ଧା, ମାନସିକ ସ୍ଥିତି ବିଗିଡ଼ିବା ଏବଂ ସ୍ମୃତିଶକ୍ତି ହ୍ରାସ ପାଇବା। ଆଣ୍ଟି-ପାରାସାଇଟିକ୍ ଔଷଧ, ଷ୍ଟେରଏଡ୍ କିମ୍ବା ଗୁରୁତର ସ୍ଥିତିରେ ଅସ୍ତ୍ରୋପଚାର ଦ୍ୱାରା ଏହାର ଚିକିତ୍ସା କରାଯାଏ। ଏହି ରୋଗ ବିଶ୍ୱରେ ବାତ ରୋଗର ଏକ ପ୍ରମୁଖ କାରଣ।



## ମ୍ୟାନ୍‌ହୋଲ୍‌ରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ମୁମ୍ବଇ, ୨।୭(ଏଜେନ୍ସି): ମୁମ୍ବଇରେ ଜାରି ରହିଥିବା ପ୍ରବଳ ବର୍ଷା ମଧ୍ୟରେ ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁବାର ଦ୍ୱିପ୍ରହର ପ୍ରାୟ ୧୨:୩୦ ସମୟରେ ଖୈରାନୀ ରୋଡ୍‌ରେ ୫୫ ବର୍ଷୀୟ ଜଣେ ବ୍ୟକ୍ତି ମୋବାଇଲ୍‌ରେ କଥା ହୋଇ ଯାଉଥିବା ବେଳେ ଏକ ଖୋଲା ମ୍ୟାନହୋଲ୍ (ଡ୍ରେନ୍) ଭିତରେ ପଡ଼ି ଭାସିଯାଇଥିଲେ। ପ୍ରାୟ ୨ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଅସଲମ ଇସାଫ୍ ଶେଖ୍। ଘଟଣାସ୍ଥଳରୁ ତାଙ୍କ ଛତା ଓ ଚପଲ ମିଳିବା ପରେ ଅଗ୍ନିଶମ ବାହିନୀ ଓ ପୁଲିସ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଏକ ଘରୋଇ ସଂସ୍ଥା ଦ୍ୱାରା ଚାଲିଥିବା ମରାମତି କାମ ଯୋଗୁଁ ମ୍ୟାନହୋଲ୍‌ର ଢାଙ୍କୁଣୀ ଖୋଲା ରଖାଯାଇଥିଲା। ଏହି ଅବହେଳା ପାଇଁ ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯିବ ବୋଲି ଡେପୁଟି ମେୟର ସଞ୍ଜୟ ଘାଡ଼ି କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟାରେ ମୁମ୍ବଇର କେତେକ ସ୍ଥାନରେ ୨୦୦ ମିମିରୁ ଅଧିକ ବର୍ଷା ରେକର୍ଡ କରାଯାଇଛି, ଯାହାଫଳରେ ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି ଏବଂ ସ୍ଥାନୀୟ ଟ୍ରେନ୍ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ମୁମ୍ବାଇରେ ବର୍ଷା ସମୟରେ ପ୍ରଶାସନିକ ଏବଂ କଣ୍ଟ୍ରାକ୍ଟରଙ୍କ ଏଭଳି ଦାୟିତ୍ୱହୀନତା ପୁଣି ଥରେ ଜଣେ ନିରୀହ ଲୋକଙ୍କ ଜୀବନ ନେଇଛି। ପାଣିପାଗ ବିଭାଗ ଆଗାମୀ କିଛି ଘଣ୍ଟା ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷାର ସତର୍କ ସୂଚନା ଜାରି କରିଥିବାରୁ ସହରବାସୀଙ୍କୁ ସତର୍କ ରହିବାକୁ କୁହାଯାଇଛି।

# ଭାରତ-ଜାପାନ ମଧ୍ୟରେ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ, ୨।୭(ଏଜେନ୍ସି): ଭାରତ ଏବଂ ଜାପାନ ମଧ୍ୟରେ ଅର୍ଥନୈତିକ ଏବଂ ପ୍ରତିରକ୍ଷା ସମ୍ପର୍କକୁ ଅଧିକ ମଜବୁତ କରିବା ଦିଗରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଭାରତ ଗସ୍ତରେ ଆସିଥିବା ଜାପାନର ପ୍ରଧାନମନ୍ତ୍ରୀ ସାନାଏ ତାକାଇଚିଙ୍କ ମଧ୍ୟରେ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନଠାରେ ୧୬ତମ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଦ୍ୱିପାକ୍ଷିକ ଆଲୋଚନା ପରେ ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଶକ୍ତି, ଧାତୁ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାର ମିଳିତ ବିକାଶ ପାଇଁ ଚୁକ୍ତି ହୋଇଛି। ଏହା ଅଧୀନରେ ନୌସେନା ରେଡିଓ ଆଣ୍ଟେନା 'ୟୁନିକର୍ଣ୍ଣ'ର ସହ-ବିକାଶ ପ୍ରକଳ୍ପ ଆରମ୍ଭ କରାଯିବ,



ଯାହା ସାମୁଦ୍ରିକ ସୁରକ୍ଷା ଏବଂ ଆଞ୍ଚଳିକ ଶାନ୍ତିକୁ ସୁଦୃଢ଼ କରିବ। ପ୍ରଧାନମନ୍ତ୍ରୀ ମୋଦୀ ଆଗାମୀ ୧୦ ବର୍ଷ ମଧ୍ୟରେ ଭାରତରେ ଜାପାନ ୧୦ ଟ୍ରିଲିୟନ ୟେନ୍ (ଜାପାନୀ ମୁଦ୍ରା) ନିବେଶ କରିବ ଏବଂ ଭାରତରେ କାର୍ଯ୍ୟ କରୁଥିବା ଜାପାନୀ କମ୍ପାନୀଗୁଡ଼ିକର ସଂଖ୍ୟା ଦ୍ୱିଗୁଣିତ ହେବ ବୋଲି ଘୋଷଣା କରିଛନ୍ତି। ଜାପାନର ସୂକ୍ଷ୍ମ ପ୍ରଯୁକ୍ତିବିଦ୍ୟା ଏବଂ ଭାରତର ସଫ୍ଟୱେର୍ କ୍ଷମତାର ମିଶ୍ରଣ

### ଜାପାନ ପ୍ରଧାନମନ୍ତ୍ରୀ ତାକାଇଚିଙ୍କୁ 'ସାନ ଭଉଣୀ' ସମ୍ବୋଧନ କଲେ ମୋଦୀ

ବିଶ୍ୱସ୍ତରରେ ଏଆଇ ବିକାଶକୁ ଏକ ନୂଆ ଗତି ପ୍ରଦାନ କରିବ। ଔଷଧ, ଚିକିତ୍ସା ଉପକରଣ ଏବଂ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ହୋଇଥିବା ଚୁକ୍ତିନାମା ବିଶ୍ୱ ସ୍ୱାସ୍ଥ୍ୟ ସୁରକ୍ଷାରେ ସହାୟକ ହେବ। ଭାରତର ବ୍ୟାପକତା ଏବଂ ଜାପାନର ଗୁଣବତ୍ତା ମିଶି ସମଗ୍ର ବିଶ୍ୱକୁ ଶସ୍ତା ତଥା ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟ ସେବା ଯୋଗାଇବ। ଜାପାନ ପ୍ରଧାନମନ୍ତ୍ରୀ ଭାବେ ପ୍ରଥମ ଭାରତ ଗସ୍ତରେ ଆସିଥିବା ସାନାଏ ତାକାଇଚିଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ସ୍ୱାଗତ ଜଣାଇ ଜଣେ 'ଦୂରଦର୍ଶୀ ଏବଂ ଜନପ୍ରିୟ ନେତ୍ରୀ' ଭାବେ ଅଭିହିତ କରିଛନ୍ତି। ତାଙ୍କୁ ନିଜର 'ସାନ ଭଉଣୀ' ବୋଲି ସମ୍ବୋଧନ କରିବା ସହ ତାଙ୍କ ଜନ୍ମସ୍ଥାନ ଜାପାନର ନାରା ପ୍ରଦେଶ ସହିତ ଭାରତର ବୌଦ୍ଧ ସମ୍ପର୍କ ରହିଥିବା କଥା ମୋଦୀ ମନେ ପକାଇ ଦେଇଛନ୍ତି। 'ଆଜିର ବୈଶ୍ୱିକ ଅଶାନ୍ତି ସମୟରେ ପାରସ୍ପରିକ ବିଶ୍ୱାସ ହିଁ ଆମର ସବୁଠାରୁ ବଡ଼ ରଣନୈତିକ ସମ୍ପତ୍ତି। ଭାରତ ଏବଂ ଜାପାନର ସହଭାଗିତା ଏହି କଷଟି ପଥରରେ ସମ୍ପୂର୍ଣ୍ଣ ସଫଳ ପ୍ରମାଣିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି।

## ଉଜ୍ଜୟିନୀରେ ଲଜ୍ଜା: ମହିଳାଙ୍କୁ ଚୁଟି କାଟି ଜୋତା ମାଳ ପିନ୍ଧାଇ ଗାଁରେ ବୁଲାଇଲେ

ଉଜ୍ଜୟିନୀ, ୨।୭(ଏଜେନ୍ସି): ମଧ୍ୟପ୍ରଦେଶର ଉଜ୍ଜୟିନୀ ଜିଲ୍ଲାର ଝାରଡ଼ା ଥାନା ଅଞ୍ଚଳରେ ଜଣେ ୩୦ ବର୍ଷୀୟା ମହିଳାଙ୍କୁ ଅମାନୁଷିକ ଭାବେ ନିର୍ଯାତନା ଦିଆଯିବା ସହ ସର୍ବସାଧାରଣରେ ଅପମାନିତ କରାଯାଇଥିବା ଏକ ସଂଗୀନ ମାମଲା ପ୍ରକାଶ ପାଇଛି। ମହିଳାଙ୍କ ଲିଭ୍-ଇନ୍ ପାର୍ଟନରଙ୍କ ପରିବାର ଲୋକ ଓ କିଛି ଗ୍ରାମବାସୀ ମିଶି ମହିଳାଙ୍କ ପୋଷାକ ଚିରିବା ସହ ତାଙ୍କ ମୁହଁରେ କଳା ବୋଳି, ଚୁଟି କାଟି ଏବଂ ଜୋତା ମାଳ ପିନ୍ଧାଇ ସାରା ଗାଁରେ ବୁଲାଇଛନ୍ତି। ପୁଲିସ ଅନୁଯାୟୀ, ମହିଳା ଜଣକ ବିବାହିତ ଥିଲେ ମଧ୍ୟ ଗତ ୩-୪ ବର୍ଷ ହେବ ନିଜ ସ୍ୱାମୀଙ୍କୁ ଛାଡ଼ି ଗାଁର ଜଣେ ଯୁବକଙ୍କ ସହ ରହୁଥିଲେ। ପରବର୍ତ୍ତୀ ସମୟରେ ସେ ସେହି ଯୁବକଙ୍କ ବିରୋଧରେ ଦୁଷ୍କର୍ମ ମାମଲା ଦାୟର କରିବାରୁ ଯୁବକ ଜଣକ ଜେଲ୍ ଯାଇଥିଲେ। ତେବେ ନିକଟରେ ସେ ଜେଲ୍‌ରୁ ମୁକୁଳିବା ପରେ ମହିଳା ଜଣକ ପୁଣି ତାଙ୍କ ସହ ରହିବା ଆରମ୍ଭ କରିଥିଲେ। ଏଥିରେ ଯୁବକଙ୍କ ପରିବାର ଲୋକ ଉତ୍‌କ୍ଷିପ୍ତ ହୋଇ ମହିଳାଙ୍କ ଉପରେ ଏଭଳି ବର୍ବରୋଚିତ ଆକ୍ରମଣ କରିଛନ୍ତି। ମହିଳାଙ୍କ ଅଭିଯୋଗ ଆଧାରରେ ପୁଲିସ ୧୧ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରିଛି ଏବଂ ବାକି ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

### ପାହାଡ଼ରୁ କେତନଙ୍କୁ ଠେଲିଲା କିଏ?

## ସିୟାଙ୍କ ହେବ ପଲିଗ୍ରାଫ୍ ଟେଷ୍ଟ

ପୁନେ, ୨।୭(ଏଜେନ୍ସି): ଭାବି ସ୍ୱାମୀ କେତନ ଅଗ୍ରୱାଲଙ୍କୁ ପାହାଡ଼ ଉପରୁ ଠେଲି ହତ୍ୟା କରିବା ମାମଲାରେ ଏବେ ପୁନେ ପୁଲିସ ଏକ ବଡ଼ ପଦକ୍ଷେପ ନେଇଛି। ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କର ମିଛ ଧରା ପରୀକ୍ଷା (ପଲିଗ୍ରାଫ୍ ଟେଷ୍ଟ) କରିବା ପାଇଁ ପୁଲିସ ଗୁରୁବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ପୁଲିସ ଅଦାଲତଙ୍କୁ ଜଣାଇଛି ଯେ, କେତନଙ୍କୁ ପ୍ରକୃତରେ କିଏ ଗଭୀର ଖାତକୁ ଠେଲିଦେଲା, ସେ ନେଇ କୌଣସି ପ୍ରତ୍ୟକ୍ଷଦର୍ଶୀ ବା ଚୂଡ଼ାନ୍ତ ପ୍ରମାଣ ମିଳିପାରି ନାହିଁ। ତେଣୁ ତଦନ୍ତକୁ ଆଗକୁ ବଢ଼ାଇବା ପାଇଁ ଏହି ପରୀକ୍ଷା ନିହାତି ଜରୁରୀ। ଗତ ଜୁନ୍ ୧୮ରେ ପୁନେର ଜଣେ ଜମିବାଡ଼ି ବ୍ୟବସାୟୀ କେତନ ଅଗ୍ରୱାଲଙ୍କୁ ଲୋହଗଡ଼ ଦୁର୍ଗର ଏକ ପାହାଡ଼ ଉପରୁ ଠେଲି



ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଆସନ୍ତା ନଭେମ୍ବରରେ ସିୟାଙ୍କ ସହ କେତନଙ୍କ ବିବାହ ହେବାର ଥିଲା। ମାତ୍ର ସିୟା ନିଜ ପ୍ରେମିକ ଚେତନ ଚୌଧୁରୀଙ୍କ ସହ ମିଶି ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିବା ପୁଲିସ କହିଛି। ବର୍ତ୍ତମାନ ଉଭୟ ଅଭିଯୁକ୍ତ ପୁଲିସ ହେପାଜତରେ ଅଛନ୍ତି। ପୁଲିସ କୋର୍ଟରେ ଯୁକ୍ତି ବାଢ଼ିଛି ଯେ, ସିୟା ଏବଂ ଚେତନଙ୍କ ବୟାନ ରେକର୍ଡ କରାଯାଇଥିଲେ ମଧ୍ୟ ସେମାନଙ୍କ କଥାରେ ଅନେକ ଅସଙ୍ଗତି ରହିଛି। ମିଛ ଧରା ପରୀକ୍ଷା ଦ୍ୱାରା ଘଟଣାର ଅନେକ ନୂଆ ଦିଗ ଏବଂ ସୂଚନା ସାମ୍ନାକୁ ଆସିପାରିବ। ଅନ୍ୟପଟେ ସିୟାଙ୍କ ଓକିଲ ବିପୁଲ ଦୁସିଂ କହିଛନ୍ତି ଯେ, ଏଭଳି ପରୀକ୍ଷା ପାଇଁ ଅନେକ ଆଇନଗତ ଏବଂ ବୈଷୟିକ ପ୍ରକ୍ରିୟା ଶେଷ କରିବାକୁ ପଡ଼ିବ ଏବଂ ଏଥିପାଇଁ ଅଭିଯୁକ୍ତଙ୍କ ସହମତି ମଧ୍ୟ ବାଧ୍ୟତାମୂଳକ। ସୂଚନାଯୋଗ୍ୟ, ହତ୍ୟା ପରେ କେତନଙ୍କ ମୋବାଇଲ୍ ଫୋନ୍ କିଛି ସମୟ ପାଇଁ ସିୟାଙ୍କ ପାଖରେ ଥିଲା। ସେ ସେଥିରୁ କୌଣସି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବା ପ୍ରମାଣ ଲିଭାଇ ଦେଇଛନ୍ତି କି ନାହିଁ, ସେ ନେଇ ପୁଲିସର ବୈଜ୍ଞାନିକ ଦଳ ଯାଞ୍ଚ କରୁଛନ୍ତି।

## ମମତା, ରତବ୍ରତ ଗୋଷ୍ଠୀଙ୍କୁ ନିର୍ବାଚନ କମିସନଙ୍କ ନୋଟିସ୍

କୋଲକାତା, ୨।୭(ଏଜେନ୍ସି): ପଶ୍ଚିମବଙ୍ଗର ରାଜନୀତିରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରେ ଆଧିପତ୍ୟକୁ ନେଇ ମମତା ବାନାର୍ଜୀ ଏବଂ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ଦୁଇଟି ଗୋଷ୍ଠୀ ମଧ୍ୟରେ ବିବାଦ ପରେ ଭାରତୀୟ ନିର୍ବାଚନ କମିଶନ (ଇସି) ଗୁରୁବାର ଉଭୟ ଗୋଷ୍ଠୀକୁ ନୋଟିସ୍ ଜାରି କରିଛନ୍ତି। ଏଥିରେ ପ୍ରକୃତ ଟିଏମ୍‌ସି କିଏ ଏବଂ ଦଳର ସାଂଗଠନିକ ନିୟନ୍ତ୍ରଣ, ଦଳୀୟ ଚିହ୍ନ, ବ୍ୟାଙ୍କ ଆକାଉଣ୍ଟ ତଥା ଅଧିକୃତ ସ୍ୱାକ୍ଷରକାରୀ କିଏ ରହିବେ, ସେ ନେଇ ଉଭୟ ପକ୍ଷକୁ ନିଜର ପକ୍ଷ ରଖିବାକୁ କୁହାଯାଇଛି। ଏଥିପାଇଁ ଜୁଲାଇ ୬ ସୁଦ୍ଧା ସବିଶେଷ ଜବାବ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗର ବିଧାନସଭା ନିର୍ବାଚନରେ ଟିଏମ୍‌ସି ପରାଜିତ ହେବା ପରେ ରତବ୍ରତଙ୍କ ନେତୃତ୍ୱରେ ବିଦ୍ରୋହୀ ଗୋଷ୍ଠୀ ମମତା ଏବଂ ତାଙ୍କ ଭଣଜା ଅଭିଷେକ ବାନାର୍ଜୀଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରିଛନ୍ତି। ବିଦ୍ରୋହୀଙ୍କ ଦାବି ଅନୁଯାୟୀ, ଦଳର ୮୦ ଜଣ ବିଧାୟକଙ୍କ ମଧ୍ୟରୁ ୬୫ ରୁ ଅଧିକ ବିଧାୟକଙ୍କ ସମର୍ଥନ ସେମାନଙ୍କ ପାଖରେ ରହିଛି। ବର୍ତ୍ତମାନ ରତବ୍ରତ ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ କରୁଛନ୍ତି। ରତବ୍ରତଙ୍କ ଗୋଷ୍ଠୀ କିଛି ସପ୍ତାହ ପୂର୍ବରୁ ଏକ ସ୍ୱତନ୍ତ୍ର ବୈଠକ କରି ବରିଷ୍ଠ ବିଧାୟକ ଅରୂପ ରାୟଙ୍କୁ ଦଳର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି ଏବଂ ପ୍ରତିଷ୍ଠାତା ମମତାଙ୍କୁ ଏହି ପଦରୁ ହଟାଇ ଦେଇଛନ୍ତି। ଏଥିସହିତ ଅଭିଷେକଙ୍କୁ ମଧ୍ୟ ଦଳରୁ ନିଲମ୍ବିତ କରାଯାଇଥିବା ସେମାନେ ଘୋଷଣା କରିଛନ୍ତି। ରତବ୍ରତ କହିଛନ୍ତି ଯେ, କେବଳ ବିଧାୟକ ନୁହଁନ୍ତି, ବରଂ କର୍ପୋରେଟର, ପୌର ପରିଷଦ ସଦସ୍ୟ ଏବଂ ଜିଲ୍ଲା ପରିଷଦ ସଦସ୍ୟମାନେ ମଧ୍ୟ ସେମାନଙ୍କ ସହ ଅଛନ୍ତି। ଅନ୍ୟପଟେ, ମମତା ବାନାର୍ଜୀଙ୍କ ଅନୁଗତ ନେତାମାନେ ଏହି ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ସୌଗତ ରାୟ ଏବଂ ସାଗରିକା ଘୋଷଙ୍କ ପରି ବରିଷ୍ଠ ନେତାମାନେ କହିଛନ୍ତି ଯେ, କେବଳ ବିଧାୟକଙ୍କ ସଂଖ୍ୟା ଦଳର କର୍ତ୍ତୃତ୍ୱ ନିର୍ଦ୍ଧାରଣ କରେ ନାହିଁ, ବରଂ ସାଂଗଠନିକ ଶକ୍ତି ହିଁ ମୁଖ୍ୟ ଏବଂ ତାହା ଏବେ ମଧ୍ୟ ମମତାଙ୍କ ପାଖରେ ରହିଛି। ଦଳରୁ ବହିଷ୍କୃତ ଜଣେ ବ୍ୟକ୍ତିଙ୍କୁ ନିର୍ବାଚନ କମିଶନ କେଉଁ ଆଧାରରେ ଭେଟିବାକୁ ସମୟ ଦେଲେ, ସେ ନେଇ ସୌଗତ ରାୟ ପ୍ରଶ୍ନ ଉଠାଇଛନ୍ତି।

'ପ୍ରକୃତ' ଟିଏମ୍‌ସି ଲଢ଼େଇ




## ଟିଭିକେରେ ସାମିଲ ହେଲେ ଏଆଇଏଡିଏମ୍‌କେ ନେତା

ଚେନ୍ନଇ, ୨।୭(ଏଜେନ୍ସି): ତାମିଲନାଡୁ ରାଜନୀତିରେ ପ୍ରମୁଖ ଦ୍ରାବିଡ଼ ଦଳ ଏଆଇଏଡିଏମକେର ଅନେକ ପ୍ରଭାବଶାଳୀ ନେତା ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟଙ୍କ ନେତୃତ୍ୱାଧୀନ ତାମିଲଗା ଭେଟ୍ରି କାଜଗମ (ଟିଭିକେ) ରେ ସାମିଲ ହୋଇଛନ୍ତି। ଏଆଇଏଡିଏମକେର ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ସି. ବିଜୟଭାସ୍କର, ପୂର୍ବତନ ପରିବହନ ମନ୍ତ୍ରୀ ଏମଆର. ବିଜୟଭାସ୍କର ଏବଂ ଅନ୍ୟ ଦୁଇ ପୂର୍ବତନ ମନ୍ତ୍ରୀ ଏମଏସଏମ. ଆନନ୍ଦନ ଓ ଏସ. ବଳରମାଥି ପ୍ରମୁଖ ଟିଭିକେରେ ଯୋଗ ଦେଇଛନ୍ତି। ଏହା ସହିତ ପ୍ରାୟ ୧୫ ଜଣ ପୂର୍ବତନ ବିଧାୟକ ଏବଂ ଶତାଧିକ କର୍ମକର୍ତ୍ତା ମଧ୍ୟ ନୂତନ ଦଳରେ ସାମିଲ ହୋଇଛନ୍ତି। ଏଡାପାଡି କେ. ପାଲାନିସ୍ୱାମୀଙ୍କ ନେତୃତ୍ୱାଧୀନ ଏଆଇଏଡିଏମକେ ପାଇଁ ଏହା ଏକ ଶକ୍ତ ଧକ୍କା ବୋଲି ବିବେଚନା କରାଯାଉଛି। ଏହି ନେତାମାନେ ଏଆଇଏଡିଏମକେ ଛାଡିବାର ମୁଖ୍ୟ କାରଣ ଭାବେ ଦଳର ସାଧାରଣ ସମ୍ପାଦକ ଏଡାପାଡି ପାଲାନିସ୍ୱାମୀଙ୍କ କାର୍ଯ୍ୟଶୈଳୀକୁ ଦାୟୀ କରିଛନ୍ତି। ସେପଟେ ଦଳବଦଳକୁ ନେଇ ଡିଏମକେ ନେତ୍ରୀ କନିମୋଝି ତୀବ୍ର କଟାକ୍ଷ କରିଛନ୍ତି। ବିଜେପି ଉତ୍ତର ଭାରତରେ ବ୍ୟବହାର କରୁଥିବା 'ୱାଶିଂ ମେସିନ' ଏବେ ତାମିଲନାଡୁକୁ ଆସିଛି ବୋଲି ସେ କହିଛନ୍ତି।

## ପାକିସ୍ତାନରେ ୧୨୫ ବର୍ଷର ପୁରୁଣା ଗୁରୁଦ୍ୱାର ଭଙ୍ଗାଗଲା

ଇସଲାମାବାଦ, ୨।୭(ଏଜେନ୍ସି); ପାକିସ୍ତାନର ପଞ୍ଜାବ ରାଜ୍ୟରେ ଜଣେ ସ୍ଥାନୀୟ ବ୍ୟବସାୟୀଙ୍କ ଦ୍ୱାରା ୧୨୫ ବର୍ଷର ଏକ ଐତିହାସିକ ଗୁରୁଦ୍ୱାରକୁ ଭାଙ୍ଗି ଦିଆଯିବା ଘଟଣା ସାମ୍ନାକୁ ଆସିଛି। ଏହାକୁ ନେଇ ସେଠାକାର ସଂଖ୍ୟାଲଘୁ ଶିଖ୍ ସମୁଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଭାରତ ଏହି ସ୍ୱର୍ଶକାତର ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଛି। ଲାହୋରଠାରୁ ପ୍ରାୟ ୭୦ କିଲୋମିଟର ଦୂର ଫାରୁକାବାଦରେ ଥିବା 'ଗୁରୁଦ୍ୱାର ଶ୍ରୀ ଗୁରୁ ସିଂ ସଭା ସାହିବ'କୁ ଗତ ଜୁନ୍ ୨୪ ରାତିରେ କୌଣସି ଅନୁମତି ବିନା ବେଆଇନ ଭାବେ ଭାଙ୍ଗି ଦିଆଯାଇଥିଲା। ଭାରତୀୟ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୈସୱାଲ ଏହାକୁ ଏକ ଯୋଜନାବଦ୍ଧ ଆକ୍ରୋଶମୂଳକ କାର୍ଯ୍ୟ ବୋଲି କହିବା ସହ ପାକିସ୍ତାନରେ ସଂଖ୍ୟାଲଘୁଙ୍କ ଧାର୍ମିକ ସ୍ଥଳକୁ କ୍ରମାଗତ ଭାବେ ଟାର୍ଗେଟ କରାଯାଉଥିବାରୁ ଗଭୀର ଚିନ୍ତା ପ୍ରକଟ କରିଛନ୍ତି।



■ ଉପଗ୍ରହ ଚିତ୍ରରୁ ସାମ୍ନାକୁ ଆସିଲା ଚାଞ୍ଚଲ୍ୟକର ତଥ୍ୟ

## ଆଟଲାଣ୍ଟିକ୍ ମହାସାଗରରେ ୫,୦୦୦ ମାଇଲ ବ୍ୟାପୀ ଶୈବାଳ ବେଲ୍ଟ

ୱାସିଂଟନ୍, ୨।୭(ଏଜେନ୍ସି): ଆଟଲାଣ୍ଟିକ ମହାସାଗରରେ ଏକ ଅଭାବନୀୟ ପ୍ରାକୃତିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଉପଗ୍ରହ ବା କୃତ୍ରିମ ଉପଗ୍ରହରୁ ମିଳିଥିବା ଚିତ୍ର ଅନୁଯାୟୀ, ମହାସାଗର ବକ୍ଷରେ ପ୍ରାୟ ୫, ୦୦୦ ମାଇଲ୍ (୮, ୮୫୦ କିଲୋମିଟର) ଲମ୍ବର ଏକ ବିଶାଳ ବାଦାମୀ ରଙ୍ଗର ସାମୁଦ୍ରିକ ଶୈବାଳ'ର ଆସ୍ତରଣ ବା ବେଲ୍ଟ ସୃଷ୍ଟି ହୋଇଛି। ପଶ୍ଚିମ ଆଫ୍ରିକାର ଉପକୂଳରୁ ଆରମ୍ଭ କରି କାରିବିଆନ୍ ସାଗର ଏବଂ ମେକ୍ସିକୋ ଗଲ୍ ପର୍ଯ୍ୟନ୍ତ ଏହି ବିଶାଳ ସାମୁଦ୍ରିକ ଜୈବ-ଭାର (ବାୟୋମାସ୍) ବ୍ୟାପି ରହିଛି। ବିଜ୍ଞାନୀମାନେ ଏହାକୁ 'ଦି ଗ୍ରେଟ୍ ଆଟଲାଣ୍ଟିକ ସାର୍ଗାସମ୍ ବେଲ୍ଟ' ଆଖ୍ୟା ଦେଇଛନ୍ତି। ବୈଜ୍ଞାନିକ ସଂସ୍ଥା 'ସାଇନ୍ସ ଡାଇରେକ୍ଟ'ର ସମ୍ପ୍ରତି ରିପୋର୍ଟ ଅନୁଯାୟୀ, ଏହି ଶୈବାଳ ସ୍ତରର ଓଜନ ପ୍ରାୟ ୩୭.୫ ମିଲିୟନ (୩.୭୫ କୋଟି) ମେଟ୍ରିକ ଟନ୍‌ରେ ପହଞ୍ଚିଛି। ଉପଗ୍ରହ ନଜର ରଖିବା ଆରମ୍ଭ କରିବା ଦିନଠାରୁ ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ରେକର୍ଡ। ଗତ ଚାରି ଦଶନ୍ଧିର ଶୈବାଳ ନମୁନାକୁ ପରୀକ୍ଷା କରିବା ପରେ ଜଣାପଡ଼ିଛି ଯେ, ୧୯୮୦ ଦଶନ୍ଧି ତୁଳନାରେ ଏହି ଶୈବାଳଗୁଡ଼ିକରେ ନାଇଟ୍ରୋଜେନ୍‌ର ପରିମାଣ ୫୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଏହା ସ୍ପଷ୍ଟ ସୂଚାଉଛି ଯେ ସମୁଦ୍ରରେ ମାନବକୃତ ପ୍ରଦୂଷଣ ଓ ପୋଷକ ତତ୍ତ୍ୱର ମାତ୍ରା ଅତ୍ୟଧିକ ବଢ଼ିବାରେ ଲାଗିଛି। ବିଜ୍ଞାନୀମାନଙ୍କ ମତରେ ଏହି ଅସ୍ୱାଭାବିକ ଅଭିବୃଦ୍ଧି ପଛରେ କେବଳ ଗୋଟିଏ କାରଣ ନାହିଁ, ବରଂ ପ୍ରକୃତି ଏବଂ ମଣିଷର କାର୍ଯ୍ୟକଳାପ ଉଭୟ ଦାୟୀ। ମହାସାଗରର ଜଳପ୍ରବାହ ଏବଂ ବିଷୁବରେଖା ନିକଟରେ ବହୁଥିବା ପବନ ଏହି ଭାସମାନ ଶୈବାଳଗୁଡ଼ିକୁ ଏକତ୍ରିତ କରି ବ୍ୟାପକ ଭାବେ ବିଛାଇବାରେ ସାହାଯ୍ୟ କରୁଛି। ଆମାଜନ ଭଳି ବିଶାଳ ନଦୀଗୁଡ଼ିକ ମାଧ୍ୟମରେ ପ୍ରଚୁର ପରିମାଣର ରାସାୟନିକ ସାର ମିଶ୍ରିତ କୃଷି ବର୍ଜ୍ୟଜଳ, ଦୂଷିତ ମଳପ୍ରବାହ ଏବଂ ଫସଫରସ୍ ଓ ନାଇଟ୍ରୋଜେନ୍ ସମୁଦ୍ରରେ ମିଶୁଛି। ଏହି ପୋଷକ ତତ୍ତ୍ୱଗୁଡ଼ିକୁ ପାଇ ଶୈବାଳଗୁଡ଼ିକ ଅତି ଦ୍ରୁତ ଗତିରେ ବଂଶବୃଦ୍ଧି କରୁଛନ୍ତି। ଗଭୀର ସମୁଦ୍ରରେ ଭାସୁଥିବା ବେଳେ ଏହି ଶୈବାଳ ଗଦା ମାଛ, ସାମୁଦ୍ରିକ କଇଁଛ ଏବଂ ଅନ୍ୟାନ୍ୟ ଛୋଟ ଜୀବଙ୍କ ପାଇଁ ଏକ ସୁରକ୍ଷିତ ଆଶ୍ରୟସ୍ଥଳ ଓ ଖାଦ୍ୟର ଉତ୍ସ ସାଜିଥାଏ। କିନ୍ତୁ ଯେତେବେଳେ ଏହି ବିଶାଳ ଶୈବାଳ ଗଦା ପବନରେ ଭାସି ଆସି ସମୁଦ୍ର କୂଳ ବା ବିଚ୍‌ରେ ଜମା ହୁଏ, ସେତେବେଳେ ସମସ୍ୟା ସୃଷ୍ଟି ହୁଏ। ସେଗୁଡ଼ିକ ସଢ଼ିବା ପରେ ସେଥିରୁ ପ୍ରବଳ ଦୁର୍ଗନ୍ଧଯୁକ୍ତ 'ହାଇଡ୍ରୋଜେନ୍ ସଲଫାଇଡ୍' ଗ୍ୟାସ ନିର୍ଗତ ହୁଏ, ଯାହା ପର୍ଯ୍ୟଟନ ଶିଳ୍ପକୁ ବହୁତ କ୍ଷତି ପହଞ୍ଚାଏ। ଏହାଛଡ଼ା ଉପକୂଳ ଜଳରେ ଅମ୍ଳଜାନର ମାତ୍ରା କମିଯିବା ଫଳରେ ସାମୁଦ୍ରିକ ପ୍ରବାଳ ପ୍ରାଚୀର ଏବଂ ଜଳଜ ଉଦ୍ଭିଦ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ପରିବେଶବିତ୍‌ମାନଙ୍କ ମତରେ, ଏହି ବିଶାଳ ଶୈବାଳ ବେଲ୍ଟ ପ୍ରକୃତିର ଏକ ଚେତାବନୀ, ଯାହା ଦର୍ଶାଉଛି କିପରି ମଣିଷର କାର୍ଯ୍ୟକଳାପ ଏବେ ବିଶାଳ ମହାସାଗରର ପରିସଂସ୍ଥାକୁ ମଧ୍ୟ ବିପନ୍ନ କରୁଛି।

## ସ୍ତ୍ରୀଙ୍କୁ କୁରାଢ଼ୀରେ ହାଣି ସ୍ୱାମୀର ଆତ୍ମହତ୍ୟା

କନୌଜ, ୨।୭(ଏଜେନ୍ସି): ଉତ୍ତରପ୍ରଦେଶର କନୌଜ ଜିଲ୍ଲାରେ ପାରିବାରିକ କଳହରୁ ଜଣେ ୫୦ ବର୍ଷୀୟ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ କୁରାଢ଼ୀରେ ଆକ୍ରମଣ କରି ଗୁରୁତର କରିବା ପରେ ନିଜେ ଗଛରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୌରିଖ୍ ଥାନା ଅନ୍ତର୍ଗତ ରୁର୍ ଗ୍ରାମରେ ଗୁରୁବାର ସକାଳ ପ୍ରାୟ ୧୦ଟାରେ ଏହି ଘଟଣା ଘଟିଛି। ମୃତ ବ୍ୟକ୍ତିଜଣକ ହେଉଛନ୍ତି ଗୋବିନ୍ଦ ଦୁବେ। ଘରୋଇ କଳହକୁ ନେଇ ଗୋବିନ୍ଦ ରାଗରେ ତାଙ୍କ ୪୬ ବର୍ଷୀୟା ସ୍ତ୍ରୀ ଆରତିଙ୍କୁ କୁରାଢ଼ୀରେ ହାଣି ପକାଇଥିଲେ। ପଡ଼ୋଶୀମାନେ ଆରତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୀରୱା ସ୍ଥିତ ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରିଛନ୍ତି, ଯେଉଁଠାରେ ସେ ଏବେ ବିପଦମୁକ୍ତ ଥିବା ଜଣାପଡ଼ିଛି। ସ୍ତ୍ରୀଙ୍କୁ ଆକ୍ରମଣ କରିବା ପରେ ଗୋବିନ୍ଦ ଘରୁ ପ୍ରାୟ ୩୦୦ ମିଟର ଦୂରରେ ଥିବା ଏକ ଗଛରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ପୁଲିସ୍‌ର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ମୃତ ଗୋବିନ୍ଦ ମଦ୍ୟପାନ କରୁଥିଲେ ଏବଂ ଏହି କାରଣରୁ ପ୍ରତିଦିନ ସ୍ତ୍ରୀଙ୍କ ସହ ତାଙ୍କର ଝଗଡ଼ା ହେଉଥିଲା। ଏହି ଦମ୍ପତିଙ୍କର ଏକ ୧୯ ବର୍ଷର ପୁଅ ଏବଂ ୯ ବର୍ଷର ଝିଅ ଅଛନ୍ତି। ଅତ୍ୟଧିକ ମଦ୍ୟପାନ ଏବଂ ପାରିବାରିକ ବିବାଦ କେମିତି ଗୋଟିଏ ହସଖୁସିର ସଂସାରକୁ ଉଜାଡ଼ି ଦିଏ, ଏହି ଘଟଣା ତାର ଏକ କରୁଣ ଉଦାହରଣ। ଘଟଣାସ୍ଥଳରେ ଫୋରେନ୍ସିକ ଟିମ୍ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଉଚ୍ଚଶିକ୍ଷାନୁଷ୍ଠାନର ୫୦୦ ମିଟର ପରିଧି ହେବ ନିଶାମୁକ୍ତ ଅଞ୍ଚଳ

ଭୁବନେଶ୍ୱର, ୨।୭(ସମିସ): ନିଶାମୁକ୍ତ ହେବ ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନ। ଶିକ୍ଷାନୁଷ୍ଠାନର ୫୦୦ ମିଟର ପରିଧି ମଧ୍ୟରେ ମଦ, ତମାଖୁ, ନିଶାଦ୍ରବ୍ୟ ଓ ଅନ୍ୟାନ୍ୟ ମାଦକ ସାମଗ୍ରୀ ବିକ୍ରିକୁ ବାରଣ କରାଯାଇଛି। ଜାତୀୟ ନାର୍କୋଟିକ୍ସ ସମନ୍ୱୟ ବ୍ୟବସ୍ଥା (ଏନ୍‌ସିଓଆର୍‌ଡି)ର ପରାମର୍ଶ ଅନୁଯାୟୀ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନୂତନ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ନିଜ ନିଜ ଅନୁଷ୍ଠାନ ପରିସରର ୫୦୦ ମିଟର ଅଞ୍ଚଳର ଭୌତିକ ଯାଞ୍ଚ କରିବାକୁ ବିଭାଗ ପକ୍ଷରୁ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପରିଧି ମଧ୍ୟରେ ମଦ, ତମାଖୁ, ନିଶାଦ୍ରବ୍ୟ ଓ ଅନ୍ୟାନ୍ୟ ମାଦକ ସାମଗ୍ରୀ ବିକ୍ରି ହେଉ ନ ଥିବା ସୁନିଶ୍ଚିତ କରିବେ। ଏହାର ରିପୋର୍ଟ ଆସନ୍ତା ୧୫ ତାରିଖ ସୁଦ୍ଧା ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରିବାକୁ କୁହାଯାଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଫର୍ମାଟ୍ ମଧ୍ୟ ପ୍ରସ୍ତୁତ କରାଯାଇଛି। କଲେଜର ନାମ, ଜିଲ୍ଲା, ଅଧ୍ୟକ୍ଷଙ୍କ ବିବରଣୀ, ଯାଞ୍ଚ ତାରିଖ ସହ ୫୦୦ ମିଟର ମଧ୍ୟରେ ମଦ ଦୋକାନ, ତମାଖୁ ଦୋକାନ କିମ୍ବା ନିଶାଦ୍ରବ୍ୟର ବେଆଇନ କାରବାର ରହିଛି କି ନାହିଁ, ସେ ସମ୍ପର୍କିତ ସୂଚନା ଦେବାକୁ କୁହାଯାଇଛି। ଯଦି ଏଭଳି କୌଣସି କାର୍ଯ୍ୟକଳାପ ଚିହ୍ନଟ ହୁଏ, ତେବେ ସମ୍ପୃକ୍ତ ଦୋକାନ କିମ୍ବା ସ୍ଥାନର ନାମ ଓ ଅବସ୍ଥିତି ମଧ୍ୟ ଉଲ୍ଲେଖ କରିବେ। ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷିତ, ସୁସ୍ଥ ଓ ନିଶାମୁକ୍ତ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

**ପ୍ରତ୍ୟକ୍ଷ ଯାଞ୍ଚ କରି ୧୫ ତାରିଖ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ**

## ପ୍ରକାଶ ପାଇଲା ପିଜି ପ୍ରବେଶିକା ପରୀକ୍ଷା ଫଳ

ଭୁବନେଶ୍ୱର, ୨।୭(ସମିସ): ସ୍ନାତକୋତ୍ତର ନାମଲେଖା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା (ସିପିଇଟି) ଫଳାଫଳ ଆଜି ପ୍ରକାଶ ପାଇଛି। ଛାତ୍ରଛାତ୍ରୀମାନେ ସାମ୍‌ସ ପୋର୍ଟାଲକୁ ଯାଇ ନିଜର ପରୀକ୍ଷାଫଳ ଦେଖିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷା ଦେବାକୁ ମୋଟ୍ ୫୮,୭୧୩ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ତନ୍ମଧ୍ୟରୁ ୫୩,୯୦୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ଅବଶିଷ୍ଟ ୪,୭୧୨ ଜଣ ଅନୁପସ୍ଥିତ ରହିଥିଲେ। ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀ ନାମଲେଖା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଚୟନ ହୋଇଛନ୍ତି। ନାମଲେଖା ପାଇଁ ଆବେଦନ କରିବାକୁ ଟାଇମ୍‌ଲାଇନ୍ ପ୍ରକାଶ ପାଇ ନ ଥିବା ବେଳେ ପରବର୍ତ୍ତୀ ସମୟରେ ତାହା ଜାରି କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ମୋଟ୍ ୧୩୨ଟି ଉଚ୍ଚଶିକ୍ଷାନୁଷ୍ଠାନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୩୨,୩୦୯ଟି ସିଟ୍ ରହିଛି। ପ୍ରବେଶିକା ପରୀକ୍ଷାର ମାର୍କ ଅନୁସାରେ ନାମଲେଖା ହେବ।

**ନାମଲେଖା ପାଇଁ ଆବେଦନ କରିପାରିବେ ୫୩,୯୦୧ ଛାତ୍ରଛାତ୍ରୀ**

### ଓମ୍‌ସାର କାର୍ଯ୍ୟବନ୍ଦ ଆନ୍ଦୋଳନ

## ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଭୁବନେଶ୍ୱର,୨।୭(ସମିସ): ୧୦ ଦଫା ଦାବି ନେଇ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଡାକ୍ତରଙ୍କ କାର୍ଯ୍ୟବନ୍ଦ ଯୋଗୁଁ ରାଜ୍ୟବ୍ୟାପୀ ରୋଗୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ବିଭିନ୍ନ ସ୍ଥାନରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସିଛି। ଆନ୍ଦୋଳନରତ ଡାକ୍ତରଙ୍କୁ ଆନ୍ଦୋଳନ ପ୍ରତ୍ୟାହାର କରି ଆଲୋଚନା କରିବାକୁ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଅନୁରୋଧ କରାଯାଇଥିଲେ ହେଁ ଏହାକୁ ପ୍ରତ୍ୟାଖ୍ୟାନ କରିଛି ଓମସା। ଯେପର୍ଯ୍ୟନ୍ତ ଆଦମର ନ୍ୟାଯ୍ୟ ଦାବି ପୂରଣ ହେବ ନାହିଁ, ସେପର୍ଯ୍ୟନ୍ତ ଆମର ଆନ୍ଦୋଳନ ଜାରି ରହିବ ବୋଲି ଓମସାର ସମ୍ପାଦକ ଡାକ୍ତର ସଞ୍ଜୀବ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି। ଅପରପକ୍ଷେ ଡାକ୍ତରଙ୍କ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଡାକ୍ତର ଆନ୍ଦୋଳନ ପାଇଁ ସମଗ୍ର ରାଜ୍ୟରେ ଓପିଡି, ଆଇପିଡି. ଜରୁରୀକାଳୀନ ସେବା ସମ୍ପୂର୍ଣ୍ଣ ରୂପେ ବ୍ୟାହତ ହୋଇପଡ଼ିଛି। ରୋଗୀ ଡାକ୍ତରଖାନାକୁ ଆସି ଚିକିତ୍ସା ନପାଇ ଫେରିଯାଉଥିବା ବେଳେ ଏହା ରାଜ୍ୟରେ ଭୟଙ୍କର ସ୍ଥିତି ସୃଷ୍ଟି କଲାଣି। ଏପଟେ ଯେପର୍ଯ୍ୟନ୍ତ ଆମର ଦାବବି ପୂରଣ ହୋଇନାହିଁ, ସେପର୍ଯ୍ୟନ୍ତ ଆମେ ଆନ୍ଦୋଳନ ଜାରି ରଖିବୁ ବୋଲି ରୋକଠୋକ୍ ଶୁଣାଇଦେଇଛି ଓମସା। ଗତ ଜାନୁଆରୀରେ ୯ ତାରିଖରେ ସରକାରଙ୍କ ସହ ଓମସା ଶେଷଥର ପାଇଁ ଆଲୋଚନା କରିଥିଲା। ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ୩ ମାସ ମଧ୍ୟରେ ଓମସାର ସମସ୍ତ ଦାବି ପୂରଣ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତିମଧ୍ୟରେ ୫ ମାସ ପୂରଣ ହୋଇ ୬ ମାସ ଚାଲିବାକୁ ଆରମ୍ଭ ହୋଇଥିଲେ ହେଁ ସରକାର ଦାବି ପୂରଣ କଲେ ନାହିଁ। ତେଣୁ ଯେପର୍ଯ୍ୟନ୍ତ ସରକାର ଦାବି ପୂରଣ କରିନାହାନ୍ତି, ଆନ୍ଦୋନ ଜାରି ରହିବ ବୋଲଲି ଓମସା ପକ୍ଷରୁ ସୂଚନା ଦିଆଯାଇଛି।

ଏପଟେ ରାଜ୍ୟ ସରକାରଙ୍କ ପକ୍ଷୁ କୁହାଯାଇଛି ଯେ ରାଜ୍ୟ ସରକାର ସର୍ବଦା ଡାକ୍ତରମାନଙ୍କ ଯୁକ୍ତିସଙ୍ଗତ ଦାବି ପ୍ରତି ସମ୍ବେଦନଶୀଳ ରହିଛନ୍ତି। କିନ୍ତୁ ରୋଗୀଙ୍କ ସ୍ୱାର୍ଥ ଓ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟ ସେବାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି। ସେଥିପାଇଁ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ଜଣାଇ ଦିଆଯାଇଛି। ସେମାନେ କାର୍ଯ୍ୟରେ ଯୋଗଦେବା ପରେ ସେମାନଙ୍କ ଦାବିଗୁଡ଼ିକ ଉପରେ ଗଠନମୂଳକ ଆଲୋଚନା କରିବାକୁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ସେବା ହିଁ ପରମ ଧର୍ମ। ଏହାକୁ ପାଥେୟ କରି ଆନ୍ଦୋଳନରତ ଡାକ୍ତର ମାନଙ୍କୁ ଅନୁରୋଧ ,ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରି ପୂର୍ବଭଳି ରୋଗୀସେବା ଜାରି ରଖନ୍ତୁ । ଯଦି ରୋଗୀଙ୍କ ସ୍ୱାର୍ଥ ଓ ସ୍ୱାସ୍ଥ୍ୟ ସେବା ବ୍ୟାଘାତ ହୁଏ ତା ହେଲେ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ ବୋଲି ସରକାର ଚେତାବନୀ ଦେଇଛନ୍ତି।

- **ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଜାରି ରହିବ ଆନ୍ଦୋଳନ: ଓମ୍‌ସା**
- **ସ୍ୱାସ୍ଥ୍ୟ ସେବା ବ୍ୟାଘାତ ହେଲେ ପଦକ୍ଷେପ ନେବାକୁ ବାଧ୍ୟ ହେବୁ: ସରକାର**

## ତୀର ମାଡ଼ରେ ଦୁଇ ଗୁରୁତର

### ପିଠିରେ ଶରବିଦ୍ଧ ଅବସ୍ଥାରେ ରାୟପୁର ସ୍ଥାନାନ୍ତର

ନୂଆପଡ଼ା/କୋମନା,୨।୭(ସମିସ): ସୀମାନ୍ତ ଅଞ୍ଚଳ ଓଡ଼ିଶା-ଛତିଶଗଡ଼ ସୀମାନ୍ତବର୍ତ୍ତୀ ଏକ ଗାଁରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଘରୋଇ କଳିରୁ ବିବାଦ ଉଗ୍ରହେବାପରେ ତୀରମାଡ଼ ପର୍ଯ୍ୟନ୍ତ କଥା ଯାଇଥିଲା। ତୀର ମାଡ଼ରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ଜିଲ୍ଲା ଅମଲିପଦର ଥାନା ଅଧୀନ ଘୁମରାପଦର ଗାଁର ରାଜୁରାମ କମାର କୌଣସି ପାରିବାରିକ ବିବାଦକୁ କେନ୍ଦ୍ର କରି ନିଜ ଭାଇ ଓ ଭିଣୋଇଙ୍କ ଉପରକୁ ତୀର ଚଳାଇଥିଲା। ଏହି ତୀର ମାଡ଼ରେ ଗୁନା ସିଂ ଓ ନିମା ସିଂ ଗୁରୁତର ଆହତ ହୋଇଛନ୍ତି। ପିଠିରେ ତୀର ବିଦ୍ଧ ହୋଇରହିଛି। ଉଭୟଙ୍କୁ ପ୍ରଥମେ ସ୍ଥାନୀୟ ଅମଲିପଦର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ପିଠିରୁ ଶରଟିକୁ ବାହାର କରିବାରେ ଅସମର୍ଥ ହେବାରୁ, ଆହତଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ତୁରନ୍ତ ରାୟପୁରର ଏକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ସେଠାରେ ଦୁଇ ଗୁରୁତରଙ୍କ ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ଅମଲିପଦର ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।



## ମାମୁଁ ମୋବାଇଲ୍ ଛଡ଼ାଇ ନେବାରୁ ବିଷପିଇ ନାବାଳିକାଙ୍କ ଆତ୍ମହତ୍ୟା

ଉଦଳା, ୨।୭(ସମିସ): ମୋବାଇଲ ପାଇଁ ଯାଇଛି ଜଣେ ନାବାଳିକାଙ୍କ ଜୀବନ। ମାମୁଁ ମୋବାଇଲ ଛଡ଼ାଇ ନେଇ ଭାଙ୍ଗିଦେବାରୁ ରାଗି ଯାଇ ବିଷପିଇ ଦେଇଥିଲେ ଦୁର୍ଗା ନାଏକଙ୍କ ୧୫ ବର୍ଷର ନାବାଳିକା ଝିଅ ରୁନୁ ନାଏକ। ତାଙ୍କୁ ଉଦଳା ଡାକ୍ତରଖାନାକୁ ନିଆଯାଉଥିବାବେଳେ ବାଟରେ ମୃତ୍ୟୁ ହୋଇଯାଇଥିଲା। ଏଭଳି ଅଭାବନୀୟ ଘଟଣା ରାଜବରହମପୁର ଥାନା ଅନ୍ତର୍ଗତ ଗବପାଳ ଗ୍ରାମରେ ଘଟିଛି। ସୂଚନା ମୁତାବକ, ରୁନୁ ସକାଳୁ ବସି ମୋବାଇଲ ଦେଖୁଥିଲେ ଓ ତାଙ୍କ ମାଆ ଆଉ ମାମୁଁ ପାଟି କରି ମୋବାଇଲ ଛଡ଼ାଇ ନେଇ ଭାଙ୍ଗିଦେଇଥିଲେ। ଫଳରେ ରୁନୁ ରାଗିଯାଇ କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ଉଦଳା ଡାକ୍ତରଖାନାକୁ ନିଆଯାଉଥିବାବେଳେ ପହଞ୍ଚିବା ବେଳକୁ ମୃତ୍ୟୁ ହୋଇସାରିଥିଲା। ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ଡାକ୍ତରଙ୍କ ଧର୍ମଘଟ ଚାଲିଥିବାରୁ ବ୍ୟବଚ୍ଛେଦ ହୋଇ ନ ପାରି ମୃତଦେହ ପଡ଼ିରହିଥିବା ଜଣାପଡ଼ିଛି।

**ଭୁବନେଶ୍ୱରରେ ଛତିଶଗଡ଼ ପୁଲିସ**

## ରିମାଣ୍ଡରେ ଯିବେ କନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗ

ଭୁବନେଶ୍ୱର, ୨।୭ (ସମିସ): ଦେଶର ବିଭିନ୍ନ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଭୁବନେଶ୍ୱର ଏସ୍‌ଟିଏଫ୍ ଦ୍ୱାରା ଗିରଫ ହୋଇଥିବା ଗନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗ୍‌କୁ ରିମାଣ୍ଡରେ ନେବ ଛତିଶଗଡ଼ ପୁଲିସ। ଭୁବନେଶ୍ୱର ଏସ୍‌ଟିଏଫ୍ ଦ୍ୱାରା ଗିରଫ ୫ଜଣିଆ ଗ୍ୟାଙ୍ଗକୁ ଛତିଶଗଡ଼ ପୁଲିସ ଗୁରୁବାର କିଛି ସମୟ ପାଇଁ ପଚରାଉଚରା କରିଛି। ତେବେ କନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗକୁ ଜେରା ପାଇଁ ରିମାଣ୍ଡରେ ନେବାକୁ ଛତିଶଗଡ଼ ପୁଲିସ କୋର୍ଟରେ ଆବେଦନ କରିବ ବୋଲି ସୂଚନା ମିଳିଛି।

ଏସ୍‌ଟିଏଫ୍ ସୂଚନା ମୁତାବକ କନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଦୁର୍ବାସା ସାହୁ ଓ ତାର ୪ ସହଯୋଗୀ ସୁବୁଦ୍ଧି ସାହୁ, ଅରୁଣ କୁମାର ରଣା, ପ୍ରକାଶ ଖଟୁଆ ଓ ନିଳାମ୍ବର କହଁର ଦେଶର ବିଭିନ୍ନ ରାଜ୍ୟକୁ ଓଡ଼ିଶାରୁ ଗଞ୍ଜେଇ ଚୋରା ଚାଲାଣ କରିଥାଆନ୍ତି। ଡିସେମ୍ବର ୨୦୨୫ ରୁ ଅଗଷ୍ଟ ୨୦୨୬ ମଧ୍ୟରେ ଏମାନେ ଛତିଶଗଡ଼ ସମେତ ଅନେକ ଉତ୍ତର ଭାରତ ରାଜ୍ୟ ଗୁଡ଼ିକୁ ଗଞ୍ଜେଇ ଚାଲାଣ କରିଛନ୍ତି ଓ ୩୧ କ୍ୱିଣ୍ଟାଲ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଏସ୍‌ଟିଏଫ ୍ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଏକ ଢାବା ନିକଟରେ ଟ୍ରକରେ ଗଞ୍ଜେଇ ରଖିଥିଲେ। ଏଠାରୁ ଉତ୍ତର ପ୍ରଦେଶକୁ ଗଞ୍ଜେଇ ଚାଲାଣ ହେଇଥାନ୍ତା। ଛତିଶଗଡ଼ ପୁଲିସ ଖବର ପାଇ ଢାବା ପାଖରେ ଛିଡା ହୋଇଥିବା ଟ୍ରକରେ ଛାପା ମାରିବା ପରେ ଗଞ୍ଜେଇ ସହ ଉପସ୍ଥିତ କିଛି ଅଭିଯୁକ୍ତକୁ ଧରିଥିଲା। ହେଲେ ଏମାନେ ପୁଲିସକୁ ଓଲଟା ମାଡ଼ ମାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେବେ ଠାରୁ ଏହି କନ୍ଧମାଳ ଗଞ୍ଜେଇ ଗ୍ୟାଙ୍ଗ ଛତିଶଗଡ଼ ପୁଲିସର ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ଥିବା କୁହାଯାଉଛି ।

### ଅପରେସନ 'ସେଫ୍ ପାସେଜ୍'ର ବଡ଼ ସଫଳତା

## ଦୁଇ ବାଘ ଛାଲ ଜବତ, ଆନ୍ତଃରାଜ୍ୟ ଶିକାରୀ ଗିରଫ

ନୂଆପଡ଼ା/କୋମନା,୨।୭ (ସମିସ): ବନ୍ୟଜନ୍ତୁ ସୁରକ୍ଷା ଓ ଅବୈଧ ଶିକାର ବିରୋଧୀ ଅଭିଯାନ "ଅପରେସନ ସେଫ୍ ପାସେଜ୍' ରେ ଏକ ବଡ଼ ସଫଳତା ମିଳିଛି। ଗୁଇନ୍ଦା ସୂଚନା ଆଧାରରେ ଛତିଶଗଡ଼ ବନ ବିଭାଗ ଓ ବିଭିନ୍ନ ଏଜେନ୍ସିଙ୍କ ମିଳିତ ଚଢ଼ଉରେ ଆନ୍ତଃରାଜ୍ୟ ଶିକାରୀ ଚକ୍ରକୁ ବଡ଼ ଝଟକା ଦିଆଯାଇଛି। ଛତିଶଗଡ଼ ରାଜ୍ୟ କାଙ୍କେର ଜିଲ୍ଲାର ପଶ୍ଚିମ ପାରଲକୋଟ ରେଞ୍ଜରେ ଚାଲିଥିବା ଅଭିଯାନବେଳେ ବୁଧବାର ଦୁଇ ଶିକାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଦୁଇଟି ବାଘ ଛାଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବାବୁ ରାଓ ମାଣ୍ଡଭି ଓ ବିଯେଶ୍ୱର ଗିଦମ। ଏମାନେ ମହାରାଷ୍ଟ୍ରର ଚନ୍ଦ୍ରପୁର ଅଞ୍ଚଳର ବାସିନ୍ଦା। ଏହି ଘଟଣାରେ ଭାନୁପ୍ରତାପପୁର ଫରେଷ୍ଟ ଡିଭିଜନ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏହା ପୂର୍ବରୁ ବସ୍ତରର ଅବୁଝମାଡ଼ ଅଞ୍ଚଳରେ ୯ଟି ଭାରତୀୟ ବିଶାଳ ଗୁଣ୍ଡୁଚିମୂଷା ଶିକାର କରିଥିବା ଜଣେ ଶିକାରୀଙ୍କୁ ମଧ୍ୟ ଗିରଫ କରାଯାଇଥିଲା। କ୍ରମାଗତ କାର୍ଯ୍ୟାନୁଷ୍ଠାନ ଫଳରେ ସଂଗଠିତ ଶିକାରୀ ଚକ୍ରର ନେଟୱାର୍କ ଦୁର୍ବଳ ହେଉଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଟାଇଗର ରିଜର୍ଭର ଉପ-ନିର୍ଦ୍ଦେଶକ ବରୁଣ ଜୈନ କହିଛନ୍ତି, ଲଗାତାର କଡ଼ା ଅଭିଯାନ ଯୋଗୁଁ ବନ୍ୟଜନ୍ତୁ କରିଡର ଦେଇ ବାଘଙ୍କ ଅବାଧ ଗତିବିଧି ବୃଦ୍ଧି ପାଉଥିବାର ପ୍ରମାଣ ମିଳୁଛି, ଯାହା ବନ୍ୟଜନ୍ତୁ ସଂରକ୍ଷଣ ଦିଗରେ ଏକ ସକାରାତ୍ମକ ସଙ୍କେତ। ବନବିଭାଗ ସୂଚନା ଦେଇଛି ଯେ ଗଡ଼ଚିରୋଲି ଇନ୍ଦ୍ରାବତୀ ଅବୁଝମାଡ଼ ଉଦନ୍ତୀ ସୀତାନଦୀ ସୁନାବେଡ଼ା ବନ୍ୟଜନ୍ତୁ କରିଡରର ସୁରକ୍ଷା ଓ ପୁନରୁଦ୍ଧାର ମଧ୍ୟ ଭାରତରେ ବାଘ ସମେତ ଦୁର୍ଲଭ ବନ୍ୟପ୍ରାଣୀଙ୍କ ସୁରକ୍ଷିତ ବିଚରଣ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉପରୋକ୍ତ ସୂଚନା ଛତିଶଗଡ଼ ବନ ବିଭାଗ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।



### ଗେରୁଆ ଟୋପି ପିନ୍ଧିଲେ ବିଜେଡିରୁ ନିଲମ୍ବିତ ଶଶି-ସୁବାସିନୀ

## ଘରେ ପଶୁପଶୁ ମୁଣ୍ଡରେ ଚାଳ, ବାଣ ମାରିଲେ ପଦ୍ମଲୋଚନ

ବାଲେଶ୍ୱର,୨।୭ (ସମିସ): ଗୋଳିଆ ହେଉଛି ବାଲେଶ୍ୱର ପଦ୍ମ ପୋଖରୀ । ବାଲେଶ୍ୱର ଜିଲ୍ଲାରେ ଦଳ ଡିଆଁ ନେତାଙ୍କ ସଂଖ୍ୟା ଯେତେ ବଢୁଛି, ପୁରୁଖା ବିଜେପି ନେତାଙ୍କୁ ସେତେ ଭୋଲ୍ଟର ଝଟକା ଲାଗୁଛି। ଏବେ ଖଇରା ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଦଳ ଡିଆଁ ରାଜନୀତିକୁ ନେଇ ଗାଁ ଗଣ୍ଡାରେ ତୁମ୍ବି ତୋଫାନ ସୃଷ୍ଟି ହେବାକୁ ଯାଉଛି। ବିଜେଡିରୁ ନିଲମ୍ବିତ ବିଜେଡି ନେତା ଶଶି କୁମାର ସାହୁ ଓ ତାଙ୍କ ଧର୍ମପତ୍ନୀ ସୁବାସିନୀ ସାହୁ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜେପିରେ ସାମିଲ ହୋଇଛନ୍ତି। ମାତ୍ର ବିଜେପି ଶିବିରରେ ପଶୁପଶୁ ଦୁଇ ନେତାଙ୍କ ମୁଣ୍ଡରେ ବାଜିଛି ଚାଳ । ସେମାନଙ୍କ ମିଶ୍ରଣକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା। ଜମି ଓ ଖଣି କାରବାର ସୁରକ୍ଷା ପାଇଁ ଦୁହେଁ ବିଜେପିରେ ଯୋଗ ଦେଇଥିବା ଶ୍ରୀ ପଣ୍ଡା କଟାକ୍ଷ କରିଛନ୍ତି।

ବିଧାୟକ ଶ୍ରୀ ପଣ୍ଡା କହିଛନ୍ତି ଯେ ତାଙ୍କ ଅଗୋଚରରେ ଶଶିଙ୍କୁ ଦଳରେ ମିଶାଯାଇଛି । କୁପାରୀ ଅଞ୍ଚଳ ଥିବା ପଥର ଖଣି ଓ ଜମି କାରବାରକୁ ସୁରକ୍ଷା ଦେବାକୁ ଶଶି ବିଜେପି ଶିବିରକୁ ଆସିଛନ୍ତି ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଜିଲ୍ଲା ସଭାପତି, ସ୍ଥାନୀୟ ନେତୃ ମଣ୍ଡଳୀ କିମ୍ବା ସ୍ଥାନୀୟ ବିଧାୟକଙ୍କୁ ଅନ୍ଧାରରେ ରଖି ଶଶିକୁ ଦଳକୁ ଆଣି ସଂଗଠନରେ ବିଶୃଙ୍ଖଳା ବଢ଼ାଯାଉଛି ବୋଲି ସେ କହିଛନ୍ତି। ଗତ ସାଧାରଣ ନିର୍ବାଚନରେ ବିଜେଡିରୁ ସିମୁଳିଆ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ସୁବାସିନୀ ସାହୁ ପ୍ରାର୍ଥୀ ହୋଇଥିଲେ। ପଦ୍ମଲୋଚନଙ୍କ ଠାରୁ ହାରିବା ପରେ ପୁଣି ସେ ବିଜେପି ଶିବିରରେ ପ୍ରବେଶ ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଆଗକୁ ପଞ୍ଚାୟତ ନିର୍ବାଚନ ଥିବା ବେଳେ ପଦ୍ମଲୋଚନଙ୍କୁ ନିଷ୍କ୍ରିୟ କରିବାକୁ ରାଜ୍ୟ ବିଜେପି ନେତୃତ୍ୱଙ୍କ ଏହା ଏକ ଚାଲ ବୋଲି କର୍ମୀ ମହଲରେ ଚର୍ଚ୍ଚା ହେଉଛି । ଶଶି ବିଜେଡ଼ିରୁ ନିଲମ୍ବିତ ହେବା ପରେ ଜ୍ୟୋତିଙ୍କ ଉପରେ ବିଜେଡ଼ି ନେତୃତ୍ୱ ଅଧିକ ଭରସା କରି ତାଙ୍କୁ ଜିଲ୍ଲା ସଭାପତି ଦାୟିତ୍ୱ ଦେଇଛି। ବିଜେଡ଼ି ଶିବିର ଏକ ପ୍ରକାର ଶୃଙ୍ଖଳିତ ହେବାକୁ ଯାଉଥିବା ବେଳେ ବିଜେପିରେ ଆଗକୁ ପଦ୍ମଲୋଚନ ଓ ଶଶିଙ୍କ ସମାନ୍ତରାଳ ସଂଗଠନ ଦଳକୁ କେତେଟା ଫାଇଦା ପହଂଚାଇବ ତାହା ଜଳ ଜଳ ହୋଇ ବୁଝାପଡୁଛି ।

ବିଧାୟକ ଶ୍ରୀ ପଣ୍ଡା କହିଛନ୍ତି ଯେ ବିଜେପିରେ କିଏ ମିଶିଛି ମୁଁ ଜାଣିନାହିଁ। ତାଙ୍କୁ ରାଜ୍ୟ ସଭାପତି ମିଶାଇଛନ୍ତି, ମୋତେ ଜଣାଇନାହାନ୍ତି କି ଡକାଇ ନାହାନ୍ତି। ଆମ ଅଞ୍ଚଳର ଲୋକ କେହି ଯାଇନଥିଲେ। ସେ ଖଣି ଖାଦାନରୁ ମୂଳିଆଙ୍କୁ ନେଇ ଦଳରେ ମିଶିଛି । ଶଶି ପାଖରେ ଖଣି ଅଛି ମଣି ଅଛି। ଭୁବନେଶ୍ୱରରେ ତାଙ୍କର ୨୦୦-୪୦୦ ଏକର ଜମି ଅଛି। ସେ ଜଣେ ସାଇବେରିଆନ ପକ୍ଷୀ। ତାଙ୍କ ଘର ସୋର ଅଞ୍ଚଳରେ, ଖଇରା କି ସିମୁଳିଆରେ ତାଙ୍କ ଘର ନାହିଁ। ସେ ବିଜେପିରେ ଥିଲା, ଧୋକା ଖାଇ ବିଜେଡି ଗଲେ, ଏବେ ପୁଣି ବିଜେଡିରେ ଧୋକା ଖାଇ ବିଜେପି ଆସିଛନ୍ତି। ସେ ଆସିବା ଦ୍ୱାରା ମୁଁ ଆଦୌ ଚିନ୍ତିତ ନୁହଁ ବୋଲି ସିଧାସଳଖ କହିଛନ୍ତି।

**'ଖଣି ଓ ଜମି କାରବାର ସୁରକ୍ଷା ପାଇଁ ବିଜେପିରେ ଯୋଗଦାନ'**

**ନୂଆପଡ଼ାରେ ଚାଷୀ ଆତ୍ମହତ୍ୟା ଘଟଣା**

## ନେପାଳ ମାଝୀଙ୍କ ଘରୁ ତଥ୍ୟ ସଂଗ୍ରହକଲା ବିଜେଡି ଅନୁଧ୍ୟାନକାରୀ ଦଳ

ନୂଆପଡ଼ା/ସିନାପାଲି,୨।୭(ସମିସ): ନୂଆପଡ଼ା ଜିଲ୍ଲାରେ ଚାଷୀଙ୍କ ଧାନ ବିକ୍ରି ନ ହେବା ଯୋଗୁଁ ନେପାଳ ମାଝୀ ନାମକ ଚାଷୀ ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ରାଜ୍ୟରେ ଜୋରଦାର ଚର୍ଚ୍ଚା ହେବା ସହ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ଓ ମଣ୍ଡିରେ ଅବ୍ୟବସ୍ଥା ସାଙ୍ଗକୁ ସ୍ଥାନୀୟ ପ୍ରଶାସନର ଅପାରଗତା ଯୋଗୁଁ ଚାଷୀ ଆତ୍ମହତ୍ୟା କରିଥିବା ବିଜେଡି ଅଭିଯୋଗ କରିଛି। ଆଜି ବିଜେଡ଼ିର ତଥ୍ୟ ସଂଗ୍ରହକାରୀ ଟିମ୍ ଜଡ଼ାମୁଡ଼ା ଗାଁ ସ୍ଥିତ ମୃତ ଚାଷୀଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ। ପ୍ରକାଶ ଥାଉକି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ପୂର୍ବତନ ଯୋଗାଣ ମନ୍ତ୍ରୀ ସଞ୍ଜୟ ଦାସ ବର୍ମାଙ୍କ ନେତୃତ୍ୱରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ବିଜେଡି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀ, ରାଜ୍ୟ ସମ୍ପାଦକ ରାଜେଶ ନିଗମ, ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଉପାଧ୍ୟକ୍ଷା ଦୀପିକା ଦୀପ, ମହିଳା ଜିଲ୍ଲା ସଭାପତି ସଂତୋସିନି ସଲମା, ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ମୁରଲୀ ଭୋଇ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା,ଜିଲ୍ଲା ସାଧାରଣ ସମ୍ପାଦକ ହେମନ୍ତ କର, ସାଧାରଣ ସମ୍ପାଦକ କାର୍ତ୍ତିକ ଦୀପ, ବିଜେଡ଼ି ଯୁବ ଜିଲ୍ଲା ସଭାପତି ମନୋଜ ଦୀପ, ପୂର୍ବତନ ଯୁବ ସଭାପତି ହରିଶ୍ଚନ୍ଦ୍ର ପଣ୍ଡା,ଟିଙ୍କୁ ପଣ୍ଡା, ଉମେଶ ସହିସ୍, ନୂଆପଡା ବ୍ଲକ ସଭାପତି ତୁରନ ସିଂ ମାଝୀ, କୋମନା ବ୍ଲକ ସଭାପତି କ୍ଷମା ସିଂ ନୀଆଲ, ଛାତ୍ର ରାଜ୍ୟ ସାଧାରଣ ସମ୍ପାଦକ ମାନସ ବାଗ୍, ଯୋଗେନ୍ଦ୍ର ମାଝୀ, ଯୋଗେନ୍ଦ୍ର ପାଣ୍ଡେ, ଖରୀଆର ରୋଡ୍ ଏନ୍‌ଏସି ସଭାପତି ଅନୁପ ଦୀପ, ଖଡିଆଳ ବ୍ଲକ ସଭାପତି ହୀରାଧର ମେହେର, ସରସ୍ୱତୀ ବାଗ, ତନ୍ମୟ ବାଗ,ଜଡ଼ାମୁଣ୍ଡା ସରପଞ୍ଚ ସୁରୁସିଂ ମାଝୀ ଟିମ୍‌ରେ ସାମିଲ୍ ଥିଲେ। ସବିଶେଷ ତଥ୍ୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ ବୋଲି ବିଜେଡିର ଏହି ସ୍ୱତନ୍ତ୍ର ପ୍ରତିନିଧି ଦଳ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଜିଲ୍ଲାରେ ମଣ୍ଡିର ଅବ୍ୟବସ୍ଥାକୁ ନେଇ ବିଜେଡି ନେତା ସଞ୍ଜୟ ଦାସ ବର୍ମା ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ ଉଠାଇ ଥିଲେ। ଏହାପରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ସାକ୍ଷାତକରି ମଣ୍ଡିର ଅବ୍ୟବସ୍ଥାକୁ ନେଇ ଆଲୋଚନା କରିଥିଲେ। ଶ୍ରୀ ବର୍ମା କହିଥିଲେ ଧାନକିଣା ପ୍ରସଙ୍ଗରେ ସରକାର ବିଫଳ ହୋଇଛନ୍ତି। । ମଣ୍ଡିର ବ୍ୟବସ୍ଥା ଠିକ୍ ନାହିଁ, ଏହି ସରକାର ଚାଷୀଙ୍କ ହିତ ପାଇଁ ନାହାନ୍ତି ବୋଲି କହିଥିଲେ। ଜିଲ୍ଲାପାଳଙ୍କ କହିବା ଅନୁଯାୟୀ ଏହି ୩ ତାରିଖ ସୁଦ୍ଧା ଚାଷୀଙ୍କ ଆଇସ୍କେନ୍ କରାଯିବ, ଏହାପରେ ଆମେ ସମସ୍ତ ଧାନ ଉଠାଇବା ବୋଲି କହିଥିବା କହିଛନ୍ତି ଶ୍ରୀ ବର୍ମା। ସାମ୍ବାଦିକ ସମ୍ମିଳନୀରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଡଲିମାଝୀ, ଜିଲ୍ଲା ସଭାପତି ଅବନୀରଞ୍ଜନ ଯୋଶୀ, ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଭ୍ୟ ଭାନୁ ପ୍ରତାପ ମାଝୀ, କାର୍ତ୍ତିକ ଦୀପ, ମନୋଜ ମିଶ୍ର, ସୁବାସ ପଣ୍ଡା, ହେମନ୍ତ କର, ତୁରନ୍ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।




SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2026-27/02**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2026 କଟ୍ ଅଫ୍) |
|---|---|---|---|
| ସହାୟକ ପରିଚାଳକ (ଆଇନ) | ଜେଏମଜିଏସ୍-I | 20 | 30 ବର୍ଷ |
| ଉପ ପରିଚାଳକ (ଆଇନ) | ଏମ୍ଏମ୍‌ଜିଏସ୍-II | 27 (ନିୟମିତ) ଏବଂ 02 (ବ୍ୟାକଲଗ୍) | 35 ବର୍ଷ |
| **ବିଜ୍ଞାପନ ସଂ. CRPD/SCO/2026-27/03** | | | |
| ବ୍ୟାଙ୍କ ଚିକିତ୍ସା ଅଧିକାରୀ | ଏମ୍ଏମ୍‌ଜିଏସ୍-II | 35 | 35 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi.in/web/careers/post-your-query)**ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 24.06.2026 ରୁ 14.07.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 24.06.2026

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥଯାତ୍ରା

# ଅଣସରରେ ତିନିଠାକୁର, ପୂଜା ପାଉଛନ୍ତି ପଟିଦିଅଁ

ବାରିପଦା, ୨।୭ (ସମିସ)



ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉ ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କ ଅଣସର ନୀତି ଆରମ୍ଭ ପାଇଁ ୧୪ ଦିନ ମହାପ୍ରଭୁଙ୍କ ନିତ୍ୟାନି ପୂଜା ବନ୍ଦ ରହିଛି। ତାଙ୍କ ସ୍ଥାନରେ ଜୟବିଜୟ ଦ୍ୱାର ମୁହଁରେ ଚିତ୍ରକରଙ୍କ ଘରୁ ଅଣାଯାଇଥିବା ପଟି ଦିଅଁଙ୍କ ପୂଜା ନୀତି ଚାଲିଛି। ଶ୍ରୀବଳଭଦ୍ରଙ୍କ ସ୍ଥାନରେ ବାସୁଦେବ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ଭୁବନେଶ୍ୱରୀ ଓ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ନାରାୟଣ ପଟିଦିଅଁଙ୍କଠାରେ ସକାଳ ଧୂପ, ଦ୍ୱିପ୍ରହର ଧୂପ, ସନ୍ଧ୍ୟା ଆରତୀ ଓ ରାତ୍ରି ଧୂପ ଚାଲିଛି। ଏଥିସହିତ ଉଖୁଡା ଓ ମିଠେଇ ସହ ବିଭିନ୍ନ ଫଳ, ଦ୍ୱିପ୍ରହରରେ ଅନ୍ନ ଡାଲି ବ୍ୟଞ୍ଜନ ଆଦି ପ୍ରସାଦ ଲାଗୁଛି। ଅଣସରରେ ଥିବା ଠାକୁରଙ୍କଠାରେ ପାଲୁଅ, ସଲା, ଗଜା ମୁଗ, ଦହି, ଛେନାର କାଠି, ମୋହନ ଭୋଗ ଲାଗୁଛି। ବିଶ୍ରାମରେ ଥିବା ଅସୁସ୍ଥ ଠାକୁରଙ୍କ ଯେପରି କୌଣସି ବ୍ୟାଘାତ ସୃଷ୍ଟି ନ ହୁଏ ସେଥିଲାଗି ଭୋଗ ସମୟରେ ଘଣ୍ଟି ବାଜୁ ନାହିଁ। ସୋମବାର ଅନୁଷ୍ଠିତ ସ୍ନାନ ପୂର୍ଣ୍ଣିମା ରାତି ପ୍ରାୟ ୧୨ଟା ସମୟରେ ସମସ୍ତ ଠା' ନୀତି ସମ୍ପନ୍ନ ହେବା ପରେ ମଙ୍ଗଳ ଆରତୀ ହୋଇ ତିନି ଠାକୁରଙ୍କ ଗଜ ବେଶ ହୋଇଥିଲା । ଏହାପରେ ତିନି ଠାକୁରଙ୍କୁ ଅଣସର ପିଣ୍ଡିକୁ ଗୋଟି ପହଣ୍ଡିରେ ବିଜେ କରାଯାଇଥିଲା। ପ୍ରଭୁଙ୍କ ନିକଟରେ ଲକ୍ଷ୍ମୀ ଠାକୁରାଣୀଙ୍କ ଅଭିମାନଭରା ଗୀତ ଗୋବିନ୍ଦ ପାଠ କରାଯାଇଥିଲା ଓ କର୍ପୁର ଆଳତୀ ହୋଇ ଅନନ୍ତ ବାସୁଦେବଙ୍କ ସମ୍ମୁଖରେ ଦହିଭେଟ ଦିଆଯିବା ପରେ ଅଣସର ନୀତି ଆରମ୍ଭ ସହ ମନ୍ଦିରର ମୁଖ୍ୟ ପ୍ରବେଶ ସିଂହଦ୍ୱାର କବାଟ ବନ୍ଦ ହେବା ବେଳକୁ ମଧ୍ୟରାତ୍ର ଦୁଇଟା ସମୟ ହୋଇଯାଇଥିଲା। ତିନି ଠାକୁର ଅଣସରରେ ରହୁଥିବାରୁ ୧୪ ଦିନ ଦେବଦର୍ଶନ ବନ୍ଦ ରହୁଥିବାରୁ ପଟି ଦିଅଁଙ୍କ ପୂଜା ପାଇଁ ଚିତ୍ରକରଙ୍କ ଘରୁ ହାତୀ ଦ୍ୱାର ଦେଇ ତିନି ଦିଅଁଙ୍କୁ ଅଣାଯାଇ ପ୍ରତିଷ୍ଠା କରାଯାଇ ପୂଜା ଆରମ୍ଭ ହୋଇଛି। ଶ୍ରଦ୍ଧାଳୁ ହାତୀ ଦ୍ୱାର ଦେଇ ପ୍ରବେଶ କରୁଛନ୍ତି।

## ରଥଖଳାରେ ମହାବେଦୀର ନାହିକା ଉତ୍ତୋଳନ ପାଇଁ ପୂଜାର୍ଚ୍ଚନା

**ବାରିପଦା:** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ରଥଖଳାରେ ମହାବେଦୀର ନାହିକା ଉତ୍ତୋଳନ ପାଇଁ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ନୀତି ସମ୍ପନ୍ନ ହେବା ପରେ ମନ୍ଦିର ପରିଛା ଆଜ୍ଞାମାଳ ଜଗନ୍ନାଥ ମହାପ୍ରଭୁଙ୍କ ପାଖରୁ ପାଇବା ପରେ ପାଳିଆ ପୂଜା ପଣ୍ଡା ପହଣ୍ଡିରେ ବିଶ୍ୱକର୍ମା ଠାକୁର ଓ ତାଙ୍କର ଗଜଦଣ୍ଡ ସଙ୍ଗରେ ନେଇ ରଥଖଳାକୁ ଯାଇଥିଲେ। ମନ୍ଦିରର ପରିଛା ଯିବା ବାଟରେ ସୁବାସିତ ଚନ୍ଦନ ଜଳ ସିଞ୍ଚନ କରିଥିଲେ। ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ମହାବେଦୀ ପୂଜା ପରେ ନାହିକା ଉପରକୁ ଉଠାଯାଇଥିଲା। ଏଥିରେ ରଥ ମହାପାତ୍ର, ରଥ ମିସ୍ତ୍ରୀ, ରଥ ମହାରଣା ଓ ସେବକ ମାନେ ମହାବେଦୀ ନାହିକା ଉତ୍ତୋଳନରେ ସହଯୋଗ କରିଥିଲେ। ଏହିପରି ପ୍ରଭୁ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ମହାବେଦୀର ପୂଜା ହୋଇ ନାହିକା ଉତ୍ତୋଳନ କରାଯାଇଥିଲା। ପରେ ବିଶ୍ୱକର୍ମା ଠାକୁର ତାଙ୍କର ଗଜଦଣ୍ଡ ନେଇ ମନ୍ଦିରକୁ ବାହୁଡି ଥିଲେ। ଏହି ଉତ୍ସବରେ ଭକ୍ତଙ୍କ ସହ ମନ୍ଦିରର ସେବାୟତ ସାମିଲ ଥିଲେ। ଏଥିସହିତ ସାନଜଗନ୍ନାଥ ମନ୍ଦିର ରଥର ମହାବେଦୀର ନାହିକା ଉତ୍ତୋଳନ ହୋଇ ପୂଜାର୍ଚ୍ଚନା ମଧ୍ୟ ସଂପନ୍ନ ହୋଇଛି। ଉଲ୍ଲେଖ ଯୋଗ୍ୟ ଯେ ପ୍ରତ୍ୟେକ ରଥର ମହାବେଦୀର ଚାରିକୋଣର କାଠ ଖମ୍ବକୁ ନାହିକା କୁହାଯାଇଥାଏ ଏବଂ ଏହି ନାହିକା ଉତ୍ତୋଳନ ପାଇଁ ରହିଥିବା ସ୍ୱତନ୍ତ୍ର ପୂଜାର୍ଚ୍ଚନାର ପରମ୍ପରା ରଥ ନିର୍ମାଣର ଏକ ବିଶେଷ ବିଧି ରହିଛି।



## ହିଡ଼ରୁ ଖସିପଡ଼ି ଚାଷୀଙ୍କ ମୃତ୍ୟୁ

**କୁଆମରା,୨।୭ (ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ବାଲିମୁଣ୍ଡୁଳି ଗ୍ରାମର ଜଣେ ଚାଷୀ ଆଜି ବିଲକୁ ଯାଉଥିବାବେଳେ ହିଡରୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ମନୋରଞ୍ଜନ ମୁର୍ମୁ (୬୫)। ଆଜି ସକାଳେ ମନୋରଞ୍ଜନ ବିଲକୁ କାମ କରିବାକୁ ଯାଉଥିଲେ। ଚାଷଜମିରେ ପହଞ୍ଚିବାକୁ କିଛି ଦୂର ଥିବାବେଳେ ହିଡ ତଳକୁ ଖସି ପଡିଥିଲେ ଓ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦା ଡାକ୍ତରଖାନା ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ତଦନ୍ତକାରୀ ଅଫିସର ଏଏସ୍ଆଇ ରତିକାନ୍ତ ଦାସ କହିଛନ୍ତି।

## ଗୌଡ଼ଗାଁରୁ ଦିନ ଦ୍ୱିପ୍ରହରରେ ଚୋରି

**କୁଆମରା,୨।୭ (ସମିସ):** ଖୁଣ୍ଟା ଥାନା ଅଞ୍ଚଳରେ କିଛି ମାସ ବ୍ୟବଧାନ ପରେ ପୁଣି ଚୋରି ହୋଇଛି। ବାସିପିଠାସ୍ଥ ଗୌଡ଼ଗାଁ ଗ୍ରାମର ଡମ୍ବରୁଧର ମହାନ୍ତଙ୍କ ଘରେ ଦିନ ଦ୍ୱିପହରରେ ଘରେ କେହି ନ ଥିବାବେଳେ ଦୁର୍ବୃତ୍ତ ତାଲା ଭାଙ୍ଗି ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ମାମଲା ରୁଜୁ ହେବା ସହ ତଦନ୍ତ ଚାଲିଥିବା ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି କହିଛନ୍ତି।

## ଜାତୀୟ ଆଦିବାସୀ ନେତୃତ୍ୱ କାର୍ଯ୍ୟକ୍ରମରେ ଚମକିଲେ ଚନ୍ଦ୍ରାବତୀ



**ବାରିପଦା,୨।୭ (ସମିସ):** ବେଙ୍ଗାଲୁରସ୍ଥ ଦି ସ୍କୁଲ ଅଫ୍ ଆନ୍ସିଏଣ୍ଟ ୱିଜଡମଠାରେ ଆୟୋଜିତ ଟ୍ରାଇବାଲ ଲିଡରସିପ ପ୍ରୋଗ୍ରାମ (ଟିଏଲପି) ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଜାତୀୟ କାର୍ଯ୍ୟକ୍ରମରେ ଦେଶର ୨୫ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳର ୫୬ଟି ଆଦିବାସୀ ସମ୍ପ୍ରଦାୟର ୯୬ ଜଣ ଯୁବ ପ୍ରତିନିଧି ଅଂଶଗ୍ରହଣ କରି ନେତୃତ୍ୱ ବିକାଶ, ସମୁଦାୟର ଉନ୍ନତି ଓ ସାଂସ୍କୃତିକ ସଂରକ୍ଷଣ ସମ୍ପର୍କିତ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଓ ମତବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଅନ୍ତର୍ଗତ କୁଚେଇପାଳ ଗ୍ରାମର କାହ୍ନୁଚରଣ କଣ୍ଡାଂକେଲଙ୍କ ଝିଅ ତଥା ହୋ ସମ୍ପ୍ରଦାୟର ଯୁବ ଗାୟିକା ଚନ୍ଦ୍ରାବତୀ କଣ୍ଡାଂକେଲ ହୋ ସମ୍ପ୍ରଦାୟର ପ୍ରତିନିଧି ଭାବେ ଯୋଗଦେଇଥିଲେ। ସେ ଆଦିବାସୀ ଭାଷା, କଳା, ପରମ୍ପରା ଓ ସଂସ୍କୃତିର ସଂରକ୍ଷଣ, ପୁନରୁଜ୍ଜୀବନ ଓ ପ୍ରଚାର ପ୍ରସାରର ଆବଶ୍ୟକତା ସମ୍ପର୍କରେ ନିଜ ମତ ଓ ଅନୁଭୂତି ଉପସ୍ଥାପନ କରି ସମସ୍ତଙ୍କ ମନ ଜିଣିଥିଲେ। ଓଡ଼ିଶାରୁ ହୋ, ଡିଡାଇ, ସାନ୍ତାଳୀ, କିଷାନ, ଜୁଆଙ୍ଗ ଓ କୋଟିଆ ସମ୍ପ୍ରଦାୟର ଯୁବ ପ୍ରତିନିଧି ମଧ୍ୟ ଏହି ଜାତୀୟ ନେତୃତ୍ୱ କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜ ନିଜ ସମ୍ପ୍ରଦାୟର ଭାଷା, ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ସମ୍ପର୍କରେ ମତବିନିମୟ କରିଥିଲେ। ଚନ୍ଦ୍ରାବତୀ କଣ୍ଡାଂକେଲ ୨୦୧୯ରୁ ଆରମ୍ଭ କରି ବର୍ତ୍ତମାନ ସୁଦ୍ଧା ୨୦ରୁ ଅଧିକ ହୋ ଭାଷାରେ ପାରମ୍ପରିକ ଓ ଆଧୁନିକ ଗୀତ ଗାଇବା ସହ ଓଡ଼ିଶାର ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରେ ୭୦ରୁ ଅଧିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରିଛନ୍ତି। ଏଥିସହିତ ସେ ହଜିଯାଉଥିବା ହୋ ଲୋକ ସମୁଦାୟର ଲୋକଗୀତର ସଂରକ୍ଷଣ ଓ ଦସ୍ତାବିଜୀକରଣ ପାଇଁ ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୬୦ରୁ ଅଧିକ 'ହୋ' ଲୋକଗୀତ ସଂଗ୍ରହ କରିସାରିଛନ୍ତି, ଯାହା ହୋ ଭାଷା ଓ ଲୋକ ସଂସ୍କୃତିର ସଂରକ୍ଷଣ ଦିଗରେ ଏକ ଉଲ୍ଲେଖନୀୟ ଅବଦାନ। ଟ୍ରାଇବାଲ ଲିଡରସିପ ପ୍ରୋଗ୍ରାମରେ ଆଦିବାସୀ ସମୁଦାୟର ସର୍ବାଙ୍ଗୀଣ ବିକାଶ, ଜଳ, ଜଙ୍ଗଲ ଓ ଜମିର ଅଧିକାର, ମାତୃଭାଷାର ସଂରକ୍ଷଣ, ସାଂସ୍କୃତିକ ଐତିହ୍ୟର ସୁରକ୍ଷା, ରୋଜଗାର ସୃଷ୍ଟି, ଯୁବ ନେତୃତ୍ୱ ବିକାଶ ଓ ସାମାଜିକ ପରିବର୍ତ୍ତନ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ବିଶେଷଜ୍ଞଙ୍କ ଦ୍ୱାରା ଆଲୋଚନା, ପ୍ରଶିକ୍ଷଣ ଓ ମତବିନିମୟ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ସଂଯୋଜକ ଭାବେ ଗଣେଶ ବିରୁଆ ଥିଲେ। ଓଡ଼ିଶାରୁ ୧୩ ଜଣ ଯୁବ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏହି ଜାତୀୟ କାର୍ଯ୍ୟକ୍ରମରେ ଚନ୍ଦ୍ରାବତୀ କଣ୍ଡାଂକେଲଙ୍କ ଅଂଶଗ୍ରହଣ ହୋ ସମ୍ପ୍ରଦାୟର ଭାଷା, ଲୋକସଙ୍ଗୀତ ଓ ସାଂସ୍କୃତିକ ଐତିହ୍ୟକୁ ଜାତୀୟ ସ୍ତରରେ ପରିଚିତ କରାଇବା ସହ ଆଦିବାସୀ ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ ଓ ସାଂସ୍କୃତିକ ସଂରକ୍ଷଣ ପ୍ରତି ନୂତନ ପ୍ରେରଣା ସୃଷ୍ଟି କରିଛି।

**ହୋ ସମ୍ପ୍ରଦାୟର ଯୁବ ଗାୟିକାଙ୍କୁ ପ୍ରଶଂସାର ସୁଅ**

## ଦ୍ୱିତୀୟ ଦିନରେ ଓମ୍‌ସାର ଆନ୍ଦୋଳନ



**ବାରିପଦା, ୨।୭ (ସମିସ):** ଓଡ଼ିଶା ମେଡିକାଲ ସେବା ସଂଘ (ଓମସା) ପକ୍ଷରୁ ୧୦ ଦଫା ଦାବି ନେଇ ଆରମ୍ଭ ହୋଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଡାକ୍ତରଙ୍କ ଏହି ଆନ୍ଦୋଳନ ଯୋଗୁଁ ଜିଲ୍ଲା ତଥା ଆଖପାଖ ଅଞ୍ଚଳର ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ରୋଗୀଙ୍କୁ ଜରୁରିକାଳୀନ ସେବା ଯୋଗାଇବା ପାଇଁ ବର୍ତ୍ତମାନ ଆୟୁଷ ଡାକ୍ତରଙ୍କ ଦ୍ୱାରା ଓପିଡି ସହ ଅନ୍ୟାନ୍ୟ ଚିକିତ୍ସା ସେବା ଜାରି ରଖାଯାଇଛି। ଆନ୍ଦୋଳନ ସମ୍ପର୍କରେ ଓମସା ଜିଲ୍ଲା ସମ୍ପାଦକ ଡାକ୍ତର ସୌମ୍ୟରଞ୍ଜନ ନାୟକ କହିଛନ୍ତି, ଆମେ ଆମର ମୌଳିକ ଅଧିକାର ପାଇଁ ଏହି ଲଢେଇ କରୁଛୁ। ସରକାର ଆମର ସମସ୍ତ ସମସ୍ୟା ଓ ଦାବି ବିଷୟରେ ଅବଗତ ଥିଲେ ସୁଦ୍ଧା କାହିଁକି ଏହାକୁ ପୂରଣ କରୁନାହାନ୍ତି କିମ୍ବା ଆଲୋଚନା ପାଇଁ ଡାକୁନାହାଁନ୍ତି, ତାହା ଆମକୁ ଆଶ୍ଚର୍ଯ୍ୟ କରୁଛି। ଆନ୍ଦୋଳନ ଯୋଗୁଁ ରୋଗୀ ସେବା ବ୍ୟାହତ ହେଉଥିବାରୁ ଆମେ ଦୁଃଖିତ, ମାତ୍ର ସରକାର ଦାବି ମାନିନେବା ମାତ୍ରେ ଆମେ ବିନା ବିଳମ୍ବରେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାକୁ ପ୍ରସ୍ତୁତ ଅଛୁ। ଯଥାଶୀଘ୍ର ସରକାର ଏହି ଦାବିଗୁଡ଼ିକ ଉପରେ ବିଚାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଜିଲ୍ଲା ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ଆନ୍ଦୋଳନରତ ଡାକ୍ତରଙ୍କ ଧାରଣାସ୍ଥଳରେ ପହଞ୍ଚି ଦାବିକୁ ଯଥାର୍ଥ ଦର୍ଶାଇଛନ୍ତି। ଆନ୍ଦୋଳନ ଦୁଇଦିନରେ ପହଞ୍ଚି ଥିବାବେଳେ ସରକାର ତୁରନ୍ତ ଆଲୋଚନା ପୂର୍ବକ ସମସ୍ୟାର ସମାଧାନ କରିବା ଜରୁରୀ ବୋଲି ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଡା ଦେବାଶିଷ ମାରାଣ୍ଡି, ଜିତେନ୍ଦ୍ର ମହାନ୍ତି, ସୁନୀଲ ନାୟକ, ଦୀପକ ମତୁଆଳ ଓ ଅନ୍ୟ ନେତୃବୃନ୍ଦ ସାମିଲ ଥିଲେ।

- ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
- ଆୟୁଷ ଡାକ୍ତରଙ୍କ ଭରସାରେ ଓପିଡି
- ପହଞ୍ଚିଲା ବିଜେଡି ଟିମ୍

## ନୂତନ ଏସ୍‌ପିଙ୍କ ବିଶୋଇ ଥାନା ଗସ୍ତ ▸ ସେବା ମନୋବୃତ୍ତି ରଖି କାମ କରିବାକୁ ଆହ୍ୱାନ

**ବିଶୋଇ,୨।୭ (ସମିସ):** ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲା ଗଠନ ହେବା ପରେ ଏହି ପୁଲିସ ଜିଲ୍ଲାର ପ୍ରଥମ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର ମଙ୍ଗଳବାର ରାତିରେ ବିଶୋଇ ଥାନାକୁ ଗସ୍ତ କରିଛନ୍ତି। ଶ୍ରୀ ପାତ୍ର ବିଶୋଇ ଥାନାରେ ପହଞ୍ଚିବା ପରେ ବିଶୋଇ ଥାନା ଅଧିକାରୀ ଶରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏସ୍ଆଇ ଘନଶ୍ୟାମ ମଲ୍ଲିକ, ଏସ୍ଆଇ ରଶ୍ମିତା ଦାସ, ଏସ୍ଆଇ କ୍ଷଣପ୍ରଭା ନାଏକ, ଏଏସ୍ଆଇ କାହ୍ନୁଚରଣ ମାଝୀ ସମେତ ଅନ୍ୟାନ୍ୟ ପଦାଧିକାରୀ ନୂତନ ଏସ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନୂତନ ପୁଲିସ ଜିଲ୍ଲା ଗଠନ ପରେ ନୂତନ କରି ଯୋଗଦାନ କରି ବିଶୋଇ ଥାନା ରିଜର୍ଭ ଗୃହରେ ଥିବା କନେଷ୍ଟବଳ ଓ ହାବିଲ୍‌ଦାରଙ୍କୁ ନେଇ ଗଠିତ ୨୨ ଜଣିଆ ପୁଲିସ ଫୋର୍ସକୁ ଏସ୍‌ପି ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଏସ୍‌ପି ନୂତନ ଭାବେ ଯୋଗଦେଇଥିବା ସମସ୍ତ ୨୨ କନେଷ୍ଟବଳ ଓ ହାବିଲ୍‌ଦାରଙ୍କୁ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନୂତନ ପୁଲିସ ଜିଲ୍ଲାରେ ଆଗମନ ଜଣେ କର୍ମଚାରୀଙ୍କ ଯୋଗଦାନ ନୁହେଁ, ବରଂ ଆଇନଶୃଙ୍ଖଳାକୁ ସୁଦୃଢ଼ କରିବା, ଜନସାଧାରଣଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇବା, ଶାନ୍ତିଶୃଙ୍ଖଳା ଓ ସୁରକ୍ଷାକୁ ମଜଭୁତ କରିବା ଦିଗରେ ଏହା ନୂତନ ପଦକ୍ଷେପ। ପୁଲିସ ବିଭାଗକୁ ନିଜ ପରିବାର ଭାବି ଏକତ୍ରିତ ହୋଇ କାମ କରି ପୁଲିସକୁ ନିଜର ବନ୍ଧୁ ବୋଲି ଲୋକଙ୍କ ମନରେ ବିଶ୍ୱାସ ଜନ୍ମେଇ ନିରନ୍ତର ସେବା ପ୍ରଦାନ କରିବା ପାଇଁ ଏସ୍‌ପି ନୂତନ ପୁଲିସ ଫୋର୍ସକୁ ପରାମର୍ଶ ଦେଇଥିଲେ। ସମସ୍ତେ ଦଳଗତ ଭାବେ କାର୍ଯ୍ୟକରି ଏହି ନୂତନ ପୁଲିସ୍ ଜିଲ୍ଲା ରାଜ୍ୟରେ ଏକ ଆଦର୍ଶ ପୁଲିସ ଜିଲ୍ଲାରେ ପରିଣତ କରିବା ପାଇଁ ସଂକଳ୍ପବଦ୍ଧ ହେବା ପାଇଁ ଏସ୍‌ପି ଆହ୍ୱାନ କରିଥିଲେ।



## ବିଦ୍ୟାଳୟରୁ ଚୋରି

**କୁଆମରା,୨।୭ (ସମିସ):** ମଙ୍ଗଳବାର ଦିନ ବାସିପିଠାରେ ଏକ ଘରୁ ଚୋରି ହୋଇଥିବାବେଳେ ପୁଣି ଦୁର୍ବୃତ୍ତ ବୁଧବାର ରାତିରେ ଏକ ବିଦ୍ୟାଳୟରୁ ଚୋରି କରିଛନ୍ତି। ଗୋପବନ୍ଧୁନଗର ବ୍ଲକ ଟିଟିଆ ପଞ୍ଚାୟତ ଭୁଡୁରୁକୁଲା ପ୍ରାଥମିକ ବିଦ୍ୟାଳୟର ତାଲା କାଟି ଅଫିସ ଗୃହ ମଧ୍ୟରେ ଥିବା ସିଲେଇ ମେସିନ, ମ୍ୟୁଜିକ ଯନ୍ତ୍ରପାତି, ତିନୋଟି ଫ୍ୟାନ, ଗୋଟିଏ ସାଇକଲ ସହ ଅନ୍ୟାନ୍ୟ ଜିନିଷ ଚୋରି କରି ନେଇଥିବାର ଜଣାପଡ଼ିଛି। ବିଦ୍ୟାଳୟ ଖୋଲିବା ପରେ ଚୋରି ହୋଇଥିବା ଜାଣି ଶିକ୍ଷୟିତ୍ରୀ ଦୁଲାରୀ ଟୁଡୁ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ ହେବା ସହ ପୁଲିସ ତଦନ୍ତ ଚଳାଇଛି।

## ବଦଳିଲା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ ଠିକଣା

**ବାରିପଦା, ୨।୭ (ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟର ଠିକଣା ବଦଳିଛି। ବର୍ତ୍ତମାନ ଏହା ପୁରୁଣା ୱେବ୍ ଠିକଣା ଏନଓୟୁ ଏନଆଇସି.ଇନ ପରିବର୍ତ୍ତେ ଏମଏସସିବିୟୁ ଏସି.ଇନରେ ଉପଲବ୍ଧ ହେବ। ଏଥିନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ବିଶ୍ୱବିଦ୍ୟାଳୟର ସମସ୍ତ ସୂଚନା ଓ ନୋଟିସ ପୁରୁଣା ୱେବ୍‌ସାଇଟ୍ ପରିବର୍ତ୍ତେ ନୂତନ ୱେବ୍‌ସାଇଟ୍ ଏଚ୍‌ଟିଟିପିଏସ୍:// ଏମ୍‌ଏସ୍‌ସିବିୟୁ ଏସି.ଇନରେ ଜନସାଧାରଣ ପାଇପାରିବେ। ନୂତନ ୱେବ୍‌ସାଇଟକୁ ପୂର୍ଣ୍ଣରୂପ ଦେବାର ପ୍ରଚେଷ୍ଟା ଆଗେଇ ଚାଲିଛି। ବିଶ୍ୱବିଦ୍ୟାଳୟର ୨୯ତମ ପ୍ରତିଷ୍ଠା ଦିବସ ଚଳିତ ମାସ ୧୩ ତାରିଖରେ ଏହାର ଆନୁଷ୍ଠାନିକ ଲୋକାର୍ପଣ ହେବାର କାର୍ଯ୍ୟକ୍ରମ ରହିଛି।

### ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ

## ବନ୍ଧୁକ, ଭୁଜାଲି ଦେଖାଇ ଆତଙ୍କ; ଜଣେ ଗିରଫ, ଦୁଇ ଫେରାର



ବେତନଟୀ,୨।୭ (ସମିସ): ବେତନଟୀ ଉପକଣ୍ଠ ତୁଳସୀଚଉରାଠାରେ ଥିବା ପେଟ୍ରୋଲ ପମ୍ପ ପାଖର୍ ଏକ ଢାବାରୁ ବୁଧବାର ଦିନ ମଦ ପିଇ ବାହାରୁଥିବା ଦୁଇଜଣ ଯୁବକଙ୍କ ସହିତ କୌଣସି କଥାକୁ ନେଇ ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ବଚସା ହୋଇଥିଲା। ସ୍ଥାନୀୟ ଯୁବକ ଉକ୍ତ ମଦ୍ୟପ ଯୁବକଙ୍କୁ ମାଡ଼ ମାରିଥିଲେ। ପରେ ଦୁଇ ଯୁବକ ସେଠାରୁ ପଳାଇ ଯାଇଥିଲେ। କିଛି ସମୟ ପରେ ସେମାନେ ଆଉ ଜଣେ ସହଯୋଗୀଙ୍କୁ ଡକାଇ ବନ୍ଧୁକ ଓ ଭୁଜାଲି ନେଇ ଆସିଥିଲେ ଓ ତାଙ୍କୁ ମାଡ଼ ମାରିଥିବା ଯୁବକଙ୍କୁ ଖୋଜିଥିଲେ। ନ ପାଇବାରୁ ବନ୍ଧୁକ ଓ ଖଣ୍ଡା ଦେଖାଇ ସ୍ଥାନୀୟ ଲୋକଙ୍କୁ ଡରାଇବାକୁ ଚେଷ୍ଟା କରୁଥିଲେ। ଲୋକେ ଏକତ୍ରିତ ହୋଇଆସିବାରୁ ୨ ଜଣ ଦୌଡ଼ି ପଳାଇଥିବାବେଳେ ଜଣେ ବିଲ ଭିତରେ ଲୁଚିଯାଇଥିଲା। ପୁଲିସ ପହଞ୍ଚି ତାକୁ ବିଲ ଭିତରେ ଥିବା ଏକ ବୁଦା ଭିତରୁ କାବୁ କରିଥିଲା। ଧରାପଡ଼ିଥିବା ଯୁବକ ବାଲେଶ୍ୱର ପଡୁଆଁପଦାର ଅଜୟ ସ୍ୱାଇଁଙ୍କ ପୁଅ ଜଗା ଓରଫ ସୌରଭ ସାଗର ସ୍ୱାଇଁ (୧୯)। ବେତନଟୀ ଥାନା ଏଏସଆଇ ମିନତୀ ମହାକୁଡ଼ ଲିଖିତ ଅଭିଯୋଗ କ୍ରମେ ୨୭୯/୨୦୨୬ରେ ମାମଲା ରୁଜୁକରି ଜଗାକୁ ଗିରଫ କରିଥିବା ଜଣାପଡିଛି। ଫେରାର ଥିବା ଅନ୍ୟ ଦୁଇଜଣଙ୍କୁ ପୁଲିସ ଖୋଜୁଥିବା ଜଣପଡ଼ିଛି।

## ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

**ବେତନଟୀ,୨।୭ (ସମିସ):** ବୁଧବାର ସ୍ଥାନୀୟ ଦୁର୍ଗାପୁର ପଞ୍ଚାୟତର ଦୁର୍ଗାପୁର ଗ୍ରାମରେ ଥିବା ମାର୍କେଟ କମ୍ପ୍ଲେକ୍ସଠାରେ ନୂତନ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଦିବ୍ୟଜ୍ୟୋତି ଫାଉଣ୍ଡେସନ ତରଫରୁ ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଏହି କେନ୍ଦ୍ରକୁ ମୁଖ୍ୟ ଅତିଥି ଦିବ୍ୟଜ୍ୟୋତି ଫାଉଣ୍ଡେସନର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ମଦର ଟେସିନା ଫିତା କାଟି ଓ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି କହିଥିଲେ ଯେ, ସିଲେଇ ପ୍ରଶିକ୍ଷଣ ମହିଳା ଓ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ସହ ସ୍ୱରୋଜଗାରର ସୁଯୋଗ ସୃଷ୍ଟି କରିବ। କେନ୍ଦ୍ରରେ ଆଧୁନିକ ସିଲେଇ ପ୍ରଶିକ୍ଷଣ ସହ ବିଭିନ୍ନ ପୋଷାକ ପ୍ରସ୍ତୁତିର ଶିକ୍ଷା ଦିଆଯିବ। ଏହି ତାଲିମ ସମ୍ପୂର୍ଣ୍ଣ ମାଗଣାରେ ଦିଆଯିବ। ଏହି ଉଦ୍‌ଘାଟନୀ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଦୁର୍ଗାପୁର ଗ୍ରାମପଞ୍ଚାୟତର ସରପଞ୍ଚ ସେବତୀ ଟୁଡୁ, ଦିବ୍ୟଜ୍ୟୋତି କନ୍‌ଭେଣ୍ଟ ହାୟର ସେକେଣ୍ଡରୀ ସ୍କୁଲର ଅଧ୍ୟକ୍ଷା ଶିଷ୍ଟର ଶ୍ୟାନି. ଭି. ଜୋସେଫ, ଶିକ୍ଷୟିତ୍ରୀ ପୂର୍ଣ୍ଣିମା ମିଶ୍ର, ସ୍ଥାନୀୟ ବାସିନ୍ଦା, ସ୍ୱେଚ୍ଛାସେବୀ ଓ ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ। ଶେଷରେ ଆୟୋଜକମାନେ ସମସ୍ତ ଅତିଥି ଓ ଉପସ୍ଥିତ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ।



## ଉଦଳା ଭଞ୍ଜସେନା ପକ୍ଷରୁ ମଶାଲ ଶୋଭାଯାତ୍ରା



**ଉଦଳା,୨।୭ (ସମିସ):** ରତ୍ନଗର୍ଭା ଶିମିଳିପାଳର ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ କରାଯିବା ଲକ୍ଷ୍ୟ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ନିମନ୍ତେ "ଦାଦନ ହଟିବ ମୟୂରଭଞ୍ଜ ହସିବ' ସ୍ଲୋଗାନ ନେଇ ଜୁନ୍ ୧୭ରୁ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ବ୍ୟାପୀ ପର୍ଯ୍ୟାୟକ୍ରମେ ଅଣରାଜନୈତିକ ସଂଗଠନ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଖିଚିଂସ୍ଥ ମା କିଚକେଶ୍ୱରୀ ଦେବୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ସାରିଥିବା ସ୍ଥଳେ ଉଦଳା ବ୍ଲକ ଶାଖା ପକ୍ଷରୁ ପାଟଶାଣୀପୁରଠାରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ମଶାଲ ଶୋଭାଯାତ୍ରାରେ ଜିଲ୍ଲା କର୍ଯ୍ୟକାରୀ ସଭାପତି ରବିନ ମହାନ୍ତି, କପ୍ତିପଦା ଉପଖଣ୍ଡ ସଭାପତି ରାକେଶ ପଣ୍ଡା, ରାଜକିରନ ରାଉତ, ଅଶ୍ୱିନୀ ନାୟକ, ବିନୋଦ ଦାସ, ସୌମ୍ୟରଞ୍ଜନ ବେଶ୍ରା, ଶ୍ୟାମସୁନ୍ଦର ମୁର୍ମୁ, ରାହୁଲ ମୁର୍ମୁଙ୍କ ସମେତ ସଂଗଠନର ଶତାଧିକ ଯୁବ ଛାତ୍ର ସଂଗଠକ ସାମିଲ ଥିଲେ।

### ବାଲଡିହା ବନ୍ଧରେ ଜମିଲାଣି ଭିଡ଼

# ଶତାୟୁ ବନ୍ଧର ପ୍ରବାହିତ ଜଳରାଶି ଜିଣୁଛି ସଭିଁଙ୍କ ମନ

ବାରିପଦା, ୨।୭ (ସମିସ)



ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାଠାରୁ ୧୭ କିମି ଦୂର ଶିମିଳିପାଳ ପାଦଦେଶରେ ଅବସ୍ଥିତ ବାଲଡିହା ବନ୍ଧରେ ଜମିଲାଣି ଭିଡ଼। ବର୍ଷାଋତୁରେ ଏହା ଯୁବବର୍ଗଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। କେବଳ ଯୁବବର୍ଗ ନୁହେଁ, ବନ୍ଧରୁ ପ୍ରବାହିତ ଜଳରାଶିର ସ୍ରୋତ ପ୍ରଖର ନ ଥିବାରୁ ଛୋଟଠାରୁ ବୟସ୍କ ଏହାର ଆନନ୍ଦ ଉଠାଉଛନ୍ତି। ଏଠାରେ ଗାଧୋଇବାଠାରୁ ଆରମ୍ଭ କରି ଜଳକ୍ରୀଡ଼ା, ଫୋଟ ସୁଟ, ସେଲଫି ଓ ବଣଭୋଜି ପାଇଁ ପ୍ରତ୍ୟେକ ଦିନ ଭିଡ଼ ଜମୁଛି। ସାଙ୍ଗସାଥୀ ଓ ପରିବାର ଲୋକ ସହସ୍ରାଧିକ ସଂଖ୍ୟାରେ ଜୁଲାଇରୁ ଫେବୃଆରୀ ୭ ମାସ ଆସି ମଜା ନେଇଥା'ନ୍ତି। ଏହି ସମୟରେ ପ୍ରତିବର୍ଷ ଏଠାରେ ଓଡ଼ିଆ ସହିତ ବିଭିନ୍ନ ଆଞ୍ଚଳିକ ଭାଷାର ଆଲବମ ଓ ଚଳଚ୍ଚିତ୍ର ସୁଟିଂ ହୋଇଥାଏ। ମୟୂରଭଞ୍ଜ ଜିଲ୍ଲା ସମେତ ପଡ଼ୋଶୀ ଜିଲ୍ଲା ଓ ରାଜ୍ୟରୁ ଆଗନ୍ତୁକଙ୍କ ସୁଅ ଛୁଟିଛି।

ରାଜା ରାଜୁଡ଼ା ଅମଳର ଏହି ବନ୍ଧ ଶିମିଳିପାଳର ପାଦଦେଶରେ ଅବସ୍ଥିତି। ୧୯୧୨ରେ ତତ୍କାଳୀନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପ୍ରଜାଙ୍କ ପାଣି ସମସ୍ୟା ଦୂର ପାଇଁ ନିର୍ମାଣ କରିଥିଲେ ଏହି ବନ୍ଧ। ଶିମିଳିପାଳରୁ ଉତ୍ପତ୍ତି ପଳପଳା ନଦୀ ଉପରେ ନିର୍ମିତ ଏହି ବନ୍ଧ ନିର୍ମାଣର ଦାୟିତ୍ୱ ନିର୍ବାହ କରିଥିଲେ ଷ୍ଟେଟ ଇଂଜିନିୟର ଜେଆର ନଏଡ଼ ମାର୍ଟିନ ଲୁଇଡ଼, ସହକାରୀ ଯନ୍ତ୍ରୀ ଅର୍ଜୁନ ଭୂୟାଁ ଓ ଚକ୍ରି ମହାନ୍ତି। ପଳପଳା ନଦୀଟି ଶିମିଳିପାଳରୁ ବାହାରି କଣ୍ଠାପାଳ ନିକଟରେ ବୁଢ଼ାବଳଙ୍ଗ ନଦୀ ସହିତ ମିଶିଛି। ବର୍ଷାଦିନର ଜଳରାଶି ନଦୀକୁ ବୋହି ଯାଉଥିବାରୁ ପରବର୍ତ୍ତୀ ସମୟରେ ଅଞ୍ଚଳରେ ଚାଷଜମି ପାଣି ଅଭାବରୁ ଟାଙ୍ଗରା ରହୁଥିଲା। ମହାରାଜାଙ୍କ ସମୟରେ ଜଳସେଚନ ପାଇଁ ବନ୍ଧ ବନ୍ଧାଯାଇଥିବାବେଳେ ବର୍ତ୍ତମାନ ଜଳସେଚନ ବିଭାଗ ଏହାର ଦାୟିତ୍ୱ ନେଇଛି। ୨୦୫ ବର୍ଗ କିମି ବ୍ୟାସାର୍ଦ୍ଧର ଏହି ବନ୍ଧରୁ ଜଳସେଚନ ପାଇଁ ଦୀର୍ଘ କିମି ଧରି କେନାଲ ନିର୍ମାଣ ପରେ ବର୍ଷା ଦିନର ସଂରକ୍ଷିତ ଜଳରାଶିକୁ ନିୟନ୍ତ୍ରିତ ଜଳସେଚନ ଜରିଆରେ ଶାମାଖୁଣ୍ଟା ବ୍ଲକର ୧୨ଟି ଗ୍ରାମର ଚାଷଜମିକୁ ଜଳସେଚିତ ହୋଇଥାଏ ଏହାର ପାଣି। ତେବେ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ୩ ମାସ ବନ୍ଧର ଉଦବୃତ୍ତ ଜଳରାଶି ଉପର ଦେଇ ତଳକୁ ଥିବା ବଡ଼ ବଡ଼ ଥାକ ଥାକ ପାହାଚରେ ପଡ଼ି ତଳକୁ ବୋହିଯିବା ଦୃଶ୍ୟ ସମସ୍ତଙ୍କୁ ଆକର୍ଷିତ କରିଥାଏ। ବନ୍ଧର ଉପରଭାଗରେ ରାଜାଙ୍କ ସମୟରେ ନିର୍ମିତ ଡାକବଙ୍ଗଳା ଓ ରାତ୍ର ଆଶ୍ରୟସ୍ଥଳୀ ଭଗ୍ନ ଅବସ୍ଥାରେ ରହିଛି। ଅତୀତରେ ଏହି ସ୍ଥାନ ପ୍ରଜାମଣ୍ଡଳ ଆନ୍ଦୋଳନର ଅନ୍ୟତମ ସ୍ଥାନ ଭାବେ ବିବେଚିତ ହୋଇଥିଲା। ପଶ୍ଚିମରେ ଶିମିଳିପାଳ ପାହାଡ଼ର ଦୃଶ୍ୟ ସହିତ ଜଳରାଶିରେ ତା'ର ପ୍ରତିବିମ୍ବ ଅବର୍ଣ୍ଣନୀୟ। ପୂର୍ବଭାଗରେ ଉପର ତଳକୁ ଥାକ ଥାକ ହୋଇପଡୁଥିବା ଜଳରାଶିର ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥାଏ। ଏହି ସ୍ଥାନକୁ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ଓ ଜଳସେଚନ ବିକାଶ ପାଇଁ ୨୦୨୩ରେ ୫-ଟି ଯୋଜନାରେ ସାମିଲ କରାଯିବା ପରେ ବିକାଶ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ସରକାର ବଦଳିବା ପରେ ଧିମେଇ ଯାଇଛି।

## ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତିରେ ଭିଜିଲାନ୍ସ ଟିମ୍‌ର ତଦନ୍ତ

ହାଟଡ଼ିହୀ,୨।୭(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକରେ ଭିଜିଲାନ୍ସ ଟିମର ଯାଞ୍ଚ କରାଯାଇଛି। ଗତ ୨୦୨୦-୨୧ ବର୍ଷରେ ଷ୍ଟ୍ରିଟ୍ ଲାଇଟ୍ ଟେଣ୍ଡର ପ୍ରକ୍ରିୟାରେ ହୋଇଥିବା ଦୁର୍ନୀତିକୁ ନେଇ ଚାଲିଛି ଖୋଳତାଡ଼। ଗୁରୁବାର ପୂର୍ବାହ୍ନରେ ଭିଜିଲାନ୍ସର ୨ ଜଣିଆ ଟିମ୍ ହାଟଡ଼ିହୀ ବ୍ଲକରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ଚଳାଇଛନ୍ତି। ବିରଜା କନ୍‌ଷ୍ଟ୍ରକ୍‌ସନ୍ ୧୩ଟି ପଞ୍ଚାୟତରେ ଷ୍ଟ୍ରିଟ୍‌ଲାଇଟ୍ ଲଗାଇଥିବା ବେଳେ ଏହାର ତଦନ୍ତ ଚଳାଇଛନ୍ତି ଭିଜିଲାନ୍ସ ଟିମ୍। ବ୍ଲକରେ ରେକର୍ଡ଼ପତ୍ର ଯାଞ୍ଚ ପରେ ବିଭିନ୍ନ ପଞ୍ଚାୟତକୁ ଯାଇ ତଦନ୍ତ କରିବେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

## ଓଁକାର ସେବାଶ୍ରମ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ପରଷିଲେ ସରିତା

ଆନନ୍ଦପୁର, ୨।୭(ସମିସ): ଘସିପୁରା ବ୍ଲକର ବାଙ୍ଗିଡିସ୍ଥିତ ଓଁକାର ସେବାଶ୍ରମରେ କୁନି କୁନି ଛାତ୍ରଛାତ୍ରୀଙ୍କ ମୁହଁରେ ହସ ଫୁଟାଇଛନ୍ତି ପାହାଡ଼ପୁର ଗ୍ରାମର ସମାଜସେବୀ ସରିତା ସାହୁ। ସେବାଶ୍ରମର ପିଲାମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରିବା ସହ ସେମାନଙ୍କ ସହ ସମୟ ବିତାଇ ଉତ୍ସାହିତ କରିଥିଲେ। ଘସିପୁରା ବ୍ଲକ୍ ମଦନପୁର ପଞ୍ଚାୟତ ଅନ୍ତର୍ଗତ ବାଙ୍ଗିଡି ଗୋଡ଼ିସାହିସ୍ଥିତ ଓଁକାର ସେବାଶ୍ରମରେ ଅନୁଷ୍ଠିତ ହୋଇଛି ଏକ ସେବାମୂଳକ କାର୍ଯ୍ୟକ୍ରମ। କାର୍ଯ୍ୟକ୍ରମରେ ମନସ୍ୱିନୀ ସାହୁ, ଲିପା ସାହୁ, ଶ୍ରୀଲିପ୍ସା ସାହୁ, ସୋନି ସାହୁ ଏବଂ ଶ୍ରୀନିବାସ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସେବାଶ୍ରମର ଟ୍ରଷ୍ଟି ଗୋବର୍ଦ୍ଧନ ବେହେରା ଏହି ମହତ୍ କାର୍ଯ୍ୟ ପାଇଁ ସମାଜସେବିକା ସରିତା ସାହୁ ଓ ତାଙ୍କ ସହଯୋଗୀମାନଙ୍କୁ ସାଧୁବାଦ ଜଣାଇଥିଲେ। ସେପଟେ ସରିତା ସାହୁ କହିଛନ୍ତି, ଅସହାୟ ଓ ଆବଶ୍ୟକତାସମ୍ପନ୍ନ ଲୋକଙ୍କୁ ସାହାଯ୍ୟ କରିବାରେ ସେ ଆତ୍ମସନ୍ତୋଷ ଓ ଆନନ୍ଦ ଅନୁଭବ କରନ୍ତି।

## ଶିଶୁ ମନ୍ଦିର ଗୁରୁଜୀଙ୍କ ଅବସର ଗ୍ରହଣ



କେନ୍ଦୁଝର, ୨।୭(ସମିସ): ଜେଇରୋଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡର ଗୁରୁଜୀ ଦୟାନିଧି ରାଉତ ଅବସର ଗ୍ରହଣ କରିଛନ୍ତି। ଏନେଇ ବିଦ୍ୟାଳୟରେ ଆୟୋଜିତ ଏକ ସଭାରେ ପରିଚାଳନା ସମିତିର ସଭାପତି ନିମାଇଁ ଚରଣ ଦାଶ, ସଂପାଦକ ସୁଧାଂଶୁ ଶେଖର ପଣ୍ଡା ଓ ଯୁଗ୍ମ ସଂପାଦକ ଜୟକୃଷ୍ଣ ମହାନ୍ତ ଉପସ୍ଥିତ ରହି ଗୁରୁଜୀଙ୍କୁ ପୁଷ୍ପଗୁଚ୍ଛ ସହିତ ଉପଢୌକନ ପ୍ରଦାନ କରିଥିଲେ। ବିଦ୍ୟାଳୟର ସହପ୍ରଧାନାଚାର୍ଯ୍ୟ ଦେବାଶିଷ ସାମଲ, ପର୍ଯ୍ୟାୟ ପ୍ରମୁଖ ଜଗନ୍ନାଥ ମହାନ୍ତ, ଲମ୍ବୋଦର ମହାନ୍ତ, ଦୟାନିଧି ମହାନ୍ତ ତଥା ଅନ୍ୟାନ୍ୟ ଗୁରୁଜୀଗୁରୁମା ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ଉପସ୍ଥିତ ଥିଲେ।

## ଆନନ୍ଦପୁର ନଗର ଯୁବମୋର୍ଚ୍ଚା ସଭାପତି ଧବଳେଶ୍ୱର



ଆନନ୍ଦପୁର, ୨।୭ (ସମିସ): ଆନନ୍ଦପୁର ନିର୍ବାଚନମଣ୍ଡଳୀର ଯୁବନେତା ଧବଳେଶ୍ୱର ସାହୁଙ୍କୁ ଆନନ୍ଦପୁର ନଗର ମଣ୍ଡଳର ଯୁବମୋର୍ଚ୍ଚା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ଅନୁମୋଦନକ୍ରମେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରୁଦ୍ରପ୍ରସାଦ ବେହେରା ଏହା ଘୋଷଣା କରିଛନ୍ତି। ବିଗତ ଦିନରେ ଧବଳେଶ୍ୱର ଏବିଭିପି ସହ ଜଡ଼ିତ ରହି ସଂଗଠନ କାର୍ଯ୍ୟ କରୁଥିବାବେଳେ ପୂର୍ବରୁ ଯୁବମୋର୍ଚ୍ଚା ସଭାପତି ମଧ୍ୟ ଥଲେ। ନିର୍ବାଚନମଣ୍ଡଳୀର ସମସ୍ତ ଯୁବକଙ୍କୁ ସଂଗଠିତ କରି କିଭଳି ସରକାରଙ୍କ ସମସ୍ତ ଯୋଜନା ଆନନ୍ଦପୁର ଜନସାଧାରଣଙ୍କ ପାଖରେ ପହଞ୍ଚିବ ଗୁରୁତ୍ୱ ଦେବେ ବୋଲି ଶ୍ରୀ ସାହୁ କହିଛନ୍ତି।

## ପତିତପାବନ ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଆନନ୍ଦପୁର, ୨।୭ (ସମିସ): ସାଇଁକୁଳ, ପତିତପାବନ ମହାବିଦ୍ୟାଳୟର +୨ ବିଭାଗର ନୂତନ ଅଧ୍ୟକ୍ଷା ଭାବେ ନିଯୁକ୍ତି ପାଇଥିବା ଚିନ୍ମୟୀ ନାୟକଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ତରିକ ସ୍ୱାଗତ ଓ ଭବ୍ୟ ସମ୍ବର୍ଦ୍ଧନା ଜଣାଯାଇଛି। ତାଙ୍କ ନିଯୁକ୍ତିକୁ ଶିକ୍ଷାକ୍ଷେତ୍ର ପାଇଁ ଏକ ସକାରାତ୍ମକ ପଦକ୍ଷେପ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ମତ ପ୍ରକାଶ କରିଛନ୍ତି। ଶାନ୍ତିନିକେତନର ପ୍ରଫେସର ଡଃ ସନତ ରଥ, ବିଶିଷ୍ଟ ସମାଜସେବୀ ସନ୍ତୋଷ ସ୍ୱାଇଁଙ୍କ ସମେତ ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀ ଅନନ୍ତ ଚରଣ ସ୍ୱାଇଁ, ପ୍ରଦୀପ ଚକ୍ର, ମାର୍କଣ୍ଡ ସାମଲ, ଗୋପାଳ ପରିଡ଼ା, ସୁରେଶ ଚକ୍ର, ମୋହନ ଚକ୍ର, ବେଣୁଧର ପରିଡ଼ା, ଗୌରାଙ୍ଗ ବେହେରା ପ୍ରମୁଖ ଚିନ୍ମୟୀ ନାୟକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଦାୟିତ୍ୱକୁ ଚିନ୍ମୟୀ ନାୟକ ସଫଳତାର ସହ ନିର୍ବାହ କରି ପତିତପାବନ ମହାବିଦ୍ୟାଳୟକୁ ଏକ ଆଦର୍ଶ ଶିକ୍ଷାନୁଷ୍ଠାନରେ ପରିଣତ କରିବା ଦିଗରେ ଉଲ୍ଲେଖନୀୟ ଅବଦାନ ରଖିବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।

### ସମଣାରେ ବାଲି ମାଫିଆ ସକ୍ରିୟ

# ୩ ଦିନରେ ୩ ଶହ ଟ୍ରିପ୍ ବାଲି ଉଠାଣ ଯୋଜନା

ଆନନ୍ଦପୁର, ୨।୭(ସମିସ)

ଆଉ ମାତ୍ର ଦୁଇଦିନ ଅର୍ଥାତ ଚଳିତ ମାସ ୫ ତାରିଖଠାରୁ ବାଲିଘାଟ ବନ୍ଦ ପାଇଁ ସରକାରୀ ଘୋଷଣା ପରେ ମାଫିଆମାନେ ଚୋରା ବାଲି ଉତ୍ତୋଳନ ଓ ଚାଲାଣ ପାଇଁ ବିଭିନ୍ନ ସ୍ଥାନରେ ଗଦା କରିବା ଲାଗି ରାତିଦିନ ଏକାକାର କରିଥିବା ପରିଲକ୍ଷିତ ହୋଇଛି। ବିନା ଲିଜରେ ସମଣା ଘାଟରୁ ବାଲି ଲୁଟ ହେଉଛି। ମୌସୁମୀ ସମୟରେ ନଦୀରୁ ବାଲି ଉତ୍ତୋଳନ ଲାଗି ନିଷେଧାଦେଶ ଥିଲେ ମଧ୍ୟ ବେଧଡ଼କ ଚାଲି ଲୁଟ୍ ଚାଲିଛି। ହାଟଡିହି ତହସିଲ ଅଧୀନ ସମଣା ଓ ଗୋବିନ୍ଦପୁର ଘାଟରୁ ବେଆଇନ ବାଲି ଉତ୍ତୋଳନ ହେଉଛି। ଗତ ୨୪ରୁ ଖୁଲମଖୁଲା ଏଭଳି ବେଆଇନ କାର୍ଯ୍ୟ ଚାଲିଛି। ୮ ଦିନରେ ଏହି ଘାଟରୁ ବେଆଇନ ଭାବେ ୧୫ ଶହ ଟ୍ରିପରୁ ଅଧିକ ବାଲି ହାଇୱା ଯୋଗେ ବିଭିନ୍ନ ଜିଲ୍ଲା ଓ ରାଜ୍ୟ ବାହାରକୁ ଚାଲାଣ କରାଯାଇଛି। ଲୁଟ ବାଲିର ବଜାର ଦର ୭ କୋଟିରୁ ଅଧିକ ହେବ ବୋଲି ବିଜେପି ନେତା ଯଜ୍ଞପ୍ରସାଦ ସାହୁ କହିଛନ୍ତି। ବୈତରଣୀ ନଦୀରୁ ବାଲି କୁଟ କରିବା ଲାଗି ଗଛ କାଟି ଏକ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରାଯାଇଛି। ୩ଟି ବଡ ବଡ ମେସିନ୍ ମାଧ୍ୟମରେ ଦିନରାତି ବେଆଇନ କାର୍ଯ୍ୟ ହେଉଥିଲେ ମଧ୍ୟ ଖଣି ଅଧିକାରୀ ଓ ଜିଲ୍ଲା ପ୍ରଶାସନ ସବୁ ଜାଣି ମଧ୍ୟ ନିରବଦ୍ରଷ୍ଟା ସାଜିବା ସମସ୍ତଙ୍କୁ ଚକିତ କରିଛି। "ଅପରେସନ ବୈତରଣୀ' ନାମରେ କେନ୍ଦୁଝର ପୁଲିସ ୨ ମାସ ତଳେ ନେଇଥିବା ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ଆନନ୍ଦପୁର ଉପଖଣ୍ଡରେ ବାଲି ଲୁଟ ଉପରେ ରୋକ୍ ଲାଗିଥିଲା। ଗତ ୮ ଦିନ ହେବ ବାଲି ଲୁଟ ଘଟଣା ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି। ସମଣା ବେଆଇନ ଚାଲି ଘାଟ ନିକଟରେ ଥିବା ଗ୍ରାମର ଏକ କମ୍ୟୁନିଟି ସେଣ୍ଟରକୁ ମାଫିଆମାନେ ନିଜର ଖଟି ଭାବେ ବ୍ୟବହାର କରୁଛନ୍ତି। ଏପରିକି ଏଠାରେ ଗ୍ରାମର ନିରୀହ ଯୁବକଙ୍କୁ ମଦ ଓ ଭୋଜି ଦେଇ ଅଞ୍ଚଳରେ ବିଶୃଙ୍ଖଳା ସୃଷ୍ଟି କରାଇବା ସହ ଗ୍ରାମ୍ୟରାସ୍ତାରେ ବଡ ବଡ ହାଇୱା ଯୋଗେ ବାଲି ପରିବହନ କରାଉଛନ୍ତି। ଅପରପକ୍ଷରେ ବଲାଙ୍ଗିର ଜିଲ୍ଲାର ଫେବୃଆରୀ ମାସ ୪ ତାରିଖର ଟ୍ରାଞ୍ଜିଟ ପାସକୁ ବାଲେଶ୍ୱର ଜିଲ୍ଲାର ଏକ ଯୁବକ ଡାଲ କରି ମୋବାଇଲ ଯୋଗେ ପଠାଏ। ପ୍ରତି ଟ୍ରାଞ୍ଜିଟ ପାସରେ ସରକାରୀ ଲୋଗୋ ଲଗାଇ ଗୋଟା ପ୍ରତି ସେ ୩୦ ଟଙ୍କା ନେଉଥିବା ଶ୍ରୀ ସାହୁ କହିଛନ୍ତି। ଏହି ବେଆଇନ ବାଲିଘାଟକୁ ପ୍ରଶାସନ ବନ୍ଦ ନକଲେ ପୂର୍ବ ଭଳି ବୈତରଣୀ ନଦୀରେ ବାଲି ସତ୍ୟାଗ୍ରହ ଭଳି ଘଟଣାକୁ ଏଡ଼ାଇ ଦିଆଯାଇ ନପାରେ।



## ବିଇଓ କାର୍ଯ୍ୟାଳୟ ଜରାଜୀର୍ଣ୍ଣ; ମରାମତି ପାଇଁ ଆନ୍ତରିକତା ଅଭାବ



### ଭିତରଟା ଚହଟଚିକ୍କଣ
### ବାହାର କଂକ୍ରିଟ୍ ଫାଟି ଆଁ

ହାଟଡ଼ିହୀ,୨।୭(ସମିସ): ହାଟଡ଼ିହୀ ବ୍ଲକର ବିଭିନ୍ନ ସ୍ଥାନରେ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଥିଲା ବେଳେ ହାଟଡ଼ିହୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ(ବିଇଓ)ଙ୍କ କାର୍ଯ୍ୟାଳୟର ଅବସ୍ଥା କ୍ରମଶଃ ବେହାଲ୍ ଅବସ୍ଥାକୁ ଯାଉଥିବା ଦେଖାଯାଇଛି। କାର୍ଯ୍ୟାଳୟ ଭିତରର ବିଭିନ୍ନ ସ୍ଥାନରେ ମରାମତି ସହ ବିଭିନ୍ନ ସାଜସଜ୍ଜା ଯୋଗୁଁ ରୂପରେଖରେ ବେଶ ଆଦୃତ ପାଇଥିବା ବେଳେ ବାହାର ଅବସ୍ଥା ବେହାଲ ହେବାକୁ ବସିଲାଣି। କାର୍ଯ୍ୟାଳୟ ପରିସର ଘାସଲତାରେ ପୁରିଥିବା ବେଳେ ସଫେଇ ମଧ୍ୟ ହେଉନାହିଁ। କାର୍ଯ୍ୟାଳୟ ନିକଟରେ ଏକ ବିରାଟ ପଳାସ ବଣ ଥିବାରୁ ବିଷଧର ସରୀସୃପଙ୍କ ଭୟ ମଧ୍ୟ ଲାଗିରହୁଛି। କାର୍ଯ୍ୟାଳୟର ବାହାର ଛାତର ଅନେକ ଅଂଶ ଫାଟି ଯାଇଥିବା ବେଳେ ସେଥିରୁ କଂକ୍ରିଟ୍ ଖଣ୍ଡମାନ ଖସୁଥିବା ଦେଖାଯାଇଛି। ଏଥିପ୍ରତି ବିଇଓଙ୍କ ନଜର ନପଡିବା ଅତ୍ୟନ୍ତ ଦୁର୍ଭାଗ୍ୟ ବୋଲି କୁହାଯାଇଛି। କର୍ମଚାରୀଙ୍କ ଉପସ୍ଥିତିରେ ବାହାର ବୁଲା କୁକୁର କାର୍ଯ୍ୟାଳୟ ଭିତରେ ଫ୍ୟାନ୍ ତଳେ ଶୋଇ ଏକପ୍ରକାର କାର୍ଯ୍ୟାଳୟ ଜଗୁଥିବା ଦେଖିବାକୁ ମିଳିଛି। କାର୍ଯ୍ୟାଳୟ ସମ୍ମୁଖ କାନ୍ଥକୁ ଲାଗି ରଖାଯାଇଥିବା ଏକ ପୁରୁଣା ମଡେଲ ମୋଟର ସାଇକଲ କାର୍ଯ୍ୟାଳୟ ଶୋଭା ନଷ୍ଟ କରୁଛି। ତେବେ ଏହାକୁ ଅନ୍ୟତ୍ର କାହିଁକି ରଖାଯାଉନାହିଁ ଏବଂ କାର୍ଯ୍ୟାଳୟ ମରାମତି ଦିଗରେ ତାଙ୍କର ଆନ୍ତରିକତା କାହିଁକି ରହୁନାହିଁ ସେସବୁକୁ ନେଇ ବିଇଓଙ୍କ ସହ ସାକ୍ଷାତରେ ପଚାରିବାକୁ ଯାଇଥିବା ବେଳେ କୌଣସି କାମରେ ବିଇଓ ବାହାରକୁ ଯାଇଥିବା କଥା କାର୍ଯ୍ୟାଳୟରେ ଉପସ୍ଥିତ କର୍ମଚାରୀ କହିଥିଲେ। ଉପଖଣ୍ଡର ଆନନ୍ଦପୁର ଏବଂ ଘସିପୁରା ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ କୌଣସି କାର୍ଯ୍ୟ ନେଇ ହାଟଡ଼ିହୀ ବିଇଓଙ୍କ କାର୍ଯ୍ୟାଳୟକୁ ଆସିଲେ ନାକ ଟେକୁଛନ୍ତି। ଉକ୍ତ ଦୁଇ ବିଇଓଙ୍କ କାର୍ଯ୍ୟାଳୟର ସାଜସଜ୍ଜା ଓ ପରିଷ୍କାର ପରିଚ୍ଛନ୍ନତା ହାଟଡ଼ିହୀ ବିଇଓଙ୍କ କାର୍ଯ୍ୟାଳୟ ପାଇଁ ଉଦାହରଣ ପାଲଟିଥିବା ଅଧିକାଂଶ କହିଛନ୍ତି। ତେବେ, ହାଟଡ଼ିହୀ ବିଇଓଙ୍କ କାର୍ଯ୍ୟାଳୟର ମରାମତି ଏବଂ ସାଜସଜ୍ଜା ଦିଗରେ ଆନ୍ତରିକତା ପ୍ରକାଶ ପାଉନଥିବା ଅଧିକାରୀଙ୍କ ଉପରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରାମବାଣ ସାଜିପାରେ ବୋଲି କିଛି ଶିକ୍ଷକ ମତବ୍ୟକ୍ତ କରିଛନ୍ତି।

## ନିଜ ଇଚ୍ଛାରେ ରାସ୍ତା ଖୋଳିଦେଲେ ଠିକାଦାର; ଗ୍ରାମବାସୀ ନୟାନ୍ତ



ଆନନ୍ଦପୁର, ୨।୭(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ବେଲବାହାଳୀ ଗ୍ରାମର ସତ୍ୟନାରାୟଣ ସ୍କୁଲ ନିକଟରୁ ଡିହସାହି ରାସ୍ତାକୁ ଜଳଯୋଗାଣ ପାଇପ ବିଛାଉଥିବା ଠିକାସଂସ୍ଥା ଖୋଳି ଦେଇଥିବାରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗରୁ ଠିକାଦାର କୌଣସି ଅନୁମତି ନନେଇ ଏହି ରାସ୍ତାକୁ ଖୋଳି ଦେଇଥିବା ଅଭିଯୋଗ ହୋଇଛି। ଦୀର୍ଘ ୪ମାସ ହେବ ରାସ୍ତା ଖୋଳି ମରାମତି ନକରି କାଦୁଅ ପଚପଚରେ ଯିବା ଆସିବା କରୁଛନ୍ତି ଲୋକେ। ଏହାକୁ ନେଇ ଗାଁରେ ଦେଖାଦେଇଛି ଅସନ୍ତୋଷ। ସ୍କୁଲ ଛାତ୍ରଛାତ୍ରୀ ହୁଅନ୍ତୁ ଅବା କଲେଜ ଛାତ୍ରଛାତ୍ରୀ ହୁଅନ୍ତୁ ରାତି ପାହିଲେ ଭୋଗୁଛନ୍ତି ଯମ ଯନ୍ତ୍ରଣା। ଘରୁ ବାହାରକୁ ବାହାରି ପାରୁନାହାନ୍ତି ଲୋକେ। ତେବେ ଆଗକୁ ଆସୁଛି ବର୍ଷା ଋତୁ ପ୍ରବଳ ବର୍ଷିବ ବର୍ଷା। ଯଥାଶୀଘ୍ର ଏହାର ସମାଧାନ ନହେଲେ ରାଜ ରାସ୍ତାକୁ ଓହ୍ଲାଇବେ ଜନସାଧାରଣ ଚେତାବନୀ ଦେଇଛନ୍ତି। ଏହି ବିଷୟରେ ଆମେ ସ୍ଥାନୀୟ ସରପଞ୍ଚ ଦୀପ୍ତି ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ମୁଁ ବାରମ୍ବାର ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ମୋ କଥାକୁ ଅଧିକାରୀ ମାନେ କର୍ଣ୍ଣପାତ କରୁନାହାନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀ ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଅଭିଯୋଗ ପରେ କିଛିଦିନ ମଧ୍ୟରେ ରାସ୍ତା ମରାମତି କରାଯିବ ବୋଲି ପ୍ରକାଶ କରିଛନ୍ତି ରାସ୍ତକୁ ଖୋଳିଥିବା ଠିକାଦାର ଦିଲୀପ କୁମାର ଜେନା। ଗ୍ରାମର ବୁଦ୍ଧିଜୀବୀ ମାନେ କହିଛନ୍ତି, ଗ୍ରାମର ପ୍ରତି ଘରକୁ ଘର ପାଣି ଯୋଜନାକୁ ସ୍ୱାଗତ କରୁଛୁ, କିନ୍ତୁ କାମ ପରେ ରାସ୍ତାକୁ ଠିକ୍ ନ କରିବାରୁ ଲୋକମାନେ ବହୁତ ହଇରାଣ ହେଉଛନ୍ତି। ଛାତ୍ରଛାତ୍ରୀମାନେ ପ୍ରତିଦିନ ପାଣି କାଦୁଅରେ ସ୍କୁଲ କଲେଜ ଯାଉଛନ୍ତି। ପ୍ରଶାସନ ଶୀଘ୍ର ଏହାର ସମାଧାନ ନକଲେ ସେମାନେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ।

## ହଷ୍ଟେଲ ଅଧୀକ୍ଷକଙ୍କ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦୁଝର, ୨।୭(ସମିସ): କେନ୍ଦୁଝର ପିଏମଶ୍ରୀ ଡିଏନ୍ ହାଇସ୍କୁଲଠାରେ ହଷ୍ଟେଲ ଅଧୀକ୍ଷକମାନଙ୍କର ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଆଇଟିଡିଏ କେନ୍ଦୁଝର ଜରିଆରେ ଜିଲ୍ଲା ମଙ୍ଗଳ ବିଭାଗର ସହଭାଗିତାରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନସ୍ଥ ୧୨୦ଟି ହଷ୍ଟେଲର ପ୍ରଧାନ ଶିକ୍ଷକ ତଥା ଅଧୀକ୍ଷକମାନେ ଯୋଗ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ହଷ୍ଟେଲଗୁଡ଼ିକର ମରାମତି ଓ ନୂତନ ଗୃହ ନିର୍ମାଣ ପାଇଁ ତଥ୍ୟକୁ ଅପଲୋଡ କରିବା ବିଷୟରେ ବୁଝାଇଥିଲେ। ପ୍ରଶିକ୍ଷଣ ଶିବିରରେ କେନ୍ଦୁଝର ମଙ୍ଗଳ ବିଭାଗର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂହ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ ସାମନ୍ତ ସିଂହାର, କେନ୍ଦୁଝର ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନ୍ଦ୍ର ନାଏକ, ପିଏମଶ୍ରୀ ଡିଏନ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରବୀର ମହାନ୍ତିଙ୍କ ସମେତ ସମସ୍ତ ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ ଯୋଗ ଦେଇଥିଲେ। ମାଷ୍ଟର ଟ୍ରେନର ଭାବେ ପ୍ରଭାତେନ୍ଦୁ ନାଏକ, ପ୍ରଶାନ୍ତ ଖୁଣ୍ଟିଆ ଯୋଗ ଦେଇଥିଲେ। ପ୍ରଥମ ଦିନରେ କେନ୍ଦୁଝର ଆଇଟିଡିଏ ଅଧୀନସ୍ଥ ୪ଟି ବ୍ଲକ ଯଥା ତେଲକୋଇ, ବାଂଶପାଳ, ପାଟଣା ଓ ସାହାରପଡାର ହଷ୍ଟେଲ ଅଧୀକ୍ଷକ ତଥା ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ୩ ତାରିଖ ଘଟଗାଁ, ସଦର, ହରିଚନ୍ଦନପୁର, ଘସିପୁରା, ଆନନ୍ଦପୁର ଏବଂ ହାଟଡିହି ବ୍ଲକର ସମସ୍ତ ହଷ୍ଟେଲ ଅଧୀକ୍ଷକ ତଥା ପ୍ରଧାନଶିକ୍ଷକ ଯୋଗ ଦେବେ।

## ବୋଦାପଲାଶରେ ସଖୀ ୱାନ୍ ଷ୍ଟପ୍ ସେଣ୍ଟର ପକ୍ଷରୁ ସଚେତନତା

କେନ୍ଦୁଝର, ୨।୭(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବୋଦାପଲାଶ ଗ୍ରାମପଞ୍ଚାୟତଠାରେ ସଖୀ ୱାନ୍ ଷ୍ଟପ୍ ସେଣ୍ଟର, କେନ୍ଦୁଝର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମରେ ପ୍ରଶାସକ ସୁଜତାରାଣୀ ପରିଡ଼ା, କେସ୍ ୱାର୍କର ଜ୍ୟୋତ୍ସ୍ନାରାଣୀ ବେହେରା ଏବଂ ଆଇଟି ଷ୍ଟାଫ୍ ସୁପ୍ରିୟା ମଣ୍ଡଳଙ୍କ ସହ ଜେଣ୍ଡର ସିଆରପି କୋଅର୍ଡିନେଟର ଯୁଶରା କୈସର, ଜେଣ୍ଡର ସିଆରପି ସଦସ୍ୟାଗଣ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ମହିଳା ଓ କନ୍ୟା ସନ୍ତାନଙ୍କ ପ୍ରତି ହେଉଥିବା ଲିଙ୍ଗଗତ ହିଂସା ଏବଂ ଏହାର ପ୍ରତିକାର ସହ ଡାକ୍ତରୀ ସହାୟତା, ପୁଲିସ ସହାୟତା, ଆଇନଗତ ପରାମର୍ଶ, ମନସ୍ତାତ୍ତ୍ୱିକ କାଉନସେଲିଂ ଏବଂ ଜରୁରିକାଳୀନ ଆଶ୍ରୟସ୍ଥଳୀ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ହିଂସାର ଶିକାର ହୋଇଥିବା ମହିଳାମାନଙ୍କ ପାଇଁ ସଖୀ ସେଣ୍ଟର ସବୁ ସମୟରେ (୨୪x୭) ତତ୍ପର ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ମହିଳା ହେଲ୍ପଲାଇନ୍, ଚାଇଲ୍ଡ ହେଲ୍ପଲାଇନ୍ ଏବଂ ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ଯୋଗାଯୋଗ ନମ୍ବର ଥିବା ଆଇଇସି ଲିଫଲେଟ୍ ବଣ୍ଟନ କରାଯାଇଥିଲା। ଏହାବ୍ୟତୀତ, ମହିଳା ସଶକ୍ତିକରଣ, ହିଂସା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ମହତ୍ତ୍ୱ ଏବଂ ଜରୁରୀକାଳୀନ ପରିସ୍ଥିତିରେ ପୀଡ଼ିତାଙ୍କୁ ସହାୟତା କରିବାରେ ସାମାଜିକ କର୍ମୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ଭାଗରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

▶▶ ଡାକ୍ତର କାର୍ଯ୍ୟବନ୍ଦର ଦ୍ୱିତୀୟ ଦିନ

## ଫେରିଲେ ରୋଗୀ; ୭ ଆୟୁଷ ଡାକ୍ତର ଭରସାରେ



ଚମ୍ପୁଆ, ୨।୭(ସମିସ): ଓଡ଼ିଶା ଡାକ୍ତର ସଂଘର ଆହ୍ୱାନକ୍ରମେ ଚାଲିଥିବା ଅନିର୍ଦ୍ଦିଷ୍ଟ କାର୍ଯ୍ୟବନ୍ଦ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଥିବା ବେଳେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀସେବା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ବହିର୍ବିଭାଗ (ଓପିଡି) ସେବା ବ୍ୟାହତ ହେବାରୁ ସକାଳୁ ହିଁ ରୋଗୀଙ୍କ ଭିଡ଼ ଜମିଥିଲା। ଅନେକ ରୋଗୀ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ମଧ୍ୟ ଚିକିତ୍ସା ନପାଇ ନିରାଶ ହୋଇ ଘରକୁ ଫେରିଥିଲେ। କାର୍ଯ୍ୟବନ୍ଦର ପ୍ରଭାବ ଏକ ବୃହତ୍ ଅଞ୍ଚଳର ରୋଗୀଙ୍କ ଉପରେ ପଡ଼ିଛି। ପରିସ୍ଥିତିକୁ ସମ୍ଭାଳିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୭ ଜଣ ଆୟୁଷ ଡାକ୍ତରଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ନିୟୋଜିତ କରାଯାଇଛି। ସେମାନେ ସୀମିତ ପରିସରରେ ଚିକିତ୍ସାସେବା ଯୋଗାଇ ଚାଲିଥିଲେ ମଧ୍ୟ ରୋଗୀଙ୍କ ଚାପ ଯୋଗୁଁ ସ୍ୱାସ୍ଥ୍ୟସେବା ସ୍ୱାଭାବିକ ହୋଇପାରିନାହିଁ। ଉଲ୍ଲେଖଯୋଗ୍ୟ ଯେ କାର୍ଯ୍ୟବନ୍ଦର ପ୍ରଥମ ଦିନରୁ ହିଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ସମସ୍ତ ସରକାରୀ ଡାକ୍ତର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଥିବା ସଂଘର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଡାକ୍ତର ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ୧୦ ଦଫା ଦାବି ପୂରଣ ନହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ।

## ଜିଲ୍ଲାସ୍ତରୀୟ 'ବିକଶିତ ଭାରତ' ଗ୍ରାମୀଣ କାର୍ଯ୍ୟକ୍ରମର ଲୋକାର୍ପଣ



କେନ୍ଦୁଝର, ୨।୭(ସମିସ)

ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଏବଂ ବିକଶିତ ଗ୍ରାମୀଣ ଭାରତର ସଂକଳ୍ପକୁ ଆଗକୁ ବଢ଼ାଇବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନ୍ଧ୍ରପ୍ରଦେଶରେ 'ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିସନ (ଗ୍ରାମୀଣ)'ର ଲୋକାର୍ପଣ କରିଛନ୍ତି। କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଏହାର ସିଧା ପ୍ରସାରଣ କରାଯାଇଥିବା ବେଳେ କେନ୍ଦୁଝର ଜିଲ୍ଲା ପରିଷଦର ଅଧ୍ୟକ୍ଷା ସାଗରିକା ସାହୁ, ଜିଲ୍ଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଏଚଡି ଧନରାଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଂଜୀବ କୁମାର ବେହେରା, ସମସ୍ତ ବିଡିଓଙ୍କ ସମେତ ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ। ନୂତନ ଆଇନ ଅନୁଯାୟୀ, ବାର୍ଷିକ ସରକାରୀ କାର୍ଯ୍ୟ ଗ୍ୟାରେଣ୍ଟିକୁ ୧୦୦ ଦିନରୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି ଏବଂ ଜାତୀୟ ସ୍ତରରେ ଦୈନିକ ସର୍ବନିମ୍ନ ମଜୁରୀ ୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପ୍ରଶାସନିକ ବିଳମ୍ବକୁ ଏଡ଼ାଇବା ପାଇଁ ଏବେ ମଜୁରୀ ସାପ୍ତାହିକ କିମ୍ବା ପାକ୍ଷିକ (୧୫ ଦିନ) ଆଧାରରେ ସିଧାସଳଖ ପ୍ରଦାନ କରାଯିବ। ସ୍ଥାନୀୟ କୃଷି ଅର୍ଥନୀତିକୁ ସହାୟତା କରିବା ପାଇଁ ଏହି ଯୋଜନାରେ ଫସଲ ଅମଳର ମୁଖ୍ୟ ସମୟରେ ୬୦ ଦିନର ବାଧ୍ୟତାମୂଳକ କାର୍ଯ୍ୟ ବିରତି ବ୍ୟବସ୍ଥା ରଖାଯାଇଛି। ଆର୍ଥିକ ପରିଚାଳନା ଦୃଷ୍ଟିରୁ ଏହା କେନ୍ଦ୍ର ସରକାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ୬୦:୪୦ ଅନୁପାତର ଆର୍ଥିକ ଭାଗିଦାରୀରେ ପରିଚାଳିତ ହେବ।

### ୭୭ତମ ବନ ମହୋତ୍ସବ


## ବିଭିନ୍ନ ବନାଞ୍ଚଳରେ ଲାଗିଲା ଚାରା

ଝୁମ୍ପୁରା/ଚମ୍ପୁଆ, ୨।୭(ସମିସ) ଚମ୍ପୁଆ ବନାଞ୍ଚଳ, କେନ୍ଦୁଝର, ଉଖୁଣ୍ଡା ଫରେଷ୍ଟ ଅନ୍ତର୍ଗତ ଉଖୁଣ୍ଡା ସଂରକ୍ଷିତ ଜଙ୍ଗଲଠାରେ ବନ ବିଭାଗ ପକ୍ଷରୁ ୭୭ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ଏଥିରେ ୧୮ ହେକ୍ଟର ଜାଗାରେ ୧୮ ହଜାର ଗଛ ଲଗାଯାଇଛି। ଉଖୁଣ୍ଡା ବନ ଅଧିକାରୀ ପ୍ରଦୀପ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ, ଫରେଷ୍ଟର ସାଗରିକା ବେଚ, ଫୁଲମଣୀ ଦାସ, ସୁବାସଚନ୍ଦ୍ର ନାଏକ, ବାରିଆ ସରପଞ୍ଚ ଅଲେଖ ନାଏକ, ଉଖୁଣ୍ଡା ସମିତିସଭ୍ୟ ଲକ୍ଷ୍ମଣ ରାଉତ, ରମେଶ ମହାନ୍ତ, ସମାଜସେବୀ ନବ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶତାଧିକ ଲୋକ ଏବଂ ବନ କର୍ମଚାରୀ ସହଯୋଗ କରିଥିଲେ। ଗୋଟିଏ ଲେଖା ନିଜ ବଗିଚାରେ ଲଗାଇବା ପାଇଁ ଗଛ ଦିଆଯାଇଥିଲା।

ଚମ୍ପୁଆ ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବିଚାର ବିଭାଗ, ବନ ବିଭାଗ ଏବଂ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ୪୦ରୁ ଅଧିକ ବିଭିନ୍ନ ପ୍ରକାରର ମୂଲ୍ୟବାନ ଗଛ ଲଗାଇଥିଲେ। ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ୍ ଆଇନ୍ ସେବା କମିଟିର ଅଧ୍ୟକ୍ଷ ପ୍ରଣୟ ଦାସ, ସବଜଜ୍ ଜିତେନ୍ଦ୍ର ଦାସ, ଏସ୍‌ଡିଜେଏମ୍ ସାଧନଜିତ୍ ପଣ୍ଡା, ଚମ୍ପୁଆ ଓକିଲ ସଂଘ ସଭାପତି ହରେକୃଷ୍ଣ ମିଶ୍ର, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଉପଖଣ୍ଡ ରେଞ୍ଜର ଅକ୍ଷୟ ଛତ୍ରିଆ, ବନପାଳ ଜ୍ୟୋତିରୂପା ପାଣି, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ମୁର୍ମୁ, ଆଇନଜୀବୀ ବିଷ୍ଣୁଚରଣ ରାଉତ, କମିଟି ସହକାରୀ ଅବଦୁଲ୍ ସୁରଜ୍ ଖାନ୍, ସ୍ୱେଚ୍ଛାସେବୀ ରାମକୃଷ୍ଣ ଜୀତ୍ ହାତରେ ବୃକ୍ଷରୋପଣ କରିବା ସହ ଏହାର ରକ୍ଷଣାବେକ୍ଷଣ ପାଇଁ ସଂକଳ୍ପ ନେଇଥିଲେ।



# ସମ୍ପାଦକୀୟ



ଜଙ୍ଗଲ ଅସୀମ ଦୟାର ପ୍ରତୀକ, ଯିଏ ନିଜର ଜୀବନ ଉତ୍ସର୍ଗ କରି ସମସ୍ତ ପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରେ।
- ଗୌତମ ବୁଦ୍ଧ

ସକାଳ
THE SAKALA

## ଗୋପନୀୟତାର ପ୍ରମାଦ

ଇତିମଧ୍ୟରେ ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ସଂସ୍ଥା ହ୍ୱାଟ୍‌ସଆପ୍‌ର ନବ ପ୍ରସ୍ତାବିତ ବ୍ୟବସ୍ଥା 'ୟୁଜରନେମ୍ ଫିଚର' ଭାରତରେ ବିବାଦ ଓ ବିତର୍କ ସୃଷ୍ଟି କରିଛି। କେତେକ ଅଞ୍ଚଳରେ ଆରମ୍ଭ ହୋଇସାରିଥିବା ଏହି ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଆଗାମୀ ଏକବର୍ଷ ମଧ୍ୟରେ ସମଗ୍ର ଦେଶରେ କାର୍ଯ୍ୟକ୍ଷମ କରିବାକୁ ହ୍ୱାଟ୍‌ସଆପ୍‌ର ମୂଳ କମ୍ପାନୀ ମେଟା ଯୋଜନା କରିଥିବା ବେଳେ ଏହା ସାଇବର ଅପରାଧକୁ ଅଧିକ ପ୍ରୋତ୍ସାହନ କରିବାର ଆଶଙ୍କା କରି ତୁରନ୍ତ ସ୍ଥଗିତ ରଖିବା ଏବଂ ତିନିଦିନ ମଧ୍ୟରେ ଉତ୍ତର ରଖିବାକୁ କେନ୍ଦ୍ର ସରକାର ମେଟାକୁ ନୋଟିସ୍ ଜାରି କରିଛନ୍ତି। ଅପରପକ୍ଷରେ ଏହି ନୂଆ ବ୍ୟବସ୍ଥା ଅଧିକ ସୁରକ୍ଷିତ ଏବଂ ଗୋପନୀୟ ବୋଲି ମେଟା ଦାବି କରିଛି।

ସମ୍ପ୍ରତି କୌଣସି ଅଜ୍ଞାତ ବ୍ୟକ୍ତି କିମ୍ବା ତାଲିକାରେ ନଥିବା(ସେଭ୍ ହୋଇ ନଥିବା) ନମ୍ବରରୁ କଲ୍ ଆସିଲେ କଲ୍ କରିଥିବା ବ୍ୟକ୍ତିଙ୍କ ଫୋନ୍ ନମ୍ବର ମୋବାଇଲ୍ ଫୋନ୍‌ର ସ୍କ୍ରିନ୍ ଉପରେ ଦେଖାଯାଉଛି। କିନ୍ତୁ ନୂଆ ବ୍ୟବସ୍ଥା ବା ୟୁଜରନେମ୍ ଫିଚରଟିକୁ କାର୍ଯ୍ୟକ୍ଷମ କରାଗଲେ ନମ୍ବର ବଦଳରେ କେବଳ କଲ୍ ପ୍ରେରକ ଯେଉଁ ନାମରେ ନିଜ ହ୍ୱାଟସ୍‌ଆପ୍ ଆକାଉଣ୍ଟ ଖୋଲିଥିବେ ତାହା ହିଁ ଦେଖାଯିବ। ଏହାଦ୍ୱାରା ପ୍ରେରକଙ୍କ ନମ୍ବର ସମ୍ପୂର୍ଣ୍ଣ ଗୋପନ ରହିବ। ଏହି ଫିଚରଟିକୁ କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟବହାରକାରୀ ବା ହ୍ୱାଟ୍‌ସଆପ୍ ଆକାଉଣ୍ଟଧାରୀ ନିଜ ପସନ୍ଦ ମୁତାବକ ଏକ ନାମ ଚୟନ କରି ହ୍ୱାଟ୍‌ସଆପ୍‌ରେ ପଞ୍ଜିକୃତ କରିବାକୁ ପଡ଼ିବ। କିନ୍ତୁ ଏହାଦ୍ୱାରା ଅଧିକ କ'ଣ ଲାଭ ହେବ ତାହାକୁ ନେଇ ବିତର୍କ ଆରମ୍ଭ ହୋଇଛି।

ଏହି ବ୍ୟବସ୍ଥା ବିରୋଧରେ ସର୍ବାଧିକ ସ୍ୱର ଉଠିଛି। ଅଭିଯୋଗ ହେଉଛି ଯେ ଫୋନ୍ ନମ୍ବର ଜଣାପଡ଼ିଲେ ମୋବାଇଲ୍ ଚୋର କିମ୍ବା ଧମକଚମକ ଦେଉଥିବା ଅସାମାଜିକ ତତ୍ତ୍ୱ, ଆପରାଧିକ କାର୍ଯ୍ୟକଳାପ ଆଦିକୁ ଠାବ କରିବା ସହଜ ହେଉଛି। କିନ୍ତୁ କେବଳ ୟୁଜରନେମ୍ ରହିଲେ ତଦନ୍ତରେ ଅସୁବିଧା ହେବ। ପୁଣି ଯଦି ସମାନ ନାମରେ ଏକାଧିକ ୟୁଜରନେମ୍ ଆଇଡି ସୃଷ୍ଟି ହୁଏ ତେବେ କଲ୍‌ପ୍ରେରକଙ୍କ ପରିଚୟ ଜାଣିବା ହଠାତ୍ ସହଜ ହେବ ନାହିଁ। ଏଭଳି ସମସ୍ୟା ଇମେଲ୍‌ରେ ମଧ୍ୟ ଉପୁଜିଛି। ସେହିପରି କେହି ଯଦି ପ୍ରତିଷ୍ଠିତ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କ ନାମ ୟୁଜରନେମ୍ ଭାବରେ ବ୍ୟବହାର କରନ୍ତି ତେବେ ବିଭ୍ରାନ୍ତି ଓ ଜଟିଳତା ଆହୁରି ବଢ଼ିବ। ତେଣୁ ଏହା ଏକ ଅବାଞ୍ଛିତ ଓ ଗର୍ହିତ ପ୍ରକ୍ରିୟା। ଅପରପକ୍ଷରେ ସମାନ ନାମ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କ ନାମ ଯେପରି ଏକାଧିକ ବ୍ୟବହାରକାରୀ ଉପଯୋଗ କରିପାରିବେ ନାହିଁ ତାହା ସୁନିଶ୍ଚିତ କରିବା ଆମର କାମ ବୋଲି ମେଟା ସ୍ପଷ୍ଟୀକରଣ ଦେଇଛି। ସେହିପରି ଏହାକୁ ଇଚ୍ଛାଧୀନ କରାଯାଇଛି ବୋଲି ମେଟା ସର୍ତ୍ତ ରଖିଛି।

ଏ ସବୁ ତର୍କବିତର୍କର ଊର୍ଦ୍ଧ୍ୱରେ ବ୍ୟକ୍ତିଗତ ଗୋପନୀୟତା ସହିତ ତଥ୍ୟ ସୁରକ୍ଷା ପରି ସମ୍ବେଦନଶୀଳନ ପ୍ରସଙ୍ଗଟି ଆସୁଛି। ସର୍ବୋପରି ଦେଶର ନୀତିନିୟମର ଅନୁପାଳନର ପ୍ରଶ୍ନ ମଧ୍ୟ ଉଠୁଛି। ଗତି ତିନି/ଚାରିବର୍ଷ ପୂର୍ବେ ମେଟାର ନୂଆ ନିୟମକୁ ନେଇ ସେଭଳି ଚହଳ ସୃଷ୍ଟି ହୋଇଥିଲା ଏବଂ ମାମଲା ଅଦାଲତ ପର୍ଯ୍ୟନ୍ତ ଯାଇଥିଲା। ଆକାଉଣ୍ଟଧାରୀଙ୍କ ତଥ୍ୟକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ବୋଲି ଏକ ସ୍ୱୀକୃତି ସମ୍ବଳିତ ସର୍ତ୍ତ ଉପଭୋକ୍ତାଙ୍କଠାରୁ ଦାବି କରିବା ସହିତ ହ୍ୱାଟ୍‌ସଆପ୍ ଏକପ୍ରକାର ଧମକ ଦେଇଥିଲା ଯେ ଏକ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ନୂତନ ଗୋପନୀୟତା ନିୟମକୁ ଗ୍ରହଣ ନ କଲେ ଗ୍ରାହକମାନଙ୍କ ଫୋନ୍‌ରୁ ହ୍ୱାଟ୍‌ସଆପ୍ ସନ୍ଦେଶ ପ୍ରେରଣ ସୁବିଧା ବନ୍ଦ ହୋଇଯିବ। ପ୍ରଶ୍ନ ଉଠିଥିଲା ଯେ ଯଦି ହ୍ୱାଟ୍‌ସଆପ୍‌ରେ ପଠାଯାଉଥିବା କଥାବାର୍ତ୍ତା ବା ଭିଡିଓ ଆଦି ଫେସ୍‌ବୁକ୍ ଏବଂ ସେହି କମ୍ପାନୀର ଅନ୍ୟାନ୍ୟ ସେବା ସଂସ୍ଥା ମଧ୍ୟ ବ୍ୟାବସାୟିକ ରୂପେ ବ୍ୟବହାର କରିପାରିବେ ତେବେ ଗୋପନୀୟତା କେଉଁଠି ରହିଲା? ଏଣୁ ଭାରତ ସରକାର ମଧ୍ୟ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ ଆଧାରରେ ମେଟା ତଥା ହ୍ୱାଟ୍‌ସଆପ୍‌ର ମୁଖ୍ୟ ଅଧିକାରୀଙ୍କୁ ଚିଠି ଲେଖି ନୂଆ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମେଟା ଏହା ବିରୁଦ୍ଧରେ ଭାରତୀୟ ନ୍ୟାୟାଳୟରେ ଆବେଦନ କରିବା ସହିତ ଯୁକ୍ତି ରଖିଲା ଯେ ଭାରତ ସରକାରଙ୍କ ନିର୍ଦ୍ଦେଶ ଭାରତୀୟ ସମ୍ବିଧାନର ପରିପନ୍ଥୀ। ଯେତେବେଳେ ଲକ୍ଷଲକ୍ଷ ଗ୍ରାହକ ପ୍ରତିଦ୍ୱନ୍ଦ୍ୱୀ ସେବା ସଂସ୍ଥା ସିଗ୍‌ନାଲ୍ ଓ ଟେଲିଗ୍ରାମ୍ ଆଡ଼କୁ ପଳାୟନ କରିବା ଆରମ୍ଭ କଲେ ହ୍ୱାଟ୍‌ସଆପ୍‌ର ସେୟାର ବଜାର ହ୍ରାସ ପାଇଲା। ହ୍ୱାଟ୍‌ସଆପ୍ ଓ ଫେସ୍‌ବୁକ୍‌ର ମାଲିକ ମାର୍କ ଜୁକରବର୍ଗ ବାଧ୍ୟ ହୋଇ ନୂଆ ଗୋପନୀୟତା ନିୟମର ଲାଗୁ ତାରିଖକୁ ସ୍ଥଗିତ ରଖିଲେ; ଅଥଚ ପ୍ରତ୍ୟାହାର କଲେ ନାହିଁ।

ବିଡ଼ମ୍ବନା ହେଉଛି ଗୁଗୁଲ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଟେଲିଗ୍ରାମ ଆଦି ସଂସ୍ଥାମାନେ ଆମ ବିଷୟରେ ଆମ ଅଜ୍ଞାତରେ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରିଚାଲିଛନ୍ତି। ଯେଉଁ ଦେଶରେ ବ୍ୟବସାୟ କରିବ ସେହି ଦେଶର ନୀତି ନିୟମକୁ ଉଲ୍ଲଘଂନ କରିବା ଯେକୌଣସି ସଂସ୍ଥା ପକ୍ଷରେ ସର୍ବାଦୌ ବର୍ଜନୀୟ। କିନ୍ତୁ ବିଭିନ୍ନ ଦେଶର ସରକାରମାନେ ଏହି ବହୁରାଷ୍ଟ୍ରୀୟ ମହାବଳୀ କମ୍ପାନୀମାନଙ୍କ ଆଗରେ ମୁଣ୍ଡ ନୁଆଁଇଛନ୍ତି। ଏହାର କାରଣ ମଧ୍ୟ ଅଳ୍ପେବହୁତ ଜ୍ଞାତ। ତେଣୁ ହ୍ୱାଟ୍‌ସଆପ୍‌ର ଏହି ନୂଆ ନିୟମ କେତେଦୂର ଗ୍ରହଣୀୟ ଓ ବର୍ଜନୀୟ ହେବ ତାହା ଆଉ କିଛିଦିନ ପରେ ସ୍ପଷ୍ଟ ହେବ।

## ବୁଦ୍ଧିମାନ ପ୍ରଯୁକ୍ତି, ଅସୁରକ୍ଷିତ ଭିତ୍ତିଭୂମି

ମିନାକ୍ଷୀ ଦ୍ୱିବେଦୀ

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇର ବିବର୍ତ୍ତନ ମାନବ ଇତିହାସର ସେହି ମୋଡ଼ରେ ପହଞ୍ଚିଛି, ଯେଉଁଠି ଆଶା ଓ ଆଶଙ୍କା ଉଭୟ ସମାନ ଭାବେ ଘନୀଭୂତ ହେଉଛି। ବିଗତ କିଛିବର୍ଷ ଧରି ଏଆଇର ନୈତିକତା, ଏହାର ଦ୍ରୁତ ପ୍ରସାର, ଡାଟା ସେଣ୍ଟରଗୁଡ଼ିକର ବିଶାଳ ଭିତ୍ତିଭୂମି ଏବଂ ଶ୍ରମ ବଜାର ଉପରେ ଏହାର ପ୍ରଭାବକୁ ନେଇ ଚାଲିଥିବା ଆଲୋଚନା ଏବେ କେବଳ ବୌଦ୍ଧିକ ମହଲରେ ସୀମିତ ନାହିଁ। ଯୁଦ୍ଧ କୌଶଳ, ଜାତୀୟ ସୁରକ୍ଷା ଏବଂ ପ୍ରଶାସନିକ ସ୍ଥିରତା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏଆଇର ପ୍ରବେଶ ଏହି ବିତର୍କକୁ ଏକ ନୂତନ ରୂପ ଦେଇଛି। ଦୀର୍ଘଦିନର ପରୀକ୍ଷା-ନିରୀକ୍ଷା ପରେ ବର୍ତ୍ତମାନ ଏହାର ଗତିଶୀଳତା ସମ୍ପୂର୍ଣ୍ଣ ବଦଳି ଯାଇଛି, ଯାହା ଏଆଇକୁ ଏକ କାଳ୍ପନିକ ବା ଅମୂର୍ତ୍ତ ଅବଧାରଣାରୁ ମୁକ୍ତ କରି ସାମାଜିକ ଓ ସରକାରୀ ଅନୁଷ୍ଠାନଗୁଡ଼ିକର ମୌଳିକ ସଂରଚନାକୁ ପ୍ରଭାବିତ କରୁଥିବା ଏକ ଅଦୃଶ୍ୟ ଶକ୍ତିରେ ପରିଣତ କରିଛି। ଏହି ପରିପ୍ରେକ୍ଷୀରେ, ଆମ ସାମ୍ନାରେ ଥିବା ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଏଆଇ ଦ୍ୱାରା ସୃଷ୍ଟି ହେଉଥିବା ଜଟିଳ ସାଇବର ସୁରକ୍ଷା ବିପଦର ମୁକାବିଲା କରିବା ପାଇଁ ଆମର ଆଧୁନିକ ଡିଜିଟାଲ୍ ସଭ୍ୟତା ପ୍ରସ୍ତୁତ କି?

ଏଆଇ ସୁରକ୍ଷାକୁ ନେଇ ସୃଷ୍ଟି ହୋଇଥିବା ଏହି ଆହ୍ୱାନକୁ ଆଉ କେବଳ ଏକ ମିଥ୍ ବା ପୁରାଣ ବୋଲି କହି ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ। ବର୍ତ୍ତମାନର ଅତ୍ୟାଧୁନିକ 'ଫ୍ରଣ୍ଟିୟର ମଡେଲ୍'ଗୁଡ଼ିକ ଏଭଳି ଏକ ସ୍ତରରେ ପହଞ୍ଚିଛନ୍ତି, ଯେଉଁଠାରେ ସେମାନେ ସ୍ୱୟଂଚାଳିତ ଭାବରେ ସିଷ୍ଟମର ସୁରକ୍ଷାଜନିତ ଦୁର୍ବଳତାକୁ ଚିହ୍ନଟ କରିବା, ବିଶ୍ଳେଷଣ କରିବା ଏବଂ କେତେକ କ୍ଷେତ୍ରରେ ସମାଧାନ ସୁପାରିସ କରିବାର କ୍ଷମତା ଅର୍ଜନ କରୁଛନ୍ତି। ଆରମ୍ଭିକ ପର୍ଯ୍ୟାୟରେ କିଛି ଏଆଇ ମଡେଲର ଏହି କ୍ଷମତା ସୁରକ୍ଷା କାରଣରୁ ସାର୍ବଜନୀନ ଭାବେ ପ୍ରକାଶ ପାଇ ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅଧିକ ସୁରକ୍ଷା ବ୍ୟବସ୍ଥା ସହିତ ଉପଲବ୍ଧ ମଡେଲଗୁଡ଼ିକ ଅନେକ ସାଇବର ସୁରକ୍ଷା ବେଞ୍ଚମାର୍କରେ ଉଲ୍ଲେଖନୀୟ ସଫଳତା ପ୍ରଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଅଗ୍ରଣୀ ଏଆଇ ଗବେଷଣା ସଂସ୍ଥା ଓ ପ୍ରଯୁକ୍ତି ସଂଗଠନମାନଙ୍କ ସହଯୋଗରେ ଆରମ୍ଭ ହୋଇଥିବା 'ପ୍ରୋଜେକ୍ଟ ଗ୍ଲାସୱିଙ୍ଗ୍' ଭଳି ପଦକ୍ଷେପ ଉଲ୍ଲେଖନୀୟ। ଏହାର ଉଦ୍ଦେଶ୍ୟ ହେଉଛି ଅତ୍ୟାଧୁନିକ ଏଆଇ ମଡେଲଗୁଡ଼ିକର ନିୟନ୍ତ୍ରିତ ବ୍ୟବହାର ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେର୍ ଓ ଡିଜିଟାଲ୍ ଭିତ୍ତିଭୂମିର ସୁରକ୍ଷା ଦୁର୍ବଳତା ଚିହ୍ନଟ କରିବା। ଏହି ପ୍ରୟାସ ଏକ ଯୁଗାନ୍ତକାରୀ ମୋଡ଼ର ସୂଚନା ଦେଉଛି। କାରଣ ଏଆଇର କ୍ଷମତା ଯେଉଁ ଗତିରେ ଆଗକୁ ବଢ଼ୁଛି, ତାହାକୁ ନିୟନ୍ତ୍ରଣ କରୁଥିବା ବିଶ୍ୱସ୍ତରୀୟ ଆଇନ ଓ ନିୟାମକ ଢାଞ୍ଚା ସେହି ତୁଳନାରେ ବହୁତ ପଛରେ ରହିଯାଇଛି।

ଏହି ମଡେଲଗୁଡ଼ିକର ପ୍ରକୃତ କ୍ଷମତାକୁ ବୁଝିବା ପାଇଁ ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ଦ୍ୱାରା କରାଯାଇଥିବା 'କ୍ୟାପ୍‌ଚର୍-ଦି-ଫ୍ଲାଗ୍' ପ୍ରକାରର ସିମୁଲେଟେଡ୍ ପରୀକ୍ଷାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ଏହି ପରୀକ୍ଷାରେ ଏଆଇ ମଡେଲଗୁଡ଼ିକୁ ଜଟିଳ ଡିଜିଟାଲ୍ ନେଟୱର୍କ ମଧ୍ୟରୁ ଲୁକ୍କାୟିତ ତଥ୍ୟ ଉଦ୍ଧାର କରିବା ପାଇଁ ସିଷ୍ଟମର ଦୁର୍ବଳତା ଚିହ୍ନଟ କରି ତାହାର ସଦୁପଯୋଗ କରିବାକୁ ପଡ଼ିଥାଏ। ଫଳାଫଳ ଦର୍ଶାଇଛି ଯେ ନୂତନ ପିଢ଼ିର ଏଆଇ ମଡେଲଗୁଡ଼ିକ ଅତ୍ୟନ୍ତ ଜଟିଳ ସାଇବର କାର୍ଯ୍ୟକୁ ମଧ୍ୟ ସଫଳତାର ସହ ସମ୍ପନ୍ନ କରିପାରୁଛନ୍ତି। କେତେକ ମୂଲ୍ୟାଙ୍କନରେ ସେମାନେ ବହୁ-ପଦକ୍ଷେପ ବିଶିଷ୍ଟ ସିମୁଲେଟେଡ୍ କର୍ପୋରେଟ୍ ନେଟୱର୍କ ପରିଦୃଶ୍ୟକୁ ମଧ୍ୟ ସଫଳତାର ସହ ସମାପ୍ତ କରିଛନ୍ତି। ଯଦିଓ ଏହି ପରୀକ୍ଷାଗୁଡ଼ିକରେ ବାସ୍ତବ ଜଗତର ସମସ୍ତ ପ୍ରତିରକ୍ଷା ବ୍ୟବସ୍ଥା ଉପସ୍ଥିତ ନଥିଲା, ତଥାପି ଏହା ସ୍ପଷ୍ଟ କରିଛି ଯେ ଏଆଇ ବର୍ତ୍ତମାନ ସାଇବର ସୁରକ୍ଷା କ୍ଷେତ୍ରରେ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିସାରିଛି।

ଏହି ଅନ୍ତର୍ଜାତୀୟ ପ୍ରେକ୍ଷାପଟରେ ଭାରତର ସ୍ଥିତିକୁ ଦେଖିଲେ ଜଣାପଡ଼େ ଯେ ଦେଶର କେନ୍ଦ୍ରୀୟ ସାଇବର ସୁରକ୍ଷା ସଂସ୍ଥା ସିଇଆରଟି-ଇନ୍ ଏବଂ ଅନ୍ୟାନ୍ୟ ସୁରକ୍ଷା ସଂସ୍ଥାମାନେ ଏଆଇ ସମ୍ବନ୍ଧୀୟ ସାଇବର ବିପଦ ଉପରେ ନିରନ୍ତର ନଜର ରଖୁଛନ୍ତି। କେନ୍ଦ୍ର ସରକାର ମଧ୍ୟ ବ୍ୟାଙ୍କିଙ୍ଗ୍, ଆର୍ଥିକ କ୍ଷେତ୍ର ଏବଂ ଜରୁରୀ ଡିଜିଟାଲ୍ ଭିତ୍ତିଭୂମି ପ୍ରତି ଥିବା ବିପଦ ଉପରେ ଗୁରୁତ୍ୱ ଦେଇ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ ଜଣାଇଛି। ତଥାପି ବିଶ୍ଳେଷକମାନଙ୍କ ମତରେ ସମସ୍ୟାର ଗଭୀରତା ତୁଳନାରେ ଭାରତର ପ୍ରସ୍ତୁତି ଏପର୍ଯ୍ୟନ୍ତ ବିକାଶଶୀଳ ପର୍ଯ୍ୟାୟରେ ରହିଛି। ବର୍ତ୍ତମାନ ସୁଦ୍ଧା ଭାରତ ପାଖରେ ୟୁରୋପୀୟ ସଂଘର ଏଆଇ ଆକ୍ଟ ପରି ଏକ ବ୍ୟାପକ ଓ ବାଧ୍ୟତାମୂଳକ ନିୟାମକ ଢାଞ୍ଚା ନାହିଁ। ଦେଶରେ ସାର୍ବଭୌମ ଏଆଇ ଭିତ୍ତିଭୂମି ନିର୍ମାଣ ଏବଂ ଏଆଇ ସୁରକ୍ଷା ଗବେଷଣା ମଧ୍ୟ ଏପର୍ଯ୍ୟନ୍ତ ବିକାଶଶୀଳ ଅବସ୍ଥାରେ ରହିଛି। ତେଣୁ ଆଗାମୀ ଦିନର ଏହି ଆହ୍ୱାନର ମୁକାବିଲା ପାଇଁ ଭାରତକୁ ଏକ ସୁଦୃଢ଼ ସାଇବର ସୁରକ୍ଷା କର୍ମବଳୀ ଗଠନ କରିବାକୁ ହେବ। ପ୍ରତିକୂଳ ପରିସ୍ଥିତିରୁ ଆହୁରି ଶକ୍ତିଶାଳୀ ହୋଇଉଠିବାକୁ ସକ୍ଷମ ଏକ ପ୍ରତିରୋଧୀ ବ୍ୟବସ୍ଥା ନିର୍ମାଣ କରିବାକୁ ହେବ। ସର୍ବୋପରି ସାଇବର ସୁରକ୍ଷା ପ୍ରତିଯୋଗିତାକୁ ଏଆଇ ଯୁଗର ସାର୍ବଭୌମତ୍ୱର ପ୍ରକୃତ ମୂଳଦୁଆ ଭାବରେ ଗ୍ରହଣ କରିବାକୁ ହେବ।

ଏଆଇ ଯୁଗ ପୂର୍ବରୁ ଏକ ଦେଶର ଡିଜିଟାଲ୍ ଭିତ୍ତିଭୂମିର ବିସ୍ତାରକୁ ତାହାର ସଫଳତାର ପ୍ରତୀକ ଭାବରେ ଦେଖାଯାଉଥିଲା। କିନ୍ତୁ ବର୍ତ୍ତମାନର ନୂତନ ପରିବେଶରେ ସେହି ସଫଳତା ହିଁ ସବୁଠାରୁ ବଡ଼ ଦୁର୍ବଳତାର କାରଣ ହୋଇପାରେ। ଏହି ପରିସ୍ଥିତିକୁ ବୁଝିବା ପାଇଁ ବିଲୁପ୍ତ ପ୍ରାଗୈତିହାସିକ ପଶୁ 'ଆଇରିଶ୍ ଏଲ୍କ'ର ଉଦାହରଣ ଉପଯୁକ୍ତ। ଏହାର ବିଶାଳ ଶିଙ୍ଗ ଏକ ସମୟରେ ତାହାର ଶକ୍ତି ଓ ପ୍ରତିପତ୍ତିର ପ୍ରତୀକ ଥିଲା। କିନ୍ତୁ ପରିବେଶ ବଦଳିଯିବା ପରେ ସେହି ଶିଙ୍ଗ ହିଁ ତାହାର ଅସ୍ତିତ୍ୱ ପାଇଁ ବୋଝ ହୋଇଯାଇଥିଲା। ଆଜିର ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା, ବ୍ୟାଙ୍କିଙ୍ଗ୍ ନେଟୱର୍କ, କ୍ଲାଉଡ୍ ପ୍ଲାଟଫର୍ମ ଏବଂ ସାର୍ବଜନୀନ ଡାଟାବେସ୍‌ଗୁଡ଼ିକ ଆମର ଡିଜିଟାଲ୍ ଭିତ୍ତିଭୂମିର ସେହି ବିଶାଳ ଶିଙ୍ଗ ସଦୃଶ। ଜାତୀୟ ବ୍ୟବସ୍ଥାର ସୁଚାରୁ ପରିଚାଳନା ପାଇଁ ଏଗୁଡ଼ିକ ଯେତିକି ଆବଶ୍ୟକ, ଏଆଇ ଯୁଗରେ ସେତିକି ଆକର୍ଷଣୀୟ ଲକ୍ଷ୍ୟବସ୍ତୁ ମଧ୍ୟ।

ଆଧୁନିକ ଏଆଇ ବର୍ତ୍ତମାନ ଏଭଳି ଏକ ସ୍ତରରେ ପହଞ୍ଚିଛି, ଯେଉଁଠାରେ ଏହା ନେଟୱର୍କର ଗଭୀର ଅନୁସନ୍ଧାନ କରିପାରୁଛି, ସଫ୍ଟୱେର୍ କୋଡ୍‌ର ଯୁକ୍ତିଗତ ଦୁର୍ବଳତାକୁ ବିଶ୍ଳେଷଣ କରିପାରୁଛି ଏବଂ ଦୁର୍ବଳତା ଆବିଷ୍କାର ପ୍ରକ୍ରିୟାକୁ ଅଭୂତପୂର୍ବ ଭାବେ ତ୍ୱରାନ୍ୱିତ କରିପାରୁଛି। ଏହା ହେଉଛି ସେହି ସାଇବର ମୁହୂର୍ତ୍ତ, ଯାହା ସ୍ପଷ୍ଟ ସଂକେତ ଦେଉଛି ଯେ ଆମ ସଭ୍ୟତାର ଡିଜିଟାଲ୍ ବୁଦ୍ଧିମତ୍ତା ତାହାର ସୁରକ୍ଷା କ୍ଷମତା ତୁଳନାରେ ବହୁତ ଦ୍ରୁତଗତିରେ ବିକଶିତ ହେଉଛି। ଏଆଇର ପରବର୍ତ୍ତୀ ପ୍ରଭାବଶାଳୀ ପର୍ଯ୍ୟାୟ କେବଳ ନୂତନ ମଡେଲ୍ ବିକାଶ କରୁଥିବା କମ୍ପାନୀଗୁଡ଼ିକୁ ପୁରସ୍କୃତ କରିବ ନାହିଁ। ସେହି ଦେଶଗୁଡ଼ିକର ଭବିଷ୍ୟତ ନିର୍ଣ୍ଣୟ କରିବ, ଯେଉଁମାନେ ଏହି ମଡେଲଗୁଡ଼ିକ ଦ୍ୱାରା ପ୍ରଭାବିତ ବିଶାଳ ଡିଜିଟାଲ୍ ପରିବେଶକୁ ସୁରକ୍ଷିତ ରଖିପାରିବେ।

ଏଆଇର ଆଗାମୀ ଅଧ୍ୟାୟ କେବଳ ବୁଦ୍ଧିମତ୍ତାର ବିକାଶର କାହାଣୀ ନୁହେଁ, ଏହା ସୁରକ୍ଷା, ସାର୍ବଭୌମତ୍ୱ ଏବଂ ଡିଜିଟାଲ୍ ଅସ୍ତିତ୍ୱର ସଂଘର୍ଷର କାହାଣୀ ମଧ୍ୟ। ଯେଉଁ ଦେଶ ଏହି ବାସ୍ତବତାକୁ ଶୀଘ୍ର ବୁଝିବ ଏବଂ ତଦନୁଯାୟୀ ନିଜକୁ ପ୍ରସ୍ତୁତ କରିବ, ଆସନ୍ତା ଡିଜିଟାଲ୍ ଯୁଗରେ ନେତୃତ୍ୱ ସେହି ଦେଶର ହାତରେ ରହିବ। ସେହିପରି ଏଆଇ ଯୁଗରେ ପ୍ରକୃତ ଶକ୍ତି କେବଳ ପ୍ରଯୁକ୍ତିର ଅଧିକାରରେ ନୁହେଁ, ସେହି ପ୍ରଯୁକ୍ତିକୁ ସୁରକ୍ଷିତ, ନିୟନ୍ତ୍ରିତ ଓ ଦାୟିତ୍ୱବାନ ଭାବରେ ପରିଚାଳନା କରିବାର କ୍ଷମତାରେ ନିହିତ ରହିବ।

ଗୁରୁଗ୍ରାମ, ମୋ: ୭୯୭୮୦୮୨୮୩୪

## ଦର୍ଶନ, ବିଜ୍ଞାନ ଓ ଜିବ୍ରାନ

ବିନୋଦ ମହାରଣା

ମଣିଷ ସବୁଠାରୁ ଶିକ୍ଷିତ, ସାହସୀ, କୁଶଳୀ, କୁଟିଳ, ସଭ୍ୟ, ବିକଶିତ ଓ ବୁଦ୍ଧିମାନ ପ୍ରାଣୀ। ଜୀବଜଗତର ଲକ୍ଷ ଲକ୍ଷ ପ୍ରାଣୀଙ୍କ ମଧ୍ୟରୁ ଅର୍ଥନୈତିକ, ସାମାଜିକ, ସାହିତ୍ୟ, ରାଜନୀତି ଆଦି କ୍ଷେତ୍ରରେ ମଣିଷ ଅପ୍ରତିଦ୍ୱନ୍ଦ୍ୱୀ। କିନ୍ତୁ ସେ କାହିଁକି ଆଜି ନୈରାଶ୍ୟ, ଦୁର୍ଦ୍ଦିନ, ଶୋଷିତ, ନିଷ୍ପେସିତ ଅବସ୍ଥାରେ ପଡ଼ିଛି? ଏସବୁର ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ଆମକୁ ନିଶ୍ଚିତ ଭାବେ ମହାନ ଲେଖକ, ଦାର୍ଶନିକ, କବି ଖଲିଲ ଜିବ୍ରାନଙ୍କ ନିକଟକୁ ଯିବାକୁ ପଡ଼ିପାରେ। ବିବର୍ତ୍ତନର ମହାନ ସଂରଚନାରେ ଗଠିତ ମଣିଷ ଏବେ ବି ରହିଛି ଅନ୍ଧାରରେ।

ମାତ୍ର ୪୮ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିବା ମହାନ ଲେଖକ ଖଲିଲ ଜିବ୍ରାନ(୬ ଜାନୁଆରୀ ୧୮୮୩-୧୦ ଏପ୍ରିଲ ୧୯୩୧)ଙ୍କ ଜନ୍ମ ହୁଏ ଲେବାନନର ବସାରୀରେ। ଦାରିଦ୍ର୍ୟ, କଷାଘାତ ଭିତରେ ଜୀବନ କଟାଇଥିବା ଜିବ୍ରାନ ନିଜର ଲେଖାଗୁଡ଼ିକରେ ଆଧ୍ୟାତ୍ମିକତା, ଧର୍ମ ଆଦିର ତୀବ୍ର ସମାଲୋଚନା କରୁଥିଲେ। ୧୯୦୮ରେ ସେ ପ୍ରକାଶ କରିଥିଲେ 'ସ୍ପିରିଟ୍ସ ରିବେଲିୟସ'। ପୁସ୍ତକରେ ସେ ଧାର୍ମିକ ଓ ଆଧ୍ୟାତ୍ମିକ ନେତୃତ୍ୱର ତୀବ୍ର ସମାଲୋଚନା କରିଥିଲେ। ଏହି କାରଣରୁ ଏହି ବହିକୁ ଲେବାନନର ବିଭିନ୍ନ ସ୍ଥାନରେ ପୋଡ଼ାଯାଇଥିଲା। ବିଶେଷକରି ଚିରାଚରିତ ଦାସତ୍ୱପନ୍ଥୀ ବ୍ୟବସ୍ଥାର ଉଚ୍ଛେଦ, ମହିଳାଙ୍କ ମୁକ୍ତି, ମଣିଷର ପ୍ରାକୃତିକ ମୂଲ୍ୟବୋଧ, ସମାଜରେ ଚାଲିଆସିଥିବା ପଙ୍କିଳ ରୀତିନୀତିକୁ ବିରୋଧ କରିଆସୁଥିଲେ ଜିବ୍ରାନ। ଆତ୍ମଜ୍ଞାନ, ପାରମ୍ପରିକ ଧାର୍ମିକ ବ୍ୟବସ୍ଥା, ପ୍ରେମଭିତ୍ତିକ ଧର୍ମ, ବ୍ୟକ୍ତିଗତ ସ୍ୱାଧୀନତା, ଆତ୍ମନିରୀକ୍ଷଣ, ଆତ୍ମଅନୁଭବ, ଆତ୍ମିକ ସ୍ୱାଧୀନତା ଆଦିକୁ ସେ ନିଜ ଲେଖାରେ ଦେଉଥିଲେ ଗୁରୁତ୍ୱ।

'ଦି ପ୍ରଫେଟ' ପୁସ୍ତକରେ ସେ କହିଛନ୍ତି- ଯଦି ତୁମେ ନିଜର ଭାବନା ସହ ଶାନ୍ତିରେ ରହିବା ଲାଗି ଚାହିଁବ ନାହିଁ ତେବେ ତୁମେ କଥାହୁଅ। ସେ କହିବାକୁ ଚାହିଁଛନ୍ତି- ନିଜର ଚିନ୍ତାଧାରା ସର୍ବଦା ଶକ୍ତିଶାଳୀ। ଏସମ୍ପର୍କରେ କାହାରି ସହ ଯୁକ୍ତିତର୍କ କରନାହିଁ। ସେ କହିଛନ୍ତି- ଯଦି କାହାକୁ ଭଲ ପାଉଛ ତେବେ ତାକୁ ଛାଡ଼ିଦିଅ। ଯଦି ସେ ଫେରିଆସେ ଏହା ଭାବିବାକୁ ପଡ଼ିବ ଯେ ସେ ତୁମର ନିଜର। ଯଦି ସେ ନ ଫେରେ ତେବେ ଧରିବାକୁ ହେବ ଯେ, ସେ ତୁମର ନଥିଲା, ତୁମର ବି ହେବାର ସମ୍ଭାବନା ନାହିଁ। ଏନେଇ ଅଯଥାରେ ନିଜ ଭିତରେ ଗୋଳେଇ ଘାଣ୍ଟି ହେବା ଅନାବଶ୍ୟକ। ପୁସ୍ତକରେ ସେ କହିଛନ୍ତି- ଏକତା ଭିତରେ କିଛି ଶୂନ୍ୟସ୍ଥାନ ରଖ। ସ୍ୱର୍ଗୀୟ ପ୍ରଭଞ୍ଜନ ବା ବାୟୁ ଏହି ସମ୍ପର୍କ ମଧ୍ୟରେ ପ୍ରବାହିତ ହେଉ। ପରସ୍ପରକୁ ଭଲ ପାଅ; କିନ୍ତୁ ପ୍ରେମର ବନ୍ଧନ ସୃଷ୍ଟି କରନାହିଁ। ତୁମମାନଙ୍କର ଆତ୍ମାର ଉପକୂଳ ମଧ୍ୟରେ ଏକ ଗତିଶୀଳ ସମୁଦ୍ର ପ୍ରବାହିତ ରହୁ। ପରସ୍ପରର ପାତ୍ର ପୂରଣ କର; ମାତ୍ର ଗୋଟିଏ ପାତ୍ରରୁ ପାନ କରନାହିଁ। ପରସ୍ପରକୁ ରୁଟି ଦାନ କର; ମାତ୍ର ଗୋଟିଏ ରୁଟିରୁ ଏକତ୍ର ଖାଅନାହିଁ। ଏକାଠି ନାଚ, ଏକାଠି ଗାନ କର, ଏକାଠି ଆନନ୍ଦ ଉପଭୋଗ କର; ମାତ୍ର ଅଲଗା ରୁହ। ବୀଣାର ତାରଗୁଡ଼ିକ ଅଲଗା ଅଲଗା ରହିଥା'ନ୍ତି; ମାତ୍ର ସେଗୁଡ଼ିକ ଏକାଠି ହୋଇ ରାଗିଣୀ ସୃଷ୍ଟି କରନ୍ତି। ପରସ୍ପରକୁ ହୃଦୟ ଦିଅ; ମାତ୍ର ନିଜର ହୃଦୟକୁ ଅନ୍ୟ ନିକଟରେ ରଖନାହିଁ। ଏକାଠି ଠିଆ ହୁଅ; ମାତ୍ର ନିଜ ନିକଟରେ ଅତି ଘନିଷ୍ଠ ଭାବେ ଠିଆ ହୁଅନାହିଁ।

ଆକାଶରେ ପୃଥିବୀର କବିତାଗୁଡ଼ିକ ହେଉଛନ୍ତି ବୃକ୍ଷ। ମାତ୍ର କାଗଜ ଲାଗି ଆମେ ଗଛଗୁଡ଼ିକୁ କାଟି ଦେଇଥାଉ। ଏହା ହିଁ ଆମ ଲାଗି ବଡ଼ ଶୂନ୍ୟତା। ବିଚ୍ଛେଦ ନ ହେବା ଯାଏଁ ପ୍ରେମ ନିଜର ଗଭୀରତା ସମ୍ପର୍କରେ ଅବଗତ ହୋଇପାରେନାହିଁ। ଆପଣ ହୁଏତ ଦିନେ ମୋତେ ପ୍ରଶ୍ନ କରିପାରନ୍ତି- ମୋର ନା ଆପଣଙ୍କର ଜୀବନ ଗୁରୁତ୍ୱପୂର୍ଣ୍ଣ। ମୁଁ କହିବି ଯେ, ଆପଣ ମୋର ଜୀବନ ବୋଲି ନ ଜାଣି ମୁଁ ଓ ଆପଣ ପରସ୍ପରଠାରୁ ଦୂରେଇଯିବା। ଆପଣ ଯେତେବେଳେ ଦୁଃଖରେ ଅଛନ୍ତି ସେତେବେଳେ ଆପଣ ନିଜକୁ ପୁଣି ଥରେ ପଚାରନ୍ତୁ ଏବଂ ଦୁଃଖର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ତାହା ଜାଣିବା ପରେ ଆପଣ ଆନନ୍ଦ ପାଇବେ।

'ଦି ମ୍ୟାଡ ମ୍ୟାନ' ପୁସ୍ତକରେ ସେ ମଣିଷର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ମଣିଷ କିପରି ଏକ ସାମାଜିକ ପ୍ରାଣୀ ହେଲେ ବି ନିଜର ବ୍ୟକ୍ତିଗତ ପରିସରରୁ ମୁକ୍ତ ହୋଇ ନଥାଏ ତାହାର ବିଶ୍ଳେଷଣ କରିଛନ୍ତି। ପ୍ରେମର ପଥ କଠିନ ଯଦିଓ ସେ ଆହ୍ୱାନ ଦେଇଥାଏ। ପ୍ରେମର ଡେଣା ଭିତରେ ଆପଣ ନିଜକୁ ସମର୍ପଣ କରନ୍ତୁ ଯଦିଓ ତାହାରି ଡେଣା ଭିତରେ ଥିବା ଖଣ୍ଡା ଆପଣଙ୍କୁ ଆଘାତ କରିପାରେ। ଯଦି ନିଜ ଭିତରେ ଥିବା ଭୟରେ ଆପଣ ପ୍ରେମର ଶାନ୍ତି ଆନନ୍ଦ ଖୋଜୁଥା'ନ୍ତି ତେବେ ତାହା ପ୍ରେମ ପଦବାଚ୍ୟ ହୋଇପାରେନା। ସୌନ୍ଦର୍ଯ୍ୟ ମୁଖରେ ନଥାଏ, ବରଂ ଏହା ହୃଦୟର ଏକ ଆଲୋକ। ଆପଣଙ୍କ ସନ୍ତାନମାନେ ଆପଣଙ୍କର ନୁହନ୍ତି। ଜୀବନ ପ୍ରକ୍ରିୟାରେ ସେମାନେ ଅଂଶବିଶେଷ। ସେମାନେ ଆପଣଙ୍କ ଜରିଆରେ ଆସିଛନ୍ତି; ମାତ୍ର ଆପଣଙ୍କଠାରୁ ନୁହେଁ। ସେମାନେ ଆପଣଙ୍କ ସହ ଅଛନ୍ତି; ମାତ୍ର ସେମାନେ ଆପଣଙ୍କର ନୁହନ୍ତି। ଆପଣ ସେମାନଙ୍କୁ ନିଜର ପ୍ରେମ ଦେଇପାରନ୍ତି; ମାତ୍ର ଆପଣଙ୍କ ଭାବନାକୁ ସେମାନଙ୍କୁ ଦିଅନ୍ତୁ ନାହିଁ। ସେମାନଙ୍କୁ ସେମାନଙ୍କ ଭାବନା ଅନୁସାରେ ଯିବାକୁ ଦିଅନ୍ତୁ। ସେମାନଙ୍କୁ ଘରେ ରଖନ୍ତୁ; ମାତ୍ର ସେମାନଙ୍କ ଆତ୍ମାକୁ ନୁହେଁ। ଆସନ୍ତାକାଲିର ଘର ଭିତରେ ସେମାନଙ୍କ ଆତ୍ମାକୁ ଘୂରିବୁଲିବାକୁ ଦିଅନ୍ତୁ। ଏପରିକି ଆପଣ ନିଜର ସ୍ୱପ୍ନରେ ସେମାନଙ୍କୁ ଦେଖିବାକୁ ଚେଷ୍ଟା କରନ୍ତୁ ନାହିଁ। ଆପଣ ସେମାନଙ୍କୁ ଭଲ ପାଇପାରନ୍ତି; ମାତ୍ର ଆପଣଙ୍କ ପରି ହେବାକୁ ସେମାନଙ୍କୁ ଦିଅନ୍ତୁ ନାହିଁ।

ଜୀବନ ପଛକୁ ଯାଏ ନାହିଁ କି ଗତକାଲି ସହ ଅଟକିଯାଏ ନାହିଁ। ଭାବନ୍ତୁ ଯେ ଆପଣ ଏକ ଧନୁ ଏବଂ ସେମାନେ ତୀର ପରି ଧନୁରୁ ବାହାରି ଯାଆନ୍ତି। ଧନୁର୍ଦ୍ଧର ଭାବିଥାଏ ତା' ତୀର ବହୁ ଦୂରକୁ ଭେଦ କରିପାରେ ଏବଂ ତା' ଲକ୍ଷ୍ୟ ଫଳବତୀ ହୋଇପାରେ। ଧନୁର୍ଦ୍ଧର ଭାବେ ଆପଣ ସର୍ବଦା ଆନନ୍ଦିତ ଓ ଅଟଳ ରୁହନ୍ତୁ। ମୋର ପାଗଳାମି ଭିତରେ ମୁଁ ଉଭୟ ସ୍ୱାଧୀନତା ଓ ସାର୍ବଭୌମତ୍ୱକୁ ପାଇଛି। ଗତକାଲି ଥିଲା ଆଜିର ସ୍ମୃତି ଏବଂ ଆସନ୍ତାକାଲି ହେବ ଆଜିର ସ୍ୱପ୍ନ। ଭାବ ନାହିଁ ଯେ, ପୃଥିବୀ ଆପଣଙ୍କର ଖାଲି ପାଦକୁ ଅନୁଭବ କରିବାକୁ ଖୁସି ହୁଏ, ପବନ ଆପଣଙ୍କର କେଶ ସହିତ ଖେଳିବାକୁ ଆଗ୍ରହୀ ହୁଏ। ମୁଁ କଥାବାର୍ତ୍ତା କରୁଥିବା ଲୋକଙ୍କଠାରୁ ନୀରବତା, ଅସହିଷ୍ଣୁ ଲୋକଙ୍କଠାରୁ ସହନଶୀଳତା ଏବଂ ନିର୍ଦ୍ଦୟ ଲୋକଙ୍କଠାରୁ ଦୟା ଶିଖିଛି। ତଥାପି ଆଶ୍ଚର୍ଯ୍ୟର କଥା ମୁଁ ଏହି ଶିକ୍ଷକମାନଙ୍କ ପ୍ରତି କୃତଜ୍ଞ ନୁହେଁ। ଆପଣମାନଙ୍କ ମଧ୍ୟରୁ ଅନେକ କହନ୍ତି ଦୁଃଖ ଅପେକ୍ଷା ଆନନ୍ଦ ବଡ଼। ଆଉ କିଏ କିଏ କହନ୍ତି ଦୁଃଖ ସବୁଠାରୁ ବଡ଼। ହେଲେ ଆପଣମାନଙ୍କ ସହ ମିଶି ମୁଁ ଏହା କହୁଛି ଯେ, ସେମାନେ ହେଉଛନ୍ତି ଅବିଚ୍ଛେଦ୍ୟ। ସେମାନେ ଏକାଠି ଆସନ୍ତି ଏବଂ ଯେତେବେଳେ ଜଣେ ଆପଣଙ୍କ ନିକଟରେ ରହିଛି ମନେରଖ ଯେ, ଅନ୍ୟ ଜଣକ ତୁମ ବିଛଣାରେ ଶୟନ କରିଛି।

ଖଲିଲ ଜିବ୍ରାନ ନାହାନ୍ତି। କିନ୍ତୁ ମଣିଷ ସମାଜକୁ ତାଙ୍କର ବାର୍ତ୍ତା, ମଣିଷର ସାମାଜିକ ଓ ମାନସିକ ବ୍ୟବଚ୍ଛେଦ ତାଙ୍କୁ ଅମର କରି ରଖିବ।

ଭୁବନେଶ୍ୱର, ମୋ: ୯୪୩୭୧୬୪୭୬୪

## ମହାକାନ୍ତାରରେ ମହାସାମନ୍ତ: ଶ୍ରୀଜଗନ୍ନାଥଙ୍କ ଗୋପନଲୀଳା

ଚନ୍ଦନ ସୁବୁଦ୍ଧି

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ରାଷ୍ଟ୍ରଦେବତା ନୁହନ୍ତି, ସେ ଅପରାଜେୟ ଓଡ଼ିଆଙ୍କ ଆତ୍ମା, ତାଙ୍କ ଅହରହ ଶ୍ୱାସ, ବିଶ୍ୱାସ ଆଉ ଆୟୁଷ। ପ୍ରତି ଓଡ଼ିଆ ପାଇଁ ସେ ବେଦନା ରାତିର ପ୍ରଭାତ, ସବୁ ପ୍ରତୀକ୍ଷାର ପ୍ରାପ୍ତି। ଓଡ଼ିଆ ଜାତିର ନାୟକ ଗଜପତି ମାନେ ମଧ୍ୟ ତାଙ୍କ ପାଖରେ ସବୁକିଛି ଅର୍ପଣ କରି ଉତ୍କଳର ଏକଛତ୍ର ସମ୍ରାଟ ଭାବେ ସ୍ୱୀକାର କରିଛନ୍ତି ଆଉ ନିଜକୁ ରାଉତ ଭାବେ ମହାପ୍ରଭୁଙ୍କ ପାଖେ ସମର୍ପଣ କରିଛନ୍ତି। ଆଗଙ୍ଗା ଗୋଦାବରୀ ଜୟ କରି ସମସ୍ତ ବିଜୟ ପଦାର୍ଥ ସମର୍ପି ଦେଇଛନ୍ତି ଶ୍ରୀରଙ୍ଗାଚରଣ ତଳେ। ଗଜପତିମାନଙ୍କ ସମର୍ପଣରେ ମହାବାହୁଙ୍କ ରତ୍ନଭଣ୍ଡାର ହୋଇଥିଲା ଭାରତର ସବୁଠାରୁ ବିତ୍ତଶାଳୀ। ମଦଳାପାଞ୍ଜି ରାଜଭୋଗ ଇତିହାସ (ପୃ:୨୨) ରୁ ଜଣାଯାଏ ତତ୍କାଳୀନ ଗଙ୍ଗବଂଶୀୟ ରାଜ ଅନଙ୍ଗଭୀମ ଦେବ ମହାପ୍ରଭୁଙ୍କ ଅଳଙ୍କାର ପାଇଁ ଦୁଇ ଲକ୍ଷ ପଚାଶ ହାଜର ମାଢ଼ ଅର୍ଥାତ ୧୪୨୫ କିଲୋଗ୍ରାମ ସୁନା (୧ମାଢ଼ = ୧/୨ ତୋଳା ୧ତୋଳା=୧୧.୬୬ ଗ୍ରାମ) ଶ୍ରୀମନ୍ଦିରକୁ ଦାନ ଦେଇଥିଲେ।

ଏହା ଶ୍ରୀମନ୍ଦିରକୁ ବିତ୍ତଶାଳୀ କରିବା ସହ ବାହ୍ୟ ଶତ୍ରୁମାନଙ୍କ ଲୋଲୁପ ଦୃଷ୍ଟିର ଶିକାର କରିଥିଲା। କେବଳ ଅଳଙ୍କାର ଲୁଣ୍ଠନ ନୁହେଁ, ଅଜେୟ ଓଡ଼ିଆମାନଙ୍କ ମେରୁଦଣ୍ଡ ଭାଙ୍ଗିବା ପାଇଁ ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ କରିବା ଥିଲା ବାହ୍ୟତତ୍ତ୍ୱମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଆମାନଙ୍କ ମାନରକ୍ଷା ପାଇଁ ମହାପ୍ରଭୁଙ୍କୁ ରତ୍ନ ସିଂହାସନର ସ୍ୱାଚ୍ଛନ୍ଦ୍ୟକୁ ଛାଡ଼ି ଯାଯାବରତ୍ୱକୁ ସ୍ୱୀକାର କରିବାକୁ ପଡ଼ିଛି। କେତେବେଳେ ଚାପରେ ଚିଲିକା ଗର୍ଭକୁ ତ ପୁଣି କେତେବେଳେ ଚଉଦୋଳରେ କେଉଁ ଘଞ୍ଚ ଅରଣ୍ୟକୁ ବୁହା ହୋଇଯାଇଛନ୍ତି। ଇତିହାସ କୁହେ ପ୍ରାୟ ୧୮ ଥର ଶ୍ରୀକ୍ଷେତ୍ର ଉପରେ ଆକ୍ରମଣ ହୋଇଛି। ତନ୍ମଧ୍ୟରୁ ୧୩ ଥର ଶ୍ରୀମନ୍ଦିର ଉପରେ ଆକ୍ରମଣ ହେବା ସହ ରତ୍ନଭଣ୍ଡାର ଲୁଣ୍ଠନ କରାଯାଇଛି। ଏହି ସଙ୍କଟ ସମୟରେ ତତ୍କାଳୀନ ଗଜପତି ଓ ସେବକମାନେ ମହାପ୍ରଭୁଙ୍କୁ ୧୧ ଥର ବିଭିନ୍ନ ଗୋପନ ସ୍ଥାନକୁ ସ୍ଥାନାନ୍ତରିତ କରିଛନ୍ତି ଏବଂ ଥରେ ବିମଳା ମନ୍ଦିର ପଛରେ ମହାପ୍ରଭୁଙ୍କୁ ଲୁଚାଇ ରଖିଛନ୍ତି। ଦୀର୍ଘ ୯୯ ବର୍ଷ ମହାପ୍ରଭୁ ଉତ୍କଳୀୟଙ୍କ ମାନ ରକ୍ଷା ପାଇଁ ଭୂମିତଳେ ପାତାଳି ହୋଇଛନ୍ତି ଏବଂ ୭୩ ବର୍ଷ ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରିଛନ୍ତି।

**ଶୋଭନ ଦେବ:** ଶୋଭନଦେବଙ୍କ ରାଜତ୍ୱର ଦ୍ୱିତୀୟ ଅଙ୍କରେ ରକ୍ତବାହୁ ଶ୍ରୀମନ୍ଦିର ଆକ୍ରମଣ କଲା। ଖବର ପାଇ ରାଜା ବିଗ୍ରହମାନଙ୍କୁ ସୋନପୁର ଜିଲ୍ଲାର କୋଟ ସମଲେଇ ଗାଁ (ଗୋପାଳି, ତ୍ରିକୂଟ ପାହାଡ଼ ପାଦଦେଶ) ର ଏକ ମଣ୍ଡପରେ ସ୍ଥାପନ କରିଥିଲେ। ଦୀର୍ଘ ୪୫ବର୍ଷ ମହାପ୍ରଭୁ ସେଠାରେ ରହିଲେ। ପୁଣି ମୋଗଲ ଗୋଳ ଲାଗିବାରୁ ମହାପ୍ରଭୁଙ୍କୁ ସେହିଠାରେ ପାତାଳି କରାଗଲା ଏବଂ ତା' ପାଖରେ ଏକ ବର ଗଛ ଲଗାଯାଇଥିଲା, ଯେଉଁ ବର କାଳକ୍ରମେ 'ଦିଅଁବର' ନାଁରେ ପ୍ରସିଦ୍ଧି ପାଇଲା। ତାଙ୍କ ପରେ କେଶରୀ ବଂଶର ଯଯାତି କେଶରୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାତାଳି ସ୍ଥାନ ଚିହ୍ନଟ କରି ଦଇତାପତିମାନଙ୍କୁ ଡକାଇ ମହାପ୍ରଭୁଙ୍କୁ ଉଦ୍ଧାର କଲେ। ଶାସ୍ତ୍ରୀୟ ଭିତ୍ତିରେ ନବକଳେବର କରି ମହାପ୍ରଭୁମାନଙ୍କୁ ପୁନଃ ଶ୍ରୀମନ୍ଦିରରେ ଉପବେଶନ କରାଇଲେ। ଆଜି ବି କୋଟସମଲେଇ ମହାପ୍ରଭୁଙ୍କ ସେ ୧୪୪ ବର୍ଷର ସ୍ମୃତିକୁ ନିଜ ଛାତିରେ ଜାବୁଡ଼ି ଧରିଛି। ଶ୍ରୀମନ୍ଦିର ପରେ ଯଦି ମହାପ୍ରଭୁ କେଉଁଠାରେ ସର୍ବାଧିକ ସମୟ ରହିଥିବେ ତାହା ହେଉଛି ପାତାଳି ଶ୍ରୀକ୍ଷେତ୍ର କୋଟସମଲେଇ।



**ପ୍ରତାପରୁଦ୍ର ଦେବ:** ପ୍ରତାପରୁଦ୍ର ଦେବଙ୍କ ୧୭ଅଙ୍କରେ ମୋଗଲ ଅମୁରା ସୁରଥନ ଶ୍ରୀକ୍ଷେତ୍ର ଆକ୍ରମଣ କରିଥିଲା। ସେତେବେଳେ ପ୍ରତାପ ରୁଦ୍ରଦେବ ଦକ୍ଷିଣାତ୍ୟ ଯୁଦ୍ଧରେ ଥିଲେ। ଖବର ପାଇ ସେବକମାନେ ମହାପ୍ରଭୁଙ୍କୁ ଚାପରେ ଚିଲିକା ମଧ୍ୟସ୍ଥ ଚଢ଼େଇଗୁହା ପାହାଡ଼ରେ ଲୁଚେଇ ରଖିଲେ। ଦୁର୍ଦ୍ଦଣ୍ଡ ଅମୁରା ମନ୍ଦିର ଲୁଣ୍ଠନ କରି ମୂର୍ତ୍ତିମାନ ଭାଙ୍ଗିଲା (ମା.ପା ୩୯)। ପ୍ରତାପରୁଦ୍ର ଦେବ ଯୁଦ୍ଧରୁ ଫେରି ଅମୁରା ସୁରସେନକୁ ଘଉଡ଼େଇଲେ। ଦୀର୍ଘ ତିନିମାସ ଚଢ଼େଇଗୁହାରେ ରହି ମହାପ୍ରଭୁ ଶ୍ରୀମନ୍ଦିର ଫେରିଥିଲେ।

**ତେଲେଙ୍ଗା ମୁକୁନ୍ଦ ଦେବ:** ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ସହ ଆକବର ବିଶ୍ୱାସଘାତକତା କଲେ। ସେହି ସମୟରେ ସୁଲେମାନଙ୍କ ସେନାପତି ରଜୁ ଖାଁ କଳାପାହାଡ଼ ଶ୍ରୀମନ୍ଦିର ଆକ୍ରମଣ କରିଥିଲା(ଐତିହାସିକ ମତରେ ସେବେଳେକୁ ମୁକୁନ୍ଦ ଦେବ ମୃତ୍ୟୁବରଣ କରିଥିଲେ)। ଇତିହାସର ସବୁଠାରୁ ବର୍ବର ଆକ୍ରମଣ ମଧ୍ୟରେ ଏଇ ଆକ୍ରମଣ ଜଘନ୍ୟ ଓ ମର୍ମନ୍ତୁଦ ଥିଲା। ଆକ୍ରମଣର ଖବର ପାଇ ଅଭିଜ୍ଞ ସେବକ ପରିଛା ଦିବ୍ୟସିଂହ ପଟ୍ଟନାୟକ ମହାପ୍ରଭୁଙ୍କୁ ଚିଲିକାର ଛପଲି ହାତୀପଡ଼ାରେ ପାତାଳି କରିଥିଲେ। କଳାପାହାଡ଼ ମନ୍ଦିର ଆକ୍ରମଣ କରି ତିରିଶି ମହଣର ଏକ ସୁବର୍ଣ୍ଣ ପ୍ରତିମା(ଯାହାର ଆଖି ଦୁଇଟି ହୀରାରେ ତିଆରି) ସମେତ ବହୁ ଧନସମ୍ପତ୍ତି ବୋହିନେଲା(ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଜଗନ୍ନାଥ ତତ୍ତ୍ୱ - ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସ ପୃ : ୧୧୫)। ଗବେଷକ ଭାସ୍କର ମିଶ୍ରଙ୍କ ମତରେ କଳାପାହାଡ଼ ପ୍ରାୟ ୧୪୮୦ କିଲୋଗ୍ରାମ ଓଜନର ସୁନା ଏବଂ ଅନ୍ୟ ମୂଲ୍ୟବାନ ତଥା ଦୁର୍ଲଭ ପଦାର୍ଥ ଲୁଣ୍ଠନ କରିଥିଲା। ସେତିକିରେ ଯଦି ସେ ସନ୍ତୁଷ୍ଟ ହୋଇଥା'ନ୍ତା ତା'ହାଲେ ହୁଏତ ଇତିହାସ ତା'କୁ କ୍ଷମା କରିପାରିଥା'ନ୍ତା। କିନ୍ତୁ ତା'ପରେ ସେ ଯେଉଁ ବୀଭତ୍ସ ଦୃଶ୍ୟ ଭିଆଇଲା ତାହା ଆଜିବି ଅୟୁତେ ଓଡ଼ିଆଙ୍କ ଛାତି ଥରେଇ ଦିଏ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୯୮୫୩୪୫୪୪୯୩



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବେଆଇନ୍ ଖଣିରୁ ଚୋରାଚାଲାଣ ବେଳେ ଧସିଲା ପଥର

# ପଥର ତଳେ ଚାପି ହୋଇ ଯୁବକଙ୍କ ମୃତ୍ୟୁ; ନାବାଳକ ଗୁରୁତର



କୋଇଡା, ୨।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଅନ୍ତର୍ଗତ ମାଲଦା ଅଞ୍ଚଳରେ ବେଆଇନ୍ ମାଙ୍ଗାନିଜ ଖଣିରୁ ଚୋରାଚାଲାଣ ବେଳେ ଏକ ଦୁଃଖଦ ଘଟଣା ଘଟିଛି। ଅତଡ଼ା ଧସି ପଡ଼ିବାରୁ ମାଟି ଓ ପଥର ତଳେ ଚାପି ହୋଇ ଜଣେ ୧୮ ବର୍ଷୀୟ ଯୁବକ କ୍ରିସ୍ କଚ୍ଛପଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଜଣେ ନାବାଳକ ରାଜ ମୁଣ୍ଡାଙ୍କ ଅଣ୍ଟା ଓ ଗୋଡ଼ ଭାଙ୍ଗି ଯାଇ ଗୁରୁତର ହୋଇଛନ୍ତି। ନାବାଳକଙ୍କୁ ଯୋଡ଼ା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ବେଆଇନ୍ ମାଙ୍ଗାନିଜ ଚୋରା ଚାଲାଣକୁ ନେଇ ପୂର୍ବରୁ ମଧ୍ୟ ଏଭଳି ବାରମ୍ବାର ଦୁର୍ଘଟଣା ଘଟି ଜୀବନ ହାନୀ ହୋଇଛି। ବାରମ୍ବାର ଏପରି ଘଟଣା ସାମ୍ନାକୁ ଆସୁଥିଲେ ମଧ୍ୟ ବେଆଇନ୍ ଖଣି କାର୍ଯ୍ୟକଳାପ ଉପରେ ରୋକ୍ ଲାଗିପାରୁନାହିଁ ବୋଲି ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ବେଆଇନ୍ ଖଣି କାରବାର ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍, ଭିଜିଲାନ୍ସ ତଦନ୍ତ ସତ୍ତ୍ୱେ ଆଜି ଯାଏଁ କୌଣସି କଠୋର ପଦକ୍ଷେପ ନିଆଯାଇନାହିଁ। ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ପାକିସ୍ତାନରେ କୋଚିଂ ସେଣ୍ଟର ଛାତ ଭୁଶୁଡ଼ି ୧୪ ଶିଶୁ ମୃତ

ଲାହୋର,୨।୭ (ଏଜେନ୍ସି): ପାକିସ୍ତାନର ଲାହୋର ସହରରେ ଏକ ହୃଦୟ ବିଦାରକ ଅଘଟଣ ଘଟିଛି। କ୍ଲାସ୍ ଚାଲିଥିବା ସମୟରେ ଏକ କୋଚିଂ ସେଣ୍ଟରର ଛାତ ଭୁଶୁଡ଼ି ପଡ଼ିବା ଫଳରେ ୧୪ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି ଏବଂ ଅନେକ ଗୁରୁତର ଆହତ ହୋଇଛନ୍ତି। ଲାହୋରର ଏକ ପୁରୁଣା ଆବାସିକ ବିଲ୍ଡିଂରେ ଏହି ଟ୍ୟୁସନ ସେଣ୍ଟରଟି ଚାଲିଥିଲା। ପୁଲିସ ଅନୁଯାୟୀ, ମୃତ ଶ୍ରମିକ ଓ ଶିଶୁଙ୍କ ବୟସ ୫ ରୁ ୧୬ ବର୍ଷ ମଧ୍ୟରେ ଥିଲା, ଯେଉଁଥିରେ ଅଧିକାଂଶଙ୍କ ବୟସ ୯ ବର୍ଷରୁ କମ୍। ଭଙ୍ଗା ଛାତ ତଳୁ ଜଣେ ୩୦ ବର୍ଷୀୟା ମହିଳା ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଜୀବନ୍ତ ଉଦ୍ଧାର କରାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଏହି ଟ୍ୟୁସନ ସେଣ୍ଟରଟି ବେଆଇନ ଏବଂ ଅଣପଞ୍ଜିକୃତ ଭାବେ ଏକ ଜର୍ଜର କୋଠାରେ ଚାଲିଥିଲା। ଅଘଟଣ ପରେ ପୁଲିସ ଟ୍ୟୁସନ ସେଣ୍ଟରର ମାଲିକଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରିଛି। ପାକିସ୍ତାନର ରାଷ୍ଟ୍ରପତି ଆସିଫ୍ ଅଲି ଜରଦାରୀ ଏବଂ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ମିଶନ ଆଗମନ'ର...

ପାଇଲଟ୍ କିମ୍ବା ଜୟଷ୍ଟିକର ଆବଶ୍ୟକତା ନାହିଁ। ଏଥିରେ ଥିବା 'ରାମାନୁଜନ' ନାମକ ମିଶନ କମ୍ପ୍ୟୁଟର ଏବଂ ସ୍ୱତନ୍ତ୍ର ସଫ୍ଟୱେର୍ ଆଲଗୋରିଦମ ସାହାଯ୍ୟରେ ରକେଟ୍‌ଟି ମହାକାଶରେ ନିଜେ ସ୍ୱୟଂଚାଳିତ ଭାବେ ନିଷ୍ପତ୍ତି ନେଇପାରିବ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏବଂ ଇନ୍-ସ୍ପେସ୍'ର ସହଯୋଗରେ ସ୍କାଏରୁଟ୍ ଏରୋସ୍ପେସ୍ ଏହି ମିଶନ ପରିଚାଳନା କରୁଛି। ଏହାପୂର୍ବରୁ ନଭେମ୍ବର ୨୦୨୨ରେ କମ୍ପାନୀ 'ବିକ୍ରମ-ଏସ୍' ନାମକ ଏକ ଛୋଟ ପରୀକ୍ଷାମୂଳକ ରକେଟ୍ ସଫଳତାର ସହ ଉତକ୍ଷେପଣ କରି 'ମିଶନ ପ୍ରାରମ୍ଭ' ର ଶୁଭାରମ୍ଭ କରିଥିଲା, ଯାହା କେବଳ ପୃଥିବୀ ପ୍ରଦକ୍ଷିଣ କରିଥିଲା। କିନ୍ତୁ ବର୍ତ୍ତମାନର 'ମିଶନ ଆଗମନ' ମାଧ୍ୟମରେ 'ବିକ୍ରମ-୧' ପ୍ରକୃତରେ ଉପଗ୍ରହଗୁଡ଼ିକୁ ମହାକାଶ କକ୍ଷପଥରେ ସ୍ଥାପିତ କରିବ, ଯାହା ଭାରତୀୟ ମହାକାଶ ଇତିହାସରେ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

### ଡ. ଜଗନ୍ନାଥ ନାୟକ...

ପ୍ରକାଶ ପାଇଛି। ବୈଜ୍ଞାନିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଆର୍ଯ୍ୟଭଟ୍ଟ ପୁରସ୍କାର, ନ୍ୟାସନାଲ୍ ଏରୋନଟିକାଲ୍ ପ୍ରାଇଜ୍, ଡିଆର୍‌ଡିଓ ଅଗ୍ନି ପୁରସ୍କାର ସମେତ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି। କଟକ ରେଭେନ୍ସା କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ହାସଲ କରିବା ପରେ ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନରୁ ଏମ୍‌ଏସ୍ ଏବଂ ପିଏଚ୍‌ଡି ଡିଗ୍ରୀ ଅର୍ଜନ କରିଥିଲେ। ଡିଆର୍‌ଡିଓର ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ତାଙ୍କ ନିଯୁକ୍ତିକୁ ନେଇ ଓଡ଼ିଆ ବୈଜ୍ଞାନିକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

### ଦେଶର ଆଲୁମିନିୟମ...

ସମ୍ପଦ ଏବଂ ଶିଳ୍ପ ସମ୍ଭାବନାକୁ ଉଚ୍ଚ ପ୍ରଶଂସା କରିଥିଲେ। ଓଡ଼ିଶାରେ ଥିବା ଦେଶର ସର୍ବବୃହତ ବକ୍ସାଇଟ୍ ଭଣ୍ଡାର ଓ ୫୦ ପ୍ରତିଶତରୁ ଅଧିକ ଲୁହାପଥର ଏହାକୁ ଭାରତର ଶିଳ୍ପ ଜଗତର ମେରୁଦଣ୍ଡ ଭାବେ ଗଢ଼ିତୋଳିଛି। ବର୍ତ୍ତମାନର ସରକାରଙ୍କ ଦୃଢ଼ ନୀତି ଯୋଗୁଁ ଓଡ଼ିଶା କେବଳ କଞ୍ଚାମାଲ ଯୋଗାଣକାରୀ ରାଜ୍ୟରୁ ରୂପାନ୍ତରିତ ହୋଇ ଏକ ଉତ୍ପାଦନ କେନ୍ଦ୍ର ପାଲଟିଛି। ଏହି ଏମଓୟୁ ଓଡ଼ିଶାର ଜନସାଧାରଣ ଓ ସ୍ଥାନୀୟ ଅର୍ଥନୀତିକୁ ବିଶ୍ୱସ୍ତରକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ସମାବେଶରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ଏଜିଇଏଲ୍‌ର ନିର୍ବାହୀ ନିର୍ଦ୍ଦେଶକ ସାଗର ଆଦାନୀ, ୟୁଏଇ ଓଐଉ ଗ୍ରୁପ୍‌ର ନିର୍ଦ୍ଦେଶକ ଓ ସିଇଓ ସୟଦ୍ ବସର୍ ସୁଏବ୍, ୟୁଏଇ ଆଇଏଚସିର ସିଇଓ ଅଲି ଅଲ୍-ରସ୍‌ଦି, ଆଇଏଚସି ଗ୍ରୁପ୍‌ର ନେତୃବୃନ୍ଦ ହେସାମ୍ ଓ ଅବ୍‌ଦୁଲା ଅଲ୍-ରସ୍‌ଦିଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ନ୍ୟାୟିକ ପ୍ରକ୍ରିୟାରେ...

ହୋଇଥିବା ୮୭.୪୩ କୋଟି ଟଙ୍କାର ଋଣ ଖିଲାପି ମାମଲାରେ ଏନସିଏଲଟି ଏସେଲ୍ ଇନଫ୍ରାପ୍ରୋଜେକ୍ଟସ ବିରୋଧରେ ଦେବାଳିଆ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ ଏନସିଏଲଏଟି ମଧ୍ୟ କାଏମ ରଖିଥିଲା। ଏହି ନିଷ୍ପତ୍ତି ବିରୋଧରେ କମ୍ପାନୀର ନିଲମ୍ବିତ ନିର୍ଦ୍ଦେଶକ ପୂଜା ରମେଶ ସିଂହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଉଭୟ ଟ୍ରିବ୍ୟୁନାଲ୍‌ର ରାୟକୁ ରଦ୍ଦ କରିବା ସହ ସମସ୍ତ ତଥ୍ୟକୁ ପୁନର୍ବାର ଯାଞ୍ଚ କରି ନୂତନ ଭାବେ ନିଷ୍ପତ୍ତି ନେବାକୁ କହିଛନ୍ତି। ଏହାସହିତ, ଆଇନ କ୍ଷେତ୍ରରେ ଏଆଇର ଏଭଳି ଅପବ୍ୟବହାର ରୋକିବା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରି ଏହାର ବିସ୍ତୃତ ଅନୁଧ୍ୟାନ କରିବାକୁ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆକୁ ନିର୍ଦ୍ଦେଶ ଦେଇଛନ୍ତି।

### ମୌସୁମୀ ସକ୍ରିୟ...

କଟକ, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ମଧ୍ୟ ବର୍ଷା ଆଶଙ୍କା କରାଯାଇଛି।

ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଛି। ଏଥିପାଇଁ ୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ଏବଂ ଏହାର ଆଖପାଖ ଅଞ୍ଚଳରେ ଘଣ୍ଟା ପ୍ରତି ୪୦-୫୦ କିମି ବେଗରେ ପବନ ସହିତ ଝଡ଼ବର୍ଷା ହୋଇପାରେ ଏବଂ ପବନର ବେଗ ବଢ଼ି ଘଣ୍ଟା ପ୍ରତି ୬୦ କିଲୋମିଟର ପହଞ୍ଚିପାରେ। ତେଣୁ ଆଗାମୀ ୪ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗତ ୩୬ ଘଣ୍ଟାରେ ରାଜ୍ୟର ୩ ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବା ବେଳେ ୧୫ ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବରଗଡ଼ର ଅମ୍ବାଭୋନାରେ ସର୍ବାଧିକ ୧୮୦ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ଜୁଜୁମରାରେ ୧୩୦, ବରଗଡ଼ର ଅତାବିରାରେ ୧୨୦ ମିମି, ଭଟଲୀରେ ୧୧୦ମିମି ଏବଂ ସୋନପୁର ଜିଲ୍ଲାର ବୀରମହାରାଜପୁରରେ ୧୦୭ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଭୁବନେଶ୍ୱରରେ ୨୮ ମିମି ବର୍ଷା ହୋଇଥିବା ବେଳେ କଟକରେ ୬୭ ମିମି ବର୍ଷା ରେକର୍ଡ ହୋଇଛି।

### ଅଭିଯୁକ୍ତଙ୍କ ଘର...

ଟିନ୍ନୁ ଯାଦବଙ୍କ ଗିରଫଦାରୀ ପରେ ପ୍ରଥମ ଥର ପାଇଁ ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଦିନେଶ ଯାଦବ କହିଛନ୍ତି ଯେ, ତାଙ୍କ ଭାଇଙ୍କ ନାମରେ ପୂର୍ବରୁ କୌଣସି ଅପରାଧିକ ମାମଲା ନଥିଲା। ସେ ଦୀର୍ଘ ୨୦ ବର୍ଷ ଧରି ଚମ୍ପତ ରାୟଙ୍କ ସହ ବିଶ୍ୱସ୍ତତାର ସହ କାମ କରିଆସୁଥିଲେ। ମାତ୍ର ଏବେ ବିପଦ ସମୟରେ ତାଙ୍କୁ ଏକାକୀ ଛାଡ଼ି ଦିଆଯାଇଛି। ପ୍ରଭାବଶାଳୀ ଲୋକମାନେ ନିଜକୁ ବଞ୍ଚାଇବା ପାଇଁ ଟିନ୍ନୁଙ୍କୁ ମିଛରେ ଫସାଇ ଦେଇଛନ୍ତି। ମାତ୍ର ୧ ଲକ୍ଷ ଟଙ୍କା ପାଇଁ ତାଙ୍କୁ ସବୁଠାରୁ ବଡ଼ ଅପରାଧୀ ଭାବେ ଚିତ୍ରଣ କରାଯାଉଛି, ଯେଉଁଠି ପ୍ରକୃତ ଦୁର୍ନୀତି ଲକ୍ଷ ଲକ୍ଷ ଟଙ୍କାର ଅଟେ। ଏପରିକି ଭୟରେ କୌଣସି ଓକିଲ ତାଙ୍କ ଭାଇଙ୍କ ପକ୍ଷ ରଖିବାକୁ ପ୍ରସ୍ତୁତ ନଥିବାରୁ ସେ କୋର୍ଟଙ୍କୁ ଆଇନଗତ ସହାୟତା ପାଇଁ ଗୁହାରି କରିଛନ୍ତି।

### ଶାହାଙ୍କ ଗସ୍ତ...

ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ରାଜ୍ୟ ସଭାପତି ଶ୍ରୀ ସାମଲ ନିକଟରେ ଦିଲ୍ଲୀରୁ ଫେରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ପହଞ୍ଚୁ ପହଞ୍ଚୁ ପୁଣି ଶ୍ରୀ ସାମଲଙ୍କୁ ଦିଲ୍ଲୀରୁ ଡ଼କରା ଆସିଛି। ସେଠାରେ ଉଭୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଦଳର ରାଷ୍ଟ୍ରୀୟ ସଭାପତି ନିତିନ ନବୀନ ଓ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହାଙ୍କୁ ଭେଟିବେ ବୋଲି ସୂଚନା ମିଳିଛି।

ଉଭୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟସଭାପତିଙ୍କ ଦିଲ୍ଲୀ ଗସ୍ତ ପୁଣିଥରେ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ନିଯୁକ୍ତି ଚର୍ଚ୍ଚାକୁ ସରଗରମ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ଗତ ୨ ବର୍ଷ ମଧ୍ୟରେ ଅନେକବାର ଦିଲ୍ଲୀ ଗସ୍ତ କରିଛନ୍ତି ଓ ସବୁ ସମୟରେ ରାଜ୍ୟରେ ନିଗମ ନିଯୁକ୍ତି ଚର୍ଚ୍ଚା ହୋଇ ଆସିଛି। ତେବେ ଏଥର ପରିସ୍ଥିତି ସାମାନ୍ୟ ଭିନ୍ନ ରହିଛି। ୨୦ ତାରିଖରେ ସମ୍ଭବତଃ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ ଓ ଏହା ପୂର୍ବରୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି କୁହାଯାଉଛି। ତେଣୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରେ ଓଡ଼ିଶାରେ ମନ୍ତ୍ରି ପରିଷଦ ପୁନର୍ଗଠନ ହେବାର ସମ୍ଭାବନା ରହିଛି। ମନ୍ତ୍ରୀ ଓ ନିଗମ ଆଶାୟୀମାନେ ଦୁଇ ବର୍ଷ ଅପେକ୍ଷା କରିକରି ଧୈର୍ଯ୍ୟ ହରାଇଲେଣି, ପୁଣି ଆଗକୁ ପଞ୍ଚାୟତ ନିର୍ବାଚନ। ତେଣୁ ଅଧିକଦିନ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବିଳମ୍ବ କଲେ ଦଳ ପାଇଁ ବୁମେରାଂ ହେବାର ଆଶଙ୍କା ରହିଛି ବୋଲି ଦଳ ଅନୁଭବ କଲାଣି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ଉଭୟ ମୋହନ ଏବଂ ମନମୋହନଙ୍କ ଦିଲ୍ଲୀ ଗସ୍ତକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତିଙ୍କ ଦିଲ୍ଲୀ ଗସ୍ତରେ କୌଣସି ଅସ୍ୱାଭାବିକତା ନାହିଁ। ଏହା ଏକ ରୁଟିନ୍ ଭିଜିଟ୍ ଅଟେ। ଏବେ ରାଜ୍ୟରେ ଏସାଇଆର ପ୍ରକ୍ରିୟା ଚାଲିଛି। ତେଣୁ ସେ ସଂପର୍କରେ ଦିଲ୍ଲୀରେ ଆଲୋଚନା ହେବ। ସଠିକ୍ ସମୟରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହେବ। ଏଥିପାଇଁ ହୋମ୍ ୱର୍କ ସରିଛି। ଏହାସହ ଚଳିତ ମାସ ଶେଷ ସୁଦ୍ଧା ବୋର୍ଡ ଓ ନିଗମ ପଦବି ଘୋଷଣା ହେବ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅପରପକ୍ଷେ ରାଜନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ ଦିଲ୍ଲୀରେ କେନ୍ଦ୍ର ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଏବଂ ବିଜେପି ରାଷ୍ଟ୍ରୀୟ ସଂଗଠନର ପୁନର୍ବିନ୍ୟାସ ନେଇ ବ୍ୟାପକ ମାନସ ମନ୍ଥନ ଚାଲିଛି। ଉଭୟ କେନ୍ଦ୍ର ସରକାର ଏବଂ ସଂଗଠନରେ ଓଡ଼ିଶାର ନେତାଙ୍କୁ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମିଳିବାର ସମ୍ଭାବନା ରହିଛି। ଏହାସହ ରାଜ୍ୟରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଅବଶ୍ୟମ୍ଭାବୀ ହୋଇପଡ଼ିଥିବାରୁ ଉଭୟ ମୋହନ-ମନମୋହନଙ୍କୁ ଦିଲ୍ଲୀ ଡକରା ହୋଇଛି। ଚଳିତ ଗସ୍ତରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କୌଣସି ଠୋସ୍ ନିଷ୍ପତ୍ତି ନିଆଯାଇପାରେ ବୋଲି ରାଜନୈତିକ ମହଲରେ ଅନୁମାନ କରାଯାଉଛି।

### ତେଲ ଦର କମାଇବାକୁ...

ଦେଶବାସୀଙ୍କ କଟା ଘା'ରେ ଚୂନ ମାରିବା ପରି ହୋଇଛି। ଶ୍ରୀ ପୁରୀ କହିଛନ୍ତି ଯେ, ଯେତେବେଳେ ଭାରତରେ ତୈଳ ମୂଲ୍ୟ ବୃଦ୍ଧି ପାଇନାହିଁ, ତେବେ ମୂଲ୍ୟ ହ୍ରାସ ବିଷୟରେ କାହିଁକି ଆଲୋଚନା ହେଉଛି।

ଗୁରୁବାର ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ପେଟ୍ରୋଲିୟମ କହିଛନ୍ତି ଯେ ହରମୁଜ୍ ସଙ୍କଟ ସମୟରେ ବିଶ୍ୱର ଅନେକ ଦେଶରେ ଇନ୍ଧନ ମୂଲ୍ୟ ବହୁ ପରିମାଣରେ ବୃଦ୍ଧି ପାଇଥିଲା, କିନ୍ତୁ ଭାରତ ସାଧାରଣ ଗ୍ରାହକଙ୍କ ଉପରେ ବୋଝ ପଡ଼ିବାକୁ ଦେଇ ନ ଥିଲା। ଏବେ ଲୋକମାନେ ପଚାରୁଛନ୍ତି ଯେ ପେଟ୍ରୋଲ ଏବଂ ଡିଜେଲ ଦର କେବେ ହ୍ରାସ ପାଇବ? ଭାରତରେ ଦର ପୂର୍ବରୁ ଅନ୍ୟ ଦେଶମାନଙ୍କ ପରି ବୃଦ୍ଧି ପାଇ ନ ଥିଲା। ତେଣୁ, ଏବେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଆଶା କରିବା ଅଯୌକ୍ତିକ। ଅନେକ ଯୁକ୍ତି କରନ୍ତି ଯେ ଯେହେତୁ ଅଶୋଧିତ ତୈଳ ଦର ବ୍ୟାରେଲ ପ୍ରତି ୧୨୮ ଡଲାରରୁ ପ୍ରାୟ ୭୦ ଡଲାରକୁ ହ୍ରାସ ପାଇଛି, ତେଣୁ ପେଟ୍ରୋଲ ଏବଂ ଡିଜେଲ ମଧ୍ୟ ଶସ୍ତା ହେବା ଉଚିତ। ମାତ୍ର ଏପରି ତୁଳନା ସମ୍ପୂର୍ଣ୍ଣ ଚିତ୍ରକୁ ପ୍ରତିଫଳିତ କରେନାହିଁ ବୋଲି ସେ କହିଛନ୍ତି। ଶ୍ରୀ ପୁରୀ କହିଛନ୍ତି ଯେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସର ପ୍ରଭାବ ଭାରତୀୟ ବଜାରରେ ତୁରନ୍ତ ଦେଖାଯାଏନାହିଁ। ତେଣୁ, ହ୍ରାସ ହୋଇଥିବା ବିଶ୍ୱ ମୂଲ୍ୟର ଲାଭ ଗ୍ରାହକମାନଙ୍କ ପାଖରେ ପହଞ୍ଚିବା ପାଇଁ କିଛି ସମୟ ଲାଗିପାରେ। ସେ ଆହୁରି କହିଛନ୍ତି ଯେ ଯଦି ଅନ୍ତର୍ଜାତୀୟ ବଜାରରେ ତେଲ ଦର ଆଗାମୀ ଦୁଇରୁ ତିନି ମାସ ପର୍ଯ୍ୟନ୍ତ ରହିଲେ ମୂଲ୍ୟ ହ୍ରାସ ପାଇଁ ବିଚାର କରାଯାଇପାରେ।

ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ଶ୍ରୀଲଙ୍କା ପ୍ରଥମ ଥର ପାଇଁ ତେଲ ମୂଲ୍ୟ ୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଛି। ଦେଶର ରାଷ୍ଟ୍ରାୟତ୍ତ ପେଟ୍ରୋଲିୟମ୍ କର୍ପୋରେସନ୍, ଯାହା ସମ୍ପୂର୍ଣ୍ଣ ଭାବରେ ଆମଦାନୀ ଉପରେ ନିର୍ଭରଶୀଳ, ଡିଜେଲ ମୂଲ୍ୟ ଲିଟର ପିଛା ୨୫ ଟଙ୍କା ଏବଂ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୨୦ ଟଙ୍କା ହ୍ରାସ କରିଛି। କ୍ରମାଗତ ଭାବେ ଷଷ୍ଠ ଥର ପାଇଁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ ପରେ ଭାରତୀୟ ଟଙ୍କାରେ ପାକିସ୍ତାନରେ ପେଟ୍ରୋଲର ମୂଲ୍ୟ ୧୦୨.୨୧ ଟଙ୍କା (ଭାରତୀୟ ମୁଦ୍ରାରେ ୩୩ ଟଙ୍କା) ଏବଂ ଡିଜେଲର ମୂଲ୍ୟ ୧୦୬.୩୧ ଟଙ୍କା (ଭାରତୀୟ ମୁଦ୍ରାରେ ୩୪ ଟଙ୍କା ରହିଛି।


**NOTICE**

By virtue of an affidavit sworn before the Executive Magistrate, Athmallik dated 29th June 2026, I, Mr. PRASANTA BEHERA address Son of PRAFULLA BEHERA, Village : RASOSINGA , P.O. : LUNAHANDI, P.S.: ATHMALLIK , District: ANUGOLA, PIN : 759125 , STATE : ODISHA, declare that I have changed the name of my son from "PRAPYUSH BEHERA" to "PRATYUSH BEHERA". Henceforth, he shall be known as **"PRATYUSH BEHERA"** for all purposes.

**PRASANTA BEHERA**

**AFFIDAVIT**

By virtue of an affidavit sworn before Executive Magistrate/Notary Public) baripada, Mayurbhanj, Odisha sl no:50, dated 02.07.2026, I Susanta Kumar Mohanta, s/o: Lalmohan Mohanta, At: Bahadurpur, Po: baunsabila, Ps: Baripada sadar, dist - Mayurbhanj, Pin - 757024, Adhar no: 671210644639 declare that I have changed my name from Susanta Mahanta to Susanta Kumar Mohanta. Henceforth, I shall be known as **Susanta Kumar Mohanta** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bargarh dated 02.07.2026, I, Sridhara Bhoi, S/o- Late Jan Bhoi resdient of Khajurtikra, Ward No.8, Bargarh, Po./Ps./Tah/Dist.- Bargarh (Odisha), PIN- 768028 state that, my actual name is **Sridhara Bhoi** and Date of Birth **25.11.1956**. But in my Aadhar card my name has been wrongly mentioned as Sridhar Bhue and Date of Birth 12.07.1980. That **Sridhara Bhoi** and **Sridhar Bhue** is one and same person. I shall be known as **Sridhara Bhoi** for all purposes.

**AFFIDAVIT**

By virtue of an affidavit no. 441 before the Executive Magistrate, Nuapada, dt.18.06.2026 I, Chandradhwaj Satnami, Vill- Bolangir, P.O. Chhotanki, P.S. Jharbandh, Dist. Bargarh, hereby declare that I have changed my name from Chakradhwaj Satnami to Chandradhwaj Satnami. Henceforth, I shall be known as **Chandradhwaj Satnami** for all purposes.

**Chandradhwaj Satnami**

**AFFIDAVIT**

By virtue of an affidavit sworn before the Executive Magistrate Jaleswar, Baleswar, Odisha vide Sl. no. 2784 dated 19/06/2026, I Chandan Mohapatra, S/o- Harihara Mohapatra, At- Banida, Po-Sugo, Ps- Jaleswar Dist- Baleswar, Odisha, Pin-756084 declare that I have changed my Son's name from Subham Mohapatra to Subhajit Mohapatra. Henceforth he shall be known as **SUBHAJIT MOHAPATRA** for all purposes.

**AFFIDAVIT**

I, Muna Gouda, S/o- Ramesh Gouda resident of At- Chhachina, Jaganathapur, Po.- Gouradeipur, Ps./ Tahasil- Kodala, Dist.- Ganjam, Odisha, Pin- 761032 vide affidavit no. 336 dated 18.5.2026 state that, I have changed my daughter's name from **Mama Gouda** to **Mamali Gouda**. Henceforth she will be known as **Mamali Gouda** for all future purposes.

**AFFIDAVIT**

By virtue of an affidavit dtd- 02.07.2026 sworn before The Executive Magistrate, Kalampur, Kalahandi. I, **Trilochan Sabar**, S/o- Natha Sabar, resident of Vill/AT/PO: Bijmara, PS: Kalampur, Dist: Kalahandi, Odisha declare that I have changed my minor daughter's name from **Tosita sabar** to **Tapaswini sabar** in his Aadhaar Card. Henceforth, she shall be known as **Tapaswini Sabar** (new name) for all purposes.

**Trilochan Sabar**

**AFFIDAVIT**

By virtue of an affidavit (Sl No. 1473, dtd- 23.06.2026) sworn before The Executive Magistrate, Khordha. I, **Yajnaseni Sahoo** (new name), D/o Manasi Sahoo, permanent resident of AT/PO: Pubusahi, Khordha, PS/Dist: Khordha, PIN: 752057, State: Odisha declare that I have changed my name from **Jagyanseni Sahoo** (old name) to **Yajnaseni Sahoo** (new name). Henceforth, I shall be known as **Yajnaseni Sahoo** (new name) for all purposes.

**Yajnaseni Sahoo**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIV BBS2026016, ତା. 18.04.2026 ରିଖ ର

**ଶୁଦ୍ଧିପତ୍ର-3**

ଉପରେ ଉଲ୍ଲିଖିତ ଟେଣ୍ଡର ବିଜ୍ଞପ୍ତି ରେ ନିମ୍ନଲିଖିତ ରୂପାନ୍ତରଣ କରାଯାଇଅଛି। ଦୟାକରି ଧ୍ୟାନ ଦିଅନ୍ତୁ।

| ବିବରଣୀ | ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ନଂ 02) | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|---|
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ | 17.07.206, 1200 ଘଟିକା | 03.08.2026, 1200 ଘଟିକା |

ଶୁଦ୍ଧିପତ୍ର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ପାଇଁ ଇଚ୍ଛୁକ ଟେଣ୍ଡର ଦାତାମାନେ ଦୟାକରି www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-111/CJ/26-27

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-T-199ER ତା.24.06.2026ରିଖ

କାର୍ଯ୍ୟର ନାମ : କୋରାପୁଟ-ସିଙ୍ଗାପୁର ରୋଡ଼ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ବନ୍ଧୀୟ ସିଙ୍ଗାପୁର ରୋଡ଼-କେଉଟଗୁଡ଼ା (LOC : 159/9-11) ମଧ୍ୟରେ 11 KV ପାୱାର ଲାଇନ କ୍ରସିଙ୍ଗର ସ୍ଥାନାନ୍ତରଣ / ରୂପାନ୍ତରଣ ତଥା ବିବିଧ ଇଲେକ୍ଟ୍ରିକାଲ ଜେନେରାଲ ସର୍ଭିସ କାର୍ଯ୍ୟଗୁଡ଼ିକ ସହିତ ଭାଲୁମସ୍କା-ସିଙ୍ଗାପୁର ରୋଡ଼ ମଧ୍ୟରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କାର୍ଯ୍ୟ ଏବଂ ରାୟଗଡ଼ା ଠାରେ 33/11 KV, 5MVA ଆଉଟଡୋର ଟାଇପ୍ ସବ୍-ଷ୍ଟେସନର ଡିଜାଇନ୍, ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 763.38 ଲକ୍ଷ, EMD : ₹ 15,26,800/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.07.2026ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଟେଣ୍ଡର ନଥିପତ୍ର ଗ୍ରୁପର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ବିଶାଖାପାଟଣା

PR-114/CJ/26-27

**GOVERNMENT OF ODISHA** 25001/627/2627

**OFFICE OF THE EXECUTIVE ENGINEER RURAL WORKS DIVISION, SUNDARGARH-II**

**CANCELLATION OF TENDER**

Tender for the work Sl. No. 01 "Special Repair to PWD Road - Erla Road for the year 2026–27" & Sl. No. 02 "Special Repair to L044-RD Road to Sanramloi Road for the year 2026–27" in Tender call notice Bid Identification No. Online-EERKL-13/2026-27 by the Executive Engineer is hereby cancelled due to some unavoidable circumstances:

**Executive Engineer**
**R.W. Division-II, Sundargarh**

OIPR-25001/25193/1/26-27/0030

25001/623/2627

Phone: 06842-253708
E-Mail: rw_phulbani@yahoo.co.in

**OFFICE OF THE SUPERINTENDING ENGINEER**
**RURAL WORKS DIVISION, PHULBANI**
**Government of Odisha**
e-Procurement Notice
**Bid Identification No.:** Online Tender/03/SERWDPLB/2026-27
**Memo No.:** 3274/RWD/PLB, **Date:** 12.06.2026

| | | |
|---|---|---|
| 1 | Name of the Work | Road Works |
| 2 | Estimated Cost | Rs. 54.27 to 76.27 Lakhs |
| 3 | Period of Completion | 3 (Three) Months as per Annexure |
| 4 | Date & Time of Availability of Bid Documents in the Portal | 04.07.2026 at 10.00 A.M. to 17.07.2026 up to 5.00 P.M. |
| 5 | Last Date & Time for Receipt of Bids in the Portal | 17.07.2026 up to 5.00 P.M. |
| 6 | Name & Address of the Officer Inviting Bid | Superintending Engineer, Rural Works Division, Phulbani |

**Further details can be seen from the e-procurement portal: tendersodisha.gov.in/nicgep/app**

**Superintending Engineer**
**Rural Works Division, Phulbani**

OIPR-25001/25077/1/26-27/0004

**OFFICE OF THE GENERAL MANAGER** 13001/1046/2627
**WATCO DIVISION, CUTTACK**
Telephone/e-mail/FAX: 0671-2547115 / gmwatcoctc@gmail.com
**NATIONAL COMPETITIVE BIDDING THROUGH e-Procurement**
**Bid Identification No.:** GMWATCO (W)-07/2026-27, **Date:** 30.06.2026

| | | |
|---|---|---|
| 1 | Name of the Work | 3 Nos. Work |
| 2 | Estimated Cost | Rs. 7.31 Lakh to Rs. 26.70 Lakh (Approx.) |
| 3 | Period of Completion | 3 (Three) Months |
| 4 | Date & Time of Availability of Bid Document in the Portal | From **11.00 A.M. on 04.07.2026** to **5.00 P.M. on 14.07.2026** |
| 5 | Last Date & Time of Receipt of Bids in the Portal | **14.07.2026 up to 05.00 P.M.** |
| 6 | Date & Time of Opening of Bids | **15.07.2026 at 12.30 P.M.** |
| 7 | Name & Address of the Officer Inviting Bid | **The General Manager, WATCO Division, Cuttack-753003, OdishaPh.:** (0671) 2547115**E-mail:** gmwatcoctc@gmail.com |
| 8 | The bidders have to participate in **ONLINE** bidding only. | |

**Further details can be seen from the website: www.tendersodisha.gov.in**

**General Manager**
**WATCO Division, Cuttack**

OIPR-13001/13170/1/26-27/0008,

25001/614/2627 E-Mail ID: eerw_blgr@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR**
**e Procurement Notice**
**IFB IDENTIFICATION NO. EEBLGR-Online-03-2026-27**

| | | |
|---|---|---|
| 1 | Name of work | Road Works |
| 2 | Total no. of works | 2 (Two) nos |
| 3 | Approximate Estimated Cost | Rs. 58.82 to 80.67 Lakh |
| 4 | Time for completion | 2 (Two) calendar months |
| 5 | Mode of Submission of tender | Tender should be submitted online in www.tendersodisha.gov.in |
| 6 | Other details | As per TCN No. **EEBLGR-Online-03/2026-27** |

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Clarification on Tender | Date & Time of Opening of Tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| | | | | | **Technical Bid:** | **Financial Bid** |
| Executive Engineer, Rural Works Division, Bolangir | **EEBLGR-Online-03/2026-27** | 06.07.2026 at 11.00 A.M | 21.07.2026 up to 5.00 P.M. | 20.07.2026 up to 1.00 P.M. | 22.07.2026 at 11.00 A.M. | The date will be intimated later on |

- Further details can be seen from the website **www.tendersodisha.gov.in**.
- Any Corrigendum/Addendum will be displayed in the above e-tender website only.

**Executive Engineer**
**R.W. Division, Bolangir**

OIPR-25001/25068/1/26-27/0003

**GOVERNMENT OF ODISHA** 25001/617/2627
**OFFICE OF THE EXECUTIVE ENGINEER, RWS&S DIVISION, NABARANGPUR**
E-Mail: eerwssngp@gmail.com
Bid Identification No.: 06/RWSS-NGP/2026-27
Date: 29-06-2026

The Executive Engineer, RWS&S Division, Nabarangpur on behalf of the Governor of Odisha invites **Percentage Rate Bids in Single Cover (P1 Contract)** from eligible class of experienced registered contractors through the **e-Tendering system** for the following **Piped Water Supply Works**. The bid should be submitted online through www.tenderorissa.gov.in separately for each work.

| | | |
|---|---|---|
| 1 | Nature of Work | **1.** Repair and shifting of distribution network pipeline damaged during PWD road widening work at Dabugam Village of Dabugam G.P. under Dabugam Block. **2.** Supplying all labour, T&P for laying of distribution network pipeline, installation of sluice valve & chamber damaged during PWD road widening work at PWS to Badabharandi & Pujariguda of Badabharandi G.P. under Umerkote Block. |
| 2 | Time Period for Completion | Two (2) Months |
| 3 | Estimated Cost | 1. Rs. 23.26 Lakhs2. Rs. 12.04 Lakhs |
| 4 | Total Number of Works | 2 Nos. |
| 5 | Tender Cost | Rs. 10,000.00/- Each |
| 6 | Class of Contractor | Work 1: "C" & "B"Work 2: "D" & "C" |
| 7 | Availability of Bid Document in the website | From **04.07.2026 at 01:00 Hours** to **10.07.2026 up to 17:00 Hours** |
| 8 | Last Date of Seeking Clarification | During office hours of **09.07.2026 up to 01:00 Hours** |
| 9 | Date of Opening of Bid | **13.07.2026 at 11:00 A.M.** |

**Note:** The amount put to tender is **exclusive of GST.**, The intending bidders should quote rates exclusive of GST applicable as per norms. GST applicable on works contract shall be paid over the bill amount at the time of payment.

Further details are available in the bidding documents on the **e-procurement portal:** https://www.tenderorissa.gov.in. Subsequent corrigendum, if required shall be appeared in the website. Authority reserves the right to reject any or all tenders without assigning any reason.

**Superintending Engineer**
**R.W.S.&S. Division, Nabarangpur**

OIPR-25001/25028/1/26-27/0007

32001/476/2627

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,**
**ରେଙ୍ଗାଳି ବନ୍ଧ ବିଭାଜନ, ରେଙ୍ଗାଳି ବନ୍ଧ ପାର୍ଶ୍ୱ**
**OFFICE OF THE SUPERINTENDING ENGINEER**
**RENGALI DAM DIVISION, RENGALI DAM SITE**
**ANGUL-759105, e-mail:** rengalidam@gmail.com
**'e'-Procurement Notice No. SE-RDD- 02/2026-27**

The Superintending Engineer, Rengali Dam Division, Rengali Dam Site, on behalf of Hon'ble Governor of Odisha invites percentage rate contract on lined tender in the prescribed form to be eventually drawn in P.W.D. form No. F2 from 'D' class or 'C' class Registered with the State Government of Odisha or from contractors of equivalent grade / class registered with other State Government / Central Government / M.E.S. / Railways or other Government undertakings. All the contractors are to be registered in the State portal and must possess compatible digital signature certificate of Class-II and III for on line bidding.

| | | | |
|---|---|---|---|
| 1 | Name of Work | : | Cleaning of Calcinations, Slush/Muck from foundation Gallery of Rengali Dam from Block No-1 to 51 and Gallery front drain including cleaning of motors for the year 2026-27 |
| 2 | No of works | : | 01(One) Nos of works |
| 3 | Estimated Cost | : | 10.28 Lakh (Excluding GST) |
| 4 | Cost of tender paper | : | **Rs. 6000.00 (Non-refundable)** |
| 5 | EMD/ Bid Security | : | **Rs. 10,300.00 (Refundable)** |
| 6 | Class of contractor | : | 'D' or 'C' Class Contractor |
| 7 | Period of Completion of work | : | 08 Calender month |
| 8 | Date and time of availability of bid Document in the website | : | From 11.00 A.M of Dt. **04.07.2026** to 5.00 P.M. of Dt.**14.07.2026** in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.**15.07.2026** at 11.00 A.M in O/o the Superintending Engineer, Rengali Dam Division, Rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : | Dt.**18.07.2026** at 11.00 AM onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : | Superintending Engineer, Rengali Dam Division, AT. Rengali Dam Site P.O- Rengali Dam Site Dist: Angul, Odisha, PIN-759105 Email ID- rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Superintending Engineer
Rengali Dam Division,
Rengali Dam Site

OIPR-32001/32028/1/26-27/0001

# ଇତିହାସର ମୂକସାକ୍ଷୀ ହରିପୁର ଗଡ଼ ଏବେ ଚାରଣ ଭୂମି

## ସରକାର ପ୍ରତିଶ୍ରୁତି ରକ୍ଷାରେ ବିଫଳ; ବର୍ଷିଲେ ଲେଖାଶ୍ରୀ

ବାରିପଦା/ବଡ଼ସାହି, ୨।୭(ସମିସ): ମୟୂରଭଞ୍ଜ ଗଡ଼ଜାତର ପୂର୍ବତନ ରାଜଧାନୀ ହରିପୁର ଗଡ଼ ପ୍ରତ୍ନତାତ୍ତ୍ୱିକ ବିଭାଗର ଉପେକ୍ଷା ଓ ରକ୍ଷଣାବେକ୍ଷଣ ଅଭାବରେ ଏବେ ଗୋରୁ, ଛେଳି ଓ ମେଣ୍ଢାଙ୍କ ଚାରଣ ଭୂମିରେ ପରିଣତ ହୋଇଛି। ଏକଦା ରାଜ ପରିବାରର ଗୌରବମୟ ଇତିହାସର ସାକ୍ଷୀ ଥିବା ଏହି ଗଡ଼ ବର୍ତ୍ତମାନ ଜରାଜୀର୍ଣ୍ଣ ହୋଇପଡ଼ିଛି। ୧୩୨୨ ଶକାବ୍ଦରେ ନିର୍ମିତ ଏହି ଗଡ଼ ବଡ଼ସାହିରୁ ୧୦ କିମି ପଶ୍ଚିମ ଓ ବାରିପଦାରୁ ୨୭ କିମି ଦକ୍ଷିଣରେ ଅବସ୍ଥିତ। ମହାରାଜା ହରିହର ଭଞ୍ଜଙ୍କ ନାମାନୁସାରେ ହରିହରଗଡ଼ ନାମରେ ପରିଚିତ ଥିଲା। ପରେ ମୋଗଲ ଆକ୍ରମଣ ପରେ ରାଜଧାନୀ ବାରିପଦାକୁ ସ୍ଥାନାନ୍ତରିତ ହୋଇଥିଲା। ତେବେ ଏହାର ପୁନରୁଦ୍ଧାର ବା ସଂରକ୍ଷଣ ଅଭାବ ପାଇଁ ଏବେ ଐତିହ୍ୟ ସ୍ମୃତି ଧ୍ୱଂସ ମୁହଁରେ। ତେବେ ଏହି ଗଡ଼ର ପୁନରୁଦ୍ଧାର ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ପାଳନ କରି ନ ଥିବାରୁ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କଡ଼ା ସମାଲୋଚନା କରିଛନ୍ତି।

୨୦୧୯ ଜାନୁଆରୀ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରିପଦା ଗସ୍ତରେ ୪୫୦୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସହ ହରିପୁର ଗଡ଼ର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ ୪୦ ଲକ୍ଷ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ତତ୍କାଳୀନ ରାଜ୍ୟପାଳ ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ ଉପସ୍ଥିତ ଥିଲେ। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜାତୀୟ ପର୍ଯ୍ୟଟନ ସ୍ଥଳୀ ହେବ, ଅଞ୍ଚଳର ଉନ୍ନତି ହେବ ଓ ରୋଜଗାର ସୃଷ୍ଟି ହେବ ବୋଲି ଆଶା ପ୍ରକାଶ ପାଇଥିଲା। ହରିହର ପୀଠ, ଦେବକୁଣ୍ଡ, ଲୁଲୁଙ୍ଗ, ସୀତାକୁଣ୍ଡ ଆଦି ଆଖପାଖ ପର୍ଯ୍ୟଟନ ସ୍ଥଳୀ ସହ ଏହା ସଂଯୁକ୍ତ ହୋଇ ପର୍ଯ୍ୟଟକଙ୍କ ଆକର୍ଷଣ ବଢ଼ାଇବ ବୋଲି କୁହାଯାଇଥିଲା।



କିନ୍ତୁ ୬ ବର୍ଷ ପରେ ମଧ୍ୟ ଗଡ଼ର ସ୍ଥିତି ଯେମିତିକୁ ସେମିତି ରହିଛି। ପ୍ରତ୍ନତାତ୍ତ୍ୱିକ ବିଭାଗ କାଗଜ ପତ୍ରରେ ପ୍ରକଳ୍ପ ରହିଥିବାବେଳେ ସର୍ଭେ ଓ ପୁନରୁଦ୍ଧାର କାର୍ଯ୍ୟ ଶୂନ୍ୟ। ଗଡ଼ର ମୁଖ୍ୟଦ୍ୱାର ଓ ଚତୁଃପାର୍ଶ୍ୱର ଧ୍ୱଂସାବଶେଷ ଦୃଶ୍ୟମାନ ହେଉଛି। ରସିକରାୟ ମନ୍ଦିର, ରାଧାମୋହନ ଓ ଜଗନ୍ନାଥ ମନ୍ଦିର ରହିଥିବାବେଳେ ରାଧାମୋହନ ପୂରା ଭଙ୍ଗା ପଡ଼ିଛି। ଗଡ଼ ଏବେ ମଦ୍ୟପାନ ଓ ଆବର୍ଜନା କୁଣ୍ଡରେ ପରିଣତ ହୋଇଛି। ଏ ନେଇ ଗୁରୁବାର ଗଡ଼ ଗସ୍ତରେ ବିଜେଡି ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାର ଓ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସହ ଦଳୀୟ ନେତା ଗଡ଼ ପରିଦର୍ଶନ କରି ସରକାରଙ୍କ ପ୍ରତିଶ୍ରୁତି ବିଫଳତାର ସମାଲୋଚନା କରିଛନ୍ତି। ସମସ୍ତେ ପ୍ରତ୍ନତାତ୍ତ୍ୱିକ ଓ ପର୍ଯ୍ୟଟନ ବିଭାଗକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ତପନ କୁମାର ପତି, ଯୁବ ସଭାପତି ନିହାର ରଞ୍ଜନ ମହାପାତ୍ର, ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ଜିଲ୍ଲା ପରିଷଦ ସୁବାସିନୀ ନାଏକ, ମହିଳା ସଭାପତି ଲକ୍ଷ୍ମୀ ସିଂ, ଯୁବନେତା ରାକେଶ ମହାପାତ୍ର, ବରିଷ୍ଠ ନେତା ଜ୍ୟୋତିକାନ୍ତ ସାମଲ, ସୁଶାନ୍ତ ବଳ, ରାଜ୍ୟ ଛାତ୍ର ସମ୍ପାଦକ ଚିତ୍ତେଶ୍ୱର ବେହେରା, ଛାତ୍ର ଆବାହକ ଦୀପକ ସାହୁଙ୍କ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

● ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବି

## ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



ବାରିପଦା, ୨।୭(ସମିସ): ଭାରତ ମୁକ୍ତି ମୋର୍ଚ୍ଚା ଏବଂ ସହଯୋଗୀ ସଂଗଠନ ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ସଭାପତି କାମେଶ୍ୱର ହେମ୍ବ୍ରମ ଓ ବୈଦ୍ୟନାଥ ସିଂଙ୍କ ନେତୃତ୍ୱରେ ବୁଧବାର ରାଜ୍ୟ ସରକାରଙ୍କ ସର୍ଜରୀ ପାଠ୍ୟପୁସ୍ତକ ଶ୍ରେଣୀ ୧ରୁ ୮ମ ଶ୍ରେଣୀରେ ଥିବା ୨, ୧୪୮ ରୁ ଊର୍ଦ୍ଧ୍ୱ ଗମ୍ଭୀର ଭୁଲ୍ ଓ ବିକୃତି ବିରୋଧରେ ରାଜ୍ୟ ସରକାରଙ୍କ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ପୁରୁଣା ପାଠ୍ୟପୁସ୍ତକକୁ ପଢ଼ାଇବା ନିମନ୍ତେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଏବଂ ନୂଆ ଶିକ୍ଷାନୀତି-୨୦୨୦ର ପ୍ରତ୍ୟାହାର, କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ଘୋଷଣାର ପୂର୍ଣ୍ଣ କାର୍ଯ୍ୟକାରିତା ଓ ଖାଲି ପଡ଼ିଥିବା ଶିକ୍ଷକ ପଦ ପୂରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କୁ ଭାରତ ମୁକ୍ତି ମୋର୍ଚ୍ଚା ଏବଂ ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ହୋଇଥିବା ଇତିହାସ, ଭୂଗୋଳ, ବିଜ୍ଞାନ ଏବଂ ସାଂସ୍କୃତିକ ତଥ୍ୟରେ ଗମ୍ଭୀର ବିକୃତି ରହିଛି, ଯାହା ଓଡ଼ିଶାର ଐତିହ୍ୟକୁ ବିକୃତ କରୁଛି ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଯେଉଁ ଓଡ଼ିଆ ଅସ୍ମିତାକୁ ନେଇ ବିଜେପି ସରକାର ଡିଣ୍ଡିମ ପିଟୁଥିଲା ତାହା ଓଡ଼ିଶା ତଥା ବାହାର ରାଜ୍ୟର ଅନେକ ଗାଥାକୁ ଓ ଭାଷାକୁ ଉଲ୍ଲେଖ କରି ଓଡ଼ିଶାକୁ ମୋର ଦେଶ ବୋଲି ଅଭିହିତ କରିଛନ୍ତି। ତେଣୁ ଉକ୍ତ ଶିକ୍ଷା ଦିଗରେ ସରକାରୀସ୍ତରରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମନ ଭିତରେ ବୈଜ୍ଞାନିକ ଭାବନାର ବିକାଶ ହୋଇପାରିବ ନାହିଁ। ତେଣୁ ଭବିଷ୍ୟତର ପାଠ୍ୟପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାକୁ ସ୍ୱଚ୍ଛ, ବୈଜ୍ଞାନିକ, ସଠିକ୍ ଏବଂ ଓଡ଼ିଶାର ବିବିଧ ସାମାଜିକ, ସାଂସ୍କୃତିକ, ଆର୍ଥିକ, ରାଜନୈତିକ, ଧାର୍ମିକ, ଐତିହାସିକ ପ୍ରତିନିଧିତ୍ୱ କରୁଥିବା ବିଷୟ ପ୍ରତି ଯେପରି ଅଣଦେଖା ନ ହୋଇ ସଠିକ୍ ରୂପେ ପ୍ରକାଶ ହୁଏ ସେଥିନିମନ୍ତେ ସମସ୍ତ ମୂଳନିବାସୀ ସଂଗଠିତ ହୋଇଥିଲେ। ଅଲ୍ ଓଡ଼ିଶା ପନତ ପାରଗାନା ବାଲକରାମ ବାସ୍କେ, ବୈଦ୍ୟନାଥ ସିଂ, ସୀମନ୍ତ ହେମ୍ବ୍ରମ, ଭାଗିରଥୀ ସୋରେନ, ସୁନାରାମ ମୁର୍ମୁ, ଶାନ୍ତିଲତା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଗାପୁର ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ

ମାଣତ୍ରୀ, ୨।୭(ସମିସ): ବୁଧବାର ଦୁର୍ଗାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରୋଜ କୁମାର ମହାନ୍ତ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳନର ମୂଳ ଲକ୍ଷ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଦ୍ୟୁତ୍ ସୁରକ୍ଷା ଜନିତ ସଚେତନତା ମନୋଭାବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଷ୍ଟି କରାଇଥିଲେ। ପ୍ରତିବର୍ଷ ଜୁନ୍ ୨୬ରୁ ଜୁଲାଇ ୨ ମଧ୍ୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳନ କରାଯାଏ। ବିଜ୍ଞାନୀ ମାଇକେଲ୍ ଫାରାଡେ କିପରି ବିଦ୍ୟୁତ୍ ଶକ୍ତିର ଉଦ୍ଭାବନ ଏବଂ ତା'ର ଉପକାରିତା ଏବଂ ଅପକାରିତା ବିଷୟରେ ଆଲୋଚନା କରାଯାଇଥିଲ। ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନେ ମଧ୍ୟ ବିଦ୍ୟୁତ୍‌ରୁ କିପରି ସୁରକ୍ଷିତ ରହିପାରିବେ ସେ ବିଷୟରେ ସଚେତନ କରାଇଥିଲେ ଏବଂ ବିଜ୍ଞାନକୁ କିପରି ଗଠନମୂଳକ କାର୍ଯ୍ୟରେ ଲଗାଇବା ତାହା ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ଏହି ଦିବସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଲୋଗାନ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଥମରେ ସପ୍ତମ ଶ୍ରେଣୀ ଛାତ୍ରୀ ଜିଜ୍ଞାସା ମହାରଣା, ଦ୍ୱିତୀୟରେ ଦଶମ ଶ୍ରେଣୀର ରିଶିରାଜ୍ ବାରିକ ଏବଂ ତୃତୀୟରେ ଅଷ୍ଟମ ଶ୍ରେଣୀର ଛାତ୍ର ସୁଶିଲ ମହାନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଚେତନା ଓ ନବ ଆବିଷ୍କାର ପ୍ରତି ଉତ୍ସାହ ସୃଷ୍ଟି କରିଥିଲା। ଶକ୍ତି କ୍ଲବ୍ ଶିକ୍ଷୟିତ୍ରୀ କଳ୍ପନା ହେମ୍ବ୍ରମ, ଚାନ୍ଦମୁଖୀ ହାଁସଦା, ଭାଗ୍ୟଲକ୍ଷ୍ମୀ ଦାସ, ଆର୍ଯ୍ୟଲକ୍ଷ୍ମୀ ପଢ଼ିଆରୀ, ଜୟନ୍ତୀମଣି ପରିଡ଼ା, ଶିକ୍ଷକ ଚନ୍ଦ୍ରମୋହନ ମହାନ୍ତ, ସତ୍ୟପ୍ରକାଶ ଦାସ, କଳା ଶିକ୍ଷକ ମଧୁସୂଦନ ମହାନ୍ତ, କୁଞ୍ଜଲତା ମହାନ୍ତ, ଅଣ ଶିକ୍ଷା କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଶକ୍ତି କ୍ଲବ୍ ଶିକ୍ଷୟିତ୍ରୀ କଳ୍ପନା ହେମ୍ବ୍ରମ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟୁତ୍ ସୁରକ୍ଷା ସଚେତନତାର ଶପଥପାଠ କରିଥିଲେ।

## ରେଡି ଭଲ୍ୟୁଣ୍ଟର ଦ୍ୱାରା ଡାକ୍ତର ଦିବସ

ରାଇରଙ୍ଗପୁର, ୨।୭(ସମିସ): ସ୍ୱେଚ୍ଛାସେବୀ ସଂଗଠନ 'ରେଡି ଭଲ୍ୟୁଣ୍ଟର' ଦ୍ୱାରା ଏକ ବାର୍ତ୍ତାମୂଳକ ବିଶ୍ୱ ଡାକ୍ତର ଦିବସ ପାଳିତ ହୋଇଯାଇଛି। ରେଡି ଭଲ୍ୟୁଣ୍ଟର ଡାଇରେକ୍ଟର ବିଜୟ କୁମାର ରାମଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରେଡି ଭଲ୍ୟୁଣ୍ଟର ପ୍ରେସିଡେଣ୍ଟ ପ୍ରୀତି ରାଜ୍ ଏବଂ ଉପସଭାପତି ତୋପାଇ ବେହେରା ପରିଚାଳନା କରିଥିଲେ। ରାଇରଙ୍ଗପୁର ହସ୍ପିଟାଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆନ୍ଦୋଳନରେ ଥିବା ସମସ୍ତ ଡାକ୍ତରମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଉପଖଣ୍ଡର ସମସ୍ତ ଡାକ୍ତରଙ୍କ ସହିତ ରେଡି ଭଲ୍ୟୁଣ୍ଟର ସମ୍ପାଦକ ସୁଭଦ୍ରା ବାରିକ, ସମିତା ବେହେରା, ବିଶାଲ, ରାଜଶ୍ରୀ ରାମ, ନମିତା ବିନ୍ଧାଣୀ, ରୀତିକା, ଆକାଶ, ନିଶା ଏବଂ ଅନ୍ୟାନ୍ୟ ଭଲ୍ୟୁଣ୍ଟରମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ। ବିଜୟ ରାମ ସମସ୍ତ ଡାକ୍ତରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କିଟ୍ କେୟାର୍ ପକ୍ଷରୁ ଯୋଗ ଶିକ୍ଷା ଉପରେ ତର୍କ ପ୍ରତିଯୋଗିତା



ବାରିପଦା, ୨।୭(ସମିସ): ସ୍ଥାନୀୟ ଏକ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭୁବନେଶ୍ୱର କିଟ୍ କେୟାର ତରଫରୁ ସମସ୍ତଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ସମ୍ପ୍ରତି ଜେନ୍‌ଜିଙ୍କ ଜୀବନଧାରଣ ପ୍ରକ୍ରିୟାରେ ଯୋଗାଭ୍ୟାସର ପ୍ରଭାବ ଆକଳନ କରିବା ପାଇଁ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। 'ପୂର୍ବରୁ ପାଠ୍ୟକ୍ରମରେ ଯୋଗ ଶିକ୍ଷା ବାଧ୍ୟତାମୂଳକ ବିଷୟ ନ ଥିବାବେଳେ, ବର୍ତ୍ତମାନର ଜେନ୍‌ଜି ପିଢ଼ିର ଶାରୀରିକ, ମାନସିକ ଓ ନୈତିକ ବିକାଶକୁ ଦୃଷ୍ଟିରେ ରଖି ଏହାକୁ ବାଧ୍ୟତାମୂଳକ ବିଷୟ ଭାବେ ପାଠ୍ୟକ୍ରମରେ ସାମିଲ୍ କରାଯିବା ଉଚିତ୍ କି ?' ବିଷୟ ଉପରେ ଆଧାରିତ ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୩୫ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିବାବେଳେ ସମୁଦାୟ ୧୩୫ ଜଣ ଶିକ୍ଷାର୍ଥୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ସୀମାଶ୍ରୀ ଦତ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାର ପ୍ରାରମ୍ଭରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ସନ୍ଧ୍ୟା ପ୍ରାର୍ଥନା, ଓଡ଼ିଆ ଭାଗବତ ଓ ଗୀତା ଆବୃତ୍ତି ପରେ ବିଦ୍ୟାଳୟର ନିର୍ଦ୍ଦେଶକ ସବ୍ୟସାଚୀ ଦତ୍ତ ସ୍ୱାଗତ ଅଭିଭାଷଣ ରଖିଥିଲେ। ମୁଖ୍ୟଅତିଥି ରୂପେ ବାରିପଦା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ବନଜା ମହାନ୍ତି, ସମ୍ମାନିତ ଅତିଥି ଭାବରେ ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର ଉପସ୍ଥିତ ରହି ଶିକ୍ଷାର୍ଥୀମାନଙ୍କୁ ସମ୍ପ୍ରତି କୃତ୍ରିମ ବୁଦ୍ଧିମତାର ବହୁଳ ପ୍ରଭାବ ଯୁଗରେ ସେମାନଙ୍କ ଜୀବନଶୈଳୀରେ ହେଉଥିବା ପରିବର୍ତ୍ତନ, ଅସ୍ଥିରତା ଓ ଅବସାଦକୁ ନିୟନ୍ତ୍ରଣ କରି ଏକ ସମନ୍ୱିତ ଓ ସନ୍ତୁଳିତ ଜୀବନଯାପନ କରିବା ଦିଗରେ ଯୋଗାଭ୍ୟାସର ଗୁରୁତ୍ୱ ସମ୍ପର୍କରେ ସଚେତନତାମୂଳକ ଅଭିବ୍ୟକ୍ତି ରଖିଥିଲେ। ପରେ ଶିକ୍ଷାର୍ଥୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଦ୍ୱାଦଶ ଶ୍ରେଣୀର ଶିବାଶିଷ ମହାନ୍ତ ୧ମ, ଅକ୍ଷୟ ରୂପ ୨ୟ ଏବଂ ଏକାଦଶ ଶ୍ରେଣୀର ଦୀପିକା ମୁର୍ମୁ ୩ୟ ସ୍ଥାନ ଅଧିକାର କରି କିଟ୍ କେୟାର ତରଫରୁ ପ୍ରତିଷ୍ଠାତା ନିର୍ଦ୍ଦେଶକ ଅଚ୍ୟୁତ ସାମନ୍ତଙ୍କ ଅତି ପ୍ରିୟ ରେନୋଲ୍ଡ କଲମ ସହ ଆକର୍ଷଣୀୟ ଉପହାର ଗ୍ରହଣ କରିଥିଲେ। ଶେଷରେ କିଟ୍ କେୟାରର ଛାତ୍ର ମଙ୍ଗଳ ଅଧିକାରୀ ଡ. ରାଜେନ୍ଦ୍ର କୁମାର ଦାସ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପରିବର୍ତ୍ତନର ସାକ୍ଷୀ ହୋଇରହିଛି 'ଅନାମ ଗଛ'

ମୋରଡ଼ା, ୨।୭(ସମିସ): ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ଯେଉଁଠି କଂକ୍ରିଟ ଜଙ୍ଗଲ ବଢ଼ୁଛି, ସେଠି ପ୍ରକୃତିର ଏକ ଜୀବନ୍ତ ଉଦାହରଣ ହୋଇ ଠିଆ ହୋଇଛି ଚିତ୍ରଡ଼ା ବସ୍‌ଷ୍ଟାଣ୍ଡରେ ମହାଦେବଙ୍କ ମନ୍ଦିର ନିକଟରେ ଥିବା ଶତାବ୍ଦୀ ପୁରୁଣା 'ଅନାମ ଗଛ'। ଲୋକଙ୍କ କହିବା ଅନୁସାରେ, ଏହି ଗଛଟିକୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଚିହ୍ନିପାରି ନାହାନ୍ତି, ତେଣୁ ଗଛଟିକୁ 'ଅନାମ ଗଛ' ବୋଲି ସମସ୍ତେ କୁହନ୍ତି। ପୂର୍ବରୁ ବିଭିନ୍ନ ପରିବେଶବିତ୍ ଆସି ଦେଖି ଯାଇଥିଲେ ମଧ୍ୟ କେହି ଗଛଟିର ନାମ କହିପାରି ନାହାନ୍ତି। ପ୍ରାୟ ୧୦୦ ବର୍ଷରୁ ଅଧିକ ଦିନ ଧରି ଅନେକ ଲୋକଙ୍କୁ ଛାଇ ଦେଇ ଆସୁଥିବା ଏହି ଗଛ ଏବେ ସ୍ଥାନୀୟ ଅଞ୍ଚଳର ଏକ ପରିଚିତ ଲ୍ୟାଣ୍ଡମାର୍କ ପାଲଟିଛି। ମାଟି ସହ ଜଡ଼ିତ ଏକ ଜୀବନ୍ତ ଇତିହାସ ସମୟ ବଦଳିଛି, ଲୋକ ବଦଳିଛନ୍ତି, କିନ୍ତୁ ଠିଆ ହୋଇରହିଛି ଏହି ବିଶାଳ 'ଅନାମ ଗଛ'। ପ୍ରାୟ ଶହେ ବର୍ଷ ଧରି ଏଠାକାର ସାହିବାସିନ୍ଦା ଓ ଆଖପାଖ ଅଞ୍ଚଳର ଲୋକଙ୍କୁ ଛାଇ ଓ ଶାନ୍ତି ପ୍ରଦାନ କରି ଆସୁଛି। ପ୍ରାକୃତିକ ଦୁର୍ବିପାକ (ବନ୍ୟା, ବାତ୍ୟା) କେତେ ଯେ, ତାକୁ ସମ୍ମୁଖୀନ ହେବାକୁ ପଡ଼ିଛି ତା'ର ହିସାବ ନାହିଁ। ତଥାପି, ସେ କେବେ ଭାଙ୍ଗି ପଡ଼ିନି। ଆଜି ବି ସେଇ ସମାନ ଭାବରେ ଲୋକଙ୍କୁ ଛାଇ ସହିତ ଶାନ୍ତି ଓ ଆଶ୍ରୟ ଦେଇ ଆସୁଛି। ଖରାଦିନରେ ଏହି ଗଛ ତଳେ ଅନେକ ପଥଚାରୀ ବିଶ୍ରାମ ନେଉଥିବାବେଳେ, ଅନେକ ଗ୍ରାମବାସୀଙ୍କ ପାଇଁ ଏହା ଏକ ମିଳନସ୍ଥଳୀ ଭାବେ ମଧ୍ୟ ପରିଚିତ। ଗଛର ବିଶାଳ ଛାଇ ଓ ପ୍ରାକୃତିକ ପରିବେଶ ଏହାକୁ ଅଞ୍ଚଳର ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। କେବଳ ଗଛ ଛାଇ ନୁହେଁ, ଏହି ଗଛ ସହ ଜଡ଼ିତ ରହିଛି ଅନେକ ସ୍ମୃତି ଓ ଭାବନା ଏଠାକାର ପୁରୁଣା ପିଢ଼ିରୁ ଆରମ୍ଭ କରି ନୂଆ ପିଢ଼ି ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଏହି ଗଛଟି ବିଷୟରେ ଜାଣିବା ପାଇଁ ଏକ ଅଲଗା ସ୍ଥାନ ରହିଛି। ଅନେକଙ୍କ ପାଇଁ ଏହା ଏକ ସାଧାରଣ ଗଛ ନୁହେଁ, ବରଂ ଏକ ଆଶ୍ରୟସ୍ଥଳୀ ଭଳି ଦେଖିବାକୁ ମିଳୁଛି।

■ ସମୟ ବଦଳିଛି କିନ୍ତୁ ପରିଚୟ ପାଇନି
■ ଗଛ ସମ୍ପର୍କରେ ଜାଣିବାକୁ ଯୁବପିଢ଼ିଙ୍କ ଆଗ୍ରହ



● ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

## ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

ମୋରଡ଼ା, ୨।୭(ସମିସ): ମୋରଡ଼ା ବ୍ଲକ ଅନ୍ତର୍ଗତ ଧଡ଼ାସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମଲ୍ଲିକ୍ ଓ ଶକ୍ତି କ୍ଲବ୍ ଶିକ୍ଷୟିତ୍ରୀ ରଞ୍ଜିତା ବେହେରାଙ୍କ ଅଧ୍ୟକ୍ଷତାରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ-୨୦୨୬ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଟିଲକା ହାଁସଦା, ମୁଖ୍ୟବକ୍ତା ବିଜ୍ଞାନ ଶିକ୍ଷକ କମଳାକାନ୍ତ ଜେନା, ସମ୍ମାନିତ ଅତିଥି ସମାଜସେବୀ ପିତାମ୍ବର ଦାସ ଯୋଗଦେଇ ବିଦ୍ୟୁତ୍‌ର ସୁରକ୍ଷିତ ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗ୍ରାମରେ ଏକ ସଚେତନତା ରାଲି ଆୟୋଜିତ ହେବା ସହିତ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ୍, ତର୍କ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଶିକ୍ଷକ ଆନନ୍ଦ ଚରଣ ହାଁସଦା ଅତିଥି ପରିଚୟ ଏବଂ ଶିକ୍ଷକ ଅନୀଲ୍ କୁମାର ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ରଞ୍ଜନ କର, ଡମ୍ବରୁଧର ସିଂ, ଶିକ୍ଷୟିତ୍ରୀ ଯାଜ୍ଞସେନୀ ନାୟକ, ସଂଯୁକ୍ତା ନାୟକ, ଅନୁପମା ବାଗ, ସୁକାନ୍ତି ମାର୍ଣ୍ଡି, ରାଣୀ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ନିଶାମୁକ୍ତ ଓଡ଼ିଶା ଅଭିଯାନ ଓ ଗଣଶପଥ କାର୍ଯ୍ୟକ୍ରମ

କୁଆମରା, ୨।୭(ସମିସ): ଖୁଣ୍ଟା ଥାନାରେ ବୁଧବାର ଆମ ପୁଲିସ ସମିତି ବୈଠକ ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି, ଥାନା ଏଏସ୍‌ଆଇ ରତିକାନ୍ତ ଦାସ, ସବ୍ୟସାଚୀ ସାମଲ, ଏସ୍‌ଆଇ ଲିଲି ବେହେରା ଓ ଗୋପବନ୍ଧୁ ନଗର ପ୍ରେସ୍ କ୍ଲବ୍‌ର ସଭାପତି ନିମାଇଁ ପ୍ରସାଦ ଦାଶ ଯୋଗଦେଇ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ କିପରି ସୁସମ୍ପର୍କ ଓ ସମନ୍ୱୟ ରକ୍ଷା ହୋଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ବାଇକ୍ ଦୁର୍ଘଟଣା ବୃଦ୍ଧି, ବେଆଇନ ନିଶା କାରବାରକୁ ରୋକିବା, ଜନସାଧାରଣଙ୍କୁ ସୁରକ୍ଷା ଦେବା, ବାଲ୍ୟ ବିବାହ ଓ ନାବାଳିକା ଅପହରଣକୁ ରୋକିବା ଦିଗରେ ଆଲୋଚନା ହେବା ସହ ପୁଲିସକୁ ସହଯୋଗ ପାଇଁ ନିବେଦନ କରିଥିଲେ। ଡେଙ୍ଗାମ ସରପଞ୍ଚ ନବକିଶୋର ମୁର୍ମୁ ବେଆଇନ ଦେଶୀ ମଦକୁ ବନ୍ଦ କରିବାକୁ ଦାବି କରିଥିଲେ। ସାମ୍ବାଦିକ ରଞ୍ଜନ କୁମାର ମଡୁଆଳ ଜନସାଧାରଣଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଥିଲେ। ଏଥିସହ ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟ ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଆଭାସୀ ମାଧ୍ୟମରେ ନିଶାର ବ୍ୟାପକ କ୍ଷତି ଉପରେ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ନିଶାଠାରୁ ଦୂରେଇ ରହିବା ଓ ନିଶାକୁ ବର୍ଜନ କରିବା ନେଇ ଶପଥପାଠ କରାଯାଇଥିଲା। ବୈଠକରେ ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକର ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ପଞ୍ଚାୟତ ପ୍ରତିନିଧିମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ।



**ବେତନଟୀ:** ସମଗ୍ର ରାଜ୍ୟବ୍ୟାପୀ ନିଶାମୁକ୍ତ ଅଭିଯାନ ସପ୍ତାହ ପାଳନ ଅବସରରେ ବେତନଟୀ ପୁଲିସ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନାର ଇନ୍‌ଚାର୍ଜ ଅଫିସର କ୍ରିଷ୍ଣା ପିଙ୍ଗୁଆ ଅଧ୍ୟକ୍ଷତା କରିଥିଲେ ଏବଂ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ଏସ୍‌ଡିପିଓ ମିନତି ବିଶ୍ୱାଳ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର କର୍ମକର୍ତ୍ତାଙ୍କ ସହ ବେତନଟୀର ସାମ୍ବାଦିକ ସଂଘଗୁଡ଼ିକର ପ୍ରତିନିଧିଗଣ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପ୍ରସାରଣ କରାଯାଇଥିଲା। ସେଥିରେ ଗଞ୍ଜେଇ ଚୋରାଚାଲାଣ, ବ୍ୟାପକ ଚୋରା ମଦ କାରବାର ଉପରେ ସରକାରୀ ଅଙ୍କୁଶ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ବର୍ତ୍ତମାନ ପିଢ଼ିର ଯୁବସମାଜ ପଥଭ୍ରଷ୍ଟ ନ ହେବାକୁ ସମସ୍ତେ ବିଶେଷଭାବେ ବରିଷ୍ଠମାନଙ୍କର ଭୂମିକା ନେଇ ଥାନା ଭାରପ୍ରାପ୍ତ ଅଧିକାରୀ ବ୍ୟକ୍ତବ୍ୟ ରଖିଥିଲେ। ଦିନକୁ ଦିନ ବେତନଟୀରେ ଅପରାଧ ଓ ଦୁଷ୍କର୍ମ ବୃଦ୍ଧି ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏତଦ୍ ବ୍ୟତୀତ ସ୍ଥାନୀୟ ସମସ୍ୟା ଚଣ୍ଡୀ ଛକରେ ଅବିଳମ୍ବେ ଉଜ୍ଜ୍ୱଳ ଆଲୋକ ଓ ସିସିଟିଭି କ୍ୟାମେରା ଲଗାଇବା ପାଇଁ ସମସ୍ତେ ଦାବି ଜଣାଇଥିଲେ।

**ରାସଗୋବିନ୍ଦପୁର:** ରାଜ୍ୟବ୍ୟାପୀ 'ନିଶାମୁକ୍ତ ଓଡ଼ିଶା ଅଭିଯାନ' ଅନ୍ତର୍ଗତ ଷ୍ଟେଟ୍ ଲେଭେଲ୍ ପ୍ରି-ଟ୍ରାଏଲ୍ ଡ୍ରଗ୍ ଡିସ୍ପୋଜାଲ୍ ପ୍ରୋଗ୍ରାମ ଏବଂ ମାସ୍ ଆଣ୍ଟି-ଡ୍ରଗ୍ ପ୍ଲେଜ୍ ସେରିମୋନି ଅବସରରେ ରାସଗୋବିନ୍ଦପୁର ପୁଲିସ ପକ୍ଷରୁ ଏକ ସଚେତନତା ଓ ଗଣଶପଥ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାସଗୋବିନ୍ଦପୁର ଥାନାର ଭାରପ୍ରାପ୍ତ ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବରିଷ୍ଠ ସମାଜସେବୀମାନେ ଉପସ୍ଥିତ ରହି ନିଶା ବିରୋଧୀ ଶପଥ ଗ୍ରହଣ କରିଥିଲେ। ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ। କାର୍ଯ୍ୟକ୍ରମରେ ବାର୍ତ୍ତା ମାଧ୍ୟମରେ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରାଯିବା ସହ ଯୁବପିଢ଼ିକୁ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ଜୀବନଶୈଳୀ ଅବଲମ୍ବନ କରିବାକୁ ଆହ୍ୱାନ ଜଣାଯାଇଥିଲା। ଏହି ଅବସରରେ ଭାରପ୍ରାପ୍ତ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ କହିଥିଲେ ଯେ, ନିଶାମୁକ୍ତ ସମାଜ ଗଠନ ପାଇଁ ପୁଲିସ, ପ୍ରଶାସନ, ପଞ୍ଚାୟତ ପ୍ରତିନିଧି ଓ ସାଧାରଣ ଲୋକଙ୍କ ସାମୂହିକ ସହଯୋଗ ଅତ୍ୟନ୍ତ ଆବଶ୍ୟକ। ଏପରି ସଚେତନତା କାର୍ଯ୍ୟକ୍ରମ ସମାଜରୁ ନିଶାଦ୍ରବ୍ୟର କୁପ୍ରଭାବକୁ ଦୂର କରି ଏକ ସୁସ୍ଥ, ସଶକ୍ତ ଓ ନିଶାମୁକ୍ତ ଓଡ଼ିଶା ଗଠନରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଥିଲେ।

**କରଞ୍ଜିଆ:** ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟବ୍ୟାପୀ ଭାବେ ଚାଲିଥିବା 'ନିଶାମୁକ୍ତ ଓଡ଼ିଶା' ଅଭିଯାନ ଅନ୍ତର୍ଗତ ବିଚାରାଧୀନ ଜବତ ନିଶାଦ୍ରବ୍ୟ ଧ୍ୱଂସକରଣ କାର୍ଯ୍ୟକ୍ରମ ଏବଂ ସାମୂହିକ ନିଶା ବିରୋଧୀ ଶପଥ ଗ୍ରହଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବୁଧବାର କରଞ୍ଜିଆ ଥାନା ପରିସରରେ ଏକ ସଚେତନତାମୂଳକ ବୈଠକ ଅନୁଷ୍ଠିତ ହୋଇଛି। ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଏବଂ କରଞ୍ଜିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲା। ବୈଠକରେ କରଞ୍ଜିଆ ଥାନାର ସମସ୍ତ ପୁଲିସ କର୍ମଚାରୀ ଉପସ୍ଥିତ ରହି ନିଶା ସେବନର କୁପ୍ରଭାବ, ନିଶା କାରବାରକୁ ରୋକିବା ପାଇଁ ଗ୍ରହଣୀୟ ପଦକ୍ଷେପ, ଯୁବପିଢ଼ିଙ୍କୁ ନିଶାମୁକ୍ତ ରଖିବା ଏବଂ ସମାଜରେ ସଚେତନତା ସୃଷ୍ଟି କରିବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ନିଶା ବିରୋଧରେ ସାମୂହିକ ଶପଥ ଗ୍ରହଣ କରିଥିଲେ। ନିଶାମୁକ୍ତ ସମାଜ ଗଠନ, ଯୁବପିଢ଼ିଙ୍କୁ ସୁସ୍ଥ ଜୀବନଶୈଳୀ ପ୍ରତି ପ୍ରେରିତ କରିବା ଏବଂ ନିଶା କାରବାର ବିରୋଧରେ କଠୋର ପଦକ୍ଷେପ ଜାରି ରଖିବାକୁ ଏହି କାର୍ଯ୍ୟକ୍ରମରେ ଦୃଢ଼ ସଂକଳ୍ପ ନିଆଯାଇଥିଲା।

**ବୈଶିଙ୍ଗା:** ବୈଶିଙ୍ଗା ଥାନା ପରିସରରେ ନିଶାମୁକ୍ତ ଓଡ଼ିଶା ଅଭିଯାନ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବୈଶିଙ୍ଗା ଥାନା ସବଇନ୍ସପେକ୍ଟର ସରୋଜ ଜେନା, ଇତିଶ୍ରୀ ସାହୁ, ଏଏସଆଇ ସପନ ବିଶ୍ୱାଳ, ଗୋବିନ୍ଦ ଟୁଡୁଙ୍କ ସମେତ ପୁଲିସ ସମିତିର ସଦସ୍ୟ, ବୁଦ୍ଧିଜୀବୀ, ଜନପ୍ରତିନିଧି, ସାମ୍ବାଦିକ, ଶିକ୍ଷକ, ସାମାଜିକ କର୍ମୀ ଏବଂ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଭର୍ଚୁଆଲ ବାର୍ତ୍ତାରେ ଡିଜିପି କହିଥିଲେ, ନିଶା କାରବାର ଓ ନିଶାସେବନ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ପୁଲିସ ଏକାକୀ ଏହି ଲଢ଼େଇରେ ସଫଳ ହୋଇପାରିବ ନାହିଁ; ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ଜରୁରୀ। ଯୁବପିଢ଼ିକୁ ନିଶାମୁକ୍ତ ରଖିବା, ମହିଳା ଓ ଶିଶୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ସାଇବର ଅପରାଧ ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ସଡ଼କ ସୁରକ୍ଷା ପ୍ରତି ସମସ୍ତଙ୍କୁ ସଚେତନ ରହିବାକୁ ସେ ଆହ୍ୱାନ ଦେଇଥିଲେ।

**ମହୁଲଡିହା:** (୧୦୫) : ରାଜ୍ୟରେ ନିଶାମୁକ୍ତ ଅଭିଯାନ ରାଜ୍ୟ ପୋଲିସ ପକ୍ଷରୁ ଆରମ୍ଭ ହୋଇଛି। ଏ ଅବସରରେ ଠାକୁରମୁଣ୍ଡା ଥାନା ପରିସରରେ ଏକ ସଚେତନତାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟକୁ ନିଶାମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ୧ ତାରିଖ ନିଶାମୁକ୍ତ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହ ରାଇରଙ୍ଗପୁର ପୁଲିସ ଜିଲ୍ଲାର ଠାକୁରମୁଣ୍ଡା ଥାନା ମଧ୍ୟ ଯୋଡ଼ି ହୋଇଥିଲା। ନିଶା ସେବନ ଯୋଗୁଁ ଯୁବପିଢ଼ି ବିପଥଗାମୀ ହେଉଥିବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଏହାର କୁପ୍ରଭାବ ପଡୁଥିବାରୁ ସମାଜର ସମସ୍ତ ବର୍ଗଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଆହ୍ୱାନ କରାଯାଇଥିଲା। ଠାକୁରମୁଣ୍ଡା ଥାନା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଥାନା ଅଧୀନରେ ଥିବା ସମାଜସେବୀ, ସାମ୍ବାଦିକ ଓ ବରିଷ୍ଠ ନାଗରିକ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ ମତ ରଖିଥିଲେ। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଏସଆଇ ରିତାରାଣୀ ଦାସ, ଏଏସଆଇ ଅମରେଶ ବାରିକ, ଅବକାରୀ ଥାନା ଏଏସଆଇ ଲକ୍ଷ୍ମଣ ନାୟକଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।



# ସ୍ୱାସ୍ଥ୍ୟସେବାର ଅଚଳାବସ୍ଥା ଦୂର ପାଇଁ ସରକାର ତୁରନ୍ତ ବ୍ୟବସ୍ଥା କରନ୍ତୁ: ସିପିଏମ୍

ଜଳେଶ୍ୱର, ୨୭ (ସମିସ): ଓଡ଼ିଶା ମେଡିକାଲ ସର୍ଭିସ ଏସୋସିଏସନ ଓ ସରକାରଙ୍କ ଜିଦ୍‌ ଯୋଗୁଁ ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ଓ ଅଚଳାବସ୍ଥା ସୃଷ୍ଟି ହୋଇଛି। ଡାକ୍ତର ମାନେ ଚିକିତ୍ସା ବର୍ଜନ ଡାକରା ଦେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସବୁଠାରେ ଚିକିତ୍ସା ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ରୋଗୀମାନେ ଚିକିତ୍ସିତ ହୋଇ ନ ପାରି ହନ୍ତସନ୍ତ ହେଉଛନ୍ତି। ଗୁରୁତର ରୋଗୀଙ୍କ ଜୀବନ ବିପନ୍ନ ହେବାକୁ ବସିଛି। ମାତ୍ର ସରକାର ଆଲୋଚନା ମାଧ୍ୟମରେ ଡାକ୍ତରମାନଙ୍କର ଦାବିଗୁଡ଼ିକ ଉପରେ ବିଚାର ନ କରି ଏସମା ଲଗାଇବାକୁ ଧମକ ଦେଉଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ସରକାରୀ ସ୍ୱାସ୍ଥ୍ୟସେବା ଉପରେ ନିର୍ଭର କରୁଥିବା ଲୋକମାନେ ଏହି ସମସ୍ୟାର ତୁରନ୍ତ ସମାଧାନ ଚାହୁଁଥିବା ବେଳେ ସରକାରଙ୍କ ଘରୋଇ ହସପିଟାଲ ପ୍ରତି ସାଧାରଣ ଲୋକଙ୍କ ବୁଝିବା ବାହାରେ ବୋଲି ସିପିଆଇ(ଏମ୍) ପାର୍ଟି ତରଫରୁ ଅଭିଯୋଗ କରାଯାଇଛି। ଏଭଳି ଜନବିରୋଧୀ ନୀତିରୁ ସରକାର ନିବୃତ ରହି ତୁରନ୍ତ ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାରୀ ଡାକ୍ତରଖାନାରେ ଲୋକେ କିପରି ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପ୍ରତି ଯତ୍ନବାନ ହେବାପାଇଁ ସିପିଏମ ତରଫରୁ ଦାବି କରାଯାଇଛି। ସିପିଏମ ଜଳେଶ୍ୱର ଆଞ୍ଚଳିକ କମିଟିର ସମ୍ପାଦକ ଅକ୍ଷୟ ମିଶ୍ର, ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି, ଦିବ୍ୟାମାନ ଆଚାର୍ଯ୍ୟ, ରବୀନ୍ଦ୍ର ବାରିକ, ପଲ୍ଟୁ ଦାସ, ପୂର୍ବତନ ସରପଞ୍ଚ ଦିଲ୍ଲୀପ ପରିଡ଼ା ପ୍ରମୁଖ ଏକ ପ୍ରେସ୍ ବିବୃତିରେ ଦାବୀ କରିଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଲୋକମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ଶ୍ରୀବାପତି ଶ୍ରୀଜଗନ୍ନାଥଙ୍କ ରଥ ଓ ବାହୁଡ଼ା ଯାତ୍ରା ପ୍ରସ୍ତୁତି ବୈଠକ

କାଳିପଦା, ୨୭ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ପୂର୍ବବିଭାଗ ଡାକବଙ୍ଗଳାରେ ବୁଧବାର ସନ୍ଧ୍ୟାରେ ବାଲିଆପାଳର ପ୍ରସିଦ୍ଧ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ୪୭ତମ ରଥଯାତ୍ରା ପ୍ରସ୍ତୁତି ବୈଠକ ମନ୍ଦିର ପରିଚାଳନା କମିଟିର ସଭାପତି ବ୍ରଜକିଶୋର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବସ୍ତା ବିଧାୟିକା ସୁବାସିନୀ ଜେନା, ବାଲିଆପାଳ ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ବାଲିଆପାଳ ଥାନା ଏଏସଆଇ ପ୍ରବୋଧ କୁମାର ମଲ୍ଲିକ, ଏ ଏସ ଆଇ ପ୍ରେମ କୁମାର ବାହିନୀପତି, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ସୁପର ଭାଇଜର ରମାନାଥ କର, ବାଲିଆପାଳ ବିଦ୍ୟୁତ କାର୍ଯ୍ୟାଳୟର ଜେଇ ସୁଶାନ୍ତ ସାହୁ, ବାଲିଆପାଳ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ବିଜନ ନାୟକ ପ୍ରମୁଖ ଯୋଗ ଦେଇ ଚଳିତ ବର୍ଷର ରଥଯାତ୍ରାରେ ନିଜ ନିଜ ବିଭାଗ ପକ୍ଷରୁ ସବୁ ପ୍ରକାରର ସାହାଯ୍ୟ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ। ମହାପ୍ରଭୁଙ୍କ ରଥ ଯାତ୍ରା ସହିତ ବାହୁଡା ଯାତ୍ରା ପର୍ଯ୍ୟନ୍ତ ସାର୍ବଜନୀନ ଦର୍ଶନ ପାଇଁ ବାଲିଆପାଳ ପୁରୁଣା ବସଷ୍ଟାଣ୍ଡ ଦୁର୍ଗାମଣ୍ଡପରେ ପୂର୍ବ ବର୍ଷ ପରି ମହାପ୍ରଭୁଙ୍କୁ ବିରାଜମାନ କରାଯିବାର ସିଦ୍ଧାନ୍ତ ନିଆଯାଇଥିଲା। ଚଳିତ ବର୍ଷ ରଥଯାତ୍ରା ଓ ବାହୁଡା ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ହେବାକଥା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବୈଠକ ପ୍ରାରମ୍ଭରେ ମନ୍ଦିରର ବଡ଼ ପଣ୍ଡା ବିଷ୍ଣୁ ଦାସ ପାଠୀ ବେଦ ପାଠ କରିଥିବାବେଳେ ମନ୍ଦିର କମିଟିର ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ମଧୁପୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁରଲୀ ମୋହନ ସାହୁ, ବାଲିଆପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ମଧୁସୂଦନ ସାହୁ, ଙ୍କ ସୁଶାନ୍ତ ଚକ୍ରବର୍ତୀ, ମଧୁପୁରା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଲକ୍ଷ୍ମୀଧର ମାହାନା, ଗୋବିନ୍ଦ ଚନ୍ଦ୍ର ଦାସ, ଜଗନ୍ନାଥ ବାରିକ, ଅରୁଣ ପାତ୍ର, ଡ. ସୁଶାନ୍ତ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ, ଭାସ୍କର ଚନ୍ଦ୍ର ସାହୁ, ପ୍ରବୀର ସି, ପ୍ରିୟନାଥ ସେଠୀ, କାଳିଚରଣ ଦେ, ରଘୁନାଥ ପାତ୍ରଙ୍କ ସହିତ ବହୁ ବ୍ୟକ୍ତି ବୈଠକରେ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ। ସୁଶାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ବଣିଆଡିହା ପଞ୍ଚାୟତ କଂଗ୍ରେସର ସାଂଗଠନିକ ବୈଠକ



ଲଙ୍ଗଳେଶ୍ୱର, ୨୭ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିହା ପଞ୍ଚାୟତ ସାଂଗଠନିକ ବୈଠକ ଗତ ୨୬ତାରିଖ ସନ୍ଧ୍ୟାରେ ବଣିଆଡିହା ନିମାଇଁ ଚରଣ ରାଉଳଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ବସ୍ତା ନିର୍ବାଚନ ମଣ୍ଡଳୀ ନେତା ତଥା ବାଲିଆପାଳ ପଞ୍ଚାୟତ ସମିତିର ପୂର୍ବତନ ଚେୟାରମେନ ବିଜନ କୁମାର ନାୟକ ବୈଠକ ରେ ଯୋଗଦେଇ ସଂଗଠନକୁ କିଭଳି ମଜବୁତ କରାଯିବ ସେ ବାବଦରେ ଆଲୋଚନା କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ମାନେ ବିପୁଳ ବିଜୟ ପାଇଁ ଦଳ କୌଶଳ ପ୍ରସ୍ତୁତ କରାଯାଇଥିଲା। ବୈଠକ ରେ କମଳାକାନ୍ତ ଦାସ ନୂତନ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଉପସଭାପତି ଭାବେ ପ୍ରଶାନ୍ତ କୁମାର ଜେନା, ପର୍ଶୁରାମ ସାହୁ, ଅମୂଲ୍ୟ ପଟ୍ଟନାୟକ, ପ୍ରଦୀପ ଜେନା ନିର୍ବାଚିତ ହୋଇଥିଲେ। ଏଥିରେ ରାୟପୁର ବୋଥ ସଭାପତି ଭାବେ ପିତାମ୍ବର ଜେନା, ସମ୍ପାଦକ ରତ୍ନାକର ଜେନା, ଭଞ୍ଜରେଶ୍ୱର ବୁଥ୍ ସଭାପତି ପ୍ରତାପ ସାମନ୍ତ, ସମ୍ପାଦକ ସୁଶାନ୍ତ ମହାନ୍ତି, ଗଞ୍ଜା ବୋଥ ପାଇଁ ସଭାପତି ରତ୍ନାକର ବାରିକ, ସମ୍ପାଦକ ଶୁକଦେବ ଗାଣ ଓ ବଣିଆଡିହା ବୋଥ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ସତ୍ୟରଞ୍ଜନ ଦାସ ନିର୍ବାଚିତ ହେଲେ। ବୈଠକରେ ସ୍ଥାନୀୟ ସରପଞ୍ଚ କାଳୀ ଚରଣ ଜେନା, ଯୁବ ନେତା ଜଗତ ଜୀବନ ଦାସ ଯୋଗଦେଇ ସଂଗଠନ ଅଭିବୃଦ୍ଧି ବିଷୟରେ ବହୁ ମତ ପ୍ରଦାନ କରିଥିଲେ। ଏଇ ସଂଗଠନ ସୁଦୃଢ଼ କରିବାପାଇଁ ଉପଦେଷ୍ଟା ଭାବେ ମନୋରଞ୍ଜନ ପାତ୍ର, ରଘୁନାଥ ସାମଲ, ପୂର୍ଣ୍ଣଚନ୍ଦ୍ର ଦଳାଇ, ଭୂପେନ୍ଦ୍ର ପାତ୍ର, ବିଭୂତି ଦାସ, ରତ୍ନାକର ପଞ୍ଚାୟତ ନିର୍ବାଚିତ ହୋଇଥିଲେ।

## ଦୁଇ ବିଭାଗ ମଧ୍ୟରେ ରହୁନି ସମନ୍ୱୟ, ପାଣିରେ ପଡୁଛି କୋଟି କୋଟି

# ମାଟି ତଳେ ପୋତି ହେଉଛି ପାଇପ୍, ନଷ୍ଟ ହେଉଛି ରାସ୍ତା

ବାଲେଶ୍ୱର ସଦର, ୨୭ (ହରିଶଙ୍କର ପାଣି)



ବାଲେଶ୍ୱର ଜିଲ୍ଲାରେ ଦୁଇ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ କୋଟି କୋଟି ଟଙ୍କାର ସରକାରୀ ପ୍ରକଳ୍ପ ନଷ୍ଟ ହେବାରେ ଲାଗିଛି। ୨୦୨୩ରେ ଗ୍ରାମ ବିଭାଗ ୧୬ ନମ୍ବର ଜାତୀୟ ରାଜପଥର ନଳବାହାର ଠାରୁ ବରଡିହା ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ହୋଇଥିଲା। କିନ୍ତୁ ଏହି କାମ ଆରମ୍ଭ ହେବା ପୂର୍ବରୁ ଜଳ ଓ ପରିମଳ ବିଭାଗ ପକ୍ଷରୁ ପୁରୁଣା ରାସ୍ତା ପାର୍ଶ୍ୱରେ ପାଣି ପାଇପ୍ ବିଛା କାର୍ଯ୍ୟ ସାରି ଦିଆଯାଇଥିଲା। ଫଳରେ ନୂତନ କଂକ୍ରିଟ୍ ରାସ୍ତା ତଳେ ଠିକ୍ ୩ ଫୁଟ୍ ଭିତରେ ଏବେ ପାଇପ୍ ଲାଇନ୍ ରହିଯାଇଛି। ପାଇପ୍ ଫାଟିଲେ ମୁଖ୍ୟ ରାସ୍ତାକୁ ଭାଙ୍ଗି ମରାମତି କରିବାକୁ ପଡୁଛି, ଯାହା ଫଳରେ ନୂଆ ରାସ୍ତା ଜାଗା ଜାଗାରେ ଭାଙ୍ଗି ନଷ୍ଟ ହେଉଛି ଏବଂ ଜନସାଧାରଣ ନିତିଦିନ ହଇରାଣ ହେଉଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭ କୋଟି ଟଙ୍କାରେ ୨୦୨୩ରେ ନଳବାହାର ଠାରୁ ବରଡିହା ପର୍ଯ୍ୟନ୍ତ ୧୬ ନମ୍ବର ଜାତୀୟ ରାଜପଥ ସଂଲଗ୍ନ ଜଉ ରାସ୍ତାର ସମ୍ପ୍ରସାରଣ ଓ କଂକ୍ରିଟ କାମ ହୋଇଥିଲା। ହେଲେ ଏହି କାମ ଆରମ୍ଭ ହେବା ପୂର୍ବରୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆରଡବ୍ଲ୍ୟୁଏସ୍‌ଏସ୍) ପକ୍ଷରୁ ପୁରୁଣା ରାସ୍ତା କଡ଼ରେ ପାଇପ୍ ବିଛା କାର୍ଯ୍ୟ କରାଯାଇଥିଲା। ଦୁଇ ବିଭାଗ ମଧ୍ୟରେ କୌଣସି ସମନ୍‌ୱୟ ନଥିବାରୁ ଆରଡି ରାସ୍ତା କାମ କଲାବେଳେ ସେହି ପାଇପ୍ ଲାଇନ୍ ଉପରେ ହିଁ ନୂଆ କଂକ୍ରିଟ୍ ରାସ୍ତା ନିର୍ମାଣ କରିଦେଲା। ଫଳସ୍ୱରୂପ ଏବେ ଯେତେବେଳେ କୌଣସି ସ୍ଥାନରେ ପାଇପ୍ ଫାଟୁଛି ବା ଲିକେଜ୍ ହେଉଛି, ଆରଡବ୍ଲ୍ୟୁଏସ୍‌ଏସ ବିଭାଗର ଠିକାଦାର କୋଟି ଟଙ୍କା ବ୍ୟୟରେ ନିର୍ମିତ ମୁଖ୍ୟ ରାସ୍ତାର କଂକ୍ରିଟ୍ ତାଡ଼ି ପାଇପ୍ ମରାମତି କରୁଛନ୍ତି। ମରାମତି ପରେ ସେହି ରାସ୍ତାକୁ ଠିକ୍ ଭାବେ ପୁନଃ ନିର୍ମାଣ କରାଯାଉନାହିଁ। ଫଳରେ ରାସ୍ତା ଉପରେ ବଡ଼ ବଡ଼ ଗାତ ସୃଷ୍ଟି ହେଉଛି। ଏଭଳି ଚିତ୍ର ଏକାଧିକ ସ୍ଥାନରେ ଦେଖିବାକୁ ମିଳୁଛି। ବିଶେଷ କରି ବସ୍ତା ବ୍ଲକ ଦୁଧାହଂସା ପଞ୍ଚାୟତ ଓ ସଦର ବ୍ଲକ ଅଧୀନସ୍ଥ ଶ୍ରୀରାମପୁର ପଞ୍ଚାୟତରେ।ଉଭୟ ପଞ୍ଚାୟତରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏକାଧିକ ସ୍ଥାନରେ ପାଇପ୍ ଫାଟି ପାଣି ଅପଚୟ ହେଉଥିବା ବେଳେ ଲୋକେ ସଠିକ୍ ଭାବେ ପାଣି ପାଇପାରୁନାହାନ୍ତି କିମ୍ବା ବିଭାଗୀୟ ଅଧିକାରୀ ମାନେ ସବୁ ଜାଗାରେ କଂକ୍ରିଟ କାଟି ପାରୁନାହାନ୍ତି। ଯାହା ଫଳରେ ଉଭୟ ବିଭାଗର କୋଟି କୋଟି ଟଙ୍କାର ପ୍ରକଳ୍ପ ଫଳପ୍ରଦ ହୋଇପାରୁ ନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, 'ନୂଆ ରାସ୍ତା ହେଲା ବୋଲି ଆମେ ଖୁସି ହୋଇଥିଲୁ। ହେଲେ କିଛିଦିନ ଭିତରେ ରାସ୍ତା ପୁରୁଣାଠାରୁ ଖରାପ ହୋଇଗଲାଣି। ପ୍ରତିଦିନ ଗାଡ଼ି ମଟର ଖରାପ ହେଉଛି, ଦୁର୍ଘଟଣା ଘଟୁଛି।' ସବୁଠାରୁ ପରିତାପର ବିଷୟ ହେଲା, ଆରଡବ୍ଲ୍ୟୁଏସ୍‌ଏସ ବିଭାଗର ଠିକାଦାରମାନେ ମନ ଇଚ୍ଛା ରାସ୍ତା ତାଡ଼ି କାମ ସାରି ଚାଲିଯାଉଛନ୍ତି। ରାସ୍ତା ମରାମତି ଦାୟିତ୍ୱ କାହାର, ତାହା କେହି ବୁଝୁନାହାନ୍ତି। ଏ ସମ୍ପର୍କରେ ଆରଡବ୍ଲ୍ୟୁଡି ବିଭାଗର ଅଧିକାରୀମାନେ ସମ୍ପୂର୍ଣ୍ଣ ନିରବ। ରାସ୍ତା ନଷ୍ଟ ହେଉଥିବା ଦେଖି ମଧ୍ୟ ସେମାନେ ନା ଆରଡବ୍ଲ୍ୟୁଏସ୍‌ଏସ ବିଭାଗକୁ ଚିଠି ଲେଖୁଛନ୍ତି ନା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ପାଇପ୍ ପାଇଁ ରାସ୍ତା ଖୋଳିଲେ ମାସ ମାସ ଧରି ଗାତ ପଡ଼ି ରହୁଛି। ବର୍ଷା ହେଲେ ପାଣି ଜମୁଛି। ଦୁଇ ଚକିଆ ଗାଡ଼ି ନେଇ ଯିବା ମୁସ୍କିଲ୍। ପିଲାଛୁଆ ପଡ଼ି ଆହତ ହେଉଛନ୍ତି। ହଳଦୀପାଳ ବଜାର ମଝିରେ ଆଜକୁ ଦେଢ଼ ବର୍ଷ ହେବ ଜଣେ ଠିକାଦାର ପାଣି ପାଇପ କାମ ପାଇଁ ଏହି ରାସ୍ତାକୁ ଖୋଳିଥିଲେ। କାମ ସରିଯାଇଥିଲା ବି ଏହି ଅଧ ତଡ଼ା ଯାଇଥିବା ରାସ୍ତା ସେମିତି ପଡ଼ି ରହିଛି। ଏହି ପଞ୍ଚାୟତର ଏକାଧିକ ସ୍ଥାନରେ ଏଭଳି ଅବସ୍ଥା। ମାତ୍ର ଉଭୟ ବିଭାଗର ଅଧିକାରୀମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଘଟଣା ସମ୍ପର୍କରେ ଜଳ ଓ ପରିମଳ ବିଭାଗର ସଦର ନିର୍ବାହୀଯନ୍ତ୍ରୀ ରୋଜାଲିନ ବେହେରାଙ୍କୁ ପଚାରିବାରୁ ସେ ଏହାକୁ ମରାମତି କରିଦିଆଯିବ ବୋଲି କହିଛନ୍ତି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରାଙ୍କୁ ପଚାରିବାରୁ ଏହା ଏକ ଗମ୍ଭୀର ସମସ୍ୟା ପାଲଟିଛି। ଜଳ ଓ ପରିମଳ ବିଭାଗର ମନମୁଖୀ କାର୍ଯ୍ୟକଳାପ ପାଇଁ ସରକାରଙ୍କର ରାଜସ୍ୱ ହାନି ହେଉଛି। ସେମାନେ ଆମ ସହିତ କୌଣସି ସମନ୍ୱୟ ରଖିନାହାନ୍ତି ବୋଲି କହିଛନ୍ତି। ସରକାର ଗୋଟିଏ ପଟେ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ସମନ୍ୱୟ ଅଭାବରୁ ସେହି ଟଙ୍କା ପାଣିରେ ପଡୁଛି। ଗୋଟିଏ ପ୍ରକଳ୍ପ ପାଇଁ ଦୁଇ ଥର ଖର୍ଚ୍ଚ ହେଉଛି - ପ୍ରଥମେ ରାସ୍ତା ତିଆରିରେ, ପୁଣି ତାକୁ ଭାଙ୍ଗି ମରାମତି କରିବାରେ। ଏହି ଅପବ୍ୟୟ ପାଇଁ ଦାୟୀ କିଏ ତାହା ସ୍ଥିର କରି ଦୋଷୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ।

# ନିଶାମୁକ୍ତ ଓଡ଼ିଶା ଅଭିଯାନ

ବାଲେଶ୍ୱର, ୨୭ (ସମିସ): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ରୂପସା ପୁଲିସ ଓ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ନିଶାମୁକ୍ତ ଓଡ଼ିଶା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ରୂପସା ଥାନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରୂପସା ଥାନା ଭାରପ୍ରାପ୍ତ ଅଧିକାରୀ ସୌମ୍ୟଚିତ ମିଶ୍ର ଆନୁଷ୍ଠାନିକ ଭାବେ




ଉଦଘାଟନ କରିଥିଲେ। ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶା ସେବନ କିଭଳି ଜୀବନହାନିର କାରଣ ହୋଇଥାଏ ଏବଂ ପରିବାର ମଧ୍ୟରେ ଅଶାନ୍ତି ସୃଷ୍ଟି କରିଥାଏ ସେ ସମ୍ପର୍କରେ ଆଲୋକପାତ କରିବା ସହ ନିଶାଠାରୁ ସମସ୍ତଙ୍କୁ ଦୂରେଇ ରହିବାକୁ ପରାମର୍ଶ ପ୍ରଦାନ କରିଥିଲେ। ରୂପସା ପୁଲିସ ସମିତିର ସଦସ୍ୟ ନାରାୟଣ ନାୟକ, ଅନ୍ତର୍ଯ୍ୟାମୀ ବେହେରା, କୈଳାଶ ନାୟକ, ଦେବାଶିଷ ମହାପାତ୍ର, ଅଭିରାମ ମହାନ୍ତି, ଦେବବ୍ରତ ବିଶ୍ୱାଳ ଓ ମାୟାଧର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରୂପସା ପୋଲିସ ସମେତ ବୀଣାପାଣି ଗିରି, ସୋହମ ସାହୁ, ସାଇ ସୁମନ ରାଉତ, ଲକ୍ଷ୍ମୀ ହାଁସଦା, ସୁନୀଲ କୁମାର ବାରିକ୍, ପ୍ରିୟବ୍ରତ ମୁର୍ମୁ, ଶାନ୍ତନୁ ବେହେରା, ଦୀପକ କୁମାର ପାତ୍ର, ସୁଧାଂଶୁ ଗିରି ଓ ରଣଜିତ୍ ତପସ୍ୱୀ ପ୍ରମୁଖ ପରିଚାଳନା କରିଥିଲେ। ପୁଲିସ ଏଏସଆଇ ବବି ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**ଔପଦା:** ଔପଦା ଥାନା ପରିସରରେ 'ନିଶାମୁକ୍ତ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ବ୍ୟାପକ ସଫଳତା ସହ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ପ୍ରମୋଦ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏଏସଆଇ କାଦରା ସୋରେନ, ସୁହାଗି ହସଦା ଓ ଥାନାର ସମସ୍ତ କର୍ମଚାରୀ ସଚାରୁରୂପେ ପରିଚାଳନା କରିଥିଲେ। ଏଥିରେ ଜନପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ବ୍ଲକ ଅଧ୍ୟକ୍ଷା ବିସିବିସ୍ୱା ପାତ୍ର, ତଳକିଆ ସରପଞ୍ଚ ଦିପ୍ତିରାଣୀ ନାୟକ, ଗଡ଼ସାହି ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି ରାଏରାମଚନ୍ଦ୍ରପୁରସରପଞ୍ଚ ମନସ୍ୱିତା ପଣ୍ଡା, ଫତେପୁର ସରପଞ୍ଚ ଜୟଶ୍ରୀ ମାଝୀ, ତଳକିଆ ସମିତିସଭ୍ୟା ଉଷାରାଣୀ ନାଇକି ସମେତ ଔପଦା ଜୁନିୟର କଲେଜର ଛାତ୍ରଛାତ୍ରୀ ଏବଂ ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀସମୂହ ଅଂଶ ଗ୍ରହଣ କରିଥିଲେ।

**ଜଳେଶ୍ୱର:** ଜଳେଶ୍ୱର ଥାନା ପକ୍ଷରୁ ରାଜ୍ୟସ୍ତରୀୟ ନିଶା ନିବାରଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନିଶାମୁକ୍ତ ଅଭିଯାନ ଶପଥ ପାଠ ସଭାରେ ଆଇଆଇସି ଅଶୋକ କୁମାର ବାରିକ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ, ସମିତି ସଭ୍ୟ, ଜନସାଧାରଣ, ଯୁବପିଢ଼ି ଏବଂ ପୁଲିସ କର୍ମଚାରୀମାନେ ଉପସ୍ଥିତ ହୋଇ ନିଶାମୁକ୍ତ ସମାଜ ଗଠନ ଲାଗି ଶପଥ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଆଇ ବନିତା ନାୟକ, ଏଏସଆଇ ଲମ୍ବୁଦୋର ମୁର୍ମୁ, ଧିରେନ୍ଦ୍ର ସାମଲଙ୍କ ସହ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

## ● ସରକାରୀ ଅନୁଦାନ ଖର୍ଚ୍ଚ କରିବାରେ ବିଫଳ ଜଳେଶ୍ୱର ବ୍ଲକ ପ୍ରଶାସନ

# ୪ ଆର୍ଥିକ ବର୍ଷରେ ଖର୍ଚ୍ଚ ହୋଇପାରିନି ୨୫ କୋଟି

ଜଳେଶ୍ୱର ବ୍ଲକ, ୨୭ (ସମିସ): ଚଳିତ ଆର୍ଥିକ ବର୍ଷକୁ ମିଶାଇ ଗତ ୪ଟି ଆର୍ଥିକ ବର୍ଷରେ ଭିତ୍ତିଭୂମି ବିକାଶ ପାଇଁ ଯୋଜନା ହୋଇଥିବା ୨୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜଳେଶ୍ୱର ବ୍ଲକ ପ୍ରଶାସନ ଖର୍ଚ୍ଚ କରିପାରିନି। ଖର୍ଚ୍ଚ ହୋଇ ପାରିନଥିବା ଟଙ୍କା ମଧ୍ୟରେ ସର୍ବାଧିକ ମନରେଗା ଅନୁଦାନ ରହିଛି। ସୂଚନା ଅନୁଯାୟୀ ୨୦୨୨-୨୩, ୨୦୨୩-୨୪, ୨୦୨୪-୨୫, ୨୦୨୫-୨୬ ଓ ୨୦୨୬-୨୦୨୭ ଆର୍ଥିକ ବର୍ଷରେ ଜଳେଶ୍ୱର ବ୍ଲକର ୩୫ଟି ଯାକ ପଞ୍ଚାୟତର ଭିତ୍ତଭୂମି ବିକାଶକୁ ପ୍ରାଧାନ୍ୟ ଦିଆଯାଇ ଶତାଧିକ ଲୋକାଭିମୁଖୀ ପ୍ରକଳ୍ପର ଯୋଜନା ହୋଇଥିଲା। ଏସବୁ ଯୋଜନା ମଧ୍ୟରୁ ସିଂହଭାଗ ମନରେଗା ଯୋଜନା ଅନ୍ତର୍ଗତ ଥିଲା। ଡ୍ରେନ୍, ବନ୍ୟା ମୁକାବିଲା ଓ କ୍ଷୟକ୍ଷତି ଭରଣା, ପାଠାଗାର, ମୋ ଉପକାରୀ ବଗିଚା, ଗୋଷ୍ଠୀ ଶୌଚାଳୟ ଆଦି ଯୋଜନାଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଇଥିଲେ ମଧ୍ୟ ଟଙ୍କା ଖର୍ଚ୍ଚ ହେଉନାହିଁ। ଆଗାମୀ ଦିନରେ କିପରି ଟଙ୍କା ଖର୍ଚ୍ଚ ହେବ ସେ ଦିଗରେ ଯୋଜନାବଦ୍ଧ ଉଦ୍ୟମ ମଧ୍ୟ ହେଉନାହିଁ। ଏସବୁ ଟଙ୍କା ଖର୍ଚ୍ଚ ପାଇଁ ପଞ୍ଚାୟତରାଜ ପ୍ରତିନିଧି, ପିଇଓ ଓ ବ୍ଲକ ପ୍ରଶାସନ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି ପୂର୍ବରୁ ମଧ୍ୟ ୨୦୧୯ ମସିହାରେ ବାଲେଶ୍ୱର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଜଳେଶ୍ୱର ନିର୍ବାଚନମଣ୍ଡଳୀର ଏକ ଉପାନ୍ତ ଜଙ୍ଗଲ ଭରା ଆଦିବାସୀ ଅଧ୍ୟୁଷିତ ରାଇବାଣିଆ ଅଞ୍ଚଳ ବିକାଶ ଆଗକୁ ନେବାକୁ ତାଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ରୁବନା ଯୋଜନାରେ ୧୦୩ କୋଟି ଟଙ୍କା କେନ୍ଦ୍ର ସରକାର ଅର୍ଥମଞ୍ଜୁର କରିଥିବା ସତ୍ତ୍ୱେ ଜଳେଶ୍ୱର ବ୍ଲକ ପ୍ରଶାସନ ଅବହେଳା ଯୋଗୁଁ ୯୦ ପ୍ରତିଶତ ଟଙ୍କା କାର୍ଯ୍ୟ ନ ହୋଇ ଅର୍ଥ ଫେରିଯିବା ସାଧାରଣରେ ବ୍ଲକ ପ୍ରଶାସନର କାର୍ଯ୍ୟ କରିବାର ଦକ୍ଷତା ଉପରେ ପ୍ରଶ୍ନବାଚି ସୃଷ୍ଟି କରିଛି।

# ଅଳିଆଉଠା ଗାଡ଼ିରେ ଘୋଡ଼ାଯାଉନି ପାଲ



ଜଳେଶ୍ୱର, ୨୭ (ସମିସ): ଜଳେଶ୍ୱର ପୌରାଞ୍ଚଳର ବିଭିନ୍ନ ୱାର୍ଡରୁ ଉଠାଯାଉଥିବା ଅଳିଆ ଆବର୍ଜନାକୁ ଗାଡ଼ିରେ ନେବାବେଳେ ଏହା ଉପରେ ପାଲଢାଙ୍କି ନିଆଯିବା କଥା। ହେଲେ ପୌରପାଳିକା କାଁଭାଁ ଏହି ନିୟମ ପାଳନ କରୁଛି। ଅଧିକାଂଶ ଦିନ ସେମିତି ଖୋଲାମେଲାରେ ଅଳିଆ ଆବର୍ଜନାକୁ ନିଆଯାଉଛି। ଫଳରେ ଏହି ଆବର୍ଜନା ପବନରେ ଉଡ଼ି ରାସ୍ତା ଉପରେ ପଡୁଥିବା ବେଳେ ବାହାରୁଥିବା ଦୁର୍ଗନ୍ଧ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଗାଡ଼ି ପାଖଦେଇ ଗଲେ ଲୋକେ ମୁହଁରେ ହାତଦେଇ ଯାଉଥିବା ଦେଖିବାକୁ ମିଳୁଛି। ଏପରି ଖୋଲାମେଲାରେ ଅଳିଆ ନିଆଯିବା ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ପୌରପାଳିକା ଏ ନେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ସିମୁଳିଆ, ୨୭ (ସମିସ): କାଳନ୍ଦୀ ଚରଣ ଉଚ୍ଚ ବିଦ୍ୟାଳୟର ସହକାରୀ ବରିଷ୍ଠ ଶିକ୍ଷକ ଭାଗିରଥି ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏହି ସଭରେ ହେଡମାଷ୍ଟର ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ନୀଳମାଧବ ପଣ୍ଡା, କମଳାକାନ୍ତ ପତି, ପ୍ରସନ୍ନ କୁମାର ଧଳ, ଉତ୍ତମ କୁମାର ଲେଙ୍କା, ଭଗବାନ ବାରିକ, ସୁକାନ୍ତ ନାୟକ, ସୁରେଶ ଦାସ, ସନାତନ ସଙ୍ଖୁଆ ଉପସ୍ଥିତ ଥିଲେ। ସଭା ଭଙ୍ଗ ପରେ ସୁସଜିତ ଗାଡ଼ିରେ ଶୋଭାଯାତ୍ରା କରି ଗ୍ରାମବାସୀ ଓ ଆଲୁମନି କମିଟିର ସଦସ୍ୟମାନେ ତାଙ୍କୁ ବାସଭବନରେ ଛାଡ଼ିଥିଲେ।

# ନିଶା ବେପାରୀଙ୍କୁ ୧୦ବର୍ଷ ଜେଲ୍

ଜଳେଶ୍ୱର, ୨୭ (ସମିସ): ୨୦୨୧ ମସିହାରେ ବ୍ରାଉନ ସୁଗର ସହିତ ଧରାପଡ଼ି ଜେଲରେ ଥିବା ଜଳେଶ୍ୱର ଅଞ୍ଚଳର ନିଶା ବେପାରୀଙ୍କୁ ୧୦ବର୍ଷର ଜେଲଦଣ୍ଡ ଶୁଣାଇଲେ ଜଳେଶ୍ୱର ସ୍ପେଶାଲ କୋର୍ଟ। ଗତ ୨୦୨୧ମସିହା ମାର୍ଚ୍ଚ ୯ ତାରିଖରେ ଜଳେଶ୍ୱର ଥାନା ଲକ୍ଷ୍ମଣନାଥ ରୋଡସ୍ଥିତ ଏକ ଗ୍ୟାରେଜ ନିକଟରୁ ଜଳେଶ୍ୱର ପୌରାଞ୍ଚଳର ଝାଡେଶ୍ୱରପୁର ଗ୍ରାମର ସେକ ମଙ୍ଗଲୁ ଓରଫ ସେକ କେଫାତ ହୁସେନଙ୍କ ପୁଅ ସେକ ମୋନାଫ ହୁସେନ(୨୮)କୁ ସ୍ପେଶାଲ ଟାସ୍କ ଫୋର୍ସ(ଏସଟିଏଫ) ବ୍ରାଉନ ସୁଗାର ସହତ ଗିରଫ କରିଥିଲା। ଚଢ଼ଉ ସମୟରେ ମୋନାଫ ନିକଟରୁ ଏକ ପଲିଥିନ ପ୍ୟାକେଟରେ ୧୫୩୦ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ ହୋଇଥିଲା। ଏଥିନେଇ ଏସଟିଏଫ୍ ଇନ୍ସପେକ୍ଟର ସରିତା ବେଉରିଆଙ୍କ ଲିଖିତ ଅଭିଯୋଗ ଆଧାରରେ କେଶ ନଂ ୯/୨୧ ମୂଳେ ୨୧(ସି)/୨୯ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହି କେଶରେ ତଦନ୍ତ ଭାର ଇନ୍ସପେକ୍ଟର ସୁନିତା ପ୍ରଧାନ ନେଇଥିବା ବେଳେ ମୋଟ ୧୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇ ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ବିଚାରପତି ଅଜୟ କୁମାର ପ୍ରଧାନ ଏହି ମାମଲାର ଚୂଡାନ୍ତ ରାୟରେ ସେକ ମୋନାଫଙ୍କୁ ଦୋଷୀ ସାବସ୍ତ କରିବା ସହିତ ୧୦ବର୍ଷର କାରାଦଣ୍ଡ ଶୁଣାଇବା ସହ ଏକ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଏକ ଲକ୍ଷ ଟଙ୍କା ଅନାଦେୟ ବାବଦ ଅଧିକ ଏକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ କୁହାଯାଇଛି। ସରକାରଙ୍କ ପକ୍ଷରୁ ଏପିପି ଦିପ୍ତୀ ହାସଁଦା ଏହି ମାମଲା ପରିଚାଳନା କରିଥିଲେ।

# ସରକାରୀ ଧାନ ବିହନ ପ୍ରତି ଚାଷୀ ବିମୁଖ

ଜଳେଶ୍ୱର, ୨୭ (ସମିସ)

ମୌସୁମୀ ବର୍ଷା ବିଳମ୍ବ ଯୋଗୁଁ ଉତ୍ତର ବାଲେଶ୍ୱର ଅଞ୍ଚଳରେ ପ୍ରାରମ୍ଭିକ କୃଷି କାର୍ଯ୍ୟ ପଛେଇ ଯାଇଛି। ଚାଷୀକୁଳ ତଳି ଲାଗି ତତ୍ପର ହେଉଥିବା ବେଳେ ଉତ୍କୃଷ୍ଟ ସରକାରୀ ବିହନ ଯୋଗାଣ ଆଶାନୁରୂପ ହେଉନାହିଁ। ଜଳେଶ୍ୱର ବ୍ଲକରେ ୧୯ ହଜାର ୮ ଶହ ୫୫ ହେକ୍ଟର ଜମିରେ ଖରିଫ ଧାନ ଚାଷ ଲକ୍ଷ୍ୟ ରଖାଯାଇଛି। ଏହାକୁ ଲକ୍ଷ୍ୟ ରଖି ୧୮ ଜଣ ଡିଲର ଙ୍କ ଦ୍ୱାରା ସରକାରୀ ଧାନ ବିହନ ଯୋଗାଇବାର ବ୍ୟବସ୍ଥା ରହିଛି।୨୦କେଜି ବିହନ ବସ୍ତା କୁ ୮ ଶହ ୨୫ ଟଙ୍କା ମୂଲ୍ୟ ଧାର୍ଯ୍ୟ ଥିବା ବେଳେ ଚାଷୀ ଙ୍କ ଖାତାକୁ ୧୬୫ ଟଙ୍କା ରିହାତି ଆସିବାର ନିୟମ ରହିଛି। କଳା ଚମ୍ପା, ସ୍ୱର୍ଣ୍ଣ ସମୃଦ୍ଧି, ସିଆର ୩୧୦, ଆର ଏନ ଆର-୧୧୨୪, ୧୨୧୦, ତରଙ୍ଗିନୀ, ପୂଜା, ପ୍ରତୀକ୍ଷା, ସହଭାଗୀ, ସିଆର୧୦୧୦, ଏମ ଟି ୟୁ ୭୦୧୯ ଇତ୍ୟାଦି ଧାନ ବିହନକୁ ସରକାରୀ ରିହାତି ଦରରେ ଯୋଗାଇ ଦେଉଛନ୍ତି। ପ୍ରାୟ ୫୦ପ୍ରତିଶତ ସରକାରୀ ବିହନ ବିକ୍ରୟ ହୋଇଥିବା ବେଳେ ଯୋଗାଣ ସମ୍ପର୍କରେ କୃଷି ମିତ୍ରଙ୍କ ଜରିଆରେ ଚାଷୀମାନଙ୍କୁ ଅବଗତ କରାଯାଇଛି। ଏହା ସହିତ ମାଟିର ଉର୍ବରତା ରଖା ଲାଗି ଧଣିଚା ମଞ୍ଜିକୁ ସବୁଜ ସାର ଭାବେ ବ୍ୟବହାର କରିବାକୁ ମାଗଣା ଦିଆଯାଉଛି। କୀଟନାଶକ ଔଷଧ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିହନ ଉପରେ ଚାଷୀର ସମ୍ପୂର୍ଣ୍ଣ ଭରସା ନାହିଁ। କାରଣ ବିଗତ ଦିନରେ ଧାନ ଗଜା ନହେବା, ଫଳନ ଅଧିକ ନହେବା ଇତ୍ୟାଦି ସମସ୍ୟା ଯୋଗୁଁ ଚାଷୀ ଓଡ଼ିଶା ସରକାରଙ୍କ ବିହନ ପ୍ରତି ବିମୁଖ ଅଛନ୍ତି। ତାହାର କାରଣ ଅନେକ ଥିବା ବେଳେ ପଶ୍ଚିମବଙ୍ଗ ଓ କମ୍ପାନୀର ଅଧିକ ଅମଳକ୍ଷମ ବିହନ ଉପରେ ଚାଷୀ ଅଧିକ ଭରସା କରୁଛନ୍ତି। ଜଳେଶ୍ୱର ଅଞ୍ଚଳରେ ଥିବା ଦୋକାନ, ହାଟ, ଛକ, ବଜାର ରେ ବିଭିନ୍ନ ରାଷ୍ଟ୍ରାୟାତ କମ୍ପାନୀ ପ୍ରସ୍ତୁତ ଧାନ ବିହନ ପ୍ୟାକେଟ୍ ରାଜୁତି କରୁଛି। ସେହି ବିହନକୁ ଅଧିକ ମୂଲ୍ୟରେ କିଣି ଅଧିକ ଅମଳ ପାଇବାକୁ ଚାଷୀ ଆଶା ରଖିଛି। ବିକ୍ରୟ ହେଉଥିବା ବିହନ ମଧ୍ୟରେ ନୁଜିଭିଡୁ ସିଡସ କମ୍ପାନୀର, ଏନପି ୭୦୭୫ ଅଧିକ ଚାହିଦା ରହିଛି। ଏହି ୬ କେଜିଆ ବିହନ ବସ୍ତାକୁ ୬୬୦ ଟଙ୍କାରେ କ୍ରୟ କରି ଚାଷୀ ଖର୍ଚ୍ଚାନ୍ତ ହେଉଛି। ଏହାଛଡ଼ା ଏହି କମ୍ପାନୀରେ ୮ଟି କିସମ ମଧ୍ୟରୁ, ୭୦୬୧ (ଇନ୍ଦ୍ରାଣୀ) ଏନପି ୪୨୩ (କନକ) ୭୦୨୯ (ସ୍ୱର୍ଣ୍ଣ ମୁଖୀ) ମଧ୍ୟ ବହୁଳ ବିକ୍ରୟ ହେଉଛି। ମଙ୍ଗଳ ମୂର୍ତି କମ୍ପାନୀର ୭୦୨୯ ( ସ୍ୱର୍ଣ୍ଣ) ବିହନକୁ ମଧ୍ୟ କୃଷକ ପସନ୍ଦ କରୁଛନ୍ତି। ଜିଏମ ଏସ କମ୍ପାନୀରେ ବିବ୧୧, କଳା ଚମ୍ପା, ସ୍ୱର୍ଣ୍ଣ ପ୍ଲାସ, ଅନେକେ ବିହନ ଅଧିକ ମୂଲ୍ୟରେ ମିଳୁଛି। ସରକାରୀ ବିହନ ପରିବର୍ତ୍ତେ କୋମ୍ପାନୀ ଧାନ କିଣା ଚାଷୀ ଖର୍ଚ୍ଚାନ୍ତ ମଧ୍ୟ ହେଉଛି। କିନ୍ତୁ ଏହି କୋମ୍ପାନୀ ବିହନ ଚାଷ କଲେ କୌଣସି କାରଣ ବଶତଃ ଫସଲ ଅମଳରେ ବ୍ୟତିକ୍ରମ ହେଲେ ସରକାର କ୍ଷତିପୂରଣ ଦେବେ କି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ଯେଉଁ କମ୍ପାନୀର ବିହନ କୁ ଚାଷୀ କିଣୁଛି, ସେହି କମ୍ପାନୀର ସାର, କୀଟନାଶକ ବ୍ୟବହାର ନକଲେ ଫସଲ ପ୍ରଭାବିତ ହେବାର ଆଶଙ୍କା ରହିଛି। ଯାହା ଫଳରେ ରାଷ୍ଟ୍ରାୟତ କମ୍ପାନୀ ଦ୍ୱାରା ପରୋକ୍ଷରେ ଚାଷୀ ଅଧିକ ମୂଲ୍ୟରେ କିଣି ଶୋଷିତ ହେଉଛି। ତେଣୁ ସରକାରୀ ବିହନ ବ୍ୟବହାର କରିବା ସହିତ ସମସ୍ତ ରିହାତି ଏବଂ ସୁବିଧା ସୁଯୋଗକୁ ହାତେଇବା ପାଇଁ ବିଭାଗୀୟ ସଚେତନତା ଆବଶ୍ୟକତା ରହିଛି।

# ପିଇବା ପାଣିର ସମସ୍ୟା ନେଇ ସରପଞ୍ଚଙ୍କ ସାମ୍ବାଦିକ ସମ୍ମିଳନୀ

ଲଙ୍ଗଳେଶ୍ୱର, ୨୭ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ଅନ୍ତର୍ଗତ କୁଣ୍ଡୁଳି ଗ୍ରାମରେ ପାନୀୟଜଳର ସମସ୍ୟା ନେଇ ପଞ୍ଚାୟତର ସରପଞ୍ଚ ଜୟନ୍ତ କୁମାର ଦାସ ଆଜି ପଞ୍ଚାୟତ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ପାଣି ସମସ୍ୟା ନେଇ ସୂଚନା ଦେଇଛନ୍ତି। ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ସରପଞ୍ଚ ଶ୍ରୀ ଦାସ କୁଣ୍ଡୁଳି ପଞ୍ଚାୟତ ର ପାଣି ସମସ୍ୟା କୁ ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ, ସରପଞ୍ଚ



ନିର୍ବାଚିତ ହେବା ପରେ ସର୍ବ ପ୍ରଥମେ କୁଣ୍ଡଳି ଗ୍ରାମର ପାନୀୟଜଳ ସମସ୍ୟା ଦୂରୀକରଣ ନିମନ୍ତେ ପ୍ରଶାସନ ସହିତ ପରାମର୍ଶ କରି ଏକ ନୂତନ ୱାଟର ସୋର୍ସ ସ୍ଥାପନ କରି ପାନୀୟଜଳ ଯୋଗାଇ ଥିଲେ। ସମସ୍ତ ପରିବାର କୁ ସୁଚାରୁରୂପେ ଜଳ ଯୋଗାବା ପାଇଁ ପ୍ରତ୍ୟେକ ଛକ ଏବଂ ସାହି ମାନଙ୍କରେ ଟ୍ୟାପ ବସାଇ ପାଣି ଯୋଗାଇ ଦିଆଯାଉଥିଲା। ମାତ୍ର ଉକ୍ତ ଗ୍ରାମର ଦୁଇଜଣ ପ୍ରଭାବ ଶାଳୀ ବ୍ୟକ୍ତି ନିଜ ଘରକୁ ବେଆଇନ ଭାବେ ପାଣି ସଂଯୋଗ କରିନେବାରୁ ଗ୍ରାମରେ ପାନୀୟଜଳର ସମସ୍ୟା ଦେଖା ଦେଇଛି। ଏ ନେଇ ସରପଞ୍ଚ ଶ୍ରୀ ଦାସ ବେଆଇନ ଜଳ ସଂଯୋଗକୁ ନେଇ ବାଲିଆପାଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇ ଥିଲେ ବି କୌଣସି ସୁଫଳ ମିଳିନାହିଁ। ରାଜନୈତିକ ଉଦ୍ଦେଶ୍ୟ ରଖି ସରପଞ୍ଚଙ୍କୁ ବଦନାମ କରାଯାଉଛି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କୈଳାସ ମଲ୍ଲିକ, ଦୁର୍ଯ୍ୟୋଧ ମହାନ୍ତି, ଜଳନ୍ଧର ମଲ୍ଲିକ, ସୁଶାନ୍ତ ବେହେରା, ଭଗୀରଥ ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ଦେବେନ୍ଦ୍ର ମଣ୍ଡଳ, ପିତାମ୍ବର ରାଉଳ, ବାବୁଲା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲ୍ଲାପାଳଙ୍କୁ ଫେରାଦର ୬ ମାସ ବିତିଲା

# ଟୋଲଙ୍କପଡ଼ା-ଟୀକରସାହି ରାସ୍ତା ନିର୍ମାଣ ନୋହିଲା

ଆନନ୍ଦପୁର, ୨୭ (ସମିସ)



ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ ପାଇଁ ସରକାର ଆବଶ୍ୟକ ଅନୁଦାନ ପ୍ରଦାନ କରୁଛନ୍ତି ହେଲେ ଅନେକ ଗ୍ରାମାଞ୍ଚଳ ସ୍ତରରେ ଏହାର ସଠିକ୍ ବିନିଯୋଗ ହୋଇପାରୁ ନଥିବା ଅଭିଯୋଗ ହେଉଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ହରିଡ଼ାପାଳ ପଞ୍ଚାୟତରେ ରାସ୍ତା କାଦୁଅ ପଚପଚ ହୋଇଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ବହୁବାର ଆପତ୍ତି ଅଭିଯୋଗ ଓ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଫେରାଦ ହେବା ପରେ ମଧ୍ୟ ଏନେଇ କୌଣସି ଦୃଷ୍ଟି ଦିଆଯାଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ହରିଡ଼ାପାଳ ପଞ୍ଚାୟତ ଟୋଲଙ୍କପଡ଼ା ଗ୍ରାମର ଫକଡ଼ବାବା ମଠ ନିକଟରୁ ଟିକରସାହି ଗ୍ରାମ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ଉପରେ ୧୫ଶହରୁ ଊର୍ଦ୍ଧ୍ୱ ଲୋକନିର୍ଭର କରୁଛନ୍ତି। ୨୦ବର୍ଷ ମଧ୍ୟରେ ରାସ୍ତାରେ ମାଟି ମୁଠାଏ ପଡିନାହିଁ। ବଡ଼ବଡ଼ ଖାଲ ହୋଇଥିବାରୁ ଯାତାୟାତରେ ସମସ୍ୟା ହେଉଛି।ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମି କାଦୁଅ ପଚପଚ ହେଉଛି। ଗତ ଡିସେମ୍ବର ୮ ତାରିଖରେ କେତେକ ଗ୍ରାମବାସୀ ଏନେଇ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ବର୍ଷାରତୁ ପୂର୍ବରୁ ରାସ୍ତା ନିର୍ମାଣ କରିବାକୁ ଟୋଲଙ୍କପଡ଼ା ଗ୍ରାମର ମଳୟ ସାହୁ, ବଳଭଦ୍ର ସାହୁ, ହିମାଂଶୁ ସାହୁ, ସିଦ୍ଧେଶ୍ୱର ସାହୁ, କାଳନ୍ଦୀ ଓଝା, ଚିନ୍ମୟ ସାହୁ, ମଳୟ ସାହୁ, ଟୁଟୁ ସାହୁ, କିନେନ୍ଦ୍ର ବାରିକ, ପପୁ ସାହୁ, କହରା ସାହୁ, ବାପି ସାହୁ, କାଳନ୍ଦୀ ଖୁଣ୍ଟିଆ, ଅତୁଲ ସାହୁ, କ୍ଷୀରୋଦ ସାହୁ, ତ୍ରିଲୋଚନ ସାହୁ, ସିପୁନ ସାହୁ, ପିଣ୍ଟୁ ସାହୁଙ୍କ ସମେତ ଗ୍ରାମବାସୀ ନିବେଦନ କରିଛନ୍ତି।

## ବନାଞ୍ଚଳସ୍ତରୀୟ ୭୭ତମ ବନ ମହୋତ୍ସବ

ତୁରୁମୁଙ୍ଗା, ୨୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ପକ୍ଷରୁ ୭୭ତମ ବନ ମହୋତ୍ସବ ପଦ୍ମପୁର ସଂରକ୍ଷିତ ଜଙ୍ଗଲରେ ପାଳନ କରାଯାଇଛି। ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାଏକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଏସିଏଫ୍ ସୁଦୀପ୍ତ ପଣ୍ଡା, ରେଞ୍ଜର ବନ ବିହାରୀ ସର୍ଦ୍ଦାର, ମୁରୁସୁଆଁ ସରପଞ୍ଚ ହରିଶଙ୍କର ଦେହୁରୀ, ସମିତିସଭ୍ୟ ସୁଶୀଲ ସାହୁ, ସମାଜସେବୀ ରାଧାକାନ୍ତ ମହାନ୍ତ, ଏଡିଓ ମୋନାଲିସା ମହାନ୍ତ ପରିବେଶବିତ ମିତ୍ରଭାନୁ ମହାନ୍ତ କଣ୍ଟିଆପଡା ସମିତିସଭ୍ୟ ସଞ୍ଜୁଲତା



ମହାନ୍ତ, ଡେଣୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମହେନ୍ଦ୍ର ମହାନ୍ତ, ଅବସରପ୍ରାପ୍ତ କର୍ମଚାରୀ ଉମାକାନ୍ତ ମହାନ୍ତ, ଅଯୋଧ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଏନସିସି ଛାତ୍ରଛାତ୍ରୀ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ଥାନୀୟ ଲୋକ ଅଂଶଗ୍ରହଣ କରିଥିଲେ। ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପାଟଣା ବନପାଳ ନିରଞ୍ଜନ ସେଠୀ, ଚିତ୍ତରଞ୍ଜନ ପରିଡା, ସାହାରପଡା ବନପାଳ ଶ୍ରୀମନ୍ତ ବେହେରା, ବନରକ୍ଷୀ ଦେବଯାନୀ ମହାନ୍ତ, ଡଲିରାଣୀ ସାହୁ, ସୁଜାତା ସାହୁ, ଅନନ୍ୟା ପ୍ରିୟଦର୍ଶିନୀ ନାଏକ, ଯାଜ୍ଞସେନୀ ଗୋଚ୍ଛାୟତ, ରାଜେଶ ଜେନା, ହୃଦାନନ୍ଦ ମହାନ୍ତି, ରୂପଶ୍ରୀ ଖୁଣ୍ଟିଆ, ଦୀପକ ରଣା ଅଶ୍ୱିନୀ ସାହୁ ସହଯୋଗ କରିଥିଲେ।

### ● କେଆରସି ବିଦ୍ୟାଳୟ ନିକଟସ୍ଥ କ୍ରସର ବନ୍ଦ ଦାବି

## ମାଲିକଙ୍କୁ ୧୦ ହଜାରରୁ ଅଧିକ ଲୋକଙ୍କ ସ୍ୱାକ୍ଷର ଦାବିପତ୍ର

କରଞ୍ଜିଆ,୨୬ (ସମିସ): କରଞ୍ଜିଆ ଉପଖଣ୍ଡ ଅନ୍ତର୍ଗତ କେଆରସି ବିଦ୍ୟାଳୟ ନିକଟରେ ଦୀର୍ଘଦିନ ଧରି ଚାଲିଥିବା କ୍ରସରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। କ୍ରସରରୁ ନିର୍ଗତ ଧୂଳି, ଶବ୍ଦ ପ୍ରଦୂଷଣ ଓ ପରିବେଶ ଦୂଷଣ ଯୋଗୁଁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ସ୍ଥାନୀୟ ବାସିନ୍ଦା ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ସ୍ଥାନୀୟ ଜନସାଧାରଣ ବ୍ୟାପକ ସ୍ୱାକ୍ଷର ଅଭିଯାନ ଚଳାଇଥିଲେ। ପ୍ରାୟ ୧୦ ହଜାରରୁ ଅଧିକ ଲୋକଙ୍କ ସ୍ୱାକ୍ଷର ସଂଗ୍ରହ କରାଯାଇ କ୍ରସର ମାଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଶୀଘ୍ର କ୍ରସର ବନ୍ଦ



କରିବା ସହ ପରିବେଶ ଆଇନର କଡ଼ାକଡ଼ି ପାଳନ କରିବାକୁ ଦାବି କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କ୍ରସରରୁ ଉଡୁଥିବା ଧୂଳି ବିଦ୍ୟାଳୟ ପରିସରରେ ପହଞ୍ଚୁଥିବାରୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଛି। ଏଥିସହିତ ଆଖପାଖ ଗ୍ରାମରେ ବସବାସ କରୁଥିବା ଲୋକମାନେ ଶ୍ୱାସକ୍ରିୟା ଜନିତ ସମସ୍ୟା, ଧୂଳି ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣରେ ଅତିଷ୍ଠ ହୋଇପଡ଼ିଛନ୍ତି ବୋଲି ସୂଚନା ମିଳିଛି। ଚାଷଜମି ଓ ପରିବେଶ ମଧ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ଉଠିଛି। ପୂର୍ବରୁ ମଧ୍ୟ ସମ୍ପୃକ୍ତ ପ୍ରଶାସନଙ୍କ ନିକଟରେ ଏହି ସମସ୍ୟା ନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନାହିଁ। ତେଣୁ ଏଥର ବ୍ୟାପକ ଜନସମର୍ଥନ ସହ ସ୍ୱାକ୍ଷର ଅଭିଯାନ କରାଯାଇ ମାଲିକଙ୍କୁ ଦାବିପତ୍ର ଦିଆଯାଇଛି। ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଗଣଧାରଣା, ବିକ୍ଷୋଭ ଓ ଅନ୍ୟାନ୍ୟ ଗଣତାନ୍ତ୍ରିକ ଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ସ୍ଥାନୀୟ ବୁଦ୍ଧିଜୀବୀ, ସମାଜସେବୀ, ଅଭିଭାବକ, ବହୁ ସଂଖ୍ୟକ ଗ୍ରାମବାସୀ ଯୋଗଦେଇ ଶୀଘ୍ର ପଦକ୍ଷେପ ନେବାକୁ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି।

### ■ ବ୍ରିଜଛକ ଗୋଲେଇରୁ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବି

## ଉପଜିଲ୍ଲାପାଳଙ୍କୁ ଭେଟିଲେ ପୌରାଧକ୍ଷା ଓ କାଉନ୍ସିଲର

ଆନନ୍ଦପୁର, ୨୭(ସମିସ): ଆନନ୍ଦପୁର ବ୍ରିଜଛକ ଗୋଲେଇ ରାସ୍ତା ରାସ୍ତା ପାର୍ଶ୍ୱସ୍ଥ ବିଦେଶୀ ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ଦାବିରେ ଆନନ୍ଦପୁର ପୌରାଧକ୍ଷା ସମେତ ୧୦ ଜଣ କାଉନସିଲର ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି। ଏନେଇ ସ୍ଥାନୀୟ ଜନସାଧାରଣ ବାରମ୍ବାର ଦାବି କରୁଥିଲେ ମଧ୍ୟ ପ୍ରଶାସନିକ ନିରବତା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ଜନଗହଳିଠାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ବୋଲି ଦାବି ଜୋର୍ ଧରିଛି। ଏହି ମଦ ଦୋକାନଠାରୁ ମାତ୍ର ୫୦ ମି. ଦୂରରେ ବ୍ରଜବନ୍ଧୁ ବିଦ୍ୟାପୀଠ ରହିଛି। ମଦ ଦୋକାନ ସଂଲଗ୍ନ ଆନନ୍ଦପୁର ପୌର ପରିଷଦର ଦୁଇଟି କଲ୍ୟାଣ ମଣ୍ଡପ ରହିଛି। ଏହି ମଦ ଦୋକାନ ସଂଲଗ୍ନ ରାସ୍ତା ଦେଇ ଶ୍ରଦ୍ଧାଳୁମାନେ ଉତ୍ତରେଶ୍ୱର ଶୈବ ପୀଠକୁ



ଯାତାୟାତ କରିଥାନ୍ତି। ଏପରିକି ବ୍ରିଜଛକ ଏକ ଗୁରୁତ୍ୱପୂର୍ଣ ଛକ ଭାବେ ରହିଆସିଛି। ରାଜପଥ ପାର୍ଶ୍ୱରେ ଲାଗିକରି ରହିଥିବା ଏହି ବିଦେଶୀ ମଦ ଦୋକାନ ସବୁ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଆସୁଛି। ଛାତ୍ରଛାତ୍ରୀମାନଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବାବେ ବଳେ ମହିଳାମାନେ ସୁରକ୍ଷିତ ଯାତାୟାତ କରିବାରେ ସମସ୍ୟା ଭୋଗୁଛନ୍ତି। କଲ୍ୟାଣ ମଣ୍ଡପରେ ବିବାହ, ବ୍ରତଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଲୋକଙ୍କ ଭିଡ଼ ଲାଗି ରହୁଥିବାରୁ ବିଦେଶୀ ମଦ ଦୋକାନ ପାଇଁ ଅସାମାଜିକଙ୍କ ଦୌରାତ୍ମ୍ୟ, ବିଶୃଙ୍ଖଳା ଆଦି ନାନା ସମସ୍ୟା ସୃଷ୍ଟି କରୁଛି। ଏହାସହିତ ମଦ ଦୋକାନ ସଂଲଗ୍ନ ଅନେକ ଦୋକାନ ଗଢି ଉଠିବା ଫଳରେ ମଦ୍ୟପ ଦୌରାତ୍ମ୍ୟ ଦିନକୁ ଦିନ ଅସହ୍ୟ ହେବାରେ ଲାଗିଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଗୁରୁତର ସହିତ ବିଚାର କରି ଏହାକୁ ସହରର ଖୋଲାମେଲା ସ୍ଥାନକୁ ସ୍ଥାନ ସ୍ଥାନାନ୍ତର କରାଇବାର ବ୍ୟବସ୍ଥା ଗ୍ରହଣ କରାଇବାକୁ ଦାବି କରିଛନ୍ତି।

### ● ଦେଓ ନଦୀ ପୋଲ ଉପରେ ଦୁର୍ଘଟଣା

## ବଳଦ ବୋଝେଇ ବୋଲେରୋ-ଅଟୋ ମୁହାଁମୁହିଁ

ତୁରୁମୁଙ୍ଗା, ୨୭(ସମିସ): ବଳଦ ଚୋରା ଚାଲାଣ ସମୟରେ ଦୁର୍ଘଟଣା। କେନ୍ଦୁଝର ଜିଲ୍ଲା ସାହାରପଡା ଦେଇ ଯାଇଥିବା ୨୨୦ ଜାତୀୟ ରାଜପଥର ସାହାରପଡା ଦେଓ ନଦୀ ଉପରେ ଗୁରୁବାର ସନ୍ଧ୍ୟାରେ ଘଟିଛି ଏହି ଦୁର୍ଘଟଣା। ଏକ ବୋଲେରୋ ଭିତରେ ଅତି ଦୟନୀୟ ଭାବରେ ବଳଦଙ୍କୁ ବୋଝେଇ କରି ଦ୍ରୁତଗତିରେ ଯାଇଥିବା ସମୟରେ ସାହାରପଡା ଦେଓ ନଦୀ ଉପରେ ଏକ ଅଟୋକୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଉଭୟ ଗାଡି ପୋଲ ଉପରେ ଓଲଟି ପଡିଥିଲା। ଫଳରେ ଅଟୋରେ ଥିବା ଯାତ୍ରୀ ଗୁରୁତର ହୋଇଥିଲେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ କୁ ସ୍ଥାନନ୍ତର କରାଯାଇଛି। ବୋଲେରୋରେ ଚୋରାଚାଲାଣ କାରାଯାଉଥିବା ୮ ଟି ବଳଦ ମଧ୍ୟରୁ ଗୋଟିଏ ବଳଦର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ବଳଦ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଉତ୍ତେଜନା ଦେଖା ଦେବା ସହ ମାଫିଆ ଫେରାର ହୋଇଯାଇଛନ୍ତି। ପୋଲ ଉପରେ ଉଭୟ ଗାଡି ଓଲଟି ପଡିଥିବାରୁ ରାସ୍ତାରେ ଗାଡି ଚଳାଚଳ ବ୍ୟାହତ ହୋଇଛି। ସାହାରପଡା ଫାଣ୍ଡି ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ■ ବଡ଼ସାହି ଜେଏମଏଫସି କୋର୍ଟ ଖୋଲିବା ପ୍ରସଙ୍ଗ

## ପ୍ରତିଶ୍ରୁତି ରଖିଲେନି ବିଡିଓ, ରାଜନୈତିକ ଚାପ ଅଭିଯୋଗ

ବଡ଼ସାହି,୨।୭(ସମିସ): ବଡ଼ସାହି ବ୍ଲକରେ ଜେଏମଏଫସି କୋର୍ଟ ଖୋଲିବା ନିମନ୍ତେ ୨୦୨୩ରେ ସରକାରୀ ଘୋଷଣା ହୋଇଥିଲା। ପ୍ରଶାସନିକ ଅବହେଳା ସହିତ ନିର୍ବାଚିତ ଜନପ୍ରତିନିଧିଙ୍କ ଉଦାସୀନତା ଯୋଗୁଁ ଏହା ଅଦ୍ୟାବଧି ପ୍ରତିଷ୍ଠା ହୋଇପାରୁ ନ ଥିବା ପରିଲକ୍ଷିତ ହେଉଛି। ଏହାକୁ କିପରି ଖୁବ୍ ଶୀଘ୍ର ଅସ୍ଥାୟୀ ଭାବେ ଖୋଲାଯାଇ ପାରିବ ସେଥିପାଇଁ ବଡ଼ସାହି ବ୍ଲକ୍ ପ୍ରେସ କ୍ଲବ୍ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଗତ ମଇ ୧୩ରେ ସାକ୍ଷାତ କରି ଆଲୋଚନା କରିଥିଲା। ସେ ଏକ ମାସ ମଧ୍ୟରେ ବଡ଼ସାହି ବ୍ଲକ୍ ପରିସରରେ ଖାଲିଥିବା ତଥା ବ୍ୟବହାର ଉପଯୋଗୀ ଗୃହରେ ଖୋଲାଯିବାର ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ସାମ୍ବାଦିକ ତଥା ବ୍ଲକ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନଙ୍କ ନେତୃତ୍ୱରେ ପ୍ରେସ କ୍ଲବ୍ ବିଡିଓ ବନଜା ଦାସଙ୍କୁ ଗତ ମଇ ୨୦ରେ ସାକ୍ଷାତ କରି ଘର ଯୋଗାଇଦେବାକୁ ଅନୁରୋଧ କରିଥିଲେ।ବିଡିଓ ମଧ୍ୟ ସହକାରୀ ନିର୍ବାହୀ ଯନ୍ତ୍ରୀ,କନିଷ୍ଠ ଯନ୍ତ୍ରୀଙ୍କୁ ଡାକି ଗୃହ ମରାମତି ପାଇଁ ନିର୍ଦ୍ଦେଶ ଦେବା ସହ ଖୁବ୍ ଶୀଘ୍ର ଘର ଯୋଗାଇ ଦେବେ ବୋଲି କହିଥିଲେ। ଇତି ମଧ୍ୟରେ ବିଡ଼ିଓଙ୍କୁ ସାକ୍ଷାତ କରିବାର ୪୫ ଦିନ ବିତିଯାଇଥିଲେ ମଧ୍ୟ ଗୃହ ମରାମତି ଦିଗରେ ସେ କୌଣସି ପଦକ୍ଷେପ ନେଇ ନଥିବାରୁ ଆଜି ପୁଣି ତାଙ୍କୁ ସାକ୍ଷାତ କରାଯାଇଥିଲା।ମାତ୍ର ସେ ଘର ବେଶୀ ନାହିଁ, ଦେଖିବା,ମରାମତି ପାଇଁ ଫଣ୍ଡସ ନାହିଁ ଆଦି କହି ନିଜେ ଦେଇଥିବା ପ୍ରତିଶ୍ରୁତି ରକ୍ଷା ନ କରି ସ୍ଥାନୀୟ ସାମ୍ବାଦିକ ବନ୍ଧୁଙ୍କୁ ଘର ଯୋଗାଇବା ବାହାନାରେ ଲଲିପପ୍ ଧରାଇ ଦେଇଥିବା ନେଇ ପ୍ରେସ କ୍ଲବ୍ କ୍ଷୋଭ ପ୍ରକାଶ କରିଛି। ଏହା ବିଡିଓ ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ ଏପରି କରିଥିବା ସ୍ପଷ୍ଟ ବାରି ହୋଇପଡୁଛି। ବିଡ଼ିଓଙ୍କ ଏଭଳି ମନ୍ତବ୍ୟରେ କ୍ଷୁବ୍ଧ ହୋଇ ପ୍ରେସକ୍ଲବ୍ ପକ୍ଷରୁ ଉପସ୍ଥାପିତ ଦାବି ପୂରଣର ସମୟ ସୀମା ଅତିକ୍ରାନ୍ତ ହୋଇ ଯାଇଥିବାରୁ ଧାରଣା ଦିଆଯିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହେଲାଣି।

## ମା' କିଚକେଶ୍ୱରୀ ହାଇସ୍କୁଲରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ

ଖିଚିଂ, ୨୭(ସମିସ): ଅଗ୍ରଣୀ ଶିକ୍ଷାନୁଷ୍ଠାନ ମା' କିଚକେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଧାକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମା' କିଚକେଶ୍ୱରୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ବଳଭଦ୍ର ଘଡାଇ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଦେବମିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଚାରୁଚନ୍ଦ୍ର ନାଏକ, ପ୍ରାକ୍ତନ ଇଂ ସୁଶାନ୍ତ ନାଏକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଶୋକ କୁମାର



ବାରିକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କୀର୍ତ୍ତନ ନାଏକ, ସମାଜସେବୀ ଦିଲ୍ଲୀପ କୁମାର ପାଣିଗ୍ରାହୀ ଓ ବିଶିଷ୍ଟ ବକ୍ତା ଭାବେ ସୌରଶକ୍ତି ପରିଚାଳନା ବିଭାଗୀୟ ଅଧିକାରୀ ଚନ୍ଦ୍ର ଶେଖର ସାହୁ ପ୍ରମୁଖ ଯୋଗଦେଇ ଅକ୍ଷୟ ଶକ୍ତିର ବ୍ୟବହାର, ଶକ୍ତି ଅପଚୟ ରୋକିବା, ଜୀବନ ଶୈଳୀର ଥଲେ। ଏ ଅବସରରେ ସ୍କୁଲର ଛାତ୍ରଛାତ୍ରୀ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହିତ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ବିଦ୍ୟୁତ୍ ସଚେତନତା ଓ ଶକ୍ତି ସଂରକ୍ଷଣ ସଚେତନତା ଆଧାରିତ ଲିଫଲେଟ୍ ବଣ୍ଟନ କରିଥିଲେ। ବିଦ୍ୟୁତ୍ ସୁରକ୍ଷା ଉପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ସୋନାଲୀ ସି, ରାନୀ ନାଏକ, ଲିପା ସି, ମଧୁସ୍ମିତା ପାତ୍ର, ଡୋଲି ସି, ଦେବଯାନୀ ମହାନ୍ତ, ଭାଗ୍ୟସେନୀ ସି, ବର୍ଷାରାଣୀ ନାଏକ, ରେଶ୍ମା ନାଏକ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନନ୍ତ ମହାକୁଡ଼, ଅଜୟ ସି, ରାଧୁ ମହାକୁଡ଼, ଶୈଳେଶ ଭୋଇ, ମହେନ୍ଦ୍ରନାଏକ, ଚିତ୍ତରଞ୍ଜନ ସି, ଅଜୟବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

ଝୁମ୍ପୁରା, ୨୭(ସମିସ): ଝୁମ୍ପୁରା ବ୍ଲକର ରସବନ୍ତଲା ସରକାରୀ ଉଚ୍ଚବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟ କମିଟିର ସଭାପତି ବ୍ରହ୍ମେଶ୍ୱର ନାଏକ ସଭାପତିତ୍ୱ କରିଥିଲେ। ବିଦ୍ୟୁତ୍ ବିଭାଗ ନିରୀକ୍ଷକ ଯନ୍ତ୍ରୀ ସନ୍ଦୀପନ୍ ପତି ଏବଂ ବିନାୟକ ବେହେରା ବିଦ୍ୟୁତ୍ ସୁରକ୍ଷା ଦିଗରେ ପିଲାଙ୍କୁ ସଚେତନ କରାଇଥିଲେ। ଶିକ୍ଷାବିତ୍ ମୋହନ ଚରଣ ମହାନ୍ତ ବିଦ୍ୟୁତ୍ ସୁରକ୍ଷା ଜୀବନ ରକ୍ଷା ସମ୍ବନ୍ଧରେ ପିଲାଙ୍କୁ ସଚେତନ କରାଇଥିଲେ। ପ୍ରଧାନଶିକ୍ଷୟିତ୍ରୀ କୁସ୍ମିତା ନାୟକ ପିଲାମାନଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପବିତ୍ର ସାହୁ ମଞ୍ଚ ସଂଚାଳନ କରିଥିଲେ। ଶିକ୍ଷୟିତ୍ରୀ ମନୋରମା ବେହେରା, ରଶ୍ମିରେଖା ନାଏକ, ଜ୍ୟୋସ୍ନାରାଣୀ ନାଏକ, ମନୋହର ମହାନ୍ତ, ଦୀପ୍ତି ସେଠୀ, ସୁରଜିତ୍ ମାଝୀ, ଅନୁପମା ମହାନ୍ତ ସହଯୋଗ କରିଥିଲେ।

## କପ୍ତିପଦା ଠିକାଦାର ସଂଘର ବୈଠକ



କପ୍ତିପଦା/ଉଦଳା,୨୭(ସମିସ):ଆଜି କପ୍ତିପଦା ଠିକାଦାର ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। କପ୍ତିପଦା କଲ୍ୟାଣ ମଣ୍ଡପଠାରେ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ପୂର୍ବରୁ ଅନୁପସ୍ଥିତ ଥିବା ସଂଘର ସଭାପତି ଅନୁପ ରାଉତ ଉପସ୍ଥିତ ରହି ସଭାପତିତ୍ୱ କରିଥିଲେ। ସଭାପତିଙ୍କ ପରାମର୍ଶ କ୍ରମେ ପୂର୍ବ ବୈଠକର ଆଲୋଚନା ଆଗତ ପାଠ କରିବା ପରେ ବୈଠକ ଆରମ୍ଭ ହୋଇଥିଲା। ଧାର୍ଯ୍ୟ ହୋଇଥିବା ୦.୧ ଲେସକୁ ଅନୁପାଳନ କରି ନ ଥିବା ଠିକାଦାରଙ୍କ ମନମାନି ଉପରେ ଉପସ୍ଥିତ ଥିବା ସମସ୍ତ ଠିକାଦାର ଭାଇମାନେ ନିନ୍ଦା କରିଥିଲେ। ଉକ୍ତ ବୈଠକରେ ସଂଘ କମିଟି ଓ ବରିଷ୍ଠ ଉପଦେଷ୍ଟା କମିଟି ଗଠନ ହୋଇଥିଲା। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଇ ସାର୍ ଉଦଳା କାର୍ଯ୍ୟାଳୟକୁ ସମସ୍ତ ଠିକାଦାର ଭାଇ ମାନେ ଯାଇ ସାର୍ ଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ ଯେଉଁ ଠିକାଦାର ଭାଇ ସଂଘର ନିଷ୍ପତିକୁ ଅବମାନନା କରିବ ଓ ନିଜର ମନମାନି କରେ ତାହା ବରଦାସ୍ତ କରାଯିବ ନାହିଁ ବୋଲି ଆଲୋଚନା ହୋଇଥିଲା।

## ସାପ କାମୁଡ଼ାରେ ବ୍ୟବସାୟୀଙ୍କ ମୃତ୍ୟୁ

କୁଆମରା,୨୭(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତର ଭୋଲପୋଖରୀ ଛକରେ ମୋବାଇଲ ଦୋକାନ କରିଥିବା ଯୁବ ବ୍ୟବସାୟୀ ବିମଳ ପ୍ରଧାନ (୩୫)ଙ୍କ ଗତକାଲି ରାତିରେ ମୃତ୍ୟୁ ଘଟିଛି। ବିମଳଙ୍କ ଘର ରେମୁଣା ବ୍ଲକ କଲ୍ୟାଣପୁର ପଞ୍ଚାୟତର ଗୁଣ୍ଡୁଦା ଗ୍ରାମରେ। ମଙ୍ଗଳବାର ରାତିରେ ତାଙ୍କୁ ଏକ ସାପ କାମୁଡ଼ି ଦେବାରୁ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ପ୍ରଥମେ ବାଲେଶ୍ୱର ମେଡିକାଲ କଲେଜ ଓ ପରେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ନିଆ ଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ମୃତ୍ୟୁ ଘଟିଛି। ତାଙ୍କର ସ୍ତ୍ରୀ ଓ ଗୋଟିଏ ଛୋଟ ଝିଅ ଅଛି। ଆଜି ଅପରାହ୍ନରେ ତାଙ୍କ ମୃତଦେହ ଭୋଲପୋଖରୀଛକରେପହଞ୍ଚିବାପରେଶୋକରଛାୟାଖେଳିଯାଇଥିଲା।ବ୍ୟବସାୟୀ ସଂଗଠନ ତରଫରୁ ଶୋକ ପାଳନ କରିବା ସହ ବଜାର ବନ୍ଦ ରଖାଯାଇଥିଲା।

## କେଶନା ଛକରେ ବିରାଟ ଖାଲ, ପ୍ରତିକାର ଦାବି

ଖିଚିଂ,୨୭(ସମିସ): ଶୁକୃଳି ବ୍ଲକ ଅନ୍ତର୍ଗତ କେଶନା ଗ୍ରାମ ଛକରେ ଏକ ବିରାଟ ଖାଲ ସୃଷ୍ଟି ହୋଇ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଦୁଇବର୍ଷ ପୂର୍ବେ ରାଜ୍ୟ ସରକାରଙ୍କ ଅନୁଦାନକ୍ରମେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ସଂଯୋଗୀକରଣ ନିମନ୍ତେ ବୈତରଣୀ ନଦୀ ଉପରେ ଏକ ପୋଲ ନିର୍ମାଣ ହେବା ପରଠାରୁ ପ୍ରତିଦିନ କେଶନା ଛକ ଦେଇ ଶହ ଶହ ଯାନବାହନ ଯାତାୟାତ କରୁଥିବାରୁ ରାସ୍ତାରେ ଅନେକ ଖାଲଖମାରେ ପରିପୂର୍ଣ୍ଣ



ହୋଇଥିବା ବେଳେ ଛକ ମଧ୍ୟଭାଗରେ ପ୍ରାୟ ଏକ ଫୁଟ ଗଭୀର ଖାଲ ସୃଷ୍ଟି ହୋଇ ବର୍ଷା ପାଣି ଜମିରହୁଛି। ଏହି ରାସ୍ତା ଉପରେ ପ୍ରତିଦିନ ହାରାହାରି ୧୦୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ, ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ରୋଗୀ ନିର୍ଭରଶୀଳ। ତେଣୁ ବିଭାଗୀୟ ଅଧିକାରୀ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବରିଷ୍ଠ ନାଗରିକ ମଞ୍ଚର ବନ ମହୋତ୍ସବ

ବାରିପଦା,୨।୭(ସମିସ): ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାରିପଦା ଏକଲବ୍ୟ ବିଦ୍ୟାଳୟ ପରିସରରେ ସାଧାରଣ ସମ୍ପାଦକ ଡ ଶ୍ୟାମସୁନ୍ଦର ଦାସଙ୍କ ସଭାପତିତ୍ୱରେ ୭୮ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ପିସିସିଏଫ ଡ ଦେବବ୍ରତ ସ୍ୱାଇଁ, ସମ୍ମାନିତ ଅତିଥି ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ବିଶିଷ୍ଟ ଅତିଥି ଆମେ ମୟୁରଭଞ୍ଜିଆର ସଭାପତି ସଞ୍ଜୟ କୁମାର ଚୌଧୁରୀଙ୍କ ଉପସ୍ଥିତିରେ ଏଲିଫେଣ୍ଟ ଫାଉଣ୍ଡେସନର ଚେୟାରମ୍ୟାନ ରଜନୀକାନ୍ତ ବିଶ୍ୱାଳ, ବିଦ୍ୟାଳୟ ଅଧକ୍ଷ ଗୌରୀଶଙ୍କର ଓ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକଶତ ଚାରା ରୋପଣ ପୂର୍ବକ ବନମହୋତ୍ସବ ପାଳିତ ହୋଇଥିଲା। ଅତିଥିମାନେ ବନମହୋତ୍ସବର ତାତ୍ପର୍ଯ୍ୟ ସହିତ ଜଙ୍ଗଲ ସୁରକ୍ଷା ଓ ପଶୁପକ୍ଷୀଙ୍କ ବଞ୍ଚିବାର ଅଧିକାର, ପରିବେଶ ସନ୍ତୁଳନର ପରିପୂରକ ବୋଲି ଗୁରୁତ୍ୱ ଦେଇ ଆଗାମୀ ପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଅଧକ୍ଷ ଏବର୍ଷ ବର୍ଷା ଋତୁରେ ଅନ୍ତେବାସୀଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟ ଚାଲୁ ରଖିବାକୁ ସୂଚନା ଦେଇଥିଲେ। ସଭ୍ୟ କୁମାର ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇଟି ଦୋକାନରୁ ଚୋରି

ବିଶୋଇ,୨।୭(ସମିସ): ବିଶୋଇ ଥାନା ଅନ୍ତର୍ଗତ କୁନ୍ଦୁଳିଆ ଛକ ନିକଟରେ ବୁଧବାର ରାତିରେ ଦୁଇଟି ଦୋକାନରୁ ଚୋରି ହୋଇଛି। କୁନ୍ଦୁଳିଆ ଛକସ୍ଥ ୫୦ନଂ ରାଜ୍ୟ ରାଜପଥ କଡ଼ରେ ଥିବା ତାରାଶଙ୍କର ସାମନ୍ତଙ୍କ ଜନସେବା କେନ୍ଦ୍ର ତାଲା ଭାଙ୍ଗି ଦୁର୍ବୃର୍ତ୍ତ କେନ୍ଦ୍ରର ସାମଗ୍ରୀ ଚୋରି କରିନେଇଥିଲେ। ସେହିପରି ଉକ୍ତ ଦୋକାନ କଡ଼ରେ ଥିବା ସୁବାସ ବେହେରାଙ୍କ ଗ୍ରୋସରୀ ଦୋକାନରେ ମଧ୍ୟ ଅନୁରୂପ ଭାବେ ଦୁର୍ବୃତ୍ତମାନେ ଦୋକାନ ଗୃହର ମୁଖ୍ୟ ଫାଟକ ତାଲା ଭାଙ୍ଗି ଦୋକାନ ଗୃହରୁ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିଲେ। ଏ ଘଟଣାକୁ ନେଇ ଦୁଇ ଦୋକାନ ମାଲିକ ଆଜି ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।



କେନ୍ଦୁଝର: ଓମ୍‌ସା ଡକରାରେ ଗୁରୁବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଜାରି

## ନିମ୍ନମାନର ପେଭର୍ ରାସ୍ତାର ତଦନ୍ତ କେବେ ?

ତେଲକୋଇ, ୨୭(ସମିସ): ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସରକାରୀ ଅର୍ଥରେ ନିର୍ମାଣ ହେଉଥିବା ପେଭର ବ୍ଲକ୍ ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହେବା ପରେ ତେଲକୋଇ ପ୍ରେସ କ୍ଲବ୍ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛି। ପ୍ରେସ କ୍ଲବ୍ ସଭାପତି କୈଳାସଚନ୍ଦ୍ର ପ୍ରଧାନ, ସମ୍ପାଦକ ଅକ୍ଷୟ ପ୍ରଧାନଙ୍କ ନେତୃତ୍ୱରେ ପ୍ରେସ କ୍ଲବ ସଦସ୍ୟ ବ୍ଲକ ପ୍ରଶାସନକୁ କାର୍ଯ୍ୟକୁ ତୁରନ୍ତ ବନ୍ଦ କରାଯିବା ଓ ଏହାର ସରଜମିନ ତଦନ୍ତ କରି ଦୋଷୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି କରିଛନ୍ତି। ଏପରିକି କାର୍ଯ୍ୟରେ ବ୍ୟବହାର ହୋଇଥିବା ସାମଗ୍ରୀର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ବିଭାଗୀୟ ଲ୍ୟାବକୁ ପଠାଇବାକୁ ଦାବି ହୋଇଛି। ତେବେ, ଏନେଇ ବହୁବାର ଅଭିଯୋଗ ହେଉଥିଲେ ସୁଦ୍ଧା ପ୍ରଶାସନ ତଦନ୍ତ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ସ୍ଥାନୀୟ ବିଡିଓ ଓ ବିଭାଗୀୟ ସହକାରୀ ଯନ୍ତ୍ରୀ କାହିଁକି ନିରବ ସାଜିଛନ୍ତି ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମୋଟା ଅଙ୍କର ପିସି କାରବାର ହୋଇଥିବାରୁ ପ୍ରଶାସନ ଏଥିପ୍ରତି ଆଖି ବୁଜି ଦେଇଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନୟନ କାର୍ଯ୍ୟ ନାଁରେ ନିମ୍ନମାନର କାର୍ଯ୍ୟ କରି ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ମୋଟା ଅଙ୍କର ଅର୍ଥ ପକେଟରେ ପୁରାଇବାକୁ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏଭଳି ନିମ୍ନମାନର କାର୍ଯ୍ୟକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାପାଳ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଞ୍ଚଳବାସୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହୋଇଛି।

### କାର୍ତ୍ତିକେଶ୍ୱର ଉଚ୍ଚପ୍ରାଥମିକ ବିଦ୍ୟାଳୟ

## ନାହାନ୍ତି ଶିକ୍ଷକ, ବିଦ୍ୟାଳୟ ଛାଡୁଛନ୍ତି ଛାତ୍ରଛାତ୍ରୀ

ମାଣତ୍ରୀ,୨।୭(ସମିସ): ବଡ଼ସାହି ବ୍ଲକ୍ ମାନଗୋବିନ୍ଦପୁର ପଞ୍ଚାୟତର ନୁଣକୁଆ ଏପରି ଏକ ଗାଁ, ଯାହା ବର୍ଷାଦିନେ ବାରମ୍ବାର ଗଙ୍ଗା ହାର ନଦୀ ବନ୍ୟା ପାଣି ଦ୍ୱାରା ରାସ୍ତା ବୁଡ଼ିଯାଏ । ବର୍ଷାଦିନେ ଗାଁ ଲୋକଙ୍କୁ ବାହାରକୁ ଯିବା ମୁସ୍କିଲ ହୋଇପଡ଼େ। କୋମଳମତୀ ଶିଶୁ କିପରି ବନ୍ୟା ପ୍ଲାବିତ ଅଞ୍ଚଳ ଦେଇ ବାହାରକୁ ନ ପଢିବାକୁ ଯିବେ, ସେଥିପାଇଁ ଗ୍ରାମର କେତେକ ମୁଖିଆ ସ୍କୁଲ ପ୍ରତିଷ୍ଠା କରି କାର୍ତ୍ତିକେଶ୍ୱର ବିଦ୍ୟାଳୟ ନାମ ରଖିଥିଲେ। ପର୍ଯ୍ୟାୟକ୍ରମେ ଏହି କାର୍ତ୍ତିକେଶ୍ୱର ବିଦ୍ୟାଳୟ ସରକାରୀ ସ୍ୱୀକୃତି ପ୍ରାପ୍ତ ହୋଇଥିଲା। ଏଥିପାଇଁ ଗ୍ରାମବାସୀ ଖୁସି ଥିଲେ। ଦୁଃଖ ଓ ପରିତାପର ବିଷୟ ହେଲା,



କାର୍ତ୍ତିକେଶ୍ୱର ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ଥିଲେ। ଦୁଇଜଣ ଶିକ୍ଷକ ଗ୍ରୀଷ୍ମ ଛୁଟି ପୂର୍ବରୁ ଅବସର ନେଇଥିବାବେଳେ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ତରଫରୁ କୌଣସି ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଗ୍ରାମବାସୀ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଶିକ୍ଷକ ନିଯୁକ୍ତ କରିବାକୁ ନିବେଦନ କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା କୌଣସି ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଫଳରେ କେତେକ ଅଭିଭାବକ ନିଜ ପିଲାର ଟିସି ନେଇଯିବା ପରିଲକ୍ଷିତ ହେଉଛି।

କାର୍ତ୍ତିକେଶ୍ୱର ବିଦ୍ୟାଳୟ ନିକଟରେ ଥିବା ନୁଣକୁଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କାର୍ତ୍ତିକେଶ୍ୱର ଉଚ୍ଚପ୍ରାଥମିକ ବିଦ୍ୟାଳୟ ଦାୟିତ୍ୱ ବହନ କରିବାକୁ କୁହାଯାଇଛି। ଏଠି ପ୍ରଶ୍ନ ଉଠୁଛି ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଞ୍ଚଟି ଶ୍ରେଣୀ ଥିବାବେଳେ ଶିକ୍ଷକଙ୍କୁ କାର୍ତ୍ତିକେଶ୍ୱର ଉଚ୍ଚପ୍ରାଥମିକ ବିଦ୍ୟାଳୟ ବିଦ୍ୟାଳୟରେ ୨ଟି ଶ୍ରେଣୀକୁ ମିଶାଇ ମୋଟ ୮ଟି ଶ୍ରେଣୀରେ ୪୦ ପିଲା ଥିବାବେଳେ ଦୁଇଜଣ ଶିକ୍ଷକ ଅଛନ୍ତି। ବଡସାହି ବ୍ଲକରେ ସ୍ଥାୟୀ ଶିକ୍ଷାଧିକାରୀ ନ ଥିବା ସ୍ଥଳେ ଦାୟିତ୍ୱରେ ଥିବା ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ କୋଣସି ଉତ୍ତର ମିଳୁନାହିଁ। ଅତିରିକ୍ତ ଶିକ୍ଷାଧିକାରୀ ଅଭିରାମ ନାୟକଙ୍କୁ ପଚାରିବାରୁ ସେ ତାଙ୍କ ମୁଣ୍ଡକୁ ଅଧିକ ଚାପ ହୋଇଯାଉଛି, ବୁଝିପାରିବେନାହିଁ ବୋଲି କହିଥିଲେ। ତେବେ କ'ଣ ଅଫିସରେ ରହି କେବଳ ମଧ୍ୟାହ୍ନଭୋଜନ କଥା ବୁଝିବେ। ଏଣୁ ଗ୍ରାମବାସୀଙ୍କ ପକ୍ଷରୁ ସାତଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ନ କଲେ ସେମାନେ ବଡସାହି ଶିକ୍ଷା ଅଧିକାରୀଙ୍କୁ ଘେରିବେ ଓ ରାସ୍ତାରୋକ କରିବାକୁ ଚେତାବନୀ ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିପାରେ। ବ୍ୟବସାୟରେ ଲାଭ ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଆଶା ପୂରଣ ହେବ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ।

**ସିଂହ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। କାର୍ଯ୍ୟରେ ସଫଳତା ମିଳିବ। ଦିନଟି ବ୍ୟସ୍ତତା ଭିତରେ କଟିପାରେ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ପରିବାର ସହିତ ହସ ଖୁସିର ସମୟ ବିତାଇବେ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଧନ ଲାଭର ଯୋଗ ଅଛି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ଧନୁ:** ଜୀବନସାଥୀଙ୍କଠାରୁ ଉପହାର ମିଳିବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।


**କୁମ୍ଭ:** ଖୁସି ଖବର ମିଳିପାରେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବ୍ୟବସାୟରୁ ଲାଭ ମିଳିବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

## ଆଜିର ଇତିହାସ

- ୧୭୬୦- ମରାଠା ସେନା ଦିଲ୍ଲୀ ଉପରେ କବ୍‌ଜା କଲେ।
- ୧୭୭୮ - ଆର୍ଜେଣ୍ଟିନା ବିରୋଧରେ ପର୍ସିଆର ଯୁଦ୍ଧ ଘୋଷଣା।
- ୧୯୦୮ - ବ୍ରିଟିଶ ସରକାର ବାଲ ଗଙ୍ଗାଧର ତିଲକଙ୍କୁ ଗିରଫ କଲେ।
- ୧୯୨୮ - ଲଣ୍ଡନରେ ପ୍ରଥମ ଥର ରଙ୍ଗୀନ୍ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସାରଣ କରାଗଲା।
- ୧୯୭୨- ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀର ସମ୍ବନ୍ଧୀୟ ନିରସ୍ତ୍ର ଚୁକ୍ତି ସ୍ୱାକ୍ଷର।

# 'ଆଲ୍‌ଫା' ଆଲିଆ ନେଇଛନ୍ତି ୨୫ କୋଟି



ଯଶରାଜ୍ ଫିଲ୍ମସ୍‌ର ସ୍ପାଇ ୟୁନିଭର୍ସର ସପ୍ତମ ଫିଲ୍ମ 'ଆଲ୍‌ଫା' ଖୁବ୍ ଶୀଘ୍ର ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ଫିଲ୍ମରେ ଆଲିଆ ଭଟ୍ଟ ଏବଂ ଶର୍ବରୀ ୱାଘ୍ ଲିଡ୍ ରୋଲରେ ଦେଖାଯିବେ। ଯଶ ରାଜ ଫିଲ୍ମସ୍‌ର ସ୍ପାଏ ୟୁନିଭର୍ସ ପ୍ରଥମ ଥର ପାଇଁ ଏକ ମହିଳା ଲିଡ୍ ଫିଲ୍ମ ନିର୍ମାଣ କରୁଛି । ଏଥିରେ ଆଲିଆ ଓ ଶର୍ବରୀଙ୍କ ବ୍ୟତୀତ ଅନୀଲ କପୁର, ବବି ଦେଓ୍ୱଲ ପ୍ରମୁଖ ଲିଡ୍ ରୋଲରେ ନଜର ଆସିବେ। ଶିବ ରାୱୈଲ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏବେ ଏହି ଫିଲ୍ମର କଳାକାରମାନଙ୍କର ପାରିଶ୍ରମିକକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏଥିରେ ଆଲିଆ 'ସୁପର୍ ଏଜେଣ୍ଟ' ସୀତା ଭୂମିକାରେ ଅଭିନୟ କରୁଛନ୍ତି। ଏହି ଭୂମିକା ପାଇଁ ସେ ୨୫ କୋଟି ନେଇଛନ୍ତି। ସେହିପରି ଆଲିଆଙ୍କ ସହ ସୁପର୍ ଏଜେଣ୍ଟ ଭୂମିକାରେ ଅଭିନୟ କରୁଥିବା ଶର୍ବରୀ ୩ କୋଟି ନେଇଛନ୍ତି। ବବି ଦେଓ୍ୱଲ ଏଥିରେ ଖଳନାୟକ ଭାବେ ଦେଖାଯିବେ। ସେ ଏହି ଫିଲ୍ମ ପାଇଁ ପାରିଶ୍ରମିକ ବାବଦରେ ୬ କୋଟି ନେଇଛନ୍ତି। ଅନୀଲ କପୁର ମଧ୍ୟ ୬ କୋଟି ନେଇଛନ୍ତି। ହ୍ରିତିକ୍ ରୋଶନ ଏଥିରେ ଅତିଥି କଳାକାର ଭାବେ ଦେଖାଯିବେ। ହେଲେ ସେ ଏହି ଭୂମିକା ପାଇଁ କେତେଟଙ୍କା ନେଇଛନ୍ତି ତାହା ଜଣାପଡ଼ିନାହିଁ। ଏହି ଚଳଚ୍ଚିତ୍ରଟି ପ୍ରଥମ ଦିନରେ ଅତି କମ୍‌ରେ ୪.୫୦ରୁ ୭.୫୦ କୋଟି ଟଙ୍କା ରୋଜଗାର କରିବ ବୋଲି ଆଶା କରାଯାଉଛି।

# ଚିଡ଼ିଆଖାନାର ଚାଲାକି ଜେବ୍ରା ନୁହେଁ ଗଧ

ଚୀନ୍‌ରୁ ବେଳେବେଳେ ଏମିତି ଖବର ସବୁ ଆସିଥାଏ ଯାହାକୁ ଶୁଣି ସାରା ଦୁନିଆ ଆଶ୍ଚର୍ଯ୍ୟ ପ୍ରକାଶ କରିଥାଏ। ଏଥର ଏଠାକାର ଏକ ଚିଡ଼ିଆଖାନା ଚାଲାକିର ସବୁ ସୀମା ପାର୍ କରି ଚର୍ଚ୍ଚାକୁ ଆସିଛି। ଚିଡ଼ିଆଖାନା ପକ୍ଷରୁ ଏକ ଗଧ ଶରୀରରେ କଳା ରଙ୍ଗ ପେଣ୍ଟ କରାଯାଇ ତାକୁ ଜେବ୍ରାର ରୂପ ଦେଇ ପିଞ୍ଜରାରେ ରଖାଯାଇଥିଲା। ଅବଶ୍ୟ ଚିଡ଼ିଆଖାନା ପ୍ରଶାସନର ଏହି ଚାଲାକିକୁ ସେଠାକୁ ଆସିଥିବା ପର୍ଯ୍ୟଟକମାନେ ଧରି ଦେଇଥିଲେ। ଲୋକେ ତୁରନ୍ତ ଏହି ନକଲି ଜେବ୍ରାର ରହସ୍ୟ ପଦାରେ ପକାଇଦେଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ଇଣ୍ଟରନେଟ୍‌ରେ ଏହାକୁ 'ଅଲ୍ଟ୍ରା ପ୍ରୋ ମ୍ୟାକ୍ସ' ଜୁଗାଡ଼ କହି ପରିହାସ କରାଯାଉଛି । ଘଟଣାଟି ଚୀନ୍‌ର ୱେଇଫାଙ୍ଗ୍ ସହରର ଆନକିୟୁ ୱାଇଲ୍ଡଲାଇଫ୍ ପାର୍କର ଅଟେ । ଭାଇରାଲ୍ ଭିଡିଓରେ ସ୍ପଷ୍ଟ ଦେଖାଯାଉଛି ଯେ, ଏକ ଗଧର ଶରୀରରେ କଳା ରଙ୍ଗର ଗାର ସବୁ ପେଣ୍ଟ କରାଯାଇଛି, ଯେମିତି କି ସେ ଦୂରରୁ ଜେବ୍ରା ଭଳି ଦେଖାଯିବ । ତେବେ, ଧରାପଡ଼ିବା ପରେ ଚିଡ଼ିଆଖାନା କର୍ତ୍ତୃପକ୍ଷ ଯେଉଁ ସଫେଇ ଦେଇଛନ୍ତି, ତାହା ଲୋକଙ୍କୁ ଆହୁରି ଆଶ୍ଚର୍ଯ୍ୟ କରିଛି। ଯେତେବେଳେ ଇଣ୍ଟରନେଟ୍‌ରେ ଚିଡ଼ିଆଖାନାର ବଦନାମ ହେବାକୁ ଲାଗିଲା, ସେତେବେଳେ ସେଠାକାର ଜଣେ କର୍ମଚାରୀ ସୋସିଆଲ ମିଡିଆରେ ସଫେଇ ଦେଇ ଲେଖିଲେ ଯେ, "ଆମେ ତ କେବଳ ପଶୁମାନଙ୍କର ବେଶ ବଦଳାଇବା କାମ କରୁଥିଲୁ। ଆମେ କେବେ ବି ଦାବି କରିନୁ ଯେ, ଏହା ପ୍ରକୃତ ଜେବ୍ରା। ଆମେ ପିଞ୍ଜରା ବାହାରେ ଏମିତି କୌଣସି ବୋର୍ଡ ମଧ୍ୟ ଲଗାଇ ନ ଥିଲୁ । ଏହା କେବଳ ଏକ ମଜାକ୍ ଥିଲା, ଯେମିତି ଏଠାକୁ ଆସୁଥିବା ଲୋକେ ଟିକେ ହସିପାରିବେ ଏବଂ ସେମାନଙ୍କର ମନୋରଞ୍ଜନ ହୋଇପାରିବ ।" ଏଠାରେ ପ୍ରକାଶ ଥାଉ କି, ଚୀନ୍‌ର ଚିଡ଼ିଆଖାନାରେ ପଶୁମାନଙ୍କର ଏଭଳି ଅଦଳବଦଳ ପ୍ରଥମ ଘଟଣା ନୁହେଁ । ଗତ ବର୍ଷ ମଧ୍ୟ ଶାନଡୋଙ୍ଗ୍‌ର ଜିବୋ ସିଟି ଆମ୍ୟୁଜମେଣ୍ଟ ପାର୍କ ଏକ ଗଧକୁ ଜେବ୍ରା ବନାଇ ଲୋକଙ୍କ ସାମ୍ନାକୁ ଆଣିଥିଲା, ଯାହାକୁ ବେଶ୍ ସମାଲୋଚନା କରାଯାଇଥିଲା। ଏହା ବ୍ୟତୀତ, ଗତ ବର୍ଷ ତାଇଝୋଉ ଚିଡ଼ିଆଖାନା ଦୁଇଟି ସୁନ୍ଦର ଧଳା ରଙ୍ଗର 'ଚାଉ-ଚାଉ' ପ୍ରଜାତିର କୁକୁରକୁ କଳା ଏବଂ କମଳା ରଙ୍ଗରେ ରଙ୍ଗେଇ 'ବାଘ'ର ରୂପ ଦେଇ ଚର୍ଚ୍ଚାକୁ ଆସିଥିଲା। ସେହି ସମୟରେ ଲୋକେ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଉପରେ ପଶୁମାନଙ୍କ ପ୍ରତି କ୍ରୂରତା ହେଉଥିବା ଅଭିଯୋଗ ଆଣିଥିଲେ। ତେବେ ଭାଇରାଲ ଭିଡିଓକୁ ଦେଖି ସୋସିଆଲ ମିଡିଆରେ ଲୋକେ ଚୀନ୍‌ର ଶସ୍ତା ପ୍ରଯୁକ୍ତିବିଦ୍ୟାର ଖୁବ୍ ମଜା ନେଉଛନ୍ତି । ଚୀନ୍ ନକଲି ଜିନିଷ ପାଇଁ ପ୍ରସିଦ୍ଧ ବୋଲି ଏଘଟଣା ପୁଣି ଥରେ ପ୍ରମାଣିତ କରିଛି ବୋଲି ଅନେକେ ମତ ଦେଇଛନ୍ତି।



# ପଥର ଦ୍ୱାରା ନ୍ୟାୟ ପ୍ରଦାନ

ଲୋକେ ନିଜର ଅଧିକାର ଓ ନ୍ୟାୟ ପାଇଁ ମୁଖ୍ୟତଃ କୋର୍ଟର ଦ୍ୱାରସ୍ଥ ହୋଇଥାନ୍ତି। ହେଲେ ତେଲଙ୍ଗାନାର ଗ୍ରାମାଞ୍ଚଳରେ ନ୍ୟାୟ ପାଇଁ ଏକ ସ୍ୱତନ୍ତ୍ର ପରମ୍ପରା ଅନୁଷ୍ଠିତ ହୋଇଥାଏ। ଏଠାରେ ଏକ ସ୍ୱତନ୍ତ୍ର ପଥର ମାଧ୍ୟମରେ ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯାଏ। ସ୍ଥାନୀୟ ଭାଷାରେ ଏହାକୁ ବୋଡ୍ଡୁ ରାୟ କୁହାଯାଏ। ତେଲୁଗୁରେ ବୋଡ୍ଡୁର ଅର୍ଥ ନାଭି ଏବଂ ରାୟୀର ଅର୍ଥ ପଥରକୁ ବୁଝାଏ। ଯେପରି ମାଆ ଶରୀର ସହ ଶିଶୁର ନାଭି ଯୋଡ଼ି ହୋଇଥାଏ, ସେହିପରି ଏହି ପଥର ଗ୍ରାମର ଜନ୍ମ ଓ କେନ୍ଦ୍ରବିନ୍ଦୁକୁ ସୂଚିତ କରେ। ପ୍ରାଚୀନ କାଳରେ ଦକ୍ଷିଣ ଭାରତ (ବିଶେଷ କରି ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ)ରେ ଯେତେବେଳେ ଏକ ନୂଆ ଗ୍ରାମ ବସତି ସ୍ଥାପନ କରାଯାଉଥିଲା, ସେତେବେଳେ ସର୍ବପ୍ରଥମେ ଏହି ପଥରଟିକୁ ସ୍ଥାପନା କରାଯାଉଥିଲା। ଏହା ଗ୍ରାମର ପ୍ରତିଷ୍ଠାକୁ ସୂଚିତ କରେ ଏବଂ ଏହାକୁ ମଝି ଭାଗରେ ପୋତାଯାଏ। ଗ୍ରାମବାସୀମାନେ ବୋଡ୍ଡୁ ରାୟକୁ ଦେବୀ ଶକ୍ତିଙ୍କର ଏକ ସ୍ୱରୂପ ଭାବେ ପୂଜା କରନ୍ତି। ବିଶ୍ୱାସ ରହିଛି ଯେ, ଏହି ପଥର ଗ୍ରାମକୁ ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଖରାପ ଶକ୍ତିରୁ ରକ୍ଷା କରି ଗ୍ରାମରେ ସୁଖ-ସମୃଦ୍ଧି ଆଣିଥାଏ। ଗ୍ରାମକୁ ନୂଆ ବୋହୂଟିଏ ଆସିଲେ କିମ୍ବା ଝିଅ ବିବାହ କରି ଶାଶୁଘରକୁ ଯିବା ସମୟରେ ଏହି ପଥର ପାଖରେ ପୂଜା କରି ଗ୍ରାମରେ ପ୍ରବେଶ କରିଥାନ୍ତି। ଅନେକ ଗ୍ରାମରେ ଆଜି ବି କୌଣସି ବଡ଼ ବିବାଦର ସମାଧାନ ପାଇଁ ଗ୍ରାମର ମୁଖିଆମାନେ ଏହି ପଥର ପାଖରେ ବସି ନିଷ୍ପତ୍ତି ନିଅନ୍ତି। ବିଶ୍ୱାସ ରହିଛି ଯେ, ଏହି ପବିତ୍ର ପଥର ସମ୍ମୁଖରେ କେହି ମିଛ କୁହନ୍ତି ନାହିଁ। ଆଶ୍ଚର୍ଯ୍ୟର କଥା ଏହା ଯେ, ଆଜି ମଧ୍ୟ କୌଣସି ବଡ଼ ସାମାଜିକ ବିବାଦ କିମ୍ବା ଆପୋଷ ଲଢ଼େଇର ସମାଧାନ ପାଇଁ ଗାଁର ବୟୋଜ୍ୟେଷ୍ଠମାନେ ଏହି ପଥର ପାଖରେ ସଭା କରନ୍ତି। ଗ୍ରାମବାସୀଙ୍କର ଦୃଢ଼ ବିଶ୍ୱାସ ରହିଛି ଯେ, ଏହି ପବିତ୍ର ସ୍ଥାନରେ ଠିଆ ହୋଇ କୌଣସି ବି ବ୍ୟକ୍ତି ମିଛ କହିବାକୁ ସାହସ କରିପାରିବେ ନାହିଁ, ଯାହାଫଳରେ ଏଠାରେ ନିଆଯାଉଥିବା ନିଷ୍ପତ୍ତି ସମସ୍ତଙ୍କ ପାଇଁ ଗ୍ରହଣୀୟ ହୋଇଥାଏ। ଆଧୁନିକ ଅଦାଲତ ଏବଂ ଥାନା ଚକ୍କର କାଟିବା ବଦଳରେ ଗ୍ରାମବାସୀ ଆଜି ମଧ୍ୟ ନିଜର ପାରମ୍ପରିକ ନ୍ୟାୟ ବ୍ୟବସ୍ଥା ଉପରେ ଭରସା କରନ୍ତି। ଏହି ପଥର ଶତାବ୍ଦୀ ଶତାବ୍ଦୀ ଧରି କୌଣସି ଭେଦଭାବ ବିନା ଗାଁରେ ଶାନ୍ତି ଏବଂ ସଦ୍‌ଭାବନା ବଜାୟ ରଖିବାର ମାଧ୍ୟମ ହୋଇ ରହିଛି। ବାହାଘର ହେଉ କିମ୍ବା ପିଲା ଜନ୍ମ, ଲୋକମାନେ ଏଠାରେ ମୁଣ୍ଡିଆ ମାରିବାକୁ ଭୁଲନ୍ତି ନାହିଁ। ଦୀର୍ଘ ବର୍ଷ ପରେ କିମ୍ବା ଦଶ ବର୍ଷରେ ଥରେ ଯେତେବେଳେ ନୂଆ ବୋଡ୍ଡୁ ରାୟର ସ୍ଥାପନା କରାଯାଏ, ସେତେବେଳେ ଏହାକୁ 'ବୋଡ୍ରଇ ପ୍ରତିଷ୍ଠା' କୁହାଯାଏ। ସହର କିମ୍ବା ବିଦେଶରେ ବସବାସ କରୁଥିବା ଲୋକମାନେ ମଧ୍ୟ ଏହି ସମୟରେ ନିଜ ଗାଁକୁ ଫେରିଆସନ୍ତି। ଏହି ଉତ୍ସବ ଗ୍ରାମବାସୀଙ୍କୁ ଆପୋଷେ ଭେଦଭାବ ଭୁଲି ଏକଜୁଟ ହେବାର ବାର୍ତ୍ତା ଦିଏ। ଏହି ପରମ୍ପରାରୁ ବୁଝାପଡ଼େ, ପରିବର୍ତ୍ତିତ ପରିସ୍ଥିତିରେ ମଧ୍ୟ ତେଲଙ୍ଗାନାର ଯୁବପିଢ଼ି ନିଜର ସଂସ୍କୃତି ଏବଂ ବିଶ୍ୱାସକୁ ବଜାୟ ରଖିଛନ୍ତି।



# ଟିକାକରଣ

ପୋଲିଓକୁ ପରାସ୍ତ କରି ଭାରତ ବିଶ୍ୱ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଐତିହାସିକ ସଫଳତା ହାସଲ କରିଛି। ଅଧୁନାତମ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (୨୦୨୩-୨୪) ଅନୁସାରେ ଦେଶରେ ୧୨ରୁ ୨୩ ମାସର ପିଲାଙ୍କ କ୍ଷେତ୍ରରେ ପୂର୍ଣ୍ଣାଙ୍ଗ ଟିକାକରଣ ହାର ୮୭% ରହିଛି। ଏହି ସଫଳତା ଅଗଣିତ ବାଲ୍ୟାବସ୍ଥା ଅସୁସ୍ଥତା ଏବଂ ମୃତ୍ୟୁକୁ ରୋକିପାରିଛି। ତେବେ ପୋଲିଓକୁ ହରାଇବା ଏକ ବଡ଼ ସଫଳତା ହୋଇଥିଲେ ମଧ୍ୟ ସହର ବସ୍ତି, ପ୍ରବାସୀ ପରିବାର ଓ ଦୁର୍ଗମ ଅଞ୍ଚଳରେ କିଛି ଶିଶୁ ଏପର୍ଯ୍ୟନ୍ତ ଟିକାକରଣରୁ ବଞ୍ଚିତ ରହୁଛନ୍ତି। ତେଣୁ ପୋଲିଓମୁକ୍ତ ରହିବାର ସଫଳତାକୁ ଦୀର୍ଘସ୍ଥାୟୀ କରିବା ପାଇଁ ସମାନ ଭାବେ ନିରନ୍ତର ପ୍ରୟାସ ଆବଶ୍ୟକ ବୋଲି ଇଣ୍ଟରନ୍ୟାସନାଲ ପେଡିଏଟ୍ରିକ ଆସୋସିଏସନର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡା. ନବୀନ ଥାକର କହିଛନ୍ତି।

ସମ୍ପ୍ରତି କିଛି ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଉତ୍ତର ପ୍ରଦେଶ ଗାଜିଆବାଦରେ ଦୁଣ୍ଡାହେରା ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ନର୍ଦ୍ଦମାଜଳ( ସିୱେଜ) ନମୁନାରେ ଟିକାରୁ ପ୍ରାପ୍ତ ପୋଲିଓ ଭୂତାଣୁ ଠାବ କରିଥିଲେ। ପାଟିରେ ଦିଆଯାଉଥିବା ପୋଲିଓ ଟିକାରେ ଏକ ଦୁର୍ବଳ କରାଯାଇଥିବା ଜୀବନ୍ତ ଭୂତାଣୁ ଥାଏ। ଟିକାକରଣ କଭ୍‌ରେଜ ଅତ୍ୟନ୍ତ ନିମ୍ନକୁ ଖସିଲେ ଦୁର୍ବଳ କରାଯାଇଥିବା ଭୂତାଣୁ ଟିକାକରଣ ହୋଇନଥିବା ପିଲାଙ୍କ ମଧ୍ୟରେ ବ୍ୟାପିପାରେ। ଏହା ଭବିଷ୍ୟତରେ ବିପଦ ସୃଷ୍ଟି କରିପାରେ। ପୂର୍ଣ୍ଣାଙ୍ଗ ଟିକାକରଣ ହୋଇନଥିବା ପିଲାଙ୍କ କ୍ଷେତ୍ରରେ ଏହି ଭୂତାଣୁ ବ୍ୟାପିବା ଘଟଣା ହୁଏତ ଠାବ କରାଯାଇ ନପାରେ। ପୋଲିଓ କ୍ଷେତ୍ରରେ ଛୋଟ ରୋଗ ପ୍ରତିରୋଧ ଶୂନ୍ୟସ୍ଥାନ ମଧ୍ୟ ଗୁରୁତ୍ୱ ରଖୁଛି।


ଅନେକ ସମୟରେ ସହରର ବସ୍ତି ଅଞ୍ଚଳ ଓ ଦୁର୍ଗମ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ କର୍ମୀମାନେ ପହଞ୍ଚିବାରେ ସମସ୍ୟା ସୃଷ୍ଟି ହୋଇଥାଏ। ଭୁଲ୍ ସୂଚନା ଅଥବା ସ୍ଥାନୀୟ କୌଣସି ପ୍ରସଙ୍ଗକୁ ନେଇ ଟିକାକରଣ ନିମନ୍ତେ କୁଣ୍ଠାବୋଧ ଏହି ଶୂନ୍ୟସ୍ଥାନକୁ ପୁନଃ ବୃଦ୍ଧି କରିପାରେ। ତେଣୁ ସିୱେଜରୁ ପୋଲିଓ ଭୂତାଣୁ ଠାବ ଯେତିକି ପୁନଃଭରସା ପ୍ରଦାନକାରୀ ସେତିକି ସତର୍କ ସୂଚନାକାରୀ। ଏହା ଦର୍ଶାଉଛି ଯେ ପ୍ରଭାବିତ ଅଞ୍ଚଳରେ ବ୍ୟାପକ ଟିକାକରଣ ଏବଂ କିଛି ପିଲା କାହିଁକି ଏପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ଟିକାକରଣ ହେଉନାହାନ୍ତି ତାହା ଆକଳନ କରିବା ଆବଶ୍ୟକ। ଏନେଇ ଡା. ଥାକର କହିଛନ୍ତି, "ପୋଲିଓ ଟିକାକରଣ ଭିତ୍ତିଭୂମି ମାତୃତ୍ୱ ଏବଂ ନବଜାତ ଟିଟାନସ୍ ନିରାକରଣରେ ସହାୟକ ହୋଇଛି। ମିଳିମିଳା ଜନିତ ମୃତ୍ୟୁରେ ତୀବ୍ର ହ୍ରାସ ଘଟାଇଛି ।"

ସେହିପରି ଯେଉଁଠାରେ ଟିକାକରଣ ହ୍ରାସପାଇଛି ସେଠାରେ ମିଳିମିଳା ସଂକ୍ରମଣ ପୁନଃ ଦେଖାଦେଇଛି, ଅନ୍ୟପକ୍ଷରେ ମେନିଞ୍ଜାଇଟିସ, ୟେଲୋ ଫିଭର୍ ଏବଂ ଡିପଥେରିଆ ଆଦି ନିୟମିତ ଟିକାକରଣ କାରଣରୁ ସେଗୁଡ଼ିକର ସଂକ୍ରମଣରେ ରୋକ୍ ଲାଗିଛି। ସତର୍କ ନ ରହିଲେ ଟିକା ପ୍ରତିଷେଧଯୋଗ୍ୟ ରୋଗଗୁଡ଼ିକ ପୁଣି ଶୀଘ୍ର ପ୍ରତ୍ୟାବର୍ତ୍ତନ କରିଥାଏ। ସେଥିପାଇଁ ପୋଲିଓମୁକ୍ତ ସ୍ଥିତି ବଜାୟ ରଖିବା ପାଇଁ ନିରନ୍ତର ଟିକାକରଣ, ସତର୍କ ନିରୀକ୍ଷଣ ଓ ପ୍ରତ୍ୟେକ ଶିଶୁଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଯିବା ଅପରିହାର୍ଯ୍ୟ। କାରଣ ରୋଗକୁ ହରାଇବା ଯେତିକି କଷ୍ଟକର, ରୋଗମୁକ୍ତ ରହିବା ମଧ୍ୟ ସେତିକି କଠିନ।




## 'ସକାଳ'ର ସ୍ୱାସ୍ଥ୍ୟ

# ଡିଜିଟାଲ୍ ଆଇ ଷ୍ଟ୍ରେନ୍



ଆଜିକାଲି ମୋବାଇଲ୍, ଲାପଟପ୍ ଦୈନନ୍ଦିନ ଜୀବନର ଏକ ଅଙ୍ଗ ପାଲଟି ଗଲାଣି। ଘଣ୍ଟା ଘଣ୍ଟା ସ୍କ୍ରିନ୍ ବ୍ୟବହାର ଯୋଗୁଁ ଏବେ ନାନା ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି। ତନ୍ମଧ୍ୟରୁ 'ଡିଜିଟାଲ ଆଇ ଷ୍ଟ୍ରେନ୍' ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା। ଏହା ଦୀର୍ଘ ସମୟ ଧରି ସ୍କ୍ରିନ୍ ଦେଖିବା ଦ୍ୱାରା ଦୃଷ୍ଟିଶକ୍ତି ଉପରେ ଚାପ ସୃଷ୍ଟିକରି ମସ୍ତିଷ୍କ ଉପରେ ପ୍ରଭାବ ପକାଏ। ମୁଣ୍ଡବିନ୍ଧା ସୃଷ୍ଟି କରେ। ଡିଜିଟାଲ୍ ଆଇଷ୍ଟ୍ରେନ୍‌ରେ ପୀଡ଼ିତଙ୍କ ଚକ୍ଷୁ ଶୁଷ୍କ ଲାଗିବା, କୁଣ୍ଡାଇ ହେବା, ଝାପ୍‌ସା ଦେଖାଯିବା, ଆଖି ଜଳାପୋଡ଼ା ଓ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ। ଏହି ସମସ୍ୟା ଦୂର କରିବାକୁ ଲଗାତାର ସ୍କ୍ରିନ୍ ବ୍ୟବହାର କରିବା ପରିବର୍ତ୍ତେ ପ୍ରତି ୨୦ ମିନିଟ୍‌ରେ ବ୍ରେକ୍ ନେଇ ୨୦ ଫୁଟ ଦୂରରୁ କୌଣସି ବସ୍ତୁକୁ ୨୦ ସେକେଣ୍ଡ ଚାହିଁବା ଆବଶ୍ୟକ। କମ୍ପ୍ୟୁଟର ଗ୍ଲାସ୍ ବ୍ୟବହାର କରି ପାରିବେ। ନୀଳ ଆଲୋକ ଫିଲ୍‌ଟର ଚଷମା, ଅଧିକ ସମୟ ପାଇଁ ସ୍କ୍ରିନ୍ ଦେଖିବା ଦ୍ୱାରା ହେଉଥିବା ଅସୁବିଧାକୁ କମ୍ କରିବାରେ ସାହାଯ୍ୟ କରେ। ନିୟମିତ ଆଖିର ବ୍ୟାୟାମ କରିବା ସହ ଦୈନିକ ୭ରୁ ୮ ଘଣ୍ଟା ଶୋଇବା ଆବଶ୍ୟକ।

# ମଧୁମେହ ରୋଗୀଙ୍କ ପାଇଁ ଫଳ କେତେ ଉପଯୋଗୀ

**ବିଶୃଙ୍ଖଳିତ ଜୀବନଶୈଳୀ, ମେଦବହୁଳତା, ଚିନ୍ତା, ବଂଶାନୁଗତ ରୋଗ, ଅନିଦ୍ରା ଆଦି କାରଣରୁ ମଧୁମେହ ହୋଇଥାଏ। ମଧୁମେହରେ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିଥାଏ। ଏଥିପାଇଁ ମଧୁମେହ ପୀଡ଼ିତ ନିଜ ଡାଏଟ୍‌ରେ ନିମ୍ନ ଲିଖିତ ଫଳକୁ ସାମିଲ କରି ପାରିବେ।**

- ମଧୁମେହରେ ଫଳ ଖାଇବା ଅନୁଚିତ ବୋଲି ଅନେକଙ୍କର ଧାରଣା ଥାଏ। ହେଲେ ଫଳର ଗ୍ଲାଇସେମିକ୍ ଇଣ୍ଡେକ୍ସ, ଗ୍ଲାଇସେମିକ୍ ଲୋଡ, ଫାଇବରର ମାତ୍ରା, ଫ୍ରୁକଟୋଜ୍‌ସ୍ତର ଏବଂ ସେବନର ମାତ୍ରା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ତେଣୁ ଆମ୍ବ, ଅଙ୍ଗୁର, ଲିଚୁ, ସପେଟା, ସୀତାଫଳ, ପଣସ ଆଦିରେ ଶର୍କରା ପରିମାଣ ଅଧିକ ଥିବାରୁ ଏହାକୁ କେବେ କେବେ ଅଳ୍ପ ପରିମାଣରେ ଖାଇପାରିବେ। ନ ଖାଇବା ମଧ୍ୟ ଭଲ।
- ପିଜୁଳି, ଜାମୁକୋଳି, ସେଓ, ନାସପାତି, କମଳା, ଅମୃତଭଣ୍ଡା ଫାଇବରରେ ଭରପୂର। ଏହା ଶରୀରରେ ଗ୍ଲୁକୋଜକୁ ଧୀରେ ଧୀରେ କ୍ଷରଣ କରିଥାଏ। ଏହି ଫଳକୁ ଅଳ୍ପ ପରିମାଣର ଖାଇ ପାରିବେ। ସେହିପରି ବାହାରେ ପ୍ରସ୍ତୁତ ଜୁସ୍‌କୁ ମଧୁମେହ ପୀଡ଼ିତ ପିଇବା ଅନୁଚିତ। ଫଳ ରସକୁ ଛାଣି ପିଇବା ବଦଳରେ ଏହାର ଖଦଡ଼ା ଅଂଶକୁ ପିଇବା ଆବଶ୍ୟକ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜଣେ ବ୍ୟକ୍ତିର ଶାରୀରିକ ସ୍ଥିତି, ରୋଗର ତୀବ୍ରତା ଅନୁସାରେ ଫଳ ସେବନ କରିବା ଉଚିତ। ମଧୁମେହ ରୋଗ ସହ ଅନ୍ୟାନ୍ୟ ରୋଗ ଯଥା କିଡ୍‌ନୀ ରୋଗ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଫଳ ସେବନ କରିବା ଆବଶ୍ୟକ।





## ଘର ବଇଦ

# ଚର୍ମ ରୋଗର ଉପଚାର

- ଅଗରା ଗଛ ଚେରର ଚୋପା ଅଧତୋଳାଠାରୁ ଏକ ତୋଳା ପାଣିରେ ବାଟି ମିଶ୍ରି ସହିତ ଖାଇଲେ ସବୁପ୍ରକାର ଚର୍ମରୋଗ, ରକ୍ତଦୋଷ ଏପରିକି ସିଫିଲିସ୍ ରୋଗ ମଧ୍ୟ ଦୂର ହୁଏ। ଏହି ଔଷଧ ଖାଇବା ପୂର୍ବରୁ ଝାଡ଼ା ସଫା କରାଇ ଔଷଧ ଖାଇବେ। ଯେଉଁଦିନ ଝାଡ଼ା ସଫା ହେବ, ତା ପରଦିନ ଔଷଧ ଖାଇବେ। ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଔଷଧ ଖାଇବେ।
- ଅଗରା ଚେର ଚୋପାକୁ ବାଟି ଦୁଇ ଅଣି ଓଜନ ବଟିକା କରି ଶୁଖାଇ ରଖିବେ। ଏହି ବଟିକାରୁ ଦିନକୁ ୪ଟି ବଟିକା ଖାଇବେ। ପ୍ରତି ୪ଘଣ୍ଟାରେ ଗୋଟିଏ ବଟିକା ହିସାବରେ ୧୫ ଦିନ ଖାଇଲେ ଚର୍ମରୋଗ ଦୂର ହୁଏ।
- ଅଗସ୍ତି ଫୁଲର ଚୂର୍ଣ୍ଣ ମଇଁଷି କ୍ଷୀରରେ ମିଶାଇ ଦହି କରି ଲହୁଣୀ ବାହାର କରି ମର୍ଦ୍ଦନ କଲେ ବାତରକ୍ତ ରୋଗୀର ଚମ ଫାଟିବା ଭଲ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ରେଡିଏସନ୍ ଥେରାପିର ପାର୍ଶ୍ୱପ୍ରତିକ୍ରିୟା



କର୍କଟ ଆରୋଗ୍ୟ ପାଇଁ କେମୋଥେରାପି, ରେଡିଏସନ୍ ଥେରାପି ଆଦି ଦିଆଯାଏ। ରେଡିଏସନ୍ ଥେରାପି ଦ୍ୱାରା ଶରୀରରେ ଭିନ୍ନ ଭିନ୍ନ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ।

- ମୁଣ୍ଡ, ବେକ, ସ୍ତନ, ଗର୍ଭାଶୟ ଗ୍ରୀବା, ପ୍ରୋଷ୍ଟେଟ୍ କର୍କଟର ଉପଶମ ପାଇଁ ରେଡିଓଥେରାପି ଦିଆଯାଏ। ଏ କ୍ଷେତ୍ରରେ ବିକିରଣ ଦିଆଯାଇଥିଲେ, ଚର୍ମରେ କିଛି ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ତେଣୁ ଖରାରେ ବାହାରିବା ଅନୁଚିତ। ଚର୍ମରେ କସ୍‌ମେଟିକ୍, କ୍ରିମ୍, ଲୋଶନ ବ୍ୟବହାର ଅନୁଚିତ। ଅତି ଗରମ ପାଣି ଓ ଅତି ଥଣ୍ଡା ପାଣି ବ୍ୟବହାର କରିବା ମଧ୍ୟ ଅନୁଚିତ।
- ବେକ ଓ ମୁହଁରେ ରେଡିଏସନ୍ ଦିଆଗଲେ, ଦ୍ୱିତୀୟ ସପ୍ତାହ ରେଡିଏସନ୍ ପରେ ପାଟି ଏବଂ ତଣ୍ଟିରେ ଘା' ହୁଏ। ଖାଇବା ପିଇବାରେ କଷ୍ଟ, ପାଟି ଶୁଖିବା ଆଦି ପ୍ରତିକ୍ରିୟା ଦେଖାଯାଏ। ଏଥିପାଇଁ ପର୍ଯ୍ୟାପ୍ତ ମାତ୍ରାର କ୍ୟାଲୋରୀ ଏବଂ ପ୍ରୋଟିନ୍ ଖାଇ ପାରିବେ।
- ରେଡିଏସନ୍ ପୂର୍ବରୁ ଦୁର୍ବଳ ଦାନ୍ତକୁ ଉପାଡ଼ି ଦେବା, ତିନି ମାସ ପର୍ଯ୍ୟନ୍ତ ଦାନ୍ତରେ ଫ୍ଲୋରାଇଡ୍ ଜେଲ୍ ଲଗାଇବା, ଦିନକୁ ଚାରିପାଞ୍ଚ ଥର କୁଳି କରିବା ଆବଶ୍ୟକ। ରେଡିଏସନ୍ ଦିଆଯିବାର ଦୁଇବର୍ଷ ପର୍ଯ୍ୟନ୍ତ ଦାନ୍ତ ଉପାଡ଼ିବା ଅନୁଚିତ। ସ୍ତନ କର୍କଟ ରୋଗୀଙ୍କୁ ରେଡିଏସନ୍ ଦେବା ପରେ ଫିଜିଓଥେରାପି ଶୀଘ୍ର ଆରମ୍ଭ କରିବା ଆବଶ୍ୟକ।
- ପେଟରେ ରେଡିଏସନ୍ ଦେବା ବେଳେ ଭୋକ ନ ଲାଗିବା, ଦୁର୍ବଳ ଲାଗିବା, ଓଜନ କମିବା, ପେଟ ଦରଜ ଆଦି ପ୍ରତିକ୍ରିୟା ଦେଖାଯାଏ। ଏହି ସମୟରେ ସନ୍ତୁଳିତ ଖାଦ୍ୟ ଖାଇବା ଆବଶ୍ୟକ। ମସଲା ଜାତୀୟ ଖାଦ୍ୟ ଓ ମଦ୍ୟପାନରୁ ଦୂରେଇ ରହି ଦିନକୁ ସଠିକ ମାତ୍ରାର ପାଣି ପିଇ ପାରିବେ।






# ପରାଜୟରୁ ବର୍ତ୍ତି ପ୍ରି-କ୍ୱାର୍ଟରରେ ବେଲ୍‌ଜିୟମ୍

ସିଆଟଲ,୨।୭ (ଏଜେନ୍ସି):

ସେନେଗାଲର ଉତ୍ସାହୀ ଆକ୍ରମଣରୁ ବର୍ତ୍ତିଯାଇ ବେଲଜିୟମ ଏଠାରେ ଚାଲିଥିବା ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାର ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବୁଧବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ୨-୦ ଗୋଲରେ ପଛୁଆଥାଇ ମଧ୍ୟ ଅତିରିକ୍ତ ସମୟ ଗୋଲରେ ବେଲଜିୟମ ୩-୨ ଗୋଲରେ ସେନେଗାଲକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଦୁଇ ବଦଳ ଖେଳାଳି ୟୁରୀ ଟିଏଲମାନ୍ସ ୨ଟି ଓ ରୋମେଲୁ ଲୁକାକୁ ଗୋଟିଏ ଗୋଲଦେଇ ଦଳକୁ ଅପ୍ରତ୍ୟାଶିତ ବିଜୟ ପ୍ରଦାନ କରିଥିଲେ। ଭାରତୀୟ ସମୟ ଅନୁଯାୟୀ ବୁଧବାର ସକାଳେ ଏଠାରେ ଖେଳାଯିବାକୁ ଥିବା ପ୍ରି-କ୍ୱାର୍ଟର ଫାଇନାଲରେ ବେଲଜିୟମ ସହ ଯୁଗ୍ମ ଆୟୋଜକ ଯୁକ୍ତରାଷ୍ଟ୍ର ଆମେରିକାର ମୁକାବିଲା ହେବ। ଅନ୍ୟ ଏକ ରାଉଣ୍ଡ-୩୨ ମୁକାବିଲାରେ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିବା ଆମେରିକା ୨-୦ ଗୋଲରେ ବୋସ୍‌ନିଆ ହର୍ଜଗୋଭିନାକୁ ପରାସ୍ତ କରିଛି। ଆମେରିକା ପକ୍ଷରୁ ଫ୍ଲୋରିଆନ୍ ବାଲୋଗୁନ୍ ଓ ମଲିକ ଟିଲମାନ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

ସିଆଟଲ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଆରମ୍ଭରୁ ଦମ୍‌ର ସହ ଖେଳିଥିବା ସେନେଗାଲ ଡବଲ ଗୋଲ ଦେଇ ବେଲଜିୟମକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲା। ଫଳରେ ସମଗ୍ର ମ୍ୟାଚ୍‌ଟି ଦଳର ନିୟନ୍ତ୍ରଣରେ ରହିଥିଲା। ଖେଳର ୨୫ତମ ମିନିଟ୍‌ରେ ହବିବ ଦିଆରା ଓ ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭରୁ ୬ଷ୍ଠ ମିନିଟ୍‌ରେ ଚଳିତ ବିଶ୍ୱକପ୍‌ର ଅନ୍ୟତମ ଶ୍ରେଷ୍ଠ ଗୋଲ ଦେଇ ଇସ୍‌ମାଇଲା ସର୍ ସେନେଗାଲ୍‌କୁ ୨-୦ରେ ଅଗ୍ରଣୀ ଦେଇଥିଲେ। ବେଲଜିୟମର ଭେଟେରାନ ଗୋଲରକ୍ଷକ ଥିବାଉଟ୍ କୋର୍ଟୋଇସ୍ ଗୋଲ ସେଭ୍ କରିବାରେ ଅସଫଳ ହୋଇଥିଲେ। କିନ୍ତୁ ସେ ସେନେଗାଲର ଏକାଧିକ ଆକ୍ରମଣକୁ ପ୍ରତିହତ କରି ଦଳକୁ ଅଧିକ ଗୋଲ ବରଣ କରିବାକୁ ଦେଇ ନ ଥିଲେ।

ଖେଳ ହାତଛଡ଼ା ହେଉଥିବା ଦେଖି ବେଲଜିୟମ୍ ହେଡ୍ କୋଚ୍ ଭେଟେରାନ ଖେଳାଳି ରୋମେଲୁ ଲୁକାକୁଙ୍କୁ ଖେଳିବାକୁ ସୁଯୋଗ ଦେଇଥିଲେ। ପରାଜୟ ଆଶଙ୍କାରେ ନିରାଶ ହୋଇପଡ଼ିଥିବା ବେଲଜିୟମ ଟିମ୍ ହଠାତ୍ ଲୁକାକୁଙ୍କ ଉପସ୍ଥିତିରେ ବଳଶାଳୀ ହୋଇପଡ଼ିଥିଲା। ଆକ୍ରମଣ ଓ ପ୍ରତ୍ୟାକ୍ରମଣ ମଧ୍ୟରେ ଖେଳର ୮୬ତମ ମିନିଟ୍‌ରେ ଲୁକାକୁ ଗୋଲ ସ୍କୋର କରି ବେଲଜିୟମ୍ ଖେଳାଳିଙ୍କ ମନରେ ମ୍ୟାଚ୍‌କୁ ଫେରିବାର ଆଶା ସଞ୍ଚାର କରିଥିଲେ। ଏହି ସମୟରେ ସେନେଗାଲ ଡିଫେନ୍‌ସର ତ୍ରୁଟିରୁ ଫାଇଦା ଉଠାଇ ମାତ୍ର ୩ ମିନିଟ୍ ମଧ୍ୟରେ ୟୁରି ଟିଏଲେମାନ୍ସ ଚମତ୍କାର ଗୋଲ ଦେଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ।



ଫଳରେ ଖେଳ ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତି ସମୟରେ ଉଭୟ ଦଳ କ୍ଳାନ୍ତ ହୋଇପଡ଼ିଥିବା ପ୍ରମୁଖ ଖେଳାଳିଙ୍କୁ ବାଦ୍ ଦେଇ ଖେଳିଥିଲା। ଖେଳ ସମାନସ୍ତରରେ ଶେଷ ହେବାକୁ ଯାଉଥିଲାବେଳେ ଗୋଟିଏ ଭୁଲ ଚାଲ ସେନେଗାଲ୍‌କୁ ପରାଜୟର ରାସ୍ତା ଦେଖାଇଥିଲା। ଖେଳର ୧୧୭ତମ ମିନିଟ୍‌ରେ ବେଲଜିୟମର ଟିଏଲେମାନ୍ସଙ୍କୁ ସେନେଗାଲ ପେନାଲ୍ଟି ବକ୍ସ ମଧ୍ୟରେ ଲାମିନେ କାମାରା ଫାଉଲ ମାରିଥିବା ଭିଏଆର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରି)ଙ୍କ ନିଷ୍ପତ୍ତିରୁ ଜଣାଯାଇଥିଲା। ଫଳରେ ବେଲଜିୟମକୁ ପେନାଲ୍ଟି ମିଳିଥିଲା ଓ ମିଡଫିଲ୍ଡର ଟିଏଲେମାନ୍ସ ଅତ୍ୟନ୍ତ ଥଣ୍ଡା ମିଜାଜରେ ଏହି ଗୋଲ ସ୍କୋର କରି ସେନେଗାଲର ଆଶାକୁ ଧୂଳିସାତ କରିଦେଇଥିଲେ। ନକ୍‌ଆଉଟ ମୁକାବିଲାରେ ୨ଟି ଗୋଲ ପଛରେ ଥାଇ ମ୍ୟାଚ୍ ଜିତିବାରେ ବିଶ୍ୱକପ୍‌ରେ ଏହା ଦ୍ୱିତୀୟ ଘଟଣା। ପ୍ରଥମଥର ବେଲଜିୟମ ମଧ୍ୟ ଏହା କରିଥିଲା। ୨୦୧୮ ବିଶ୍ୱକପ୍‌ରେ ଜାପାନ ୨-୦ରେ ଆଗୁଆ ଥିଲେ ମଧ୍ୟ ୩-୨ ଗୋଲରେ ବେଲଜିୟମ ବିଜୟୀ ହୋଇଥିଲା।

## ଗୋଟିଏ ମ୍ୟାଚ୍‌ରେ ଗୋଲ୍ ଓ ରେଡ୍ କାର୍ଡ

**ବାଲୋଗୁନ୍ ଦ୍ୱିତୀୟ ଖେଳାଳି**

ସାନ୍‌ଫ୍ରାନ୍‌ସିସ୍କୋ, ୨।୭ (ଏଜେନ୍ସି): ଏଠାରେ ଆଜି ସକାଳେ ଖେଳାଯାଇଥିବା ବୋସନିଆ ହର୍ଜଗୋଭିନା ବିପକ୍ଷ ମ୍ୟାଚ୍‌ରେ ଆମେରିକାର ଫରୱାର୍ଡ ଖେଳାଳି ଫୋଲାରିନ୍ ବାଲୋଗାନ୍ ଗୋଟିଏ ଗୋଲ ସ୍କୋର କରିବା ପରେ ରେଡ୍‌କାର୍ଡ ପାଇଛନ୍ତି। ଫିଫା ବିଶ୍ୱକପ୍ ଇତିହାସରେ ଏପରି ଘଟଣା ଦ୍ୱିତୀୟଥର ଦେଖିବାକୁ ମିଳିଛି। ପୂର୍ବରୁ ୨୦୦୬ ଫିଫା ବିଶ୍ୱକପ୍‌ର ଇଟାଲୀ ବିପକ୍ଷ ଫାଇନାଲ ମୁକାବିଲାରେ ଫ୍ରାନ୍ସର ଜିନେଡାଇନ୍ ଜିଡାନ୍ ପ୍ରଥମ ଖେଳାଳି ଭାବେ ଗୋଲ ଦେବା ପରେ ରେଡ୍‌କାର୍ଡ ପାଇଥିଲେ। ଜିଡାନ ପ୍ରତିପକ୍ଷ ଇଟାଲୀର ଡିଫେଣ୍ଡର ମାର୍କୋ ମାଟେରାଜିଙ୍କ ପେଟରେ ମୁଣ୍ଡିଆ ମାରି ରେଡ୍‌କାର୍ଡ ପାଇଥିଲେ। କିନ୍ତୁ ବୋସ୍‌ନିଆ ବିପକ୍ଷ ମ୍ୟାଚ୍‌ରେ ବାଲୋଗୁନ୍ ଫାଉଲ ମାରିଛନ୍ତି କି ନାହିଁ ଜାଣିବା ଲାଗି ଭିଏଆରର ସହାୟତା ନିଆଯାଇଥିଲା। ଏହା ପରେ ଯାଇ ତାଙ୍କୁ ରେଡ୍‌କାର୍ଡ ମିଳିଥିଲା। ରେଡ୍‌କାର୍ଡ ପାଇଥିଲେ ମଧ୍ୟ ତାଙ୍କ ଦଳ ଆମେରିକା ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। କିନ୍ତୁ ୨୦୦୬ ଫାଇନାଲରେ ଇଟାଲୀ ନିକଟରୁ ଫ୍ରାନ୍ସ ୫-୩ ପେନାଲ୍ଟି ସୁଟ୍‌ଆଉଟରେ ହାରିଥିଲା।

## କେନ୍‌ଙ୍କ ଆଉ ଏକ ରେକର୍ଡ

ଆଟଲାଣ୍ଟା, ୨।୭ (ଏଜେନ୍ସି): ହ୍ୟାରୀ କେନ୍‌ଙ୍କ ଡବଲ ଗୋଲ ବଳରେ ଏଠାରେ ବୁଧବାର ରାତିରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ରାଉଣ୍ଡ-୩୨ର ଏକ ମୁକାବିଲାରେ ଇଂଲଣ୍ଡ ୨-୧ ଗୋଲରେ କଙ୍ଗୋକୁ ପରାସ୍ତ କରିଛି। ଏହା ଫଳରେ ମେକ୍ସିକୋ ସହ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଇଂଲଣ୍ଡ ଯୋଗ୍ୟତା ଅର୍ଜନ କରିଛି। ଏହି ମ୍ୟାଚ୍‌ରେ ଡବଲ ଗୋଲ ଦେଇଥିବା ହ୍ୟାରୀ କେନ୍ ଉଭୟ ବିଶ୍ୱକପ୍ ଓ ୟୁରୋକପ୍‌ରେ ୨୦ଟି ଗୋଲ ଦେଇ ଏହି ତାଲିକାରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ତାଙ୍କଠାରୁ ଅଧିକ ୨୪ଟି ଗୋଲ କେବଳ ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ସ୍କୋର କରିଛନ୍ତି। ଏହି ଡବଲ ଗୋଲକୁ ମିଶାଇଲେ କେନ୍ ଫିଫା ବିଶ୍ୱକପ୍‌ରେ ୧୩ଟି ଓ ୟୁରୋକପ୍‌ରେ ୭ଟି ଗୋଲ ଦେଇଛନ୍ତି। ଉଭୟ ଟୁର୍ଣ୍ଣାମେଣ୍ଟର ନକ୍‌ଆଉଟ୍‌ରେ କେନ୍‌ଙ୍କ ଗୋଲସଂଖ୍ୟା ୧୦ରେ ପହଞ୍ଚିଛି। ରୋନାଲ୍ଡୋ ବିଶ୍ୱକପ୍‌ରେ ୧୦ଟି ଓ ୟୁରୋକପ୍‌ରେ ୧୪ଟି ଗୋଲ ସ୍କୋର କରିଛନ୍ତି। ବିଶ୍ୱକପ୍‌ରେ ୧୩ଟି ଗୋଲ ଦେଇ କେନ୍ ବ୍ରାଜିଲର ସୁପରଷ୍ଟାର ପେଲେଙ୍କୁ ଅତିକ୍ରମ କରିଛନ୍ତି।

## ଆମେରିକା ବିଜୟୀ



ସାନ୍‌ଫ୍ରାନସିସ୍କୋ, ୨।୭ (ଏଜେନ୍ସି): ଖେଳର ଶେଷ ୨୬ ମିନିଟ୍ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିବା ଯୁକ୍ତରାଷ୍ଟ୍ର ଆମେରିକା ୨-୦ ଗୋଲରେ ବୋସ୍‌ନିଆ ହର୍ଜଗୋଭିନାଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହାର ଅର୍ଥ ଆମେରିକା ଫିଫା ବିଶ୍ୱକପ୍‌ରେ ଦ୍ୱିତୀୟଥର ନକ୍‌ଆଉଟ୍ ରାଉଣ୍ଡରେ ବିଜୟୀ ହୋଇଛି। ସାନ୍‌ଫ୍ରାନ୍‌ସିସ୍କୋ ବେ ଏରିଆ ଷ୍ଟାଡିୟମ୍‌ରେ ଗୁରୁବାର ସକାଳେ ଖେଳାଯାଇଥିବା ଏହି ମୁକାବିଲାରେ ଆମେରିକା ପକ୍ଷରୁ ଫୋଲାରିନ୍ ବାଲୋଗାନ୍ ଓ ମଲିକ୍ ଟିଲିମାନ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ୮୪ତମ ମିନିଟ୍‌ରେ ବିବାଦୀୟ ଫାଉଲ ଯୋଗୁଁ ବାଲୋଗୁନ୍‌ଙ୍କୁ ରେଡ୍‌କାର୍ଡ ମିଳିଥିଲା। ୧-୦ ଗୋଲରେ ଆଗୁଆ ରହି ଏବଂ ୧୦ଜଣ ଖେଳାଳିଙ୍କୁ ନେଇ ଖେଳୁଥିବା ଆମେରିକା ପକ୍ଷରୁ ୮୨ତମ ମିନିଟ୍‌ରେ ମଲିକ୍ ଟିଲ୍‌ମାନ ଫ୍ରି-କିକ୍‌ରୁ ଏକ ଚମତ୍କାର ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। କିନ୍ତୁ ବାଲୋଗୁନ୍‌ଙ୍କ ରେଡ୍‌କାର୍ଡ ମିଳିବା ଫଳରେ ଦଳ ବେଲଜିୟମ ସହ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ତାଙ୍କୁ ବାଦ୍ ଦେଇ ଖେଳିବ। ବାଲୋଗୁନ୍ ଏହି ଟୁର୍ଣ୍ଣାମେଣ୍ଟରେ ୩ଟି ଗୋଲ ଦେଇସାରିଲେଣି। ବେଲଜିୟମ ସେ ଖେଳିପାରିବେ ନାହିଁ। ଏହି ମ୍ୟାଚ୍‌ରେ ଆମେରିକା ବିଜୟୀ ହେଲେ ପରବର୍ତ୍ତୀ ମ୍ୟାଚ୍ ବା କ୍ୱାର୍ଟର ଫାଇନାଲରେ ବାଲୋଗୁନ୍‌ଙ୍କୁ ଖେଳିବାର ସୁଯୋଗ ମିଳିବ।

୨୦୦୨ରେ ଦ୍ୱିତୀୟ ରାଉଣ୍ଡରେ ପର୍ତ୍ତୁଗାଲ୍‌କୁ ପରାସ୍ତ କରିବା ପରେ ଏଯାଏ ୟୁରୋପୀୟ ଦେଶ ବିପକ୍ଷରେ ୧୩ଟି ବିଶ୍ୱକପ୍ ମ୍ୟାଚ୍ ଖେଳିଥିଲେ ମଧ୍ୟ ଆମେରିକା ବିଜୟୀ ହୋଇ ପାରି ନ ଥିଲା। କିନ୍ତୁ ଘରୋଇ ମାଟିରେ ଖେଳି ଆମେରିକା ଏହି ଧାରାକୁ ଭାଙ୍ଗିଥିଲା। ଏହା ସହ ଆମେରିକା ମାତ୍ର ଦ୍ୱିତୀୟଥର ସକାଶେ ନକ୍‌ଆଉଟ ମୁକାବିଲାରେ ବିଜୟୀ ହୋଇଥିଲା। ୨୦୦୨ରେ ପର୍ତ୍ତୁଗାଲ୍‌କୁ ହରାଇ ପ୍ରଥମଥର ଜିତିଥିଲାବେଳେ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳାଯାଇଥିବା ୧୯୩୦ ବିଶ୍ୱକପ୍‌ରେ ଆମେରିକା ସେମିଫାଇନାଲରେ ପ୍ରବେଶ କରିଥିଲା।

ଅନ୍ୟପକ୍ଷରେ ବୋସନିଆ ଓ ହର୍ଜଗୋଭିନା ପରାଜିତ ହୋଇଥିଲେ ମଧ୍ୟ ସମ୍ମାନର ସହ ବିଦାୟ ନେଇଛି। ଦଳ ଦ୍ୱିତୀୟ ବିଶ୍ୱକପ୍ ପଦାର୍ପଣରେ ପ୍ରଥମଥର ନକ୍‌ଆଉଟରେ ପ୍ରବେଶ କରିଥିଲା। ଏହି ଦଳ ଗୋଟିଏ ପରାଜୟ ପରେ କାନାଡା ସହ ମ୍ୟାଚ୍ ଡ୍ର' କରିବା ଏବଂ କତାରକୁ ଗ୍ରୁପ୍‌ରେ ପରାସ୍ତ କରିଥିଲା।




| ଫିଫା ବିଶ୍ୱକପ୍ |
|---|
| ରାଉଣ୍ଡ ଅଫ୍ ୩୨ ମୁକାବିଲା |
| ଶୁକ୍ରବାର ରାତି |
| ଅଷ୍ଟ୍ରେଲିଆ-ଇଜିପ୍ଟ |
| ଡଲାସ, ରାତି ୧୧.୩୦ |
| ଆର୍ଜେଣ୍ଟିନା-କେପ୍ ଭର୍ଡ |
| ମିଆମି, ରାତି ୩.୩୦ |
| ଶନିବାର ସକାଳ |
| କଲମ୍ବିଆ-ଘାନା |
| କାନ୍‌ସାସ୍ ସିଟି, ସକାଳ ୭ଟା |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

■ ଶାହରୁଖ ଖାନ୍‌ଙ୍କ ସ୍ୱପ୍ନ ପୂରଣ

## ଆମେରିକାରେ ନାଇଟ ରାଇଡର୍ସ ଷ୍ଟାଡିୟମ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ଶାହାରୁଖ ଖାନ ଆମେରିକାରେ ତାଙ୍କ ଦଳ ପାଇଁ ଏକ ପାଇଁ ଷ୍ଟାଡିୟମ୍ ଏବେ ସମ୍ପୂର୍ଣ୍ଣ ହୋଇଛି। ଲସ୍ ଆଞ୍ଜେଲସ୍‌ର ପୋମୋନାରେ ଏହି କ୍ରିକେଟ୍ ଷ୍ଟାଡିୟମ ଅବସ୍ଥିତ। ଯାହା ମାତ୍ର ୧୦୦ ଦିନରେ ସମ୍ପୂର୍ଣ୍ଣ ହୋଇଛି। ସ୍ୱତନ୍ତ୍ର ପୂଜା ବିଧି ସହ ଏହି ଷ୍ଟାଡିୟମକୁ ଉଦ୍‌ଘାଟନ କରାଯାଇଥିଲା। ଏହାକୁ ଆମେରିକୀୟ କ୍ରିକେଟ୍ ପାଇଁ ଏକ ପ୍ରମୁଖ ଏବଂ ସକାରାତ୍ମକ ପଦକ୍ଷେପ ଭାବରେ ବିବେଚନା କରାଯାଉଛି।



କ୍ରିକେଟ୍ ଷ୍ଟାଡିୟମ ନିର୍ମାଣ କରିବା ଲାଗି ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏବେ ପୂରଣ ହୋଇଛି। ଆମେରିକାର ମେଜର ଲିଗ କ୍ରିକେଟ୍ (ଏମସିଏଲ୍)ରେ ଖେଳୁଥିବା ଶାହରୁଖଙ୍କ ଦଳ ଲସ୍ ଆଞ୍ଜେଲସ୍ ନାଇଟ୍ ରାଇଡର୍ସ ଏହି ଷ୍ଟାଡିୟମରେ ୨୦୨୮ ଅଲିମ୍ପିକ୍ ମ୍ୟାଚ୍ ମଧ୍ୟ ଖେଳାଯିବ ବୋଲି ଜଣାପଡ଼ିଛି। 'ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବାରେ ସହାୟତା କରିଥିବାରୁ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କୁ ଶାହରୁଖ ଧନ୍ୟବାଦ ଜଣାଇଛନ୍ତି।




୧୦ ବର୍ଷରୁ କମ୍ ଚେସ୍ ବିଶ୍ୱକପ୍‌ରେ କାଂସ୍ୟ ପଦକ ଜିତିଥିବା ଓଡ଼ିଶାର ସାତ୍ୱିକ ସ୍ୱାଇଁଙ୍କୁ ରାଜ୍ୟ କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂ ପୁନିଆ ସମ୍ବର୍ଦ୍ଧିତ କରୁଛନ୍ତି

**ଏୟାର ଇଣ୍ଡିଆର ବଡ଼ ନିଷ୍ପତ୍ତି**

## କ୍ରୀଡ଼ା ଉପକରଣ ଉପରୁ ହଟାଇଲା ଫି'

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ଏୟାର ଇଣ୍ଡିଆ ବିମାନ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। କିଛି ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନରେ କ୍ରୀଡା ଉପକରଣ ପାଇଁ ହ୍ୟାଣ୍ଡଲିଂ ଚାର୍ଜ ଛାଡ଼ କରିବାକୁ ଏୟାର ଇଣ୍ଡିଆ ଘୋଷଣା କରିଛି। ଏହି ଛାଡ଼ ଘରୋଇ ଏବଂ ଅନ୍ତର୍ଜାତୀୟ ରୁଟ୍ ଉଭୟରେ ଯୋଗ୍ୟ ଭଡ଼ା ବର୍ଗରେ ପରିବହନ କରାଯାଉଥିବା କ୍ରୀଡା ଉପକରଣ ପାଇଁ ପ୍ରଯୁଜ୍ୟ। ଯେଉଁଥିରେ ଖେଳାଳି ଓ କ୍ରୀଡା ପ୍ରେମୀମାନେ ୨,୦୦୦ ରୁ ୭,୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ପ୍ରଦାନ କରିବେ। ଏୟାର ଇଣ୍ଡିଆର ଏହି ପଦକ୍ଷେପ ସ୍ୱତନ୍ତ୍ର କ୍ରୀଡା ଉପକରଣ ସହିତ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ବିମାନ ଯାତ୍ରାକୁ ଅଧିକ ସୁବିଧାଜନକ ଏବଂ ସୁଲଭ କରିବା ପାଇଁ ଉଦ୍ଦିଷ୍ଟ। ଇକୋନୋମି ଫ୍ଲେକ୍ସ, ପ୍ରିମିୟମ୍ ଇକୋନୋମି ଫ୍ଲେକ୍ସ ଏବଂ ସମସ୍ତ ବ୍ୟବସାୟିକ ଶ୍ରେଣୀ ଭଡ଼ାରେ ଏହି ସୁବିଧା ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଅଧିକାଂଶ ଭାରତୀୟ ବିମାନ କମ୍ପାନୀ ବର୍ତ୍ତମାନ କ୍ରୀଡ଼ା ଉପକରଣ ପାଇଁ ପୃଥକ ହ୍ୟାଣ୍ଡଲିଂ ଚାର୍ଜ ଆଦାୟ କରୁଛନ୍ତି। ଏଭଳି ସମୟରେ ଏୟାର ଇଣ୍ଡିଆର ଏହି ନିଷ୍ପତ୍ତିକୁ ସମସ୍ତେ ସ୍ୱାଗତ କରିଛନ୍ତି।

## ବିଡବ୍ଲ୍ୟୁଏଫର ନୂତନ ୩ ଗୁଣା ୧୫ ସ୍କୋରିଂ ପଦ୍ଧତିକୁ ଗ୍ରହଣ କଲା ଭାରତ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ଭାରତୀୟ ବ୍ୟାଡମିଣ୍ଟନ ସଂଘ (ବାଇ) ଏକ ବଡ଼ ନିଷ୍ପତ୍ତି ନେଇଛି। ଚଳିତ ଜୁଲାଇରୁ ବାଇ ଏହାର ସମସ୍ତ ଘରୋଇ ପ୍ରତିଯୋଗିତାରେ ବ୍ୟାଡମିଣ୍ଟନ ବିଶ୍ୱ ଫେଡେରେସନ (ବିଡବ୍ଲ୍ୟୁଏଫ୍)ର ନୂତନ ୩ ଗୁଣା ୧୫ ସ୍କୋରିଂ ସିଷ୍ଟମକୁ ପ୍ରଚଳନ କରିବ। ଫଳରେ ଜୁଲାଇ ୭ରୁ ଏର୍ନାକୁଲମରେ ଅନୁଷ୍ଠିତ ଅଲ୍ ଇଣ୍ଡିଆ ସିନିୟର ର୍‍ୟାଙ୍କିଂ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରୁ ଏହା ଲାଗୁ ହେବ। ନୂତନ ସିଷ୍ଟମ ଅନୁଯାୟୀ, ବ୍ୟାଡମିଣ୍ଟନ ମ୍ୟାଚ୍ ରାଲି-ପଏଣ୍ଟ ସ୍କୋରିଂ ଅଧୀନରେ ତିନୋଟି ଖେଳର ଶ୍ରେଷ୍ଠ ଭାବରେ ଖେଳାଯିବ। ତଥାପି, ପ୍ରତ୍ୟେକ ଖେଳ ଏବେ ୨୧ ପଏଣ୍ଟ ପରିବର୍ତ୍ତେ ୧୫ ପଏଣ୍ଟରେ ଖେଳାଯିବ। ବାଇ ପକ୍ଷରୁ କୁହାଯାଇଛି ଯେ ଜାନୁଆରୀ ୨୦୨୭ରୁ ବିଡବ୍ଲ୍ୟୁଏଫ୍ ବିଶ୍ୱ ସ୍ତରରେ ଏହାକୁ କାର୍ଯ୍ୟକାରୀ କରିବାକୁ ଯୋଜନା କରିଛି। ଏହା ପୂର୍ବରୁ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି, ପ୍ରଶିକ୍ଷକ ଏବଂ ବୈଷୟିକ ଅଧିକାରୀମାନଙ୍କୁ ଛୋଟ ଫର୍ମାଟରେ କୌଶଳଗତ ଏବଂ ଶାରୀରିକ ଚାହିଦା ସହିତ ଖାପ ଖୁଆଇବାରେ ଏହା ସାହାଯ୍ୟ କରିବ।

## କ୍ରୀଡ଼ାବିତ୍ ଓ କ୍ରୀଡ଼ା ସାମ୍ବାଦିକ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ

ଭୁବନେଶ୍ୱର, ୨।୭ (ସମିସ):




**ଓସ୍‌ଜା ପକ୍ଷରୁ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳିତ**

ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ କେନ୍ଦ୍ର ସମ୍ମିଳନୀ କକ୍ଷରେ ଗୁରୁବାର ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ସଚିବ ଭୂପେନ୍ଦ୍ର ସିଂ ପୁନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ମାନବିକ ଉତ୍କର୍ଷତା ପାଇଁ କ୍ରୀଡ଼ା ଯେତିକି ଜରୁରୀ କ୍ରୀଡ଼ା ଓ କ୍ରୀଡ଼ାବିତ୍ ବିକାଶରେ କ୍ରୀଡ଼ା ସାମ୍ବାଦିକଙ୍କ ଭୂମିକା ସେତିକି ଗୁରୁତ୍ୱପୂର୍ଣ୍ଣ। କ୍ରୀଡ଼ାବିତ୍ ଓ କ୍ରୀଡ଼ା ସାମ୍ବାଦିକ ପରସ୍ପର ଓତଃପ୍ରୋତ ଭାବେ ଜଡ଼ିତ। ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍। 'ଓଡ଼ିଶାରେ ଫୁଟ୍‌ବଲ୍‌ର ସ୍ଥିତି' ସଂପର୍କିତ ଆଲୋଚନାରେ ସାମିଲ ହୋଇ ସମ୍ମାନିତ ଅତିଥି ବିଶିଷ୍ଟ ଫୁଟ୍‌ବଲ୍ ପ୍ରଶିକ୍ଷକ ଶୁଭେନ୍ଦୁ ପଣ୍ଡା କହିଥିଲେ, 'କ୍ରୀଡ଼ା ସାମ୍ବାଦିକତାକୁ ଛାଡ଼ି କ୍ରୀଡ଼ାର ଅସ୍ତିତ୍ୱ ବିବେଚନା କରାଯାଇ ନପାରେ। ସେହିଭଳି ସାମ୍ପ୍ରତିକ ଓଡ଼ିଶା ଫୁଟ୍‌ବଲ୍‌ର ସ୍ଥିତି ବେଶ ଭଲ ରହିଛି। କିନ୍ତୁ ଆମକୁ ଆହୁରି କଠିନ ପରିଶ୍ରମ କରିବାକୁ ହେବ।' ଅନ୍ୟତମ ସମ୍ମାନିତ ଅତିଥି ତଥା ଭାରତୀୟ ଫୁଟ୍‌ବଲ୍ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ଅନ୍ତର୍ଜାତୀୟ ଫୁଟ୍‌ବଲ୍ ତାରକା ପ୍ୟାରୀ ଖାଖା ରାଜ୍ୟରେ ମହିଳା ଫୁଟ୍‌ବଲ୍‌ର ବିକାଶ ଉପରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଓସ୍‌ଜାର ବାର୍ଷିକ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ରାଜ୍ୟ ସୂଚନା କମିଶନର ତଥା ଓସ୍‌ଜାର ପ୍ରତିଷ୍ଠାତା ସମ୍ପାଦକ ସୁଶାନ୍ତ ମହାନ୍ତିଙ୍କୁ କ୍ରୀଡ଼ା ସାମ୍ବାଦିକତା ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ସମୀକ୍ଷା ପଟ୍ଟନାୟକ ଓ ସମ୍ପାଦକ ତପନ କୁମାର ସ୍ୱାଇଁ ମଞ୍ଚ ମଣ୍ଡନ କରିଥିଲେ। କୋଷାଧ୍ୟକ୍ଷ ସୁରେଶ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ପାରା କ୍ରୀଡ଼ାବିତ୍ ରାଖାଲ ସେଠୀ, ସୁଚିତ୍ରା ପରିଡ଼ା, ଏଭରେଷ୍ଟ ଆରୋହୀ ଗଣେଶ ଜେନା, ପୂର୍ବତନ ରଣଜୀ ଖେଳାଳି ରଶ୍ମିରଞ୍ଜନ ପରିଡ଼ା, ପାରା ଫେନସର ପୂଜାସ୍ୱିନୀ ନାୟକ ଓ କ୍ରିକେଟ୍ ପ୍ରଶିକ୍ଷକ କ୍ଷୀରୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଦ୍ୱିତୀୟ ରାଉଣ୍ଡରୁ ଫ୍ରେଞ୍ଚ ଓପନ୍ ଚାମ୍ପିଅନ ଆନ୍ଦ୍ରିଭା ବିଦା

**ୱିମ୍ବଲଡନରେ ବଡ଼ ବିପର୍ଯ୍ୟୟ**

ଲଣ୍ଡନ, ୨।୭ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ମହିଳା ସିଙ୍ଗଲ୍ସରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଗତ ମାସରେ ଫ୍ରେଞ୍ଚ ଓପନ୍‌ରେ ଚାମ୍ପିଅନ ହୋଇଥିବା ରୁଷୀୟ ଟେନିସ ତାରକା ମିରା ଆନ୍ଦ୍ରିଭା ଏଠାରେ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ମ୍ୟାଚରେ ପୂର୍ବତନ ଚାମ୍ପିଅନ ଚେକ ଗଣରାଜ୍ୟର ବାରବୋରା କ୍ରେଜିକୋଭା ୪-୬, ୭-୫, ୬-୪ ସେଟରେ ୫ମ ସିଡ୍ ଆନ୍ଦ୍ରିଭାଙ୍କୁ ହରାଇଛନ୍ତି। ୧୯ ବର୍ଷୀୟା ଆନ୍ଦ୍ରିଭା ପ୍ରଥମ ସେଟକୁ ଜିତିଥିଲେ। ତେବେ କ୍ରେଜିକୋଭା ଦମଦାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇ ସେଟରେ ବିଜୟୀ ହେବା ସହ ମ୍ୟାଚକୁ ହାତେଇ ନେଇଥିଲେ। ଗୁରୁବାର ମହିଳା ବିଭାଗରେ ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ତୃତୀୟ ସିଡ୍ ଇଗା ସ୍ୱିଆଟେକ, ୧୫ତମ ସିଡ୍ ମାରିଏ ବୌଜକୋଭା, ୨୬ତମ ସିଡ୍ ମାଡିସନ କିଜ୍ ପ୍ରମୁଖ ବିଜୟୀ ହୋଇ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।



### ଜୋକୋଭିଚ୍, ସିନ୍ନରଙ୍କ ସହଜ ବିଜୟ

ଅପରପକ୍ଷରେ ପୁରୁଷ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର, ୮ମ ସିଡ୍ ଡାନିଲ ମେଡେଭେଡେଭ, ୭ମ ସିଡ୍ ନୋଭାକ ଜୋକୋଭି. ଷଷ୍ଠ ସିଡ୍ ଟେଲର ଫ୍ରିଜ ପ୍ରମୁଖ ଷ୍ଟାର୍ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ସହଜ ବିଜୟ ଲାଭ କରିଛନ୍ତି। ଜୋକୋଭିଚ୍ ୬-୩, ୬-୪, ୬-୨ ସିଧାସଳଖ ସେଟରେ ଗ୍ରୀକର ଷ୍ଟିଫାନୋସ ସିତ୍‌ସିପାସଙ୍କୁ, ସିନର ୭-୬ (୭/୪), ୭-୬ (୭/୨), ୬-୪ ସେଟରେ ପର୍ତ୍ତୁଗାଲର ନୁନୋ ବର୍ଗେସଙ୍କୁ ହରାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS